218/2 6423 23/1/93

# ଉତ୍କଳ ପ୍ରସଙ୍ଗ

Feb + March - 1984






ଆନ୍ତର୍ଜାତିକ ମହିଳା ଶିଳ୍ପୋଦ୍ୟୋଗୀ ଅଧିବେଶନରେ
ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ



# ଉତ୍କଳ ପ୍ରସଙ୍ଗ

ମାଘ/ଫାଲଗୁନ ୧୯୦୫ ଶକାବ୍ଦ ୪୦ ଖଣ୍ଡ ୭ମ/୮ମ ସଂଖ୍ୟା ଫେବୃଆରୀ/ମାର୍ଚ୍ଚ ୧୯୮୪

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ : ଶ୍ରୀ ଭୋଳାନାଥ ବସ୍ତ୍ରଗୁରୁ

ସହ ସମ୍ପାଦକ : ସହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ଲୋକନାଥ ତନ୍ତୀ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରଚ୍ଛଦ ଶିଳ୍ପୀ

ଶ୍ରୀ ଅସିତ୍ ମୁଖାର୍ଜୀ

GOVT. OF ORISSA ... DEPTT.
No. ...
Dt. ...
Bhu...
RESEARCH & REFERENCE ... LIBRARY

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ ୧୦.୦୦

ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ଇତିହାସର ପଦଚିହ୍ନ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ସୂର୍ଯ୍ୟକ୍ଷେମ ଓ ସେରୋ ଆଲଏନ୍ଡ୍ | ଶ୍ରୀ ବସନ୍ତ କୁମାର ବିଶ୍ୱାଳ | ୪ |
| ଆମ ପ୍ରାକୃତିକ ପରିବେଶ | ଡକ୍ଟର ରାମଚନ୍ଦ୍ର ପଟ୍ଟନାୟକ | ୭ |
| ଓଡ଼ିଶା ଖଣି କର୍ପୋରେସନ୍ | ଶ୍ରୀ ପି. ସି. ଲୁହା | ୧୦ |
| ସମବାୟ ଓ ମାନବ କଲ୍ୟାଣ | ଶ୍ରୀ ପ୍ରତାପ ଚନ୍ଦ୍ର ସେନାପତି | ୧୩ |
| ପ୍ରାଚୀନ ଭାରତରେ ଶିଳ୍ପ ସମ୍ପର୍କ | ଶ୍ରୀ ମୁରାରି ଜେନା | ୧୭ |
| ବନ୍ଦୀମାନଙ୍କର ସାମାଜିକ ଦୃଷ୍ଟିକୋଣ | ଶ୍ରୀ ଉଦୟନାଥ ରଥ | ୨୦ |
| ପ୍ରଗତିର ଅନ୍ତରାୟ | ଶ୍ରୀ ନୃସିଂହ ପ୍ରସାଦ ଦେବ | ୨୨ |
| ଦିନଚର୍ଯ୍ୟା | ଡାକ୍ତର ଅଜିତ କୁମାର ମହାପାତ୍ର | ୨୪ |
| ଓଡ଼ିଶାର ସଂସ୍କୃତିରେ ଜୀବପୂଜା | ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି | ୨୬ |
| ଚିଠିକଲ୍ଲ ଘରବର | ଶ୍ରୀ ବିଚିତ୍ରାନନ୍ଦ ପାଇକରାୟ | ୨୯ |
| ବିଶ୍ୱ ବନ୍ଦନୀୟା | ଶ୍ରୀମତୀ ହରିପ୍ରିୟା ରାଉତରାୟ | ୩୫ |
| ଭକ୍ତ ଦାସିଆ ବାଉରୀ | ଶ୍ରୀ ଯୁଗଳ କିଶୋର ନାୟକ | ୩୭ |
| ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଲୋକ ନାଟକ | ଡକ୍ଟର ହେମନ୍ତ କୁମାର ଦାସ | ୪୧ |
| ଅତିବଡ଼ୀ ଓ ଭାଗବତ ରସ | ଶ୍ରୀ ତାରାକାନ୍ତ ମହାନ୍ତି | ୫୧ |
| ସର୍ଗାଦେଠି ସରୀସୃପ | ଶ୍ରୀମତୀ ଛବି ମହାନ୍ତି | ୫୫ |
| ପ୍ରଗତି ପ୍ରସଙ୍ଗ | | ୫୯ |



# ଇତିହାସର ପଦଚିହ୍ନ

ଶ୍ରୀ ଜାନକୀ ବଲ୍ଲଭ ପଟନାୟକ

କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ, ସାରସ୍ୱତ ଓ ରାଜନୈତିକ ଓଡ଼ିଶାର ଏକ ଦୀପ ସ୍ତମ୍ଭ । ଏହାର ଇତିହାସ ଆଲୋଚନା କଲେ ଜଣାଯାଏ ସଭ୍ୟ ମନୁଷ୍ୟର ପ୍ରଥମ ପଦଚିହ୍ନ ଏହି ଖଡ଼ିଆଳରେ ପଡ଼ିଛି । ଲକ୍ଷେ ବର୍ଷ ତଳର ମନୁଷ୍ୟ ପ୍ରଥମେ ଯେଉଁ ସ୍ମରଣୀୟ କୀର୍ତ୍ତି ଆରମ୍ଭ କରିଥିଲା, ତାର ଅନେକ ଚିତ୍ରାଙ୍କନ ତଥା ତତ୍‌କାଳୀନ ଭାଷା ଓ ଅକ୍ଷରର ସଙ୍କେତମାନ ଖଡ଼ିଆଳରେ ଥିବା ଯୋଗୀମଠର ଜଭଗଡ଼ ନାମକ ଏକ ଗୁହାରେ ଦେଖିବାକୁ ମିଳୁଛି । ଏ ସମସ୍ତ ମଧ୍ୟପ୍ରଦେଶର ଗାଙ୍ଗନପୁର ଗିରି ଗହ୍ୱରରେ ଥିବା ଚିତ୍ର, ଭାଷା ଓ ଅକ୍ଷରର ସଙ୍କେତ ସହିତ ତୁଳନୀୟ । ପ୍ରଥମ ଶାକ୍ତପୀଠ, ପ୍ରଥମ ଶାକ୍ତମଠ ଏବଂ ପ୍ରଥମ ଶୈବ ମଠ ଏଠାରେ ଆବିଷ୍କୃତ ହୋଇଛି । ବୌଦ୍ଧଯୁଗର ସଭ୍ୟତାର ପ୍ରତୀକ; ପୁଷ୍ପଗିରି ବିହାର ଓ ନାଳନ୍ଦା ବିହାର ଭଳି ଶାକ୍ତ ବିହାର ଓ ଶୈବ ବିହାରର ଧ୍ୱଂସାବଶେଷ ଲୋକଲୋଚନକୁ ଆସି ପାରିଛି । ଏହି ଉପତ୍ୟକା ବକ୍ଷରେ ଯେ ଦିନେ ଏକ ଉନ୍ନତ ନଗରୀ ମୁଣ୍ଡଟେକି ଉଠିଥିଲା ସେଥିରେ ସନ୍ଦେହ ନାହିଁ । ସେ ସମୟରେ ନାଗରିକମାନଙ୍କର ଜୀବନଯାପନ [illegible]

ଗହଣି ଏବଂ ଦଣ୍ଡବିଧାନ କାର୍ଯ୍ୟ ସଂପର୍କୀୟ ଅନେକ ତଥ୍ୟ ସଂଗୃହୀତ ହେଉଛି । ଏ ସମସ୍ତ କେବଳ ଓଡ଼ିଶା ନୁହେଁ, ସାରା ଭାରତବର୍ଷର ଇତିହାସକୁ ସମୃଦ୍ଧ କରିଛି । ପରବର୍ତ୍ତୀ ପର୍ଯ୍ୟାୟରେ ସୋମବଂଶୀ ଓ ଗଙ୍ଗବଂଶୀ ରାଜାମାନେ ମଧ୍ୟ ଏ ଅଞ୍ଚଳକୁ ଆସିଥିଲେ । ଭାରତର ସମସ୍ତ ପ୍ରସିଦ୍ଧ ସ୍ଥାନ ପରିଭ୍ରମଣ କରିଥିବା ଚୀନର ପରିବ୍ରାଜକ ହୁଏନ୍‌ସାଂ ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଏହି ସମୃଦ୍ଧ ସଭ୍ୟତାର ପରିଚୟ ଦେଇଛନ୍ତି ।

## ଧର୍ମର ସମନ୍ୱୟ

ଓଡ଼ିଶାରେ ସମସ୍ତ ଧର୍ମର ଯେପରି ବିକାଶ ଘଟିଚି, ଏଠାରେ ମଧ୍ୟ ସେପରି ବିକାଶ ଲାଭ କରିଛି । ଶାକ୍ତ, ଶୈବ ଓ ବୈଷ୍ଣବ ଧର୍ମର କିପରି ଅଭ୍ୟୁଦୟ ଘଟିଥିଲା ବିଭିନ୍ନ ମନ୍ଦିର ସେ ସବୁର ସ୍ପଷ୍ଟ ନିଦର୍ଶନ । ଏହାବ୍ୟତୀତ ଅନ୍ୟ ଏକ ବିଶେଷତ୍ୱ ହେଉଛି, ଯୋଗିନୀ ମନ୍ଦିର । ଭାରତର ମାତ୍ର ସ୍ଥିରୋଟି ଅଞ୍ଚଳରେ ଚଉଷଠି ଯୋଗିନୀ ମନ୍ଦିର ଦେଖିବାକୁ ମିଳେ । ତାହା ହେଉଛି ଓଡ଼ିଶାର ଦୁଇଟି ସ୍ଥାନରେ ଏବଂ ମଧ୍ୟ-ପ୍ରଦେଶର ଦୁଇଟି ସ୍ଥାନରେ । ଖଡ଼ିଆଳର ଅତି

ଚଉଷଠି ଯୋଗିନୀ ମନ୍ଦିର ଏକ ବିଶେଷ ଆକର୍ଷଣ । ରାଣୀପୁର ଝରିଆଲ୍ ଧର୍ମ ସମନ୍ୱୟର ସଙ୍କେତ ବହନ କରିଛି । ଓଡ଼ିଶାର ଭାଷା ଓ ସାଂସ୍କୃତିକ ଅଭ୍ୟୁତ୍‌ଥାନରେ ଖଡ଼ିଆଳର ଅଂଶ ଗ୍ରହଣ ଉଲ୍ଲେଖ ଯୋଗ୍ୟ ।

## ସାହିତ୍ୟ ସାଧନା

ଖଡ଼ିଆଳର ସାହିତ୍ୟ ସାଧନା ଅପୂର୍ବ । ଓଡ଼ିଶାର ଆଧୁନିକ ଯୁଗରେ ରାଧାନାଥ, ଫକୀରମୋହନ, ମଧୁସୂଦନ, ଗଙ୍ଗାଧର ପ୍ରଭୃତି କୃତୀସନ୍ତାନଙ୍କୁ ନେଇ ସାହିତ୍ୟ କ୍ଷେତ୍ରରେ ଯେଉଁ ସାହିତ୍ୟିକ ଯୁଗ ଆରମ୍ଭ ହୋଇଥିଲା, ସେଥିରୁ ଖଡ଼ିଆଳ ବାଦ୍‌ଯାଇନାହିଁ । ସେତେବେଳେ ଯେଉଁ ସାହିତ୍ୟ ସମିତିମାନ ଗଢ଼ାଯାଇଥିଲା, ଅନେକ ଲୋପ ପାଇ ଗଲାଣି । କେବଳ ଖଡ଼ିଆଳ ସାହିତ୍ୟ ସମିତି ଶତବାର୍ଷିକୀ ପାଳନ କରିଛି । ତେଣୁ, ସାହିତ୍ୟର ନିରବଚ୍ଛିନ୍ନ ସାଧନା ପାଇଁ ଏଠାକାର ସାହିତ୍ୟ ସାଧକମାନେ ବିଶେଷ ଅଭିନନ୍ଦନୀୟ ।

## ରାଜନୈତିକ ମାନଦଣ୍ଡରେ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ଖଡ଼ିଆଳର ଆନ୍ଦୋଳନାତ୍ମକ ଭୂମିକା ଅନସ୍ୱୀକାର୍ଯ୍ୟ । ପ୍ରଥମେ ଖଡ଼ିଆଳ ଥିଲା ମଧ୍ୟପ୍ରଦେଶ ଅଧୀନରେ । ସ୍ୱତନ୍ତ୍ର ଓଡ଼ିଶା ଗଠନ କାଳରେ ଓଡ଼ୋନେଲ୍ କମିଟି ଆଗରେ ଦାବୀ ଉପସ୍ଥାପିତ କରାଗଲା ଖଡ଼ିଆଳକୁ ଓଡ଼ିଶାରେ ମିଶାଇବା ପାଇଁ । ଓଡ଼ୋନେଲ୍ କମିଟି ପ୍ରମାଣ ଖୋଜିଲେ, ଯଦି ଖଡ଼ିଆଳ ଓଡ଼ିଆ ଅଞ୍ଚଳ, ତେବେ ତା'ର ପ୍ରମାଣ କ'ଣ ? ସେତେବେଳେ ତା'ର ପ୍ରମାଣ ଥିଲା ଖଡ଼ିଆଳ ସାହିତ୍ୟ ସମିତି । ଯେତେ ବହି ଓ ଲେଖାସବୁ ଏହି ସାହିତ୍ୟ ସମିତି ପକ୍ଷରୁ ପ୍ରକାଶିତ ହୋଇଥିଲା, ସେସବୁ ପ୍ରମାଣ ସ୍ୱରୂପ ଦିଆଗଲା । ଶେଷରେ ଓଡ଼ୋନେଲ୍ କମିଟି ଗ୍ରହଣ କଲେ ଯେ ଓଡ଼ିଆ ଭାଷା ଓ ସାହିତ୍ୟ ସାଧନା କ୍ଷେତ୍ରରେ ଖଡ଼ିଆଳ ହେଉଛି ଏକ ପ୍ରମୁଖ ଅଞ୍ଚଳ । ତେଣୁ, ଏହା ଓଡ଼ିଶାରେ ମିଶିବା ଅତ୍ୟନ୍ତ ଯୁକ୍ତିଯୁକ୍ତ । ସେ ଦୃଷ୍ଟିରୁ ଖଡ଼ିଆଳର ଦାନ ଭୁଲି ହେବ ନାହିଁ ।

## ମୈତ୍ରୀର ପ୍ରତୀକ

ଜଗନ୍ନାଥ ସଂସ୍କୃତି ପାଇଁ ଓଡ଼ିଶା ସାରା ଭାରତ ବର୍ଷରେ ପ୍ରସିଦ୍ଧ । ଜଗନ୍ନାଥ ସଂସ୍କୃତିର ପ୍ରତୀକ ହେଉଛନ୍ତି ଦଧିବାମନ । ଖଡ଼ିଆଳର ବିଭିନ୍ନ ଜାଗା ମଧ୍ୟରେ ଥିବା ଦଧିବାମନ ମନ୍ଦିର ଘୋଷଣା କରୁଛି ଯେ ଓଡ଼ିଆ ଜାତି ଏକ ଓ ତା'ର ହୃଦୟ ଓ ମନ ଏକ ।

## ଓଡ଼ିଆ ସାହିତ୍ୟ ଅତୁଳନୀୟ

ସାହିତ୍ୟ ହେଉଛି ଗୋଟିଏ ଜାତିର ପ୍ରାଣ ଏବଂ ଆଶା, ଆକାଂକ୍ଷା, ସୁଖ, ଦୁଃଖ, ଆନନ୍ଦ, ସ୍ୱପ୍ନ, ସାଫଲ୍ୟ, ଗର୍ବ ଓ ଗୌରବର ସ୍ୱରଲିପି । ସାହିତ୍ୟ ବିନା କୌଣସି ଜାତି ଅଗ୍ରଗତି କରିପାରିବ ନାହିଁ । ସାହିତ୍ୟ ବ୍ୟତିରେକେ ସଭ୍ୟତା ନାହିଁ କି ଭାଷା ନାହିଁ । ଭାଷା ନ ଥିଲେ ସାହିତ୍ୟ ନାହିଁ କି ସଭ୍ୟତା ନାହିଁ । ସଭ୍ୟତା ନଥିଲେ କୌଣସି ଜାତିର ବଞ୍ଚିବାର ଅଧିକାର ନାହିଁ । ସେ ଦୃଷ୍ଟିରୁ ବହୁ ସାଧକମାନଙ୍କ ଜରିଆରେ ଯୁଗେ ଯୁଗେ ସାହିତ୍ୟ ଋଦ୍ଧିମନ୍ତ ହୋଇ ଆସିଛି । ଓଡ଼ିଆ ସାହିତ୍ୟର ଇତିହାସ ତେରଶହ ବର୍ଷର । ଗଦ୍ୟ ସାହିତ୍ୟ ଦୃଷ୍ଟିରୁ ଦେଖିଲେ ଅନନ୍ତ ବର୍ମ ବଜ୍ରହସ୍ତ ଦେବ ହେଉଛି ପ୍ରଥମ ଗଦ୍ୟ । ଭାରତ ବର୍ଷର ଯେ କୌଣସି ସାହିତ୍ୟ ତୁଳନାରେ ଓଡ଼ିଆ ସାହିତ୍ୟ ଆଦୌ ନ୍ୟୂନ ନୁହେଁ ଏବଂ ଭାରତର ଚଉଦଟି ଉନ୍ନତ ପ୍ରାଦେଶିକ ସାହିତ୍ୟ ମଧ୍ୟରେ ଏହା ଅନ୍ୟତମ । ଏ ଦିଗରେ ବିଗତ ଶହେବର୍ଷ ଧରି ଖଡ଼ିଆଳ ସାହିତ୍ୟ ସମିତି ଓଡ଼ିଆ ସାହିତ୍ୟକୁ ପ୍ରେରଣା ଦେଇଛି । ଆମ ସାହିତ୍ୟକୁ ଉଚ୍ଚସ୍ଥାନ ଦେବାକୁ ହେଲେ ଓ ଉଦ୍ଦୀପ୍ତ ରଖିବାକୁ ହେଲେ ନିଜର ସାଧନାକୁ ଶକ୍ତିଶାଳୀ କରିବା ଆମ ସାହିତ୍ୟିକମାନଙ୍କର କର୍ତ୍ତବ୍ୟ ।

## ସାହିତ୍ୟ ସମାଜଧର୍ମୀ

ସାହିତ୍ୟ ଉଦ୍ଦେଶ୍ୟ ବିହୀନ ନୁହେଁ । ସାହିତ୍ୟ ଯଦି ସମାଜଧର୍ମୀ ନହୁଏ ଏବଂ କେତେକ ଚିରନ୍ତନ ମୂଲ୍ୟ-ବୋଧ ସେଥିରେ ନରହେ, ତା'ହେଲେ ସେ ସାହିତ୍ୟ ପଦବାଚ୍ୟ ନୁହେଁ । ସମାଜ ଚିତ୍ରସହ ଦରିଦ୍ରତମ ବ୍ୟକ୍ତିର ଆଶା ଓ ଆକାଂକ୍ଷା ଯେପରି ସାହିତ୍ୟରେ ଫୁଟିଉଠେ, ସେଥିପ୍ରତି ସାହିତ୍ୟିକମାନଙ୍କର ଗୁରୁଦାୟିତ୍ୱ ରହିଛି । ଏହା ଫରାସୀ ବିପ୍ଳବ, ଋଷ୍ ବିପ୍ଳବ ଓ ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ରଚିତ ସାହିତ୍ୟ ବିଶେଷଭାବେ ପ୍ରମାଣିତ କରିଛି । ତେଣୁ, ଦରିଦ୍ରତମ ବ୍ୟକ୍ତି ସମାଜରେ ଯେପରି ଉପଯୁକ୍ତ ଆସନଲାଭ କରିପାରିବେ, ସେଦିଗରେ ଆମର ସାହିତ୍ୟିକମାନେ ଉଦ୍ୟମ କରିବା ହେଉଛି, ଏ ଯୁଗର ଆହ୍ୱାନ ।

## କରୁଣରସ ଓ ପରିବେଶ

ପୃଥିବୀର ଆଦିକାବ୍ୟ ତଥା ଭାରତବର୍ଷର ଆଦିକାବ୍ୟ ରାମାୟଣ କରୁଣରସରୁ ଆରମ୍ଭ ହୋଇଛି । ଏପରିକି, ପୃଥିବୀର ପ୍ରତ୍ୟେକ ପ୍ରସିଦ୍ଧ ସାହିତ୍ୟରେ କରୁଣରସର ନିବେଦନ ଆମେ ଛତ୍ରେ ଛତ୍ର ଅନୁଭବ କରିପାରୁଛୁ । କରୁଣରସ ସାହିତ୍ୟକୁ ଉଚ୍ଚତର କରିଛି । କେବଳ ମନୁଷ୍ୟ ସମାଜ ନୁହେଁ, ଅରଣ୍ୟ ଓ ପଶୁପକ୍ଷୀଙ୍କୁ ନେଇ କରୁଣରସ ପରିବେଶିତ ହୋଇଛି । ସଂପ୍ରତି ଯାହାକୁ 'ଇକୋଲୋଜି' ବା ପରିବେଶ ବୋଲି କୁହାଯାଉଛି, ସେ ପରିବେଶପାଇଁ ବାଲ୍ମିକୀ ପ୍ରଥମେ ତାଙ୍କର କାବ୍ୟ ରଚନା କରିଥିଲେ । ଶବରର ବାଣାଘାତରେ କ୍ରୌଞ୍ଚର ଯେତେବେଳେ ମୃତ୍ୟୁ ହେଲା, ସେହି ପରିବେଶକୁ କେନ୍ଦ୍ରକରି ରାମାୟଣ ରଚିତ ହୋଇଥିଲା । କ୍ରୌଞ୍ଚ ସମଗ୍ର ପ୍ରାଣୀଜଗତର ପ୍ରତୀକ ଓ ବନ୍ୟପ୍ରାଣୀର

ରକ୍ଷା ସମାଜର କର୍ତ୍ତବ୍ୟ । ସେହିପରି ବିଷ୍ଣୁଶର୍ମା ତାଙ୍କର କାବ୍ୟକୃତିରେ ପଶୁପକ୍ଷୀ ଓ ଜଙ୍ଗଲର ଚିତ୍ର ବର୍ଣ୍ଣନା କରିଛନ୍ତି । ଅଭିଜ୍ଞାନ ଶକୁନ୍ତଳମ୍‌ରେ ଶକୁନ୍ତଳାଙ୍କର ଶିକ୍ଷା ଆରମ୍ଭ ହୋଇଛି ବୃକ୍ଷର ଯତ୍ନ ଏବଂ ମୃଗର ଲାଳନ ପାଳନଠାରୁ । ତେଣୁ ଜଙ୍ଗଲର କ୍ଷୟକ୍ଷତି ହେଲେ ସାହିତ୍ୟ ଓ ସମାଜ ରହିବନାହିଁ । ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷାପାଇଁ ବହୁ ଆଇନ୍ ରହିଛି । କିନ୍ତୁ ଆଇନ୍ ଅପେକ୍ଷା ଅରଣ୍ୟ ଜୀବଜନ୍ତୁଙ୍କ ପ୍ରତି ମନୁଷ୍ୟ ସମାଜର ସମ୍ବେଦନଶୀଳତା ସାହିତ୍ୟରେ ଅଧିକ ପ୍ରକାଶ ପାଇବା ଆବଶ୍ୟକ ।




ମାନ୍ୟବର ରାଜ୍ୟପାଳ ଶ୍ରୀ ପାଣ୍ଡେ ଭବାନୀପାଟଣାଠାରେ କୁଷ୍ଠରୋଗୀଙ୍କ ନିମନ୍ତେ ଔଷଧ ଭଣ୍ଡାର ଉନ୍ମୋଚନ କରୁଛନ୍ତି

# ଚାର୍ଜକ୍ରୋମ ଓ ଫେରୋଆଲଏଜ୍

ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପୂର୍ବ, ଖଣି ଓ ଭୂତତ୍ତ୍ୱ ଏ
ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ

ଦେଶର ବିକାଶ ଓ ସମୃଦ୍ଧି କ୍ଷେତ୍ରରେ ଇସ୍ପାତ୍ ଉପଯୋଗର ପ୍ରାଧାନ୍ୟ ଅନୁଭୂତ ହେଉଛି । ସାରା ବିଶ୍ୱରେ ମୁଣ୍ଡପିଛା ଇସ୍ପାତ ଉପଯୋଗର ପରିମାଣ ପ୍ରାୟ ୧୭୦ କିଲୋଗ୍ରାମ । ଶିଳ୍ପ କ୍ଷେତ୍ରରେ ଅଧିକ ଉନ୍ନତ ଦେଶମାନଙ୍କର ଇସ୍ପାତ ଉପଯୋଗର ପରିମାଣ ସର୍ବାଧିକ ୬୦୦ କିଲୋଗ୍ରାମ ହୋଇଥିବା ବେଳେ ଅନ୍ୟ କେତେକ ଦେଶରେ ଏହାର ଉପଯୋଗ ୧୦୦ କିଲୋ-ଗ୍ରାମରୁ କମ୍ ହୋଇଥିବା ଜଣାପଡୁଛି ।

ବିଗତ ଦୁଇ ଦଶନ୍ଧି ଧରି ବିଶ୍ୱରେ ଇସ୍ପାତ ଉତ୍ପାଦନ ଅସାଧାରଣ ଭାବେ ବୃଦ୍ଧି ପାଇବାରେ ଲାଗିଛି । ୧୯୭୯ରେ ଇସ୍ପାତ ଉତ୍ପାଦନର ପରିମାଣ ସର୍ବାଧିକ ୭୫୦ ନିୟୁତ ଟନ୍‌ରେ ପହଞ୍ଚିଥିଲା । ତା'ପରଠାରୁ ଏହା ହ୍ରାସ ପାଇବାରେ ଲାଗିଛି । ୧୯୮୨ରେ ଇସ୍ପାତ ଉତ୍ପାଦନର ପରିମାଣ ୬୪୫ ନିୟୁତ ଟନ୍ ଥିଲା । ୧୯୭୯ ମସିହାର ଇସ୍ପାତ ଉତ୍ପାଦନଠାରୁ ଏହା ପ୍ରାୟ ଶତକଡ଼ା ୧୫ ଭାଗ କମ୍ । ଚଳିତ ବର୍ଷରେ ଇସ୍ପାତ ଉତ୍ପାଦନର ପରିମାଣ ବୃଦ୍ଧି ପାଇଛି ବୋଲି ଜଣାପଡ଼ିଛି । ଏବଂ ଏହାର ପରିମାଣ ପ୍ରାୟ ୬୬୭ ନିୟୁତ ଟନ୍ ହେବ ବୋଲି ଆଶା କରାଯାଉଛି । ଯଦି ଇସ୍ପାତ ଉତ୍ପାଦନର ଏହି ଗତି ଅବ୍ୟାହତ ରହିବ ତେବେ ଉତ୍ପାଦନ ପରିମାଣ ଦ୍ୱିଗୁଣିତ ହେବାଲାଗି ଅଧିକ ସମୟ ଲାଗିବ ନାହିଁ ।

ସମ୍ବଳ ତଥା ବିଦ୍ୟୁତ୍ ଶକ୍ତି ପରିସ୍ଥିତିର ପରିବର୍ତ୍ତନ ଏବଂ ବିକାଶଶୀଳ ଦେଶମାନଙ୍କରେ ଅତ୍ୟାଧୁନିକ ଶିଳ୍ପ କାରଖାନାର ବିକାଶ ଯୋଗୁଁ ସଂପ୍ରତି ଇସ୍ପାତର ଗୁଣାତ୍ମକ ଚାହିଦା ବୃଦ୍ଧି ପାଇବା ପରିଲକ୍ଷିତ ହେଉଛି । ସେଥିନିମନ୍ତେ ଉଚ୍ଚମାନର ଇସ୍ପାତ, ବିଶେଷ ଧରଣର ଇସ୍ପାତ ଏବଂ ବିଶେଷକରି କଳଙ୍କବିହୀନ ଇସ୍ପାତର ଆବଶ୍ୟକତା ବୃଦ୍ଧି ପାଇବାରେ ଲାଗିଛି ।

ଇସ୍ପାତ କାରଖାନାଗୁଡ଼ିକ ପାଇଁ ଲୌହମିଶ୍ରିତ ଧାତୁର (ଫେରୋଆଲଏଜ୍) ପ୍ରାଧାନ୍ୟ ଅଧିକରୁ ଅଧିକ ବୃଦ୍ଧି ପାଉଛି । ସବୁ ଧରଣର ଫେରୋ ଆଲଏଜ୍‌ର ବହୁଭାବ ବସ୍ତୁତଃ ଇସ୍ପାତ କାରଖାନାରେ ଉପଯୋଗ କରାଯାଉଛି ।

ବିଶେଷ ଧରଣର ଆଲଏ ଇସ୍ପାତ ପ୍ରସ୍ତୁତ କରିବା ପାଇଁ ଫେରୋ-କ୍ରୋମ୍ ଏକ ମୌଳିକ ଉପାଦାନ । ପାରିମ୍ପରିକଭାବେ କଳଙ୍କବିହୀନ ଇସ୍ପାତ ନିର୍ମାଣ କରିବା ଲାଗି ନିମ୍ନ ଧରଣର କାର୍ବନ ଫେରୋକ୍ରୋମ୍ ବ୍ୟବହାର କରାଯାଇଥାଏ । ଛାଞ୍ଚ ଇସ୍ପାତ୍, ଯନ୍ତ୍ରପାତି ଇସ୍ପାତ, , କାରଖାନା ଉପଯୋଗୀ ଇସ୍ପାତ. ନର୍ମାଣ ଉପଯୋଗୀ ଇସ୍ପାତ ପ୍ରଭୃତି ନିର୍ମାଣ କରିବା ସକାଶେ ଉଚ୍ଚ ଧରଣର କାର୍ବନ୍ ଫେରୋକ୍ରୋମ୍ ବ୍ୟବହୃତ ହୁଏ । ଉଚ୍ଚ ତଥା ନିମ୍ନମାନର କାର୍ବନ ଫେରୋକ୍ରୋମ୍ ଉତ୍ପାଦନ ନିମନ୍ତେ ଉଚ୍ଚ ଧରଣର କ୍ରୋମ୍ ପିଣ୍ଡ ବ୍ୟବହାର କରାଯାଇଥାଏ । ଆମ ଦେଶରେ ପ୍ରାୟ ମୋଟ୍ ୧୧୯ ନିୟୁତ ଟନ୍ କ୍ରୋମ ଧାତୁ ସଞ୍ଚିତ ଅଛି ବୋଲି ଅଟକଳ କରାଯାଇଛି । ସେଥି ମଧ୍ୟରୁ ଅଧିକାଂଶ କ୍ରୋମ୍ ପିଣ୍ଡ ଓଡ଼ିଶାରେ ରହିଛି । ତହିଁରୁ ଉଚ୍ଚମାନର ଧାତୁ (ଗୁଣ୍ଡା ଓ ଟୁକୁଡ଼ା)ର ପରିମାଣ ପ୍ରାୟ ୬.୯ ନିୟୁତ ଟନ୍ । ଉଚ୍ଚ ତଥା ନିମ୍ନମାନର କାର୍ବନ ଫେରୋକ୍ରୋମ୍ ଉତ୍ପାଦନ କରିବା ଲାଗି ଉଚ୍ଚମାନର କ୍ରୋମ୍‌ପିଣ୍ଡର ପରିମାଣ ଖୁବ୍ ସୀମିତ ।

ଉଚ୍ଚ ତଥା ନିମ୍ନ ମାନର କାର୍ବନ ଫେରୋକ୍ରୋମ୍ ଉତ୍ପାଦନ କରିବା ପାଇଁ ମଧ୍ୟମ କିମ୍ବା ନିମ୍ନ ମାନର କ୍ରୋମ ଧାତୁ ଉପଯୋଗ କରାଯାଇ ପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ବିଚାରକଲେ ଏଭଳି କ୍ରୋମଧାତୁର ଚାହିଦା ପ୍ରାୟ ନାହିଁ । ଆବଶ୍ୟକୀୟ ଉଚ୍ଚମାନର କ୍ରୋମ ଧାତୁ ପାଇବା ପାଇଁ କ୍ରୋମିୟମର ଗୁଣାତ୍ମକ ବିକାଶ ଘଟାଇବା ବ୍ୟୟସାପେକ୍ଷ ।

ଉଚ୍ଚ ତଥା ନିମ୍ନ କାର୍ବନ ଫେରୋକ୍ରୋମ ତୁଳନାରେ ଚାର୍ଜକ୍ରୋମରେ କ୍ରୋମିୟମ୍ ଭାଗ ଖୁବ୍ କମ୍ ଥାଏ । ସୁତରାଂ ଚାର୍ଜକ୍ରୋମ୍ ଉତ୍ପାଦନ କରିବା ସକାଶେ ମଧ୍ୟମ ଓ ନିମ୍ନମାନର କ୍ରୋମ ପିଣ୍ଡ କେବଳ ବ୍ୟବହାର କରାଯାଇ ପାରେ ।

ନିମ୍ନ ଧରଣର କାର୍ବନ୍ ଫେରୋକ୍ରୋମ ପରିବର୍ତ୍ତେ ଚାର୍ଜକ୍ରୋମ୍ ଉପଯୋଗର ବୈଷୟିକ କୌଶଳ ଅଗ୍ରଗତି କରିବାପରେ ବସ୍ତୁତଃ ଉପଯୋଗହୋଇ ପାରୁନଥିବା ମଧ୍ୟମ ତଥା ନିମ୍ନମାନର କ୍ରୋମ୍‌ପିଣ୍ଡ ଉପଯୋଗ କରାଯାଇ ଏ.ଓ.ଡି, ଭି.ଓ.ଡି, ଏ. ଜି. ଆର୍ ଏବଂ ସି. ଏ.ଇ.ୟୁ ପ୍ରକ୍ରିୟାରେ କଳଙ୍କବିହୀନ ଇସ୍ପାତ୍ ପ୍ରସ୍ତୁତକରିବା ସମ୍ଭବ ହେଉଛି ।

ରାଜ୍ୟରେ ସଞ୍ଚିତ ଖଣିଜ ସଂପଦର ସୁସଙ୍ଗତ ଉପଯୋଗ ଓ ବିକାଶ ସାଧନ ଉଦ୍ଦେଶ୍ୟରେ ୧୯୫୬

ମସିହାରେ ଓଡ଼ିଶା ଖଣି କର୍ପୋରେସନ ଲିମିଟେଡ୍ ପ୍ରତିଷ୍ଠା କରାଯାଇଥିଲା । ଏହି କର୍ପୋରେସନ ଉପରୋକ୍ତ କାର୍ଯ୍ୟ ବିଶେଷକରି ଲୌହ, ମାଙ୍ଗାନିଜ ଓ କ୍ରୋମ୍‌ଧାତୁର ସୁସଙ୍ଗତ ଉପଯୋଗ ଓ ବିନିଯୋଗପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । କର୍ପୋରେସନର କାର୍ଯ୍ୟ ସୁକିନ୍ଦା ଓ ନୂଆସାହିବଉଳା ଅଞ୍ଚଳରେ କ୍ରୋମପିଣ୍ଡ ଉତ୍ପାଦନରେ ଅବ୍ୟାହତ ରହି ଉଚ୍ଚ, ମଧ୍ୟମ ଓ ନିମ୍ନମାନର କ୍ରୋମପିଣ୍ଡ ଉତ୍ପାଦନ କରୁଛି । ସୁକିନ୍ଦା ଅଞ୍ଚଳର ଭୁକରଙ୍ଗି ଅଞ୍ଚଳରେ ଯେଉଁ ପରିମାଣର ମଧ୍ୟମ ଓ ନିମ୍ନ ମାନର କ୍ରୋମ୍‌ପିଣ୍ଡ ଗଚ୍ଛିତହୋଇ ରହିଛି, ତାହା ପ୍ରାୟ ୬ ନିୟୁତ ଟନ୍ ହେବବୋଲି ଅଟକଳ କରାଯାଇଛି । ଏହି କ୍ରୋମ୍‌ପିଣ୍ଡର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଖଣି କର୍ପୋରେସନ୍ ବାର୍ଷିକ ୫୦ ହଜାର ଟନ୍ ଉତ୍ପାଦନକ୍ଷମ ଗୋଟିଏ ଫେର୍ରୋକ୍ରୋମ୍ କାରଖାନା ପ୍ରତିଷ୍ଠା କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଖଣି କର୍ପୋରେସନ୍ ଆନୁକୂଲ୍ୟରେ ଓଡିଶା ଖଣି କର୍ପୋରେସନ ଆଇଏକ୍ ଲିମିଟେଡ୍ ନାମରେ ଗୋଟିଏ ସହାୟକ କଂପାନୀ ଗଠନ କରାଯାଇଛି ।

ଶିଳ୍ପ କ୍ଷେତ୍ରରେ ଅନଗ୍ରସର କେନ୍ଦୁଝର ଜିଲ୍ଲାର ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବ୍ରାହ୍ମଣୀପାଳ ଗ୍ରାମର ୬୦ ଏକର ଜମିରେ ଏହି କାରଖାନାଟି ପ୍ରତିଷ୍ଠା କରାଯାଇଛି । କାରଖାନାଟି ପାରାଦୀପ-ଦଇତାରୀ ତ୍ୱରିତମାର୍ଗ (ଏକ୍‌ସପ୍ରେସଓ୍ୱେ) ପାର୍ଶ୍ୱରେ ଅର୍ଥାତ୍ ଭୁବନେଶ୍ୱର ଓ ପାରାଦୀପ ବନ୍ଦରଠାରୁ ଯଥାକ୍ରମେ ୧୩୦ କି. ମି.ଓ ୧୪୫ କିଲୋମିଟର ଦୂରରେ ଅବସ୍ଥିତ । ପ୍ରସ୍ତାବିତ ଦଇତାରୀ ଇସ୍ପାତ୍ କାରଖାନା ଅଞ୍ଚଳର ଅନତିଦୂରରେ ଏହି କାରଖାନାଟି ଅବସ୍ଥିତ ।

ଦେଶରେ ସରକାରୀ ଉଦ୍ୟୋଗରେ ଏହି ଯେଉଁ ନୂତନ ପ୍ରକଳ୍ପ ପ୍ରଥମଥରପାଇଁ କାର୍ଯ୍ୟକାରୀ କରାଯାଉଛି, ତାହା ବିଦେଶର ଦୁଇଟି କଂପାନୀ ଯଥା–ଅଷ୍ଟ୍ରିଆର ଭୋଏଷ୍ଟ ଆଲପିନ୍ ଆଗ୍ ଏବଂ ଫିନ୍‌ଲ୍ୟାଣ୍ଡର ଓଟୁକୁମ୍ପୁ ଓଇ ପ୍ରତିଷ୍ଠିତ କମ୍ପାନୀମାନଙ୍କ ସହାୟତାରେ ପ୍ରତିଷ୍ଠା କରାଯାଉଛି । ଉକ୍ତ ପରାମର୍ଶଦାତା ସଂସ୍ଥା ମଧ୍ୟ ଫିଲିପାଇନ୍ ଏବଂ ଗ୍ରୀସ୍‌ରେ ଅନୁରୂପ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସହାୟତା କରିଛନ୍ତି ।

ଫିନ୍‌ଲ୍ୟାଣ୍ଡର ଓଟୁକୁମ୍ପୁ ଓଇ ସଂସ୍ଥାର ଅନୁରୂପ ଉତ୍ପାଦନକ୍ଷମ ଗୋଟିଏ ନିଜସ୍ୱ ଫେର୍ରୋକ୍ରୋମ କାରଖାନା ରହିଛି, ସେଇଁଥିରେ ଫେର୍ରୋକ୍ରୋମ୍ ଉତ୍ପାଦନକରିବା ସକାଶେ ନିମ୍ନ ତଥା ଉଚ୍ଚତମାନର କ୍ରୋମ୍‌ଧାତୁ ଉପଯୋଗ କରାଯାଉଛି । ଫେର୍ରୋକ୍ରୋମ୍ ଉତ୍ପାଦନ କରାଇବାପାଇଁ ଧାତୁକୁ ଉତ୍ତପ୍ତ ନ କରି ଆଧୁନିକ ବୈଷୟିକ କୌଶଳ ସେମାନେ ଅନୁସରଣ କରୁଛନ୍ତି । ଏଭଳି ଅତ୍ୟାଧୁନିକ ବୈଷୟିକ କୌଶଳ ବର୍ତ୍ତମାନସୁଦ୍ଧା ଅଳ୍ପ କେତେକ ଦେଶରେ ଅନୁସରଣ କରାଯାଉଛି । ଏହି ବୈଷୟିକ କୌଶଳର ଦୁଇଟି ସ୍ୱତନ୍ତ୍ର ସୁବିଧାରହିଛି । ସେଗୁଡ଼ିକ ହେଲା ସ୍ୱଳ୍ପବିଦ୍ୟୁତ୍ ଖର୍ଚ୍ଚ ଏବଂ ଉନ୍ନତଧରଣର କ୍ରୋମିୟମ୍ ଉତ୍ପାଦନ । ଅନ୍ୟ ଯେଉଁ ବୈଷୟିକ କୌଶଳଦ୍ୱାରା ଦେଶରେ ଫେର୍ରୋକ୍ରୋମ୍ ଉତ୍ପାଦିତ ହେଉଛି ତହିଁରେ ଅଧିକ ପରିମାଣର ବିଦ୍ୟୁତ୍ ଅପଚୟ ଘଟୁଛି ।

ଉକ୍ତ କାରଖାନାପାଇଁ ପରାମର୍ଶଦାତା ସଂସ୍ଥା ବୈଷୟିକ ଜ୍ଞାନ କୌଶଳ, ନକ୍‌ସା, ମୌଳିକ ଇଞ୍ଜିନିୟରିଂ, ଦେଶରେ ଉତ୍ପାଦିତ ହେଉନଥିବା କେତେକ ଯନ୍ତ୍ରପାତି ଯୋଗାଇଦେବା ସଙ୍ଗେ ସଙ୍ଗେ କାରଖାନାର ନିର୍ମାଣ, ପ୍ରତିଷ୍ଠା ଓ କାର୍ଯ୍ୟ ଆରମ୍ଭ ପ୍ରଭୃତି କାର୍ଯ୍ୟରେ ତଦାରଖ କରିବେ ।

ଏହି ପ୍ରକଳ୍ପ ନିମନ୍ତେ ୪୮.୫୫ କୋଟି ଟଙ୍କା ବ୍ୟୟ ହେବବୋଲି ଅଟକଳ କରାଯାଉଛି । ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ ଏହି ହେଉଛି ଏକ ପରିକଳ୍ପନା ଯେଉଁଠି ରାଜ୍ୟ ସରକାର ସବଠାରୁ ଅଧିକ ପରିମାଣରେ ଅର୍ଥ ବିନିଯୋଗ କରିଛନ୍ତି ।

ଏହି କାରଖାନାରୁ ଯେତେ ଫେର୍ରୋକ୍ରୋମ୍ ଉତ୍ପାଦନ କରାଯିବ ସେ ସମସ୍ତ ବିଦେଶକୁ ରପ୍ତାନି କରାଯିବ । ଏହାଦ୍ୱାରା ବାର୍ଷିକ ୨୦ରୁ ୨୫ କୋଟି ଟଙ୍କା ବୈଦେଶିକ ମୁଦ୍ରା ଉପାର୍ଜ୍ଜନ କରାଯାଇ ପାରିବ । କାରଖାନାରୁ ଉତ୍ପାଦିତ ସମସ୍ତ ଫେର୍ରୋକ୍ରୋମ୍ ୫ ବର୍ଷ ପାଇଁ ପଶ୍ଚିମ ଜର୍ମାନୀର ମେସର୍ସ କ୍ଲୋକ୍‌ନେର ଓ କଂପାନୀ କ୍ରୟ କରିବେ ବୋଲି ସେମାନଙ୍କ ସହିତ ଏକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।


କାରଖାନା ବସୁଥିବା ଅଞ୍ଚଳରେ କୋଠାବାଡ଼ି ନିର୍ମାଣ ଆଦି ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହେଲଣି ଏବଂ ୧୯୮୫ ଫେବୃଆରୀ ମାସରେ କାରଖାନାର ନିର୍ମାଣ କାର୍ଯ୍ୟ ସଂପାଦନ ହେବ ବୋଲି ଆଶା ରଖାଯାଉଛି ।

ଉକ୍ତ କାରଖାନାର ଆବଶ୍ୟକତା ପୂରଣ କରିବା ନିମନ୍ତେ ସଂପୃକ୍ତ ଅଞ୍ଚଳରେ ଅନେକଗୁଡ଼ିଏ ସହାୟକ ଶିଳ୍ପ କାରଖାନା ପ୍ରତିଷ୍ଠିତ ହେବ । କାରଖାନାର ବିଭିନ୍ନ ଯନ୍ତ୍ରପାତି ଏବଂ ଅତିରିକ୍ତ ଯନ୍ତ୍ରପାତି ପ୍ରସ୍ତୁତ କରିବା ଲାଗି ଗୋଟିଏ ସରଞ୍ଜାମ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇ ପାରିବ । କାରଖାନାରେ ଅମ୍ଳଜାନ ଅନ୍ତଃକ୍ଷେପଣ ନିମନ୍ତେ ବହୁଳ ପରିମାଣରେ ତୀକ୍ଷ୍ଣ ପାଇପ୍‌ର ଆବଶ୍ୟକତା ପଡ଼ିବ । ଏହି ପାଇପଗୁଡ଼ିକ ଉକ୍ତ ସରଞ୍ଜାମ କାର୍ଯ୍ୟାଳୟରେ ଅଥବା ଅନ୍ୟ କୌଣସି କାରଖାନାରେ ଉତ୍ପାଦନ କରାଯାଇ ପାରିବ ।

ଫେର୍ରୋକ୍ରୋମ୍‌ରୁ କଳଙ୍କ ବିହୀନ ଇସ୍ପାତ୍ ଉତ୍ପାଦନ କରାଯାଇ ଥାଏ । ତେଣୁ ଫେର୍ରୋକ୍ରୋମ କାରଖାନା ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ସେଥି ସହିତ କଳଙ୍କ ବିହୀନ ଇସ୍ପାତ୍ ଓ ତହିଁରୁ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଉତ୍ପାଦନ କରାଯାଇ

ପାରିବ । ଉକ୍ତ ଚାର୍ଜକ୍ରୋମ୍ କାରଖାନାରୁ ବାର୍ଷିକ ପ୍ରାୟ ୬୦,୦୦୦ଟନ୍ ଧାତୁରୁ ନିର୍ଗତ ଦ୍ରବ୍ୟ (ଧାତୁମଳ) ଉତ୍ପାଦିତ ହେବ । ଏହି ଧାତୁ ମଳକୁ ସ୍ୱତନ୍ତ୍ର ଧରଣର ରିଫ୍ରାକ୍ଟୋରୀ ଓ ଇଟା ନିର୍ମାଣ ଦିଗରେ ଉପଯୋଗ କରାଯାଇ ପାରିବ । ଏସବୁ କାରଖାନାରୁ ଉପଜାତ ଦ୍ରବ୍ୟଗୁଡ଼ିକୁ ଘେନି ଚାର୍ଜ-କ୍ରୋମ୍ କାରଖାନା ପ୍ରତିଷ୍ଠା କରାଯାଉଥିବା ଅଞ୍ଚଳରେ ଅନ୍ୟ କେତେକ ଶିଳ୍ପାନୁଷ୍ଠାନ ନିର୍ବିଘ୍ନରେ ପ୍ରତିଷ୍ଠା କରାଯାଇ ପାରିବ ।

ପ୍ରାରମ୍ଭରେ ଚାର୍ଜକ୍ରୋମ୍ କାରଖାନା ପାଇଁ ପଞ୍ଚଶତ ଲୋକ ଶକ୍ତି ଆବଶ୍ୟକ । ଏହାର ସହାୟକ ଶିଳ୍ପାନୁଷ୍ଠାନଗୁଡ଼ିକରେ ଅନ୍ୟୁନ ଆଉ ୫୦୦ ଜଣଙ୍କୁ ପ୍ରତ୍ୟକ୍ଷ ଭାବେ କାମ ଧନ୍ଦା ଯୋଗାଇ ଦିଆଯାଇ ପାରିବ । ଏହା ବ୍ୟତୀତ ପରୋକ୍ଷ ଭାବରେ ଉକ୍ତ କାରଖାନାରେ ୨୦୦୦ ଲୋକ କାମ ଧନ୍ଦା ପାଇ ପାରିବେ । ଯଦି ଉପଜାତ ସାମଗ୍ରୀକୁ ନେଇ ନିକଟ ଭବିଷ୍ୟତରେ ଯେଉଁ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବ ବୋଲି ଆଶା କରାଯାଉଛି, ସେ ଅଞ୍ଚଳରେ ବହୁ ସଂଖ୍ୟକ ଲୋକଙ୍କୁ କାମଧନ୍ଦା ମିଳିବ ଏଥିରେ ସନ୍ଦେହର ଅବକାଶ ନାହିଁ । ଏହା ଫଳରେ କାରଖାନାର ଆଭ୍ୟନ୍ତରୀଣ ଅଞ୍ଚଳରେ ଦ୍ରୁତ ବିକାଶ ଘଟିବା ସଙ୍ଗେ ସଙ୍ଗେ ଲୋକମାନେ ପର୍ଯ୍ୟାପ୍ତ କାମଧନ୍ଦା ପାଇ ପାରିବେ । ଅର୍ଥନୈତିକ ପ୍ରଗତିର ଧାର ଉନ୍ନତ କରିବାର ସୁବିଧାଟି ବସ୍ତୁତଃ ଚାର୍ଜକ୍ରୋମ୍ ପ୍ଲାଣ୍ଟ ଜରିଆରେ ରାଜ୍ୟର ଅର୍ଥନୈତିକ ସମୃଦ୍ଧି ଯେ ନିଶ୍ଚିତଭାବେ ଘଟିବ ଏହା ନିଃସନ୍ଦେହ ।



ଲାୟନ୍ସ କ୍ଲବ ଦ୍ୱାରା ଢେଙ୍କାନାଳଠାରେ ଆୟୋଜିତ ଚକ୍ଷୁଶିବିରରେ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ କେ. ପି. ସିଂହଦେଓ





ପ୍ରଜନନ ବିଜ୍ଞାନ କଂଗ୍ରେସର ଉଦ୍‌ଘାଟନ ଉତ୍ସବରେ ପ୍ରଧାନମନ୍ତ୍ରୀ






ଜାତୀୟ ସଂହତି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ
P.M OPENS N.I.C MEET IN DELHI


INTERNATIONAL
LEPROSY CONGRESS
FEB 20-25 1984






‘ଇଭିଗିଲ୍ ଲିମିଟେଡ୍’ ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ଶ୍ରୀ ରାଜୀବ ଗାନ୍ଧୀ . . .



ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ ଶ୍ରୀ ସୋମନାଥ ରଥଙ୍କୁ ଶପଥ ପାଠ କରାଉଛନ୍ତି . . .

SHRI SOMNATH RATH SWORN IN AS MINISTER

ରାଜଗୋଷ୍ଠୀ ତାଲିମ ପାଠ୍ୟକ୍ରମରେ ରାଜ୍ୟପାଳ ଶ୍ରୀ ପାଣ୍ଡେ . . .

GOVERNOR SHRI PANDE AT THE COMMONWEALTH TRAINING COURSE . . .








ରାଜଧାନୀରେ ଶ୍ରୀ ରାଜୀବ ..
ସାମ୍ବାଦିକଙ୍କ ଗହଣରେ
RAJIV MEETS PRESS →



# ଆମ ପ୍ରାକୃତିକ ପରିବେଶ

ଡକ୍ଟର ରାମଚନ୍ଦ୍ର ପଟ୍ଟନାୟକ

ଆମର ସ୍ଥିତି ଓ ବିକାଶ ଅନେକାଂଶରେ ପ୍ରକୃତିଦ୍ୱାରା ନିୟନ୍ତ୍ରିତ । ଏକ ପ୍ରାକୃତିକ ପ୍ରକ୍ରିୟାରେ ବୃକ୍ଷଲତାରେ ଆଲୋକ ସଂଶ୍ଳେଷଣ କ୍ରିୟା ସଂଗଠିତ ହୋଇ ସମଗ୍ର ବିଶ୍ୱରେ ଅମ୍ଳଜାନର ଚାହିଦା ପୂରଣ କରିଥାଏ । କୀଟ ପତଙ୍ଗ ଆଦି ପ୍ରକୃତି ଦ୍ୱାରା ନିୟନ୍ତ୍ରିତ ହୋଇ ପରାଗ-ସଂଗମ ସଂଗଠିତ କରାଇ ବୃକ୍ଷରେ ଫୁଲରୁ ଫଳ ସୃଷ୍ଟି କରନ୍ତି । ଆମର ଗଠନ ତଥା ସମୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ପ୍ରୋଟିନ୍ ଜାତୀୟ ଖାଦ୍ୟ ଭୂପୃଷ୍ଠରେ ଯବକ୍ଷାରଜାନ ପ୍ରକ୍ରିୟା ଦ୍ୱାରା ଉଦ୍ଭିଦ ଓ ପ୍ରାଣୀର ଶରୀରରେ ସଙ୍ଗଠିତ ହୁଏ । ପ୍ରକୃତିରେ ସ୍ୱତଃ ବିକଶିତ ହେଉଥିବା ଉଦ୍ଭିଦ ଶ୍ରେଣୀଦ୍ୱାରା ମୃତ୍ତିକା ସଂରକ୍ଷଣ, ବନ୍ୟାନିୟନ୍ତ୍ରଣ, ପରିପାର୍ଶ୍ୱ ଶୋଧନ ପ୍ରଭୃତି ସଙ୍ଗଠିତ ହୁଏ । ଏହିପରି ଭାବରେ ପ୍ରାକୃତିକ ପରିବେଶ ଦ୍ୱାରା ଆମେ ବିଶେଷ ଭାବରେ ଉପକୃତ ହେଉଥିବାରୁ ପ୍ରକୃତିକୁ ଆମର ଏକ ମହାନ୍ ସେବକ ଭାବରେ ଆଖ୍ୟାୟିତ କରାଯାଇ ପାରେ ।

ଆଜିର ବସ୍ତୁନିଷ୍ଠ ସଭ୍ୟତାରେ ଅସ୍ୱାଭାବିକ ଭାବରେ ଶିଳ୍ପ ବିକାଶ ହୋଇ ପ୍ରାକୃତିକ ସନ୍ତୁଳନ ଯେପରି ଭାବରେ ଭାରସାମ୍ୟ ହରେଇ ବସିଛି, ଆଗାମୀ ଯୁଗର ବଂଶଧରଗଣ ଆମର ଏ ଅକ୍ଷମଣୀୟ ଅପରାଧ ପାଇଁ କ୍ଷମା ଦେବେ ନାହିଁ । ଆମର ପ୍ରାକୃତିକ ପରିବେଶ ଏପରି ଏକ ପ୍ରାକୃତିକ ଉପାୟରେ ଭାରସାମ୍ୟ ରକ୍ଷା କରିଥାଏ ଯେ, ପ୍ରାକୃତିକ ସମ୍ପଦର ଅସ୍ୱାଭାବିକ କ୍ଷୟ ପରମାଣୁ ବୋମାଭଳି ସାଂଘାତିକ ଅସ୍ତ୍ରଶସ୍ତ୍ରର ପ୍ରୟୋଗ, ଜଳ ଓ ବାୟୁମଣ୍ଡଳର ଦୂଷିତକରଣ ପ୍ରଭୃତି ପ୍ରକ୍ରିୟା ଦ୍ୱାରା ତାହାକୁ କୌଣସି ପ୍ରକାରେ ସାମଗ୍ରିକ କିମ୍ବା ଆଂଶିକ ଭାବରେ ବିପର୍ଯ୍ୟସ୍ତ କରାଗଲେ ତାହା ପରିବେଶ ସନ୍ତୁଳନର ବିପର୍ଯ୍ୟୟ କରାଇ ଆମପାଇଁ ଏକ ଅସ୍ୱାଭାବିକ ବାତାବରଣ ସୃଷ୍ଟି କରିଥାଏ । ପରିବେଶ ଏପରି ଭାବରେ ବିପର୍ଯ୍ୟୟ ହେଲେ ମଧ୍ୟ ତାହାର ପ୍ରତିବାଦ କରିବା ପାଇଁ ଆମେ ବିଶେଷ ଭାବେ ସଚେତନ ହେଉନା । କାରଣ ବାତ୍ୟା ବା ମରୁଡି ଭଳି ସମାଜରେ ତାର ପ୍ରଭାବ ହଠାତ୍ ଅନୁଭୂତ ହୁଏ ନାହିଁ । ଏହା ଧିରେ ଧିରେ ମାନବ ଜାତିର ସ୍ୱାସ୍ଥ୍ୟ ସମ୍ପର୍କରେ ବିଘ୍ନ ସୃଷ୍ଟି କରେ । ତେଣୁ ଆମେ ଆମର ପରିବେଶକୁ ଗଭୀର ଭାବରେ ଅନୁଶୀଳନ ତଥା ଅଧ୍ୟୟନ କରି ତା ପ୍ରତି ଆମର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ ।

ଆମ ବିଶ୍ୱର ଚତୁଃପାର୍ଶ୍ୱରେ ବଳୟାକୃତି ହୋଇ ରହିଥିବା ବାୟୁମଣ୍ଡଳ ଆମ ପରିବେଶକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ । ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତର ସ୍ଥିତି ଏହି ବାୟୁମଣ୍ଡଳ ଯୋଗୁ ସମ୍ଭବ । ବାୟୁବିନା ଆମେ ମାତ୍ର କେତୋଟି ମିନିଟରୁ ଅଧିକ ସମୟ ବଞ୍ଚି ପାରିବା ନାହିଁ । ଜଣେ ସୁସ୍ଥ ସବଳ ମଣିଷ ଦିନରେ ବାଇଶ ହଜାର ଥର ପ୍ରଶ୍ୱାସ ନିଏ ଓ ସେଥିପାଇଁ ପଇଁତିରିଶ ପାଉଣ୍ଡ ବିଶୁଦ୍ଧ ବାୟୁ ଆବଶ୍ୟକ କରିଥାଏ । କିନ୍ତୁ ପୃଥିବୀର ବିଭିନ୍ନ ପ୍ରାନ୍ତରେ ଗଢି ଉଠିଥିବା ବିଭିନ୍ନ ଶିଳ୍ପାଞ୍ଚଳ ଯୋଗୁଁ ବାୟୁମଣ୍ଡଳ ଅନେକାଂଶରେ ଦୂଷିତ ହୋଇ ସ୍ଥାନୀୟ ପରିବେଶକୁ କଳୁଷିତ କରିବା ସଙ୍ଗେ ସଙ୍ଗେ ମାନବ ସମାଜର ସ୍ୱାସ୍ଥ୍ୟ ବିଧାନ ଦିଗରେ ଗଭୀର ପ୍ରତିବନ୍ଧକ ସୃଷ୍ଟି କରିଥାଏ । ତେଣୁ ବହୁ ଅତୀତର ବିଭିନ୍ନ ସଂସ୍କୃତିର ପ୍ରାଣକେନ୍ଦ୍ର ସ୍ୱରୂପ ଖ୍ୟାତିସମ୍ପନ୍ନ କରିଥିବା ଅନେକ ପ୍ରଖ୍ୟାତ ନଗର ଏହି କାରଣରୁ ଆଜିକାଲି ଅନେକାଂଶରେ ଅସ୍ୱସ୍ତିକର ବୋଧ ହେଉଛି ।

ଆମ ଦେଶରେ ଶତକଡ଼ା ଅଶିଭାଗ କଳକାରଖାନା ସହରମାନଙ୍କରେ କେନ୍ଦ୍ରୀଭୂତ ହୋଇ ତହିଁରୁ ନିର୍ଗତ ହେଉଥିବା ସଲଫର ଡାଇଅକ୍ସାଇଡ୍, କାର୍ବନ-ମନୋକ୍ସାଇଡ୍, ହାଇଡ୍ରୋଜେନ୍ ସଲଫାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଇତ୍ୟାଦି ବିଭିନ୍ନ ବିଷାକ୍ତ ଗ୍ୟାସ ଓ ଧୂଳିକଣାରେ ମିଶ୍ରିତ ହୋଇଥିବା ବିଭିନ୍ନ ତନ୍ତୁ ଜାତୀୟ ପଦାର୍ଥର ସୂକ୍ଷ୍ମାଂଶ ଦ୍ୱାରା ସାମଗ୍ରିକ ଭାବେ ସହରର ବାୟୁମଣ୍ଡଳ ଦୂଷିତ କରିଥାଏ । ଏହା ବ୍ୟତୀତ ଯାନବାହନରୁ ନିର୍ଗତ ଧୂମ ମଣ୍ଡଳୀ ବାୟୁ-ମଣ୍ଡଳର ଦୂଷିତକରଣରେ ସହାୟକ ହୋଇଥାଆନ୍ତି ।

ଏହି ସଂକ୍ରାନ୍ତରେ ଅନୁଧ୍ୟାନ କରୁଥିବା ନାଗପୁରସ୍ଥିତ ଏକ ଜାତୀୟ ଗବେଷଣା ସଂସ୍ଥା (NEERI) ଦ୍ୱାରା ଭାରତର ବିଭିନ୍ନ ସହରର ବାୟୁମଣ୍ଡଳକୁ ଅନୁଧ୍ୟାନ କରାଯାଇ ଜଣାଯାଇଛି ଯେ, ଆମର ବୃହତ୍ତମ ନଗରୀ କଲିକତା ସର୍ବାପେକ୍ଷା ଅଧିକ ପରିମାଣରେ ଦୂଷିତ ହୁଏ । ଏଥିରେ ଥିବା ଯାନବାହନର ପରିବହନ ଏବଂ କଳ କାରଖାନାରୁ ନିର୍ଗତ ଧୂମ ମଣ୍ଡଳୀ ଦ୍ୱାରା ବାୟୁମଣ୍ଡଳରେ କାର୍ବନ ମନୋକ୍ସାଇଡ୍ ମାତ୍ରାରେ [illegible] ପ୍ରଭାବିତ କରିଥାଏ । ଅହମଦାବାଦସ୍ଥିତ ସାର କାରଖାନାର ଏମୋନିଆ ପ୍ଲାଣ୍ଟରୁ ନିର୍ଗତ ବିଭିନ୍ନ ଦୁର୍ଗନ୍ଧ ଗ୍ୟାସ ସେହି ନଗରୀର ବାୟୁମଣ୍ଡଳକୁ ଭୀଷଣ ଭାବେ ଆଚ୍ଛାନ୍ନ କରିଥାଏ । କାନପୁର ସହରରେ ଥିବା

ଚମଡ଼ା, ଲୁଗା, ରାସାୟନିକ ଔଷଧ ତିଆରି କାରଖାନାରୁ ନିର୍ଗତ ବିଭିନ୍ନ ବିଷାକ୍ତ ଗ୍ୟାସ, ଧୂଳିକଣା ଓ ଧୂମ ମଣ୍ଡଳୀ ଦ୍ୱାରା ନଗରୀଟି ଆକ୍ରାନ୍ତ ହୋଇ ସେଠାରେ ଥଣ୍ଡା ବ୍ରୋଙ୍କାଇଟସ୍, ଆଜମା, ଚକ୍ଷୁରୋଗ ଆଦି ରୋଗର ବ୍ୟାପକ ପ୍ରସାର ଘଟାଇଥାଏ । ପୃଥିବୀ ବିଖ୍ୟାତ ତାଜମହଲର ରୂପଶ୍ରୀ ମଥୁରାସ୍ଥିତ ପେଟ୍ରୋଲିୟମ ରିଫାଇନାରିର ଦୂଷିତ ବାୟୁଦ୍ୱାରା ଆକ୍ରାନ୍ତ ହେଉଥିବା ଆଶଙ୍କା କରାଗଲାଣି । ଏହା ବ୍ୟତୀତ ଦିଲ୍ଲୀ, ହାଇଦ୍ରାବାଦ, ମାଡ୍ରାଜ, ପ୍ରଭୃତି ନଗରୀରେ ଥିବା କଳ କାରଖାନାମାନଙ୍କରୁ ନିର୍ଗତ ଦୂଷିତ ଗ୍ୟାସ ସେଠାକାର ଜନ ଜୀବନ ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି କରୁଛି । ଏକ ତୁଳନାତ୍ମକ ଗବେଷଣାରୁ ଜଣା ଯାଇଛି, କୋଇଲା, ସୁନା, ଲୁହାପଥର ତଥା ମାଇକା ଉତ୍ପନ୍ନ ହେଉଥିବା ଖଣିମାନଙ୍କରେ ଆମେରିକା, ଇଂଲଣ୍ଡ, ଜର୍ମାନୀ ପ୍ରଭୃତି ଦେଶରେ ଶତକଡ଼ା ଏକରୁ ଦୁଇଭାଗ ଲୋକ ନିଉମୋକୋ ନିଓସିସ୍, ସିଲିକୋସିସ୍ ଇତ୍ୟାଦି ଭୟଙ୍କର ଶ୍ୱାସକ୍ରିୟା ପ୍ରତିରୋଧକାରୀ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ଭାରତରେ ତଦ୍ୱାରା ଶତକଡ଼ା ଅଠର ଭାଗ ଲୋକ ଆକ୍ରାନ୍ତ ହୋଇ ଥାଆନ୍ତି ।

ବାୟୁମଣ୍ଡଳକୁ ଆକ୍ରାନ୍ତ କରୁଥିବା ବିଭିନ୍ନ କାରଖାନାରୁ ନିର୍ଗତ ଅନାବଶ୍ୟକ ଉଦ୍‌ବୃତ୍ତ ପଦାର୍ଥମାନଙ୍କର ବିନିଷ୍ଟ କରାଇବା ପାଇଁ ବିଭିନ୍ନ ପ୍ରାକୃତିକ ଯାନ୍ତ୍ରିକ ଓ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଇ ପାରେ ।

ପ୍ରାକୃତିକ ଭାବେ ଦୂଷିତ ବାୟୁର ଶୋଧନ ପାଇଁ ସବୁଜପତ୍ର ବିମଣ୍ଡିତ ବୃକ୍ଷରାଜିର ଏକ ବିଶିଷ୍ଟ ଭୂମିକା ରହିଛି । ପ୍ରତିଟି ସବୁଜ ବୃକ୍ଷ ପରିବେଶକୁ ଯଥେଷ୍ଟ ଶୀତଳତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳରୁ ଧୂଳିକଣାର ପରିମାଣ ହ୍ରାସ କରାଇବାରେ ସକ୍ଷମ ହୋଇଥାଆନ୍ତି । ଗତ ୧୯୮୧ ବନାରସ ବିଜ୍ଞାନ କଂଗ୍ରେସ ଅଧିବେଶନରେ କଲିକତା ବିଶ୍ୱବିଦ୍ୟାଳୟର ଜଣେ ପ୍ରଖ୍ୟାତ ବୈଜ୍ଞାନିକ ତାରକ ମୋହନ ଦାସ ଗୋଟିଏ ପଚାଶ ବର୍ଷୀୟ ବୃକ୍ଷର ସମସ୍ତ ପ୍ରକାର ପ୍ରାକୃତିକ ବିଭବର ବିସ୍ତର କରି ତାହାକୁ ପନ୍ଦର ଲକ୍ଷ ଟଙ୍କାରେ ମୂଲ୍ୟାଙ୍କନ କରିଥିଲେ । କିନ୍ତୁ ଆମେ ଗୋଟିଏ ଲକ୍ଷ ବା ତାହାଠାରୁ କମ୍ ମୂଲ୍ୟର ଗୋଟିଏ ଗୃହ ନିର୍ମାଣ ପାଇଁ ସେହିପରି ଏକାଧିକ ବୃକ୍ଷକୁ ନିର୍ବିଘ୍ନରେ ନଷ୍ଟ କରି ଦେଉଛୁ । ସେଥିପାଇଁ ଦେଶର ସର୍ବତ୍ର ବୃକ୍ଷ ଉଚ୍ଛେଦନ ପରିବର୍ତ୍ତେ ତାହାର ରୋପଣ କରିବାରେ ଗୁରୁତ୍ୱ ପ୍ରଦାନ କରି ବିଶେଷତଃ ଶିଳ୍ପାଞ୍ଚଳମାନଙ୍କରେ ନିମ୍ବ, ଅଶୋକ ଓ ମେହଗାନି ପ୍ରଭୃତି ବୃକ୍ଷର ସମ୍ପ୍ରସାରଣ ନିମିତ୍ତ ଅଧିକ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉଚିତ ।

କାରଖାନାରୁ ନିର୍ଗତ ହେଉଥିବା ବାୟୁ ଦୂଷିତକାରୀ ବସ୍ତୁମାନଙ୍କର ସଠିକ ପରିମାଣ ନିର୍ଣ୍ଣୟ କରିବା ପାଇଁ ଦୁଇ ବିଶେଷରେ ପାରାମାଗ୍ନେଟିକ ଗ୍ୟାସ ସେନସର ( Paramagnetic Gas sensors ), ପଲସଡ଼ ଫ୍ଲୋରେସେଣ୍ଟ (Pulsed Flourscent ), କେମିଲୁମିନସେଣ୍ଟ ( Chemiluminiscent ), ଇନ୍‌ଫ୍ରାରେଡ଼ ସ୍ପେକ୍‌ଟୋମିଟର (Infrared spectro meter) ଫଟୋ ମେଟ୍ରିକ୍ ଟ୍ରାନସ୍ ମେସୋମିଟର (Photometric Transmiso meter ) ପ୍ରଭୃତି ଯନ୍ତ୍ରପାତିର ବ୍ୟବହାର କରା ଯାଇପାରେ । ଏହାଦ୍ୱାରା ବାୟୁମଣ୍ଡଳର ଦୂଷିତକରଣକୁ ରୋକାଯିବା ପାଇଁ ଯୋଜନା କରାଯିବା ସଙ୍ଗେ ସଙ୍ଗେ ଅନେକ ମୂଲ୍ୟବାନ ଉଦ୍‌ବୃତ୍ତ ବସ୍ତୁ ( Bi-Producty ) ସଂଗ୍ରହ କରାଇବା ପାଇଁ ଉପାୟମାନ ଅବଲମ୍ବନ କରାଯାଇ ପାରିବ ।

ବିସ୍ଫୋରକ ରଙ୍ଗ ( dya ) ପେଷ୍ଟିସାଇଡ୍ ପ୍ରଭୃତି ରାସାୟନିକ ଦ୍ରବ୍ୟ ପ୍ରସ୍ତୁତି ହେଉଥିବା କାରଖାନାରେ ଅନେକ ସମୟରେ ଧୂଳିକଣା ଭଳି ଦ୍ରବ୍ୟାଂଶଗୁଡ଼ିକ ବାୟୁମଣ୍ଡଳରେ ମିଶି ଅନେକ ଭୟଙ୍କର ରୋଗ ସୃଷ୍ଟି କରିବାରେ ସହାୟକ ହୁଅନ୍ତି । ସେପରି ପଦାର୍ଥଗୁଡ଼ିକୁ ପରିସ୍ରବଣ ପ୍ରଣାଳୀ ଅବଲମ୍ବନରେ ଅନେକାଂଶରେ ଅଲଗା କରାଯାଇ ପାରିବ । କିନ୍ତୁ ସମସ୍ତ ଦ୍ରବ୍ୟାଂଶ ଏହାଦ୍ୱାରା ଅଲଗା କରିହୁଏ ନାହିଁ । ସେଥିପାଇଁ ସାଇକ୍ଲୋନ କଲେକ୍‌ଟର (Cyclone Collector ) ଓ ସ୍କ୍ରବର ( Scrubbor ) ପ୍ରଭୃତି ସହଜିଆ ଯନ୍ତ୍ରପାତିର ବ୍ୟବହାର କରି ଏହି ଦ୍ରବ୍ୟାଂଶଗୁଡ଼ିକୁ ମଧ୍ୟ ଅଲଗା କରାଯାଇ ପାରିବ । ଯେଉଁ କାରଖାନାଗୁଡ଼ିକରୁ ଅଙ୍ଗାରକର ସୂକ୍ଷ୍ମାଂଶମାନ ନିର୍ଗତ ହୁଏ ସେଠାରେ ଇଲେକ୍‌ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର ( Electrostatic Precipitator ) ବ୍ୟବହାର କରାଯାଇ ଅନେକ ସୁଫଳ ମିଳିଛି । ଗ୍ୟାସୀୟ ଦୂଷିତ ବସ୍ତୁର ବିଚ୍ଛୁରଣକୁ ଏଡ଼ସରପସନ (adsorption) ଏବସରପସନ (absorption) ଦହନ (Combastion) ପ୍ରଭୃତି ପ୍ରକ୍ରିୟାର ସାହାଯ୍ୟ ନେଇ କମାଇ ଦିଆଯାଇ ପାରିବ । ଯେଉଁ କାରଖାନାଗୁଡ଼ିକ ଯୋଗୁ ସ୍ଥାନୀୟ ପରିବେଶ ତଥା ବାୟୁମଣ୍ଡଳର ଦୂଷିତକରଣ ହୁଏ ସେହି ସେହି କାରଖାନାର ଉଦ୍‌ବୃତ୍ତ ତ୍ୟାଜ୍ୟ ପଦାର୍ଥର ପ୍ରକୃତିକୁ ଅନୁଧ୍ୟାନ କରି ଉପାୟମାନ ଅବଲମ୍ବନ କରାଯାଇ ପାରେ । ଯେଉଁଠି ଦୂଷିତ ତ୍ୟାଜ୍ୟ ପଦାର୍ଥକୁ ବାୟୁମଣ୍ଡଳରେ ନିଷ୍କାସନ କରିବା ଅନିବାର୍ଯ୍ୟ ହୋଇ ଉଠୁଛି, ସେଠାରେ କାରଖାନାଗୁଡ଼ିକୁ ସୀମିତ ସମୟ ପାଇଁ କାର୍ଯ୍ୟକ୍ଷମ କରାଯାଇ ନିର୍ଦ୍ଧାରିତ ପରିମାଣର ତ୍ୟାଜ୍ୟ ବସ୍ତୁକୁ ଯେତେଦୂର ସମ୍ଭବ ଜନବସତିରୁ ଦୂରେଇ କରି ଛାଡ଼ା ଯାଇପାରେ ।

ସମ୍ପ୍ରତି ବିଶ୍ୱରେ ଶିଳ୍ପ ବିପ୍ଳବ ମାନବ ସମାଜର ସୁଖ ସମୃଦ୍ଧି ନିମିତ୍ତ ପଥ ଉନ୍ମୋଚନ କରି ଦେଇଛି । ବିଭିନ୍ନ ଶିଳ୍ପର ବିକାଶ ଯୋଗୁଁ ଆମେରିକା ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, ଜର୍ମାନ, ଜାପାନ ପ୍ରଭୃତି ଦେଶ ପୃଥିବୀରେ ସମୃଦ୍ଧିଶାଳୀ ତଥା ନେତୃସ୍ଥାନୀୟ ରାଷ୍ଟ୍ରରେ ପରିଣତ ହୋଇଛନ୍ତି । ତେଣୁ ଆମ ଦେଶ ଭଳି ପୃଥିବୀର ସମସ୍ତ ବିକାଶଶୀଳ ରାଷ୍ଟ୍ରପାଇଁ ଶିଳ୍ପ ପ୍ରସାରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କଳ କାରଖାନାମାନ

ବ୍ୟବସ୍ଥିତ ଭାବରେ ବିକାଶ ହେବା ଆମ ସମସ୍ତଙ୍କର ଧ୍ୟେୟ । କିନ୍ତୁ ଆମେ ପ୍ରକୃତିର ସମସ୍ତ ସମ୍ପଦ ବିନିଯୋଗ କରି ଶିଳ୍ପାଞ୍ଚଳମାନ ଗଠନ କରିବା ଓ ତାର ପ୍ରତିବଦଳରେ ଆମ ଜୀବନ ଯାତ୍ରାରେ ଏକାନ୍ତ ସହଯୋଗୀ ପ୍ରକୃତିକୁ ଆବର୍ଜନାମାନ ଦେଇ ତାହାକୁ ଧ୍ୱସ୍ତ ବିଧ୍ୱସ୍ତ କରାଇ ଆମେ ବସ୍ତୁତାନ୍ତ୍ରିକ ସମୃଦ୍ଧି ଶିଖର ଦେଶକୁ ଉଠିବା ପାଇଁ ପ୍ରୟାସ ହେବା ଆଦୌ ସମୀଚିନ ହେବନାହିଁ । ଏପରି ଏକ ସମୟ ଆସିବ ଯେତେବେଳେ ଆମ ବିକାଶ ଓ ସମୃଦ୍ଧିର ଗନ୍ତାଘର ଏହି ପ୍ରକୃତିରାଣୀ ଆମ ନିକଟରେ ଦୁର୍ବିସହ ମନେ ହେବ । ଆଜି ବିଶ୍ୱରେ ଭୟଙ୍କର ମନେ ହେଉଥିବା ଯେ କୌଣସି ମାରଣାସ୍ତ୍ରଠାରୁ ଆହୁରି ପ୍ରଳୟଙ୍କରୀ ହୋଇ ତାହା ଶେଷରେ ସମଗ୍ର ଜୀବନ ସତ୍ତାର ବିଲୋପ ସାଧନ କରିବ ।

ଗୋଟିଏ ଜାଗାରେ ଗୁଡ଼ାଏ କାରଖାନା ପ୍ରତିଷ୍ଠା କରିବା ଦ୍ୱାରା ଅର୍ଥନୈତିକ କାରଣରୁ ଲଭଜନକ ହୋଇପାରେ । କିନ୍ତୁ ସ୍ଥାନୀୟ ପରିବେଶକୁ ତାହା ଅନେକାଂଶରେ ବିପର୍ଯ୍ୟସ୍ତ କରାଇଥାଏ । ତେଣୁ ଶିଳ୍ପାଞ୍ଚଳର ବିକେନ୍ଦ୍ରୀକରଣ କରିବା ଦ୍ୱାରା ତଥା କାରଖାନାଗୁଡ଼ିକ ସାଧାରଣ ଜନବସତିଠାରୁ କିଛି ଦୂରରେ ରଖିବା ଦ୍ୱାରା ତାହା ମାନବ ସ୍ୱାସ୍ଥ୍ୟର ବିଶେଷ ପ୍ରତିକୂଳ ହୋଇ ନ ଥାଏ । ସୁତରାଂ ଆମର ଯୋଜନା ବିଧାୟକମାନେ କୌଣସି ଜାଗାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିବା ପୂର୍ବରୁ ତଦ୍ୱାରା ସ୍ଥାନୀୟ ପରିବେଶ କିପରି ଭାବରେ ଆକ୍ରାନ୍ତ ହେଉଛି ତାହା ଅନୁଧ୍ୟାନ କରି ଯେତେଦୂର ସମ୍ଭବ କଳ କାରଖାନାମାନଙ୍କର ବିକେନ୍ଦ୍ରୀକରଣ କରାଇବାରେ ଚେଷ୍ଟିତ ହେବା ଉଚିତ । ଏହା ବ୍ୟତୀତ ବିଭିନ୍ନ କାରଖାନାରୁ ଚିମିନି ନିକଟରେ ବାୟୁମଣ୍ଡଳକୁ ଆକ୍ରାନ୍ତ କରୁଥିବା ଉଦ୍‌ବୃତ୍ତ ପଦାର୍ଥମାନଙ୍କର ବିନିଷ୍ଟ କରାଇବା ପାଇଁ ବିଭିନ୍ନ ଯାନ୍ତ୍ରିକ ତଥା ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଇପାରେ । ଏଥିପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ପାଇଁ ଅନେକ ସମୟରେ ଅର୍ଥ ବିନିଯୋଗ କରିବାକୁ ପଡୁଥିବାରୁ ତଥା ସେହି ପ୍ରକାରର ଯନ୍ତ୍ରପାତି ବିଦେଶରୁ ଆମଦାନୀ କରିବାକୁ ପଡୁଥିବାରୁ ଶିଳ୍ପ ଉଦ୍‌ଯୋଗକାରୀମାନେ ସେ ଦିଗରେ ଆଗ୍ରହାନ୍ୱିତ ହୁଅନ୍ତି ନାହିଁ । କିନ୍ତୁ ଜାତୀୟ ସ୍ତରରେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଥିପାଇଁ ଉପଯୁକ୍ତ ଆଇନ୍ ପ୍ରଣୟନ କରାଯାଇ ଶିଳ୍ପୋଦ୍ୟୋଗୀମାନଙ୍କୁ ଏ ବିଷୟରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯିବା ଉଚିତ । ଆମ ପ୍ରାକୃତିକ ପରିବେଶ ଯେପରି ଆମର ସ୍ୱାସ୍ଥ୍ୟ ଓ ସମୃଦ୍ଧିର ବିକାଶ ପଥରେ ସହାୟକ ହେବ, ସେଥିପାଇଁ ଆମର ବିସ୍ତୃତ ଗବେଷଣାମାନ କରଗଲେ ଅଚିରେ ମାନବ ସମାଜକୁ ଧ୍ୱଂସ ମୁଖରୁ ରକ୍ଷା କରାଯାଇପାରିବ ।

ପ୍ରାଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ,
ରାୟଗଡ଼ା ମହାବିଦ୍ୟାଳୟ,
ରାୟଗଡ଼ା—୭୬୫୦୦୧
ଜି—କୋରାପୁଟ

## ଋଣ ମେଳା

ସୁନ୍ଦରଗଡ଼ ଜିଲ୍ଲା ସବ୍‌ଡ଼େଗା ବ୍ଲକ୍‌ର କିରାଲଗା ଗ୍ରାମଠାରେ ସଂପ୍ରତି ଏକ ଋଣମେଳା ଓ କୃଷୀ ତାଲିମ କେନ୍ଦ୍ର ଅନୁଷ୍ଠିତ ହୋଇଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନାର ପ୍ରକଳ୍ପ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦରିଦ୍ର, କ୍ଷୁଦ୍ର ଓ ମଧ୍ୟମ ଧରଣର କୃଷୀ ତଥା ଆଦିବାସୀ ଓ ହରିଜନ ବ୍ୟକ୍ତିଙ୍କୁ ଡ଼ିଜେଲ୍ ପଂପ୍‌ସେଟ୍, ସେଚକୂପ ଖନନ, ବଳଦ ଖର୍ଦ୍ଦି, ଛେଳି, ମାଛଚାଷ, ରିକ୍‌ସା, ସିଲେଇ ମେସିନ୍, କ୍ଷୁଦ୍ର ବ୍ୟବସାୟ ଇତ୍ୟାଦି ପାଇଁ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ମୋଟ୍ ୫ ଲକ୍ଷ ୨୨ ହଜାର ୩୯୭ ଟଙ୍କା ଋଣ ପ୍ରଦାନ କରିଥିଲେ । ଏହା ଫଳରେ ୨୬୧ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି । ଏହି ଉତ୍ସବରେ ସୁନ୍ଦରଗଡ଼ ଏସ୍. ଡ଼ି. ଓ. ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଓ ସଭାପତି ମଞ୍ଜୁରୀ ଅର୍ଥର ସଦ୍‌ବିନିଯୋଗ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଗ୍ରାମାଞ୍ଚଳର କୃଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗ ଉପ-ନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ ଓ ଶସ୍ୟ ସଂରକ୍ଷଣ ଅଧିକାରୀ ପ୍ରମୁଖ ଭାଷଣ ଦେଇଥିଲେ ।

# ଓଡ଼ିଶା ଖଣି କର୍ପୋରେସନ

ଶ୍ରୀ ପି. ସି. ଲହା

ଖଣିଜ ସଂପଦ ଦୃଷ୍ଟିରୁ ଦେଶର ବିଭବଶାଳୀ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ହେଉଛି ଅନ୍ୟତମ ରାଜ୍ୟ । ମୁଖ୍ୟତଃ ଲୁହା, ଆଲୁମିନିୟମ୍, କ୍ରୋମାଇଟ୍ ନିକେଲ, ମାଙ୍ଗାନିଜ ଏବଂ ଭାନାଡ଼ିୟମ୍ ଧାତବ ଦ୍ରବ୍ୟ ଏ ରାଜ୍ୟରେ ପ୍ରଚୁର ପରିମାଣରେ ମିଳିଥାଏ ।

ଭାରତର ପ୍ରାୟ ଶତକଡ଼ା ୯୫ ଭାଗରୁ ଅଧିକ କ୍ରୋମାଇଟ୍ ଧାତୁ ଓଡ଼ିଶାର ଖଣିମାନଙ୍କରେ ସଞ୍ଚିତ ଅଛି, ଯାହାକି ୧୧୧ ନିୟୁତ ଟନ୍ ପର୍ଯ୍ୟନ୍ତ ହୋଇପାରେ । ସାରା ଦେଶରେ ସଞ୍ଚିତ ରହିଥିବା ଉତ୍କୃଷ୍ଟ ଧରଣର କ୍ରୋମାଇଟ୍ ଧାତୁମଧ୍ୟରୁ ପ୍ରାୟ ଶତକଡ଼ା ୫୦ ଭାଗ ଏହିଠାରୁହିଁ ମିଳିଥାଏ ଏବଂ ବଳକାତକ ମଧ୍ୟମ ଏବଂ ନିକୃଷ୍ଟ ଧରଣର । ଓଡ଼ିଶାର ଖଣିଗୁଡ଼ିକରେ କ୍ରୋମାଇଟ୍ ଏପରିଭାବେ ରହିଛି, ଯେଉଁଥିରୁ କି ପ୍ରାୟ ଶତକଡ଼ା ୭୦ ଭାଗ ଚୂନା କରିହେବ ବା ଚୂନା ରୂପରେ ମିଳିଥାଏ । ଖନନ ସମୟରେ ମିଳୁଥିବା ଚୂନା ତଥା ଉକ୍ତ ମଧ୍ୟମ ଏବଂ ନିକୃଷ୍ଟ ଧରଣର ଚୂର୍ଣ୍ଣ କ୍ରୋମାଇଟ୍‌କୁ ଦେଶରେ କୌଣସି ଧାତବ ଶିଳ୍ପାନୁଷ୍ଠାନଗୁଡ଼ିକରେ ସଠିକ୍ ବିନିଯୋଗ କରାଯାଇ ପାରୁନାହିଁ । ଏହାର ମୁଖ୍ୟ କାରଣ ହେଲା–ଦେଶରେ ଥିବା ଫେରୋ-ଆଲୟ କାରଖାନାଗୁଡ଼ିକରେ ଏବେ ମଧ୍ୟ ପାରମ୍ପରିକ ବୈଷୟିକ ପ୍ରଣାଳୀ ଗ୍ରହଣ କରାଯାଉଛି ଏବଂ ଏବେ ମଧ୍ୟ ସେହି ପୁରୁଣା ଉପାୟରେ କ୍ରୋମାଇଟ୍ ମିଶ୍ରିତ ଧାତୁ ଉତ୍ପାଦନ ପାଇଁ ଉତ୍କୃଷ୍ଟ ମୁଣ୍ଡା କ୍ରୋମାଇଟ୍ ବା କେତେକ ପରିମାଣରେ ଉତ୍କୃଷ୍ଟ ଧରଣର କ୍ରୋମାଇଟ୍ ଚୂନା ବ୍ୟବହାର କରାଯାଉଛି ।

ନିମ୍ନ କାର୍ବନ ଫେରୋକ୍ରୋମ୍, ଉଚ୍ଚ କାର୍ବନ ଫେରୋ-କ୍ରୋମ୍, ଚାର୍ଜକ୍ରୋମ ଓ ସିଲିକୋକ୍ରୋମ୍ ପ୍ରଭୃତି ମିଶ୍ରିତଧାତୁ ଉତ୍ପାଦନ ପାଇଁ ମୁଖ୍ୟତଃ କ୍ରୋମାଇଟ୍‌କୁ ଧାତବ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ବହୁଳ ପରିମାଣରେ ବିନିଯୋଗ କରାଯାଇଥାଏ । ବିଭିନ୍ନ ମାନର ମୌଳିକ ରିଫ୍ରାକ୍‌ଟରିଜ୍ ଉତ୍ପାଦନ କରିବା ପାଇଁ କ୍ରୋମାଇଟ୍‌କୁ ଏକ ଅପରିହାର୍ଯ୍ୟ କଞ୍ଚାମାଲ ରୂପେ ବ୍ୟବହାର କରାଯାଏ । ବିଭିନ୍ନ ପ୍ରକାରର ରାସାୟନିକ ଦ୍ରବ୍ୟ ଏବଂ ରଙ୍ଗ ପ୍ରସ୍ତୁତ କରିବାକୁ ମଧ୍ୟ କ୍ରୋମାଇଟ୍‌ର ଆବଶ୍ୟକ ପଡ଼ିଥାଏ ।

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ଖଣି କର୍ପୋରେସନ ବିଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ ମିଳୁଥିବା ସମସ୍ତ ପ୍ରକାରର ଖଣିଜ ପଦାର୍ଥର ଖନନ ଓ ଉପଯୋଜନ ଏବଂ ବିନିଯୋଗ କାର୍ଯ୍ୟରେ ନିୟୋଜିତ ରହିଛି । କ୍ରୋମିୟମ ପଥର ଖନନ ଏ ସଂସ୍ଥାର ମୁଖ୍ୟ କାର୍ଯ୍ୟ ହୋଇଛି କହିଲେ ଚଳେ । ଆଭ୍ୟନ୍ତରୀଣ ଧାତବ,ରାସାୟନିକ ଏବଂ ରିଫ୍ରାକ୍‌ଟୋରୀ ଶିଳ୍ପାନୁଷ୍ଠାନଗୁଡ଼ିକର ଚାହିଦା ପୂରଣ କରି ସାରିଲା ପରେ ମଧ୍ୟ ଓଡ଼ିଶା ଖଣି କର୍ପୋରେସନ୍ ଦେଶ ବାହାରକୁ କ୍ରୋମାଇଟ୍ ରପ୍ତାନି କରୁଛି ।

କେନ୍ଦ୍ର ସରକାରଙ୍କ ଉତ୍କୃଷ୍ଟ ଧାତୁ ସଂରକ୍ଷଣ ନୀତି ଅନୁସାରେ ଓଡ଼ିଶା ଖଣି କର୍ପୋରେସନ୍ ଦ୍ୱାରା ଉତ୍କୃଷ୍ଟ କ୍ରୋମାଇଟ୍ ପଥର ରପ୍ତାନି କାର୍ଯ୍ୟ ବନ୍ଦ କରାଯାଇଛି । ମଧ୍ୟମ ଧରଣର କ୍ରୋମାଇଟ୍, ଯାହାକୁ ଆମ ଦେଶର କୌଣସି ଧାତବ ଶିଳ୍ପାନୁଷ୍ଠାନଗୁଡ଼ିକରେ କାମରେ ଲଗାଯାଇ ପାରୁନାହିଁ ତାହା ଅନ୍ୟ ଦେଶଗୁଡ଼ିକର ଧାତବ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ବିନିଯୋଗ କରାଯାଉଛି । ୧୯୭୦ ମସିହା ଶେଷ ଭାଗ ଆଡ଼କୁ ଆନ୍ତର୍ଜାତିକ କ୍ଷେତ୍ରରେ କଳଙ୍କ ବିହୀନ ଇସ୍ପାତ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ଅତ୍ୟଧିକ ଉରଣା ଯୋଗୁ କ୍ରୋମାଇଟ୍ ରପ୍ତାନି ତୀବ୍ର ଭାବେ ହ୍ରାସ ପାଇଥିଲା ।

ଓଡ଼ିଶା ଖଣି କର୍ପୋରେସନ୍ ପଟ୍ଟା ନେଇଥିବା ଖଣିଗୁଡ଼ିକ ମଧ୍ୟରେ ସୁକିନ୍ଦା କ୍ରୋମାଇଟ୍ ଖଣି ହେଉଛି ସବୁଠାରୁ ବୃହତ୍ତମ ଖଣି । ଏଥିରେ ପ୍ରାୟ ଛଅ ନିୟୁତ ଟନ୍ କ୍ରୋମାଇଟ୍ ସଞ୍ଚିତ ଅଛି ଏବଂ ଏହା ଖଣି କର୍ପୋରେସନ୍ ଅଧୀନରେ ଥିବା ସମୁଦାୟ ପଟ୍ଟା ଦିଆ ଖଣିର ପ୍ରାୟ ଶତକଡ଼ା ୫୦ ଭାଗ । ଏହି ଖଣିରୁ ରପ୍ତାନି କରାଯାଉଥିବା କ୍ରୋମାଇଟ୍‌ର ଚାହିଦା ୧୯୭୦ ମସିହା ଶେଷ ଆଡ଼କୁ ଏପରି ଭାବରେ କମି ଆସିଲା ଯେ ଏଥିରୁ ଲାଭ ଉଠେଇବା ଅସମ୍ଭବ ହୋଇ ପଡ଼ିଲା । ପୁନଶ୍ଚ ଦକ୍ଷିଣ ଆଫ୍ରିକା ଏବଂ ଫିଲପାଇନ୍‌ସର କ୍ରୋମାଇଟ୍ ଯୋଗାଣକାରୀମାନଙ୍କ ପକ୍ଷରୁ ତୀବ୍ର ପ୍ରତିଦ୍ୱନ୍ଦିତା କ୍ରୋମାଇଟ୍ ଯୋଗାଣ କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି କଲା । ଖଣିର ସ୍ତରୋଟି ବିଭିନ୍ନ ସ୍ଥାନରୁ ମିଳୁଥିବା କ୍ରୋମାଇଟ୍‌ର ରାସାୟନିକ ମିଶ୍ରଣ ହେଲା–କ୍ରୋମାଇଟ୍ ଲୁହା ଅନୁପାତ ୨.୦ ଆଲୁମିନା ମିଶ୍ରଣ ପ୍ରାୟ ଶତକଡ଼ା ୧୫ ଏବଂ ଆଲୁମିନିୟମ ଓ ଏକ ପ୍ରକାର କ୍ଷାର ମୃତ୍ତିକାର ମିଶ୍ରଣ ଅନୁପାତ ୧.୫ । ଏ ପ୍ରକାର ଖଣି ମିଶ୍ରଣ ହେତୁ ଏବଂ ତାହା ପ୍ରାୟ ଚୂନା ଅବସ୍ଥାରେ ମିଳୁଥିବାରୁ ଦେଶରେ କୌଣସି ଶିଳ୍ପାନୁଷ୍ଠାନ ତାର ଉପଯୋଗ କରିପାରୁ ନାହାନ୍ତି । ଏହା ଓଡ଼ିଶା ଖଣି କର୍ପୋରେସନ୍ ପାଇଁ ସର୍ବୋପରି ଦେଶ ପାଇଁ ଏକ ଗୁରୁତର ସମସ୍ୟା ସୃଷ୍ଟି କରିଛି । ଖଣିରୁ ମିଳୁଥିବା ମୁଣ୍ଡା କ୍ରୋମାଇଟ୍ ଓ ଖୋଳା ହେଉଥିବା ସମୟରେ ମିଳୁଥିବା ଚୂନା କ୍ରୋମାଇଟ୍ ବିଭିନ୍ନ

ଖଣି ସ୍ଥାନରେ ଗଛିତ ହୋଇ ପଡ଼ି ରହିବା ଫଳରେ ଏହାର ସଦୁପଯୋଗ ହୋଇ ପାରୁନାହିଁ ଓ ଏହା ଏକ ମୌଳିକ ସମସ୍ୟା ରୂପେ ମୁଣ୍ଡ ଟେକି ଛିଡ଼ା ହୋଇଛି । ଓଡ଼ିଶାରେ ପ୍ରଚୁର ପରିମାଣରେ ମିଳୁଥିବା ଚୁନା କ୍ରୋମାଇଟ୍‌ର ଉପଯୁକ୍ତ ବିନିଯୋଗ କରାଯାଇ ପାରିବା ଭଳି ଏକ ଜାତୀୟ ସମସ୍ୟାକୁ ସମାଧାନ କରିବା ଦିଗରେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଏ ସମସ୍ୟାର ଅନୁଧ୍ୟାନ ଏବଂ ପ୍ରତିକାରର ବ୍ୟବସ୍ଥା ଦର୍ଶେଇବାକୁ ମେଟାଲର୍ଜିକାଲ୍ ଇଞ୍ଜିନିୟରିଙ୍ଗ୍ କନସଲଟାଣ୍ଟ ଇଣ୍ଡିଆ ଲିମିଟେଡ୍ (ମେକନ୍)କୁ ଦାୟିତ୍ୱ ଅର୍ପଣ କରିଛନ୍ତି ।

ଧାତବ ଶିଳ୍ପାନୁଷ୍ଠାନଗୁଡ଼ିକ ଯେଉଁମାନେ କି ଏ ମିଶ୍ରିତ ଧାତୁର ବହୁଳ ବ୍ୟବହାରକାରୀ, ସେମାନେ କେତେଦୂର ଗୁଣ୍ଡ କ୍ରୋମାଇଟ୍ ବ୍ୟବହାର କରି ପାରିବେ ସେଲ୍ ନିର୍ଦ୍ଦେଶକ୍ରମେ ମେକନ୍ ତାହାର ଚିକିନିଖି ଅନୁଧ୍ୟାନ କରି ଦେଖୁଛନ୍ତି । ଫେରୋକ୍ରୋମ ଓ ବିବିଧ ଉତ୍ପାଦିତ ବସ୍ତୁଗୁଡ଼ିକର ପ୍ରୟୋଗ କୌଶଳ ଅନ୍ୟ ଦେଶରେ ଯେପରି ପ୍ରବର୍ତ୍ତିତ ହୋଇଛି, ମେକନ ତରଫରୁ ସେ ସଂପର୍କରେ ଅନୁଧ୍ୟାନ କରାଯାଇଥିଲା ଓ ଭାରତୀୟ ପରିପ୍ରେକ୍ଷୀରେ ଏହାର ବୈଷୟିକ ଅର୍ଥନୀତି ସଂପର୍କରେ ମଧ୍ୟ ଅନୁସନ୍ଧାନ କରାଯାଇଥିଲା । କଳଙ୍କ ବିହୀନ ଇସ୍ପାତ ପ୍ରସ୍ତୁତିର ନୂତନ କୌଶଳ ଉପରେ ଭିତ୍ତି କରି ମେକନ (MECON) ସୁପାରିଶ କରିଛନ୍ତି ଯେ କ୍ରୋମାଇଟ୍ ମିଶ୍ରିତ ଧାତୁ ବା ଗ୍ରର୍କକ୍ରୋମ ଉତ୍ପାଦନ କରାଯିବାକୁ ଏକ କାରଖାନା ବସାଯିବା ନିତାନ୍ତ ଆବଶ୍ୟକ । ଉଚ୍ଚ କାର୍ବନ ଫେରୋକ୍ରୋମରେ ଶତକଡ଼ା ୬୦ରୁ ୬୫ ଭାଗ କ୍ରୋମାଇଟ୍ ଥାଏ ଏବଂ ତାହା ଉତ୍ପାଦନ ପାଇଁ କେବଳ ମୁଣ୍ଡା କ୍ରୋମାଇଟ୍ ବ୍ୟବହାର କରାଯାଏ । କିନ୍ତୁ ଗ୍ରର୍କକ୍ରୋମ—ଯାହାକି ଅନ୍ୟ ପ୍ରକାରର ଉଚ୍ଚ କାର୍ବନ ଫେରୋକ୍ରୋମ୍, ତାର ଉତ୍ପାଦନ ପାଇଁ ନିକୃଷ୍ଟ ଧରଣର କ୍ରୋମାଇଟ୍ ବ୍ୟବହାର କରାଯାଏ ଏବଂ ଏଥିରେ କ୍ରୋମାଇଟ୍ ଭାଗ ଶତକଡ଼ା ୫୦ରୁ ୫୭ ପର୍ଯ୍ୟନ୍ତ ଥାଏ । ଏଥିରୁ ପ୍ରମାଣିତ ଯେ ଉଚ୍ଚ କାର୍ବନ ଫେରୋକ୍ରୋମ ଅପେକ୍ଷା ଗ୍ରର୍କକ୍ରୋମରେ କମ୍ ଅଂଶରେ କ୍ରୋମାଇଟ୍ ଥିବାରୁ ଏଥିରେ ଖାଦ୍ ଅଧିକ । କିନ୍ତୁ ଗ୍ରର୍କକ୍ରୋମରେ ଲୁହା ଭାଗ ଅଧିକ ଥାଏ ଓ ସେଥିଯୋଗୁଁ ଇସ୍ପାତ୍ ଓ ଅନ୍ୟାନ୍ୟ କ୍ରୋମିୟମ ଧାତୁଯୁକ୍ତ ବସ୍ତୁ ଉତ୍ପାଦନକାରୀମାନେ ଏହାର ବ୍ୟବହାର ପାଇଁ ଉତ୍ସାହିତ ହୋଇଥାନ୍ତି । ଉଚ୍ଚ କାର୍ବନ ଫେରୋକ୍ରୋମଠାରୁ ଗ୍ରର୍କକ୍ରୋମର ଗୁଣାତ୍ମକ ଦିଗ ହେଲା ଏଥିରେ ନିକୃଷ୍ଟ ଏବଂ ମଧ୍ୟମ ଧରଣର କ୍ରୋମିୟମ ଗୁଣ୍ଡ ବ୍ୟବହାର କରାଯାଇଥାଏ । କଳଙ୍କ ବିହୀନ ଇସ୍ପାତ୍ କିମ୍ବା କ୍ରୋମିୟମ୍ ମିଶ୍ରିତ ଇସ୍ପାତ୍ ଉତ୍ପାଦନ କରିବା ସମୟରେ ନୂତନ ଉପାୟରେ ଗ୍ୟାସ୍ ସ୍ତୂପ ପ୍ରତିରୋଧ କରାଯାଇ ପାରୁଥିବାରୁ ବୈଷୟିକ କୌଶଳ ଦୃଷ୍ଟିରୁ ଗ୍ରର୍କକ୍ରୋମରେ ତୁଳନାତ୍ମକ ଭାବେ ଅଧିକ ଖାଦ ବି କୌଣସି ପ୍ରକାରର ଅସୁବିଧା ସୃଷ୍ଟି କରେ ନାହିଁ । ଏହିପରି ଭାବେ ସାରା ବିଶ୍ୱରେ ନୂତନ ଇସ୍ପାତ୍ ପ୍ରସ୍ତୁତିରେ ଗ୍ରର୍କକ୍ରୋମର ଚାହିଦା ଯଥେଷ୍ଟ ବଢ଼ି ଗଲିଛି । ମେକନ (MECON) ର ଅନୁଧ୍ୟାନରୁ ଏହା ସୁସ୍ପଷ୍ଟ ଯେ, ଓଡ଼ିଶା ଖଣି କର୍ପୋରେସନ୍ ଅଧୀନରେ ଥିବା ଖଣିଗୁଡ଼ିକରୁ ମିଳୁଥିବା ଗୁଣ୍ଡ କ୍ରୋମାଇଟ୍‌କୁ ଉପଚୟାତ୍ମକ ପଦ୍ଧତିରେ ବିନିଯୋଗ କରି ଗ୍ରର୍କକ୍ରୋମ୍ ଉତ୍ପାଦନ କରି ହେବ ।

ମେକନ (MECON) ଙ୍କ ଦ୍ୱାରା ଆଗତ ହୋଇଥିବା ପ୍ରସ୍ତାବଗୁଡ଼ିକୁ ଭାରତ ସରକାର ସମୀକ୍ଷା କରିଛନ୍ତି ଏବଂ ଓଡ଼ିଶା ସରକାର ଓଡ଼ିଶା ଖଣି କର୍ପୋରେସନ୍‌ଙ୍କ (O. M. C.) ପରିଚାଳନାରେ ଏକ ଗ୍ରର୍କକ୍ରୋମ କାରଖାନା ପ୍ରତିଷ୍ଠା କରିବାକୁ ସ୍ଥିର କରିଛନ୍ତି । ଏହା ଫଳରେ ନିକୃଷ୍ଟ ଧରଣର କ୍ରୋମାଇଟ୍ ଗୁଣ୍ଡର ସଂପୂର୍ଣ୍ଣ ବିନିଯୋଗ କରାଯାଇ ପାରିବ ଏବଂ ଚୁନା କ୍ରୋମାଇଟ୍‌ର ଗୁଣାତ୍ମକ ବିକାଶ କ୍ଷେତ୍ରରେ ପରିବର୍ତ୍ତନ ଅଣାଯାଇ ରପ୍ତାନି ଅପେକ୍ଷା ଅଧିକ ବିଦେଶୀ ମୁଦ୍ରା ଆୟ କରାଯିବ ।

କେତେକ ଗ୍ରର୍କକ୍ରୋମ ଉତ୍ପାଦନକାରୀମାନେ ନୂତନ ବୈଷୟିକ କୌଶଳରେ ଉତ୍ପାଦନ ବୃଦ୍ଧି କଲେଣି ଏବଂ ଏହାକୁ ଏକାନ୍ତ ଗୋପନୀୟ ରଖାଯାଇଛି । ତେଣୁ ବର୍ତ୍ତମାନ ନୂତନ ଉତ୍ପାଦନ ପ୍ରଣାଳୀରେ ଅଭିଜ୍ଞ କୌଣସି ଖ୍ୟାତି ସଂପନ୍ନ ଉତ୍ପାଦନକାରୀ ସଂସ୍ଥାଙ୍କ ସହିତ ସହଯୋଗ ନିତାନ୍ତ ଦରକାର ।

ଓଡ଼ିଶା ଖଣି କର୍ପୋରେସନ ଉପଯୁକ୍ତ ବୈଷୟିକ ପ୍ରଣାଳୀ ତଥା ସଠିକ କୌଶଳ ଜାଣିଥିବା ଯୋଗାଣକାରୀ ଏବଂ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଉପଦେଶ ତଥା ସର୍ବୋପରି ଗ୍ରର୍କକ୍ରୋମ କାରଖାନା ବସାଇବାପାଇଁ ମେକନ (MECON)କୁ ପରାମର୍ଶ ଦାତା ହିସାବରେ ନିଯୁକ୍ତି ଦେଇଛନ୍ତି । ଓଡ଼ିଶା ଖଣି କର୍ପୋରେସନ୍‌ର ସର୍ତ୍ତ ଅନୁସାରେ ମେକନ (MECON) ବିଭିନ୍ନ ଉତ୍ପାଦନ ପ୍ରଣାଳୀ ବିଶ୍ଲେଷଣ କରି ଦେଖିଛନ୍ତି ଏବଂ ପ୍ରଯୁକ୍ତି ଅର୍ଥନୀତିକୁ ସମୟୋପଯୋଗୀ କରିଛି । ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଯଦି ସମୁଦାୟ ଗୁଣ୍ଡ କ୍ରୋମାଇଟ୍‌କୁ ଛୋଟ ଛୋଟ ଗୁଟିକା ବା ଖଣ୍ଡ ଆକାରରେ ବ୍ୟବହାର କରାଯାଇ ପାରିବ, ତେବେ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ବ୍ୟବସ୍ଥା ସୁଚିନ୍ତିତ ଓ ସୁଦୃଢ଼ ବ୍ୟବସ୍ଥା ହେବ ।

ଜାପାନ, ଦକ୍ଷିଣ ଆଫ୍ରିକା ଏବଂ ୟୁରୋପରେ ଫେରୋଆଲୟ କଂପାନୀଗୁଡ଼ିକ କ୍ରୋମିୟମ ଖାଦ ତିଆରି କରିବାକୁ କ୍ରୋମାଇଟ୍ ଗୁଣ୍ଡକୁ ଖଣ୍ଡ ଆକାରର କରି ଉପଚୟାତ୍ମକ କରିବାକୁ ଏକ ପ୍ରକ୍ରିୟା ଭାବେ ବହୁଳ ଭାବରେ ଗ୍ରହଣ କରିଛନ୍ତି । ନିମ୍ନ ପ୍ରଦତ୍ତ ସୁବିଧା ଯୋଗୁ ଖଣ୍ଡ ଖଣ୍ଡ କରାଯାଇଥିବା କ୍ରୋମାଇଟ୍‌ଗୁଡ଼ିକୁ ବହୁଳ ବ୍ୟବହାର କରାଯାଉଛି । ମୁଣ୍ଡା କ୍ରୋମାଇଟ୍ ଅପେକ୍ଷା ଖଣ୍ଡ ବା ଗୁଳି କରାଯାଇଥିବା କ୍ରୋମାଇଟ୍‌କୁ ରୂପାନ୍ତରିତ କରିବା ଅତ୍ୟନ୍ତ ସହଜସାଧ୍ୟ । କ୍ରୋମାଇଟ୍ ଗୁଳି ତିଆରି କରିବା ସମୟରେ ଦାନାଗୁଡ଼ିକ ସମାନ ଆକାରର ଶସ୍ୟାକୃତି ହୋଇଥାଏ ଏବଂ ଏଥିରେ ରାସାୟନିକ ମିଶ୍ରଣ ପ୍ରାୟ ସମାନ ଥାଏ । ସେଥିଯୋଗୁଁ ଏହାକୁ ତରଳେଇ ଧାତୁ ଅଲଗା କରିବା ସମୟରେ ଧାତୁ ତରଳା ଭାଟିରେ ଏହାକୁ ଦ୍ରବଣ କରାଯାଇ ଗ୍ୟାସ ପ୍ରବେଶ କରାଇବାକୁ ମଧ୍ୟ ସହଜସାଧ୍ୟ ହୋଇଥାଏ । ଅନ୍ୟ ପକ୍ଷରେ

ବୈଦ୍ୟୁତିକ ପ୍ରତିରୋଧ ସମାନ ହେତୁ ବିଦ୍ୟୁତ୍ ଶକ୍ତି ବି କମ୍ ଖର୍ଚ୍ଚ ହୁଏ ଓ ଧାତୁ ତରଳା ଭାଟିର ଶକ୍ତି ମଧ୍ୟ ଅଧିକ ହୋଇ ଥାଏ । ଏସବୁ କାରଣରୁ ଭାଟିର ଉତ୍ପାଦନକାରୀ ଶକ୍ତି ବଢ଼ିଥାଏ ।

କ୍ରୋମାଇଟ୍ ଗୁଟିକା ବ୍ୟବହାର କରିବା ଦ୍ୱାରା ଧାତୁ ଅଲଗା କରିବା ପୂର୍ବରୁ ଫର୍ଣ୍ଣେସ ଗୁର୍ଜ ତତେଇବାରେ ବିଶେଷ ସୁବିଧା ହୋଇଥାଏ । ଯାହାଦ୍ୱାରା ଧାତୁ ତରଳେଇବା ବେଳର ବିଦ୍ୟୁତ ଖର୍ଚ୍ଚକୁ ଯଥେଷ୍ଟ କମେଇ ଦିଆଯାଇଥାଏ । ଏହା ହେଉଛି ପ୍ରାକ୍ ଉତ୍ତପ୍ତିକରଣ କୌଶଳ । ଏ କୌଶଳର ଅନ୍ୟାନ୍ୟ ସୁବିଧା ହେଲା ଯେଉଁ କଞ୍ଚାମାଲଗୁଡ଼ିକରେ ଅଧିକ ଗନ୍ଧକ ଭାଗ ଥାଏ ତାହା ବିନା ଅସୁବିଧାରେ କାମରେ ଲଗା ଯାଇପାରେ ଏବଂ ଉତ୍ପନ୍ନ କରାଯାଉଥିବା ଦ୍ରବ୍ୟମାନଙ୍କରେ ଅମ୍ଳଜାନ ଅଂଶ ମଧ୍ୟ କମେଇ ଦିଆଯାଇ ପାରେ । ପୋଡ଼ା ପଥର କୋଇଲା—ଯାହାକି ତରଳେଇବାରେ ଏକମାତ୍ର ସହାୟକ ତାହା ଅନେକ ଦରକାର ପଡ଼ିଥାଏ ଏବଂ ଗୁର୍ଜ ତତେଇଲା ସମୟରେ ଅନେକ ଇନ୍ଧନ ମିଳି ଯାଇଥାଏ, ଯାହାଦ୍ୱାରା କମ୍ ଦାମିକା କୋଇଲା ବ୍ୟବହାର କରାଯାଇ ପାରେ ।

କ୍ରୋମାଇଟ୍ ଖଣ୍ଡକୁ ଟାଣ କରିବା, ଫର୍ଣ୍ଣେସର ଗୁର୍ଜ, ଲ୍ୟାଡେଲ୍ ପ୍ରଭୃତି ତରଳେଇଲା ପୂର୍ବରୁ ତତେଇବା ଇତ୍ୟାଦି କାମ କଲା ସମୟରେ ବନ୍ଦ ଭାଟିର ବଳକା ଗ୍ୟାସକୁ ଇନ୍ଧନ ରୂପେ ବ୍ୟବହାର କରିବା ସମ୍ଭବପର । ଏହାଦ୍ୱାରା କାରଖାନା ପ୍ରାୟ ବିନା ତେଲରେ ଚଳେଇ ନିଆଯାଇପାରେ ଏହାଦ୍ୱାରା ଖଣ୍ଡଗୁଡ଼ିକୁ କଠିନ କରେଇବାରେ ଧାତୁ ନିଷ୍କାସନରେ ଟନ୍ ପିଛା ଦରକାର ପଡୁଥିବା ଶକ୍ତି ସର୍ବାପେକ୍ଷା କମ୍ ପଡ଼ିଥାଏ । କ୍ରୋମାଇଟ୍ ଖଣ୍ଡ ପ୍ରାକ୍ ଉତ୍ତପ୍ତିକରଣ ଉପାୟରେ କାରଖାନାରେ କାମ ଚଳେଇବା ମଧ୍ୟ ସହଜ । ତାର କାରଣ ହେଉଛି ଯେତେବେଳେ ବିଦ୍ୟୁତ୍‌ଘାତ ବା ଅନ୍ୟାନ୍ୟ କାରଣରୁ ଧାତୁ ତରଳେଇବା ଚୁଲି ବନ୍ଦଥାଏ ତେବେ ଅନ୍ୟ ଯନ୍ତ୍ରପାତିଗୁଡ଼ିକୁ କାମରେ ଲଗାଯାଇ କ୍ରୋମାଇଟ୍ ଗୁଣ୍ଡା ଗୁଡ଼ିକୁ କଠିନ କରାଯାଏ, ଯାହାକି ସହଜରେ ପରେ ବ୍ୟବହାର କରାଯାଇ ପାରିବ । ଏହି ପ୍ରକ୍ରିୟାରେ କଞ୍ଚାମାଲ, ନିସୃତ ଧାତୁ ଓ ଶକ୍ତିର ଯଥେଷ୍ଟ କମ୍ ଅପଚୟ ଘଟିଥାଏ ।

ଉକ୍ତ ପ୍ରଣାଳୀ ଫିନ୍‌ଲ୍ୟାଣ୍ଡର ଖ୍ୟାତନାମା ଫେରୋ ଆଲୟ କଂପାନୀ ମେସର୍ସ ଓ ଟୁକୁମ୍ବୁ ଓୟେଙ୍କ ଦ୍ୱାରା ପ୍ରବର୍ତ୍ତନ କରାଯାଉଛି । ୧୯୬୦ ମସିହା ଶେଷ ଆଡ଼କୁ ଓଟୁକୁମ୍ବୁ କଂପାନୀ ପ୍ରାକ୍ ଉତ୍ତପ୍ତିକରଣ ପ୍ରକ୍ରିୟା ଫିନ୍‌ଲ୍ୟାଣ୍ଡର ଶେଣ୍ଡିଓ କାରଖାନାରେ ଗୁର୍ଜକ୍ରୋମ ଉତ୍ପାଦନ କରି ଆସୁଛନ୍ତି । ଓଡ଼ିଶା ଖଣି କର୍ପୋରେସନ୍ ଏହାର ସହକାରୀ ସଂସ୍ଥା O. M, C. Alloys Ltd ଦ୍ୱାରା କେନ୍ଦୁଝର ଜିଲ୍ଲାର ବାମନିପାଲ ଠାରେ ବର୍ଷକୁ ୫୦,୦୦୦ ଟନ୍ ଗୁର୍ଜକ୍ରୋମ ଉତ୍ପାଦନ କଲାଭଳି ଏକ କାରଖାନା ବସାଇବା ଉଦ୍ଦେଶ୍ୟରେ ଓଟୁକୁମ୍ବୁ ଓୟେ କଂପାନୀ ସହ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ସମ୍ବନ୍ଧରେ ଜାଣିବା ପାଇଁ ଚୁକ୍ତିବଦ୍ଧ ହୋଇଛି । କାରଖାନାର ପ୍ରାୟ ସମସ୍ତ ଯନ୍ତ୍ରପାତି ଏବଂ ସାଜସରଞ୍ଜାମ ଦେଶ ଭିତରୁ ସଂଗ୍ରହ କରାଯିବ । ଅଳ୍ପ କେତେକ ନୂତନ ଉନ୍ନତ ଧରଣର ଯନ୍ତ୍ରପାତି ବିଦେଶରୁ ଅଣାଯିବ ।

୧୯୮୫ ମାର୍ଚ୍ଚ ମାସ ସୁଦ୍ଧା କାରଖାନା କାର୍ଯ୍ୟ ଆରମ୍ଭ କରାଯିବାର ସ୍ଥିର କରାଯାଇଛି । ସଂପ୍ରତି ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କଲେ ଜଣାପଡ଼େ ଯେ ଓଡ଼ିଶା ଖଣି କର୍ପୋରେସନ୍ ଗୁର୍ଜକ୍ରୋମ କାରଖାନା ପ୍ରତିଷ୍ଠା ପାଇଁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାରଖାନାରେ କାର୍ଯ୍ୟ ଆରମ୍ଭ କରାଯିବାକୁ ସମସ୍ତ ପ୍ରଚେଷ୍ଟା ଚଳାଇଛନ୍ତି । ବହୁ କାରଖାନା ବସାଇବା ନିମିତ୍ତ ଯନ୍ତ୍ରପାତି ସଂଗ୍ରହ ଗୃହ ନିର୍ମାଣ ଓ ଭିତ୍ତିଭୂମି ସୁବିଧା ସୁଯୋଗ ଯୋଗାଇବାର ବହୁ ଅସୁବିଧା ସତ୍ତ୍ୱେ ଏପରି ଏକ ଅନୁନ୍ନତ ଅଞ୍ଚଳରେ ଗୁର୍ଜକ୍ରୋମ କାରଖାନା ପ୍ରତିଷ୍ଠା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଥିବାରୁ ଏହି ପ୍ରକଳ୍ପର କର୍ମକର୍ତ୍ତାମାନଙ୍କ ସାଧୁ ଉଦ୍ୟମ ପ୍ରଶଂସନୀୟ ।

ପ୍ରାୟ ଦେଢ଼ବର୍ଷ ଭିତରେ କାରଖାନା ଉତ୍ପାଦନକ୍ଷମ ହୋଇ ପାରିବ ଏବଂ ଓଡ଼ିଶା ଖଣି କର୍ପୋରେସନ ଦେଶରେ ଏକ ଆଗୁଆ ଫେରୋ ଆଲୟ ଉତ୍ପାଦନକାରୀ ରାଜ୍ୟ ହିସାବରେ ନିଜକୁ ପ୍ରତିଷ୍ଠିତ କରିପାରିବ । ପାରମ୍ପରିକ ଭାବେ ଓଡ଼ିଶା ଖଣି କର୍ପୋରେସନ ସମୟ ସହ ତାଳ ମିଳେଇ ପ୍ରଗତି ପଥରେ ଆଗେଇ ଚାଲିଛି ।

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ
ଭାରତୀୟ ଧାତବ ଓ ଆଭିଯାନ୍ତ୍ରିକ ପରାମର୍ଶଦାତା
ପ୍ରତିଷ୍ଠାନ ।

## କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାରେ ବାଲେଶ୍ୱର

ବାଲେଶ୍ୱର ଜିଲ୍ଲାରେ ଗତ ନଭେମ୍ବର ମାସ ସୁଦ୍ଧା ୬୩ଟି କ୍ଷୁଦ୍ର ଶିଳ୍ପ ଏବଂ ୨,୩୦୪ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିରେ ୪,୯୮୬ ଜଣଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇ ପାରିଛି । କ୍ଷୁଦ୍ର ଶିଳ୍ପ ନିମନ୍ତେ ୫୯ ଲକ୍ଷ ୬ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ନିମନ୍ତେ ୨୯ ଲକ୍ଷ ୬୩ ହଜାର ଟଙ୍କା ବିନିଯୋଗ କରାଯାଇଛି ।

# ସମବାୟ ଓ ମାନବ କଲ୍ୟାଣ

ଶ୍ରୀ ପ୍ରତାପ ଚନ୍ଦ୍ର ସେନପତି

ମୁକ୍ତ ଆକାଶର ପକ୍ଷୀ, ଘଞ୍ଚ ଜଙ୍ଗଲର ଜନ୍ତୁ, ନୀଳ ସମୁଦ୍ରର ତିମି ପ୍ରଭୃତିଙ୍କଠାରୁ ମନୁଷ୍ୟର ସ୍ଥାନ ଉଚ୍ଚରେ । ମନୁଷ୍ୟ କଥା କହି ଭାବ ବ୍ୟକ୍ତ କରେ, ଯୋଜନା କରି ଉତ୍ପାଦନ କରେ, ପରିଶ୍ରମକରି ଭୋଗ କରେ । ସେ ବୀର ଜୟ ଯୁକ୍ତ ହୁଏ । ସେ ନେତା ନେତୃତ୍ୱ ଦିଏ । ସେ ଜ୍ଞାନୀ ସମ୍ମାନ ପାଏ । ତାର ସମାଜ ଅଛି । ମନୁଷ୍ୟ ସମାଜକୁ ନେଇ ଦେଶର ସ୍ଥିତି । ମନୁଷ୍ୟ କ୍ଷେତରେ କୃଷକ, କାରଖାନାରେ ଶ୍ରମିକ, ବିଦ୍ୟାଳୟରେ ଶିକ୍ଷକ, ବିଜ୍ଞାନାଗାରରେ ବୈଜ୍ଞାନିକ, ସୀମାନ୍ତରେ ସୈନିକ, ଦୁର୍ଦ୍ଦିନରେ ସେବକ ଓ ଦେଶପାଇଁ ଶାସକ ଭାବେ କାର୍ଯ୍ୟ କରିଥାଏ । ମନୁଷ୍ୟ ବଳବାନ, କୌଶଳୀ, ସ୍ନେହୀ । ତାକୁ ନେଇ ଗୋଟିଏ ପରିବାର, ଗ୍ରାମ, ରାଜ୍ୟ, ଦେଶ ଗଠନ ହୋଇଥାଏ ।

କିନ୍ତୁ ଏପରି ଉଚ୍ଚ ସ୍ୱଭାବ ସମ୍ପନ୍ନ ମନୁଷ୍ୟ ସମାଜକୁ ମୁଦ୍ରା ଦୁଇ ପ୍ରଧାନ ଭାଗରେ ବିଭକ୍ତ କଲା । ବିନିମୟ ସୂତ୍ରର ସମସ୍ୟାକୁ ଦମନ କରିବାକୁ ଯାଇ ମୁଦ୍ରା ଅନ୍ୟ ଏକ ସମସ୍ୟା ସୃଷ୍ଟି କଲା—ମନୁଷ୍ୟ ସମାଜ ମଧ୍ୟରେ ଭେଦର ବାଡ଼ ପକାଇଲା । ଯେଉଁ ଭେଦ ଭାବ ପଶୁ, ପକ୍ଷୀ କିମ୍ବା ସରିସୃପ ଜଗତରେ ନାହିଁ, ତାହା ମଣିଷ ଭଳି ଉଚ୍ଚ ସମାଜରେ ଦେଖା ଦେଲା । ଫଳରେ କେତେକ ଉଚ୍ଚ ବୋଲାଇ ପ୍ରଭୁତ୍ୱ ଜାରି କରି ସୁବିଧା ଭୋଗ କଲେ ଏବଂ ଅନ୍ୟ କେତେକ ନୀଚ ହୋଇ ଦାସତ୍ୱ ସ୍ୱୀକାର କଲେ । କି ଖାଦ୍ୟ, ବସ୍ତ୍ର, ଆହାର, ବିହାର ସବୁରି କ୍ଷେତ୍ରରେ ଧନୀର ଆଗୁଆ ଦାବି ରହିଲା । ଗରିବର ହାଲୁକା ବ୍ୟକ୍ତିତ୍ୱ ଏ ସବୁଠାରୁ ଦୂରରେ ରହିଲା । ଗରିବ କଥା କହିବାକୁ ଅସମର୍ଥ ହେଲା । ତାର ଯୋଜନା ସଫଳ ହେଲନାହିଁ । ତାର ଭୋକିଲା ପେଟର ଜ୍ୱାଳା, ଶରୀର ପିଡା, ଦୁର୍ବଳ ସାମାଜିକ ସ୍ଥିତି ତାକୁ ପଛକୁ ଟାଣି ରାସ୍ତା କଡ଼ର ଜୀବରେ ପରିଣତ କଲା । ଧନୀ ଗଗନ ଚୁମ୍ବି ପ୍ରାସାଦର ଶୀତତାପ ନିୟନ୍ତ୍ରିତ କୋଠରୀର ଦୁଗ୍ଧ ଫେନନିଭ ଶଯ୍ୟାରେ ରଙ୍ଗିନ ସ୍ୱପ୍ନ ଦେଖି ଆତ୍ମହରା ହୋଇ ପଡ଼ିଥିବା ବେଳେ ସର୍ବହରା ରାସ୍ତା କଡ଼ର ଧୂଳି ମାଟିରେ ନିଜର ଅନାବୃତ ଶରୀରକୁ ଲେଟେଇ ଦେଇ ପରବର୍ତ୍ତୀ ଖାଦ୍ୟ ପ୍ରାପ୍ତିର ଯୋଜନା କରୁଥାଏ । ଏଇତ ମୁଦ୍ରାର ଦାନ । ବିନିମୟ ପ୍ରଥାର କଣ୍ଠରୋଧ କରିବାକୁ ଯାଇ ମଣିଷକୁ ଭାଗ କଲା ।

ତେବେ କ'ଣ ମନୁଷ୍ୟ ଏହା ବିରୁଦ୍ଧରେ ସଂଗ୍ରାମ କରି ପାରିବ ନାହିଁ ? ସେ କଣ ସବୁଦିନ ପାଇଁ ଏପରି ରହିବ ? ତାର ବଳ ଅଛି । ବୁଦ୍ଧି ଅଛି । ସେ ସମର୍ଥ ।

ଏପରି ଚିନ୍ତା ବହନ କରି ଦୁର୍ବଳ ମଣିଷକୁ ବଳବାନ କରିବା, ଧନହୀନକୁ ଧନବାନ କରିବା ଅଭିପ୍ରାୟରେ ପୃଥିବୀର ପ୍ରତ୍ୟେକ ପ୍ରାନ୍ତରୁ କେତେକ ଉଦାର ଚେତା ବିଜ୍ଞ, କୌଶଳୀ ମନୁଷ୍ୟ ଆଗେଇ ଆସିଲେ । ଇଂଲଣ୍ଡର ଉଇଲିୟମ୍ କିଙ୍ଗ୍, ଫ୍ରାନସ୍‌ର ଗ୍ଲର୍ଲସ୍ ଫରେର, ଜର୍ମାନୀର ରଫ୍‌ସିଅନ୍, ଜାପାନର ଯାଜିରୋ ସିଙ୍ଗଦା, ଟସୁକେ ହିରଟା, ଚୀନ୍‌ର ସନ୍ ୟାତ୍ ସେନ୍, ଆୟାରଲ୍ୟାଣ୍ଡର ହରାସ୍ ପ୍ଲୁଙ୍କେଟ୍, ଡେନ୍‌ମାର୍କର ପାଷ୍ଟର, ସୋନେ, ଇଟାଲିର ଲୁଜାଟି ପ୍ରଭୃତି ଜନନାୟକ ଚିନ୍ତା କଲେ— ଏଇ ଦୁର୍ବଳ ମଣିଷକୁ କିପରି ଠିଆ କରାଯାଇ ପାରିବ । ସେମାନେ ଗଭୀର ଚିନ୍ତାକରି ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେଲେ । ଗରିବ ମନୁଷ୍ୟର ସାମାଜିକ ସ୍ଥିତି ସୁଦୃଢ଼ କରି ତାକୁ ସମର୍ଥ କରିବା ପାଇଁ ଉପଯୁକ୍ତ ପନ୍ଥା 'ସହଯୋଗ' ।

ସମାଜରେ ବଞ୍ଚିବା ପାଇଁ, ଉନ୍ନତି ପାଇଁ ସହଯୋଗର ସୂତ୍ର ପ୍ରୟୋଗ ହେବା ଦରକାର । ଜଣେ ବ୍ୟକ୍ତି ଉପରକୁ ଉଠିବା ପାଇଁ ସକ୍ଷମ ହୋଇ ନ ପାରେ କିନ୍ତୁ ବ୍ୟକ୍ତି ସମୂହ ପରସ୍ପର ଶକ୍ତିର ଏକତ୍ରୀକରଣ ବା ଆଦାନ ପ୍ରଦାନରେ ସମ୍ଭବପର ହୋଇ ପାରେ । ସହଯୋଗ ମାଧ୍ୟମରେ ନିଜକୁ ଅନ୍ୟ ସହିତ ସାମିଲ କରି, ଅନ୍ୟର ଜ୍ଞାନ କୌଶଳ, ସମ୍ପଦର ସଦ୍ ବିନିଯୋଗ କରି ବଞ୍ଚିବା ପାଇଁ ଉପାଦାନ ପ୍ରସ୍ତୁତ କରିବା ଆଜିର ସମବାୟ ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ।

ସମବାୟ-ସହଯୋଗର ମୂଳମନ୍ତ୍ର ଧରି ଗଣତାନ୍ତ୍ରିକ ଆଦର୍ଶରେ ପରିଚାଳିତ ହୋଇ ଅଧିକ ଜନତାର ସର୍ବାଧିକ କଲ୍ୟାଣ ପାଇଁ ପୃଥିବୀର ଅନେକ ଦେଶରେ ମୁଣ୍ଡ ଟେକିଛି । ଯେଉଁ ଆଦର୍ଶରେ ଅନୁପ୍ରାଣିତ ହୋଇ ଲଣ୍ଡନ ନଗରୀର 28 ଜଣ ଅର୍ଦ୍ଧ ଭୋକିଲା ବୁଣାଳୀ ରଚା ଡ଼େଲ୍ ଅନ୍ତର୍ଗତ ଟୋଡ଼ ଗଳିରେ ରଚାଡ଼େଲ୍ ପାଇଓ ନିୟରସ୍ ଇକ୍ୟୁ-ଟେବଲ୍ ସୋସାଇଟ୍ ୨୧-୧୨-୧୮୪୪ରେ ଗଠନ କରି ସମ-ବାୟର ନୀତିକୁ ପ୍ରଣୟନ କରି ଚୀର ସ୍ମରଣୀୟ ହୋଇ-ପାରିଛନ୍ତି । ଜର୍ମାନୀର ଜଣେ ପ୍ରସିଦ୍ଧ ମେୟର ରଫ୍‌ସିଅନ୍ ଗରିବ କୃଷକଙ୍କ କଲ୍ୟାଣ ସକାଶେ, କୃଷିର ଉନ୍ନତିପାଇଁ ସମବାୟର ସାରତତ୍ତ୍ୱ ଘୋଷଣା କରି କହିଲେ— "ପ୍ରତ୍ୟେକ ସମସ୍ତଙ୍କ ପାଇଁ ଏବଂ ସମସ୍ତେ ପ୍ରତ୍ୟେକଙ୍କୁ ସାହାଯ୍ୟ କରି ପାରିଲେ ହିଁ ଉନ୍ନତି ସମ୍ଭବ" । ସହଯୋଗର ମୂଳମନ୍ତ୍ର ଧରି ସମବାୟ ବିପ୍ଳବ ଦୁନିଆଁର ପ୍ରତ୍ୟେକ

ସ୍ଥାନରେ ଉତ୍ପାଦନ ବୃଦ୍ଧି, ସୁଷମ ବଣ୍ଟନ, ଜନ କଲ୍ୟାଣ, ଦାରିଦ୍ର୍ୟ ମୋଚନ, ବେକାରୀ ଦୂରୀକରଣ ପାଇଁ ବାଟ ଦେଖାଇ ପାରିଛି । କୃଷକ, କାରିଗର, ଶିଳ୍ପୀ, ଶ୍ରମିକଙ୍କ ମନରେ ଆଶାର ସଞ୍ଚାର କରି ବଞ୍ଚିବା ପାଇଁ ଇନ୍ଧନ ଯୋଗେଇ ଦେଉଛି ।

ସହଯୋଗର ଆଦର୍ଶ ବହନ କରି ସମବାୟ ଅନୁଷ୍ଠାନଗୁଡ଼ିକ ବ୍ୟକ୍ତି ସ୍ୱାଧୀନତା ଉପରେ ଗୁରୁତ୍ୱ ଆରୋପକରି ଗଣତାନ୍ତ୍ରିକ ପରିଚାଳନାରେ ବିଶ୍ୱାସ ରଖି ଜାତି, ଧର୍ମ, ବର୍ଣ୍ଣ ଏବଂ ରାଜନୈତିକ ସଂଲଗ୍ନତା ନିର୍ବିଶେଷରେ ଆବାଳ-ବୃଦ୍ଧ-ବନିତାଙ୍କର ସେବା କରି ଚାଲିଛି । ଉନ୍ନତ ଚାଷ, ଉନ୍ନତ ବ୍ୟବସାୟ, ଉନ୍ନତ ଜୀବନଯାପନ ସକାଶେ ସମବାୟ ଆନ୍ଦୋଳନ ବାଟ ଖୋଲି ଦେଉଛି । କୃଷକର କଲ୍ୟାଣ ସକାଶେ ସମବାୟ ସୂତ୍ରରେ ଜମି ଚାଷ କରାଯାଇ ପାରୁଛି । ଫଳରେ ସ୍ୱଳ୍ପଧାରଣର ଚାଷୀ ସେମାନଙ୍କର ଜମି ଏବଂ ଉତ୍ପାଦନଗୁଡ଼ିକୁ ଏକତ୍ରିତ କରି ପ୍ରତ୍ୟେକଙ୍କ ଜ୍ଞାନ କୌଶଳକୁ ପ୍ରୟୋଗ କରି ଆଧୁନିକ, ବିଜ୍ଞାନ ସମ୍ମତ ପ୍ରଣାଳୀରେ ଚାଷ କରି ଉତ୍ପାଦନ ବୃଦ୍ଧି ଘଟେଇ ଲାଭ-ବାନ ହୋଇ ପାରିଛନ୍ତି । ଯେଉଁ ଚାଷୀ ଋଣରେ ଜନ୍ମ, ଋଣରେ ବଞ୍ଚି ଭବିଷ୍ୟତ ବଂଶଧରଙ୍କ ପାଇଁ ଋଣ ଛାଡ଼ିଯାଏ, ସମବାୟ ତାକୁ ସେଥିରୁ ମୁକ୍ତି ଦେଇ ପାରିଛି । ସମବାୟ ଅନୁଷ୍ଠାନ ଆଜି କୃଷକକୁ ମହାଜନର ଦ୍ୱାରରୁ ହଟେଇ ଆଣିଛି । ବେଠି ବନ୍ଦ କରିଛି । ମଧ୍ୟବର୍ତ୍ତୀର କଣ୍ଠରୋଧ କରିଛି । ବିକ୍ରି ବ୍ୟବସ୍ଥା ସହିତ ଋଣକୁ ସଂଯୋଗ କରି ସମବାୟ ସମିତି ଆଗତୁରା ଋଣ ଦାନ କରି ଅସମୟରେ ବିକ୍ରି, ଠକାମିକୁ ବନ୍ଦ କରି ଉପଯୁକ୍ତ ଓ ସମୟୋପଯୋଗୀ ମୂଲ୍ୟ ଯୋଗେଇ ପାରିଛି । ସମବାୟ ସମିତି ସ୍ୱଳ୍ପ ହାରରେ ଅର୍ଥ, ଭଡ଼ା ସୂତ୍ରରେ କୃଷି ଯନ୍ତ୍ରପାତି, ଉଚିତ ମୂଲ୍ୟରେ ରାସାୟନିକ ସାର, ବିହନ ପ୍ରଭୃତି ଯୋଗେଇ ପାରି ମଧ୍ୟବର୍ତ୍ତୀ, ମହାଜନ, ଦଲାଲ ବ୍ୟବସାୟୀ, ଫାଟକରଙ୍କ ପ୍ରଭାବକୁ ଦୂରେଇ ଦେଇ ପାରିଛି । କୃଷକର ଉତ୍ପାଦିତ ଦ୍ରବ୍ୟକୁ ନିର୍ଭୁଲ ଓଜନରେ ନେଇ ଉଚିତ ମୂଲ୍ୟ ଦେବାରେ ବାଣିଜ୍ୟ ସମବାୟ ସମିତି ସକ୍ଷମ ହୋଇ ପାରିଛି । ଶଠ ବ୍ୟବସାୟୀର ମିଠା କଥା, କାନ୍ଧରେ ହାତ ପକେଇ ବଶବର୍ତ୍ତୀ କରିବା ଯୋଜନା ପଦର ଫାଟି ଯାଇଛି । ସମବାୟ ଆଜି ଗରିବ ଅମାୟିକ ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା କରିପାରିଛି ।

ଶିଳ୍ପ ସମବାୟ ସମିତିଗୁଡ଼ିକ ସମାଜର ଦୁର୍ବଳ ବର୍ଗଙ୍କ କଲ୍ୟାଣ ସକାଶେ ଗଠନ କରାଯାଇ କୁଶଳୀ କାରିଗର ବୁଣାକାର, ଚମଡ଼ା ଶିଳ୍ପୀ, ମୃତ୍ତିକା ଶିଳ୍ପୀ ପ୍ରଭୃତିଙ୍କର ଉପାର୍ଜନ କ୍ଷମତାକୁ ବଢ଼େଇ ପାରିଛି । ବେକାରୀ ଦୂର ହୋଇଛି । କୁଟୀର ଶିଳ୍ପର ପୁନରୁତ୍ଥାନ ହୋଇ ପାରିଛି । ଜୀବନର ପ୍ରତ୍ୟେକ ଧାରକୁ ବିସ୍ତରକରି ସମବାୟ ସେବା କରି ଚାଲିଛି । ଶିଶୁର ଖାଦ୍ୟ, ଛାତ୍ରର ବହିପତ୍ର, ଯୁବକର ଯନ୍ତ୍ରପାତି, ଗୃହିଣୀର ସରଞ୍ଜାମ, ବୃଦ୍ଧର ଔଷଧ ପରି ଅତ୍ୟାବଶ୍ୟକୀୟ ତଥା ବିରଳ ଜିନିଷଗୁଡ଼ିକୁ ସମବାୟ ଭଣ୍ଡାର ଉଚିତ ମୂଲ୍ୟରେ ଯୋଗେଇ ଦେଇ ପାରୁଛି । ସମବାୟ ସମିତିଗୁଡ଼ିକ ଗ୍ରାମାଞ୍ଚଳରେ ବ୍ୟାଙ୍କଭାବେ କାର୍ଯ୍ୟ କରି ପାରୁଛି । ସଞ୍ଚୟଶୀଳ ହେବା ପାଇଁ ଲୋକଙ୍କୁ ପ୍ରବର୍ତ୍ତେଇ ପାରିଛି । ଋଣଦାନ ସମିତିଗୁଡ଼ିକ ଋଣଲବ୍ଧ ଅର୍ଥର ଉତ୍ପାଦନମୁଖୀ ଯୋଜନାରେ ସଦ୍‌ବିନିଯୋଗ ସକାଶେ ପରାମର୍ଶ ଦେଇ ବ୍ୟକ୍ତିଗତ ଆୟ ଓ ଜାତୀୟ ଆୟରେ ଉନ୍ନତିମୂଳକ ପରିବର୍ତ୍ତନ ଆଣିବାରେ ସହାୟ ହୋଇ ପାରିଛନ୍ତି ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କର ସମସ୍ୟାଗୁଡ଼ିକର ସମାଧାନ ସମବାୟ ଜରିଆରେ ହୋଇ ପାରୁଛି । କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀଙ୍କୁ ଶୋଷଣ, ଜୁଲମରୁ ରକ୍ଷା କରି ସମବାୟ ସେମାନଙ୍କ ମନରେ ବଞ୍ଚିବା ପାଇଁ ଆଶାର ସଞ୍ଚାର କରି ପାରିଛି । କୃଷିକର୍ମ ବ୍ୟତୀତ ଅନ୍ୟାନ୍ୟ ଅତିରିକ୍ତ ଅର୍ଥନୈତିକ ଧନ୍ଦାଗୁଡ଼ିକର ବିକାଶ ଘଟେଇ ସମବାୟ ଅନୁଷ୍ଠାନ ପଲ୍ଲୀ ବିକାଶର ମୁଖ୍ୟ ଅଙ୍ଗ ଭାବେ କାର୍ଯ୍ୟ କରି ପାରୁଛି । ଗୋ ଉନ୍ନୟନ, ମତ୍ସ୍ୟ ଚାଷ, ମହୁଚାଷ ପରି କେତେକ ଧନ୍ଦା ପାଇଁ ସମବାୟ ଆବଶ୍ୟକୀୟ ଅର୍ଥ, ଯନ୍ତ୍ରପାତି ଯୋଗେଇ ଦେଇ ପାରୁଛି । ସମବାୟ ଗୃହ ନିର୍ମାଣ ସମିତି ଦୁର୍ବଳ ଲୋକଙ୍କ ବସବାସ ସକାଶେ ସ୍ୱଳ୍ପ ମୂଲ୍ୟରେ ବାସ ଗୃହର ସୁବିଧା ଯୋଗେଇ ଦେଇ ପାରୁଛି । ଗୋଉନ୍ନୟନ, ଦୁଗ୍ଧ ଯୋଗାଣ, ଅଣ୍ଡା ଉତ୍ପାଦନ ଏବଂ ଏଗୁଡ଼ିକର ବିକ୍ରି ବ୍ୟବସ୍ଥା ପାଇଁ ସମବାୟ ସମିତି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ପାରିଛି । ଲଙ୍କ ସମବାୟ ସମିତି, ବୁଣାକାର ସମବାୟ ସମିତି ଭଳି କେତେକ ସମବାୟ ଅନୁଷ୍ଠାନ ଅବହେଳିତ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ କାମ କରି ଚାଲିଛି । ମହିଳାମାନଙ୍କ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ସେମାନଙ୍କର ଶିକ୍ଷା, ସଂସ୍କୃତିର ବିକାଶ ପାଇଁ ବିବିଧ ଉନ୍ନୟନମୂଳକ ବ୍ୟବସ୍ଥା ସମବାୟ ଅନୁଷ୍ଠାନ କରି ପାରୁଛି ।

ସହରାଞ୍ଚଳର କଳ କାରଖାନାରେ କାମ କରୁଥିବା ଶ୍ରମିକ, ଶିକ୍ଷାନୁଷ୍ଠାନ, ଅଫିସ୍‌ର କର୍ମଚାରୀଙ୍କ ସାମୟିକ ଆର୍ଥିକ ଅସୁବିଧା ଦୂର କରିବା ପାଇଁ କର୍ମଚାରୀଙ୍କ ଋଣଦାନ ସମିତି ସହଜ ସୂତ୍ରରେ ଋଣ ଯୋଗେଇ ଦେଇ ପାରୁଛି । ରିକ୍ସା ଚାଳକ, ଦର୍ଜି ପ୍ରଭୃତି ଶ୍ରମଜୀବି ସମବାୟ ସମିତି ଗଠନ କରି ନିଜ ନିଜ କ୍ଷେତ୍ରରେ ଅଗ୍ରସର ହେବାରେ ଲାଗିଛନ୍ତି । ପରିବହନ, ସ୍ୱାସ୍ଥ୍ୟ, କ୍ଷେତ୍ରରେ ମଧ୍ୟ ସମବାୟ ବିଶେଷ ଧ୍ୟାନର ସହିତ କାର୍ଯ୍ୟ ସଂପାଦନ କରି ପାରିଛି । ଗୋ-ପ୍ରଜନନ, ଗୋ ପାଳନ ସମବାୟ ସମିତି ପଶୁ ସଂପଦର ବିକାଶ ଘଟେଇ ପାରୁଛି । ଲେଖକ, କଳାକାର ପ୍ରଭୃତିଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସମବାୟ ଅନୁଷ୍ଠାନ ଲୋକ ଲୋଚନକୁ ଆଣି ପାରୁଛି ।

ସମବାୟ ଅନୁଷ୍ଠାନ ଏକ ଲାଭକାମୀ ଅନୁଷ୍ଠାନ ନୁହେଁ । ଏହା ଏକ ମାନବ ପ୍ରେମୀ ଅନୁଷ୍ଠାନ । ପ୍ରକୃତିର ବିଭିନ୍ନ ଉପାଦାନ ଯଥା—ଜଳ, ବାୟୁ, ଉତ୍ତାପ ଭଳି ସମବାୟ ଅନୁଷ୍ଠାନ ପ୍ରତ୍ୟେକଙ୍କର ନିଜସ୍ୱ । ଏହା ସାମ୍ୟ, ମୈତ୍ରିର ବାର୍ତ୍ତା ପ୍ରଚ୍ଚର କରି, ସାମାଜିକ ମର୍ଯ୍ୟାଦା, ଅର୍ଥନୈତିକ ସ୍ୱାଧୀନତା ପ୍ରତିଷ୍ଠା କରି ମନୁଷ୍ୟଙ୍କୁ ଉତ୍ତମ ରୂପେ ବସବାସ କରିବାରେ ସାହାଯ୍ୟ କରି ପାରିଛି । ସମବାୟ ଅନୁଷ୍ଠାନ ଅର୍ଥନୈତିକ ବୈଷମ୍ୟତାର ହ୍ରାସ କରି, ଏକଚାଟିଆ ବ୍ୟବସ୍ଥାର ଦୂରୀକରଣ କରି ଶ୍ରମିକ ଓ କୃଷକଙ୍କ ଦକ୍ଷତା ବଢ଼େଇ ପାରିଛି । ସମବାୟ ଅନୁଷ୍ଠାନଗୁଡ଼ିକ ବ୍ୟକ୍ତି ସ୍ୱାଧୀନତା ଘୋଷଣା କରି ଗ୍ରାମ୍ୟ ବିବାଦ, ଜୁଆ, ମଦ୍ୟପାନ, ବେଠି, ବ୍ୟକ୍ତି ପୂଜାର ଅବସାନ କରି ଦାୟିତ୍ୱ ସଂପନ୍ନ, ସାଧୁ, ସଚ୍ଚୋଟ ସୁନାଗରିକ ଗଢ଼ି ପାରିଛନ୍ତି । ସମବାୟ ଆଜି ଅଳସୁଆଙ୍କୁ ଉଦ୍ୟମୀ, ବଦ୍ ଖର୍ଚ୍ଚୁଙ୍କୁ ମିତବ୍ୟୟୀ, ଅମାୟିକଙ୍କୁ ଚତୁର, ମଦ୍ୟପଙ୍କୁ ଭଦ୍ର, ଭୀରୁଙ୍କୁ ସାହସୀ, ଅଶିକ୍ଷିତଙ୍କୁ ଶିକ୍ଷିତ, ବେକାରୀଙ୍କୁ ରୋଜଗାରୀ କରି ପାରିଛି ।

ଅର୍ଥନୀତି ବିଭାଗ,
ଗୁଣପୁର ମହାବିଦ୍ୟାଳୟ
ଗୁଣପୁର ।

# ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ

ଗତ ଜାନୁୟାରୀ ୨ତାରିଖରେ ସଚିବାଳୟଠାରେ ଶିକ୍ଷା ଓ ଯୁବ କଲ୍ୟାଣ ବିଭାଗମନ୍ତ୍ରୀ ଶ୍ରୀ ଗଂଗାଧର ମହାପାତ୍ରଂକ ଅଧ୍ୟକ୍ଷତାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ ଅଗ୍ରଗତି ସଂପର୍କରେ ଆଲୋଚନା କରିବାପାଇଁ ରାଜ୍ୟ-ସ୍ତରୀୟ ସବ୍-କମିଟିର ଦ୍ୱିତୀୟ ବୈଠକ ବସିଥିଲା । ଏହି ବୈଠକରେ ପରିବାର କଲ୍ୟାଣ, ପ୍ରାଥମିକ ଶିକ୍ଷାକେନ୍ଦ୍ର, ଯକ୍ଷ୍ମା ଓ କୁଷ୍ଠରୋଗର ନିରାକରଣ, ଅଂଧତ୍ୱ ଦୂରୀକରଣ ଏବଂ ମହିଳା ଓ ଶିଶୁମାନଂକର କଲ୍ୟାଣ ସଂପର୍କରେ ସବିଶେଷ ଆଲୋଚନା କରାଯାଇଥିଲା ।

ପରିବାର କଲ୍ୟାଣ ଅସ୍ତ୍ରୋପଚାର କ୍ଷେତ୍ରରେ ଆଶାନୁରୂପ ଅଗ୍ରଗତି ହୋଇଥିବାରୁ ସଭ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ । ୧୯୮୨-୮୩ରେ ଧାର୍ଯ୍ୟ ଲକ୍ଷ୍ୟ ୧·୭୪ ଲକ୍ଷ ଥିବା ସ୍ଥଳେ ମାର୍ଚ୍ଚ ୧୯୮୩ ସୁଦ୍ଧା ୧,୪୬,୬୯୩ ଜଣ ବ୍ୟକ୍ତି ପରିବାର କଲ୍ୟାଣପାଇଁ ଅସ୍ତ୍ରୋପଚାର କରିଥିଲେ । ପୂର୍ବ ବର୍ଷର ସଫଳତାକୁ ଆଖିଆଗରେ ରଖି ୧୯୮୩-୮୪ ଲାଗି ବଂଧ୍ୟାକରଣ ଓ ଆଇ. ୟୁ. ଡ଼ି. ପାଇଁ ଧାର୍ଯ୍ୟ ଲକ୍ଷ୍ୟକୁ ଯଥାକ୍ରମେ ୨·୩୮ ଲକ୍ଷ ଓ ୦·୭୬ ଲକ୍ଷ ରଖାଯାଇଛି । ଏହି ଧାର୍ଯ୍ୟ ଲକ୍ଷ୍ୟ ହାସଲ କରାଯାଇ ପାରିବ ବୋଲି ବୈଠକରେ ଆଶା ପୋଷଣ କରାଯାଇଥିଲା । ପରିବାର କଲ୍ୟାଣ ବ୍ୟବସ୍ଥାକୁ ଅଧିକ ଲୋକପ୍ରିୟ କରିବାପାଇଁ 'ଗ୍ରୀନକାର୍ଡ' ପ୍ରଚଳନର ବ୍ୟବସ୍ଥା କରାଯାଇଛି । ଚଳିତ ଷଷ୍ଠ ପଂଚବାର୍ଷିକ ଯୋଜନାକାଳରେ ୧୯୮୨-୮୩ରେ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ୩ଟି ଓ ଅଣ-ଆଦିବାସୀ ଅଂଚଳରେ ୩ଟି ପ୍ରାଥମିକ ଚିକିତ୍ସା କେଂଦ୍ର, ୩୭ଟି ଏସ୍. ଏଚ୍. ସି. ଓ ୭୦୦ଟି ସବ୍-ସେଂଟର ଖୋଲାଯାଇ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରାଯାଇଛି । ୧୯୮୩-୮୪ରେ ଅକ୍ଟୋବର ଶେଷ ସୁଦ୍ଧା ୭ଟିରୁ ୩ଟି ପି. ଏଚ୍. ସି. ଓ ୩୦ଟିରୁ ୨୭ଟି ଏସ୍. ଏଚ୍. ସି. ଖୋଲାଯାଇଛି । ବର୍ତ୍ତମାନ ସୁଦ୍ଧା ୧୮ନିୟୁତ ଲୋକଂକର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨,୮୫,୦୪୬ ଜଣ ରୋଗୀଂକୁ ଚିହ୍ନଟ କରାଯାଇଛି । ରୋଗମୁକ୍ତ କୁଷ୍ଠରୋଗୀଂକୁ ଥଇଥାନ କରିବାରେ ଜନସାଧାରଣଂକ ତରଫରୁ କେତେକ ପ୍ରତିବଂଧକ ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଉଥିବାରୁ ତାହାର ସମାଧାନପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଯକ୍ଷ୍ମାରୋଗୀମାନଂକୁ ଚିହ୍ନଟ କରିବାପାଇଁ ତାଲିମପ୍ରାପ୍ତ କର୍ମଚାରୀମାନଂକୁ ନିଯୁକ୍ତ କରାଯାଇଛି । ସେମାନେ ୧୯୮୨-୮୩ରେ ଧାର୍ଯ୍ୟ ଲକ୍ଷ୍ୟ ୩୦ ହଜାରରୁ ୨୨,୨୭୮ଜଣ ରୋଗୀଂକୁ ଚିହ୍ନଟ କରିଥିଲେ । ସମନ୍ୱିତ ଶିଶୁ ବିକାଶ ଯୋଜନା, ପ୍ରାଥମିକ ବିଦ୍ୟାଳୟମାନଂକୁ ପୁଷ୍ଟିକର ଖାଦ୍ୟ ଯୋଗାଣ, ନିରାଶ୍ରୟା ମହିଳାମାନଂକୁ ଧଂଦା-ମୂଳକ ତାଲିମ ଓ ଥଇଥାନ ଇତ୍ୟାଦି କାର୍ଯ୍ୟକ୍ରମଗୁଡ଼ିକ ସଂପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ଗୋଷ୍ଠୀଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରା ଓ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ୍, ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ, ବିଧାୟକ ଶ୍ରୀ ଜଗଦୀଶ ଜାନୀ, ମୁଖ୍ୟ ଶାସନ ସଚିବ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଂକ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ହରିଜନ ଓ ଆଦିବାସୀ କଲ୍ୟାଣ, ଗୋଷ୍ଠୀ ଉନ୍ନୟନ ଏବଂ ଯୋଜନା ଓ ସମନ୍ୱୟ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀମାନେ ଯୋଗ ଦେଇଥିଲେ ।

## STATEMENT ABOUT OWNERSHIP AND OTHER PARTICULARS ABOUT THE UTKAL PRASANGA

FORM IV

(*See* Rule 8)

| | | |
|---|---|---|
| 1. Place of Publication | .. | Bhubaneswar |
| 2. Periodicity of its publication | .. | Monthly |
| 3. Printer's name | .. | Shri D. K. Raut, for and on behalf of the Government of Orissa. |
| Nationality | .. | Indian |
| Address | .. | Director of Printing, Stationery and Publication, Orissa, Cuttack, Pin-753010. |
| 4. Publisher's name | .. | Shri F. B. Das, for and on behalf of Government of Orissa. |
| Nationality | .. | Indian |
| Address | .. | Director of Information and Public Relations and Addl. Secretary to Government of Orissa, Information and Public Relations Department, Bhubaneswar, Pin-751001. |
| 5. Chief Editor's name | .. | Shri Satyananda Champatiray |
| Nationality | .. | Indian |
| Address | .. | Chief Editor, Information and Public Relations Department, Government of Orissa, Bhubaneswar-751001. |
| 6. Editor's name | .. | Shri B. Raiguru |
| Nationality | .. | Indian |
| Address | .. | Editor, Information and Public Relations Department, Government of Orissa, Bhubaneswar-751001. |
| 7. Name and address of individuals who own newspaper and partners or shareholders holding more than one per cent of the total capital. | | Government of Orissa |

I, Shri F. B. Das, I. A. S., Director of Information and Public Relations and Additional Secretary to Government, Information and Public Relations Department hereby declare that the particulars given above are true to the best of my knowledge and belief.

F. B. DAS

Signature of Publisher

# ପ୍ରାଚୀନ ଭାରତରେ ଶିଳ୍ପ ସଂପର୍କ

ଶ୍ରୀ ମୁରଲି ଚଇନା

ପ୍ରାଚୀନ କାଳରେ ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ ମାଲିକ ଓ ଦାସର ସଂପର୍କ ଥିଲା । ଦୁଇ ହଜାର ବର୍ଷ ତଳେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଶିଳ୍ପ ବିବାଦ, ବେତନ ନିର୍ଦ୍ଧାରଣର ପ୍ରଣାଳୀ ତଥା ଶ୍ରମିକମାନଙ୍କର ଜୀବନଯାତ୍ରା ସଂପର୍କରେ ବର୍ଣ୍ଣନା ହୋଇଥିବାର ଆଭାସ ମିଳେ । ଆହୁରି ମଧ୍ୟ ସେହି ସମୟରେ ଶ୍ରମିକ ଓ ମାଲିକମାନଙ୍କର ସମସ୍ୟା କିପ୍ରକାର ଧବରେ ମଧ୍ୟସ୍ଥତା କରାଯାଉଥିଲା ତାର ମଧ୍ୟ ସେଥିରେ ସୂଚନା ଅଛି । ପୁଣି କୌଟିଲ୍ୟ ଅର୍ଥଶାସ୍ତ୍ରରେ ଦ୍ୱିତୀୟ ଅଧ୍ୟାୟରେ ଶ୍ରମ ଓ ଦାସତ୍ୱ ସଂପର୍କରେ ବିଶେଷ ଭାବେ ବର୍ଣ୍ଣିତ ହୋଇଅଛି । ପୁରାକାଳରେ ଆର୍ଯ୍ୟମାନେ ଆଦିବାସୀମାନଙ୍କୁ ଦାସ ରୂପେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଜାତି ଭେଦର ସୂତ୍ରପାତ କଲେ । ପୁନଶ୍ଚ ସେହି ସମୟରେ ମାଲିକ ଓ ଦାସମାନଙ୍କ ମଧ୍ୟରେ ଯେଉଁ ସଂପର୍କ ଥିଲା, ତାହା କୌଟିଲ୍ୟ ନିଜ ପୁସ୍ତକର ଗୋଟିଏ ସ୍ଥାନରେ ବର୍ଣ୍ଣନା କରି କହିଛନ୍ତି:—

'ସେ ସମୟରେ ମାଲିକ ଓ ଦାସମାନଙ୍କ ମଧ୍ୟରେ ସଂପର୍କ ଏକ ପ୍ରକାର ପ୍ରଗତିମୂଳକ ଥିଲା ଓ ଦାସମାନେ ନିୟମିତ ଭାବେ ତାଙ୍କର ଶ୍ରମ ପାଇଁ ବେତନ ପାଉଥିଲେ । ସେହି ସମୟରେ ଶିଳ୍ପୀ, ଶ୍ରମିକ, ବିଦୂଷକ, ଚିକିତ୍ସକ ତଥା ଅନ୍ୟ କାର୍ଯ୍ୟ କରୁଥିବା ଶ୍ରମିକମାନେ ତାଙ୍କର ଉଚିତ ବେତନ ପାଉଥିଲେ । ସେତେବେଳେ ଶ୍ରମିକମାନଙ୍କର ବେତନ ନୀତିନିୟମ ଉପରେ ନିର୍ଦ୍ଧାରିତ ହେଉଥିଲା ଏବଂ ବେଠିକଭାବେ କାମ କରୁଥିବା ଶ୍ରମିକମାନଙ୍କୁ ମାଲିକଙ୍କ ତରଫରୁ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଉଥିଲା । ଯଦି କୌଣସି ଶ୍ରମିକଦ୍ୱାରା ମାଲିକର କୌଣସି କାର୍ଯ୍ୟରେ ହାନି ହେଉଥିଲା, ତାହାହେଲେ ଅତିରିକ୍ତ ସମୟ କାର୍ଯ୍ୟ କରି ସେ କାର୍ଯ୍ୟଟିକୁ ଶ୍ରମିକ ପୂରା କରୁଥିଲା । ସେସମୟରେ ମାଲିକ, ଶ୍ରମିକମାନଙ୍କୁ କାମ ନ ଦେଲେ କିମ୍ବା ଶ୍ରମିକ ମାଲିକଙ୍କର ପ୍ରଦତ୍ତ କାମ ନ କଲେ, ଉଭୟଙ୍କୁ ଦଣ୍ଡ-ଦେବାର ମଧ୍ୟ ବ୍ୟବସ୍ଥା କରାଯାଉଥିଲା ।

ଯଦି ଶ୍ରମିକ କାମ କରୁଥିବା ସମୟରେ ମାଲିକ ତାକୁ ତାର ଅଧା କାମରେ ଅଟକାଇ ଦେଉଥିଲେ, ତାହା-ହେଲେ ସେ ଦିନକ ପାଇଁ ଶ୍ରମିକ ପୁରା ମଜୁରୀ ପାଉଥିଲା ଏବଂ ମାଲିକଙ୍କର ବିନା ଆଜ୍ଞାରେ ଯଦି ଶ୍ରମିକ ତାର କାର୍ଯ୍ୟ-ଅଧାରେ ଛାଡ଼ି ଚାଲିଯାଉଥିଲା, ତାହାହେଲେ ସେଥିପାଇଁ ଦଣ୍ଡ ପାଉଥିଲା । ସେହି ସମୟରେ ଶ୍ରମିକ ସଙ୍ଗଠନମାନ ମଧ୍ୟ ଥିଲା ଏବଂ ଶ୍ରମିକଙ୍କ ସ୍ୱାର୍ଥପାଇଁ ଏହି ସଙ୍ଗଠନ-ଗୁଡ଼ିକ ମଧ୍ୟ ଦୃଷ୍ଟି ଦେଉଥିଲେ । ଧର୍ମଘଟ ପାଇଁ ସେତେ-ବେଳେ ଦଣ୍ଡର ବ୍ୟବସ୍ଥା ଥିଲା । ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଯେ ପ୍ରାଚୀନ କାଳରେ ଭାରତବର୍ଷରେ ମଧ୍ୟ ଶିଳ୍ପ ସଂପର୍କ ବିଦ୍ୟମାନ ଥିଲା, କିନ୍ତୁ ଯେଉଁମାନେ ମତବ୍ୟକ୍ତ କରି କହନ୍ତି ଯେ ବ୍ରିଟିଶ ସରକାରଙ୍କ ସମୟରେ ଭାରତରେ ଶିଳ୍ପ ସଂପର୍କର ସୂତ୍ରପାତ ହୋଇଥିଲା, ତାହା ପ୍ରମାଦପୂର୍ଣ୍ଣ ।

## ମଧ୍ୟଯୁଗ

ପ୍ରାଚୀନ କାଳ ପରେ ଭାରତରେ ମଧ୍ୟକାଳ ଉପସ୍ଥିତ ହେଲା । ଏହି ସମୟରେ ମେଘାସ୍ଥିନିସ୍‌ଙ୍କଠାରୁ ଆରମ୍ଭ କରି ହୁଏନ୍‌ସାଂଙ୍କ ପର୍ଯ୍ୟନ୍ତ ଯେଉଁ ପର୍ଯ୍ୟଟନକାରୀ - ମାନେ ଭାରତବର୍ଷକୁ ଆସିଥିଲେ, ସେମାନେ ତାଙ୍କର ଟିପ୍ପଣୀରେ ଭାରତବର୍ଷର ବହୁ କଥା ଉଲ୍ଲେଖ କରିଛନ୍ତି । ସେମାନେ ମତବ୍ୟକ୍ତ କରି କହିଛନ୍ତି ଯେ, 'ଭାରତବର୍ଷର ସମସ୍ତ ବ୍ୟବସ୍ଥା ଉତ୍ତମ ଥିଲା ଓ ଭାରତବର୍ଷକୁ ବ୍ରିଟିଶ ଆକ୍ରମଣ କରିବା ଫଳରେ ଦେଶର ସମସ୍ତ ଉତ୍ତମ ବ୍ୟବସ୍ଥା ଭିନ୍ନ ଭିନ୍ନ ହେବାକୁ ଲାଗିଲା ଓ ବିଦେଶୀମାନେ ଭାରତକୁ ଲୁଟ୍ କରିବା ଆରମ୍ଭ କଲେ ।

ତା' ପରେ ଯେତେବେଳେ ବିଦେଶୀ ଆକ୍ରମଣ-କାରୀମାନେ ଦେଶରେ ତାଙ୍କର ଆସନ ଜମେଇ ବସିଲେ, ସେତେବେଳେ ଦେଶରେ ଧୀରେ ଧୀରେ ଶିଳ୍ପ ଓ ବେପାର ପ୍ରବୃତ୍ତିର ସୂତ୍ରପାତ ହେଲା ଏବଂ ଶ୍ରମିକମାନଙ୍କ ଜୀବନରେ ବହୁଳ ପରିବର୍ତ୍ତନ ଦେଖାଗଲା ।

ଆଗର ରାଜତ୍ୱକାଳରେ ଭାରତୀୟ ଶ୍ରମିକମାନେ ବିଶେଷଭାବେ ଅପମାନିତ ଓ ନିର୍ଯ୍ୟାତିତ ହୋଇଥିଲେ, ଯେହେତୁ ଏହି ସମୟରେ ଜାଗିରୀଦାରୀ ପ୍ରଥାର ସୂତ୍ରପାତ ହୋଇଥିଲା । କୃଷି ଶ୍ରମିକ ସଂଖ୍ୟା ଏହି ସମୟରେ ହ୍ରାସ ହେବାକୁ ଲାଗିଲା ଏବଂ ଦାସତ୍ୱଗିରି ବିଶେଷ ଭାବରେ ବୃଦ୍ଧି ପାଇଲା । ଶ୍ରମିକମାନେ କେବଳ ଜୀବନଧାରଣ-ପାଇଁ ବେତନ ପାଉଥିଲେ ଏବଂ ଏ ପ୍ରକାର ବେତନ ମଧ୍ୟ ସେମାନଙ୍କ ଗୁଜୁରାଣ ମେଣ୍ଟାଇ ପାରୁ ନଥିଲା ।

ମୋଗଲ ସାମ୍ରାଜ୍ୟ ଏକ ବିଶାଳ ସାମ୍ରାଜ୍ୟ ଥିଲା ଏବଂ ପ୍ରତ୍ୟେକ ସାମ୍ରାଜ୍ୟ କେତେଗୁଡ଼ିଏ ରାଜ୍ୟରେ ବିଭକ୍ତ ହୋଇଥିଲା ।

ସେତେବେଳେ ରାଜ୍ୟମାନଙ୍କରେ ବଡ଼ ବଡ଼ କାର-ଖାନାମାନ ଥିଲା ଏବଂ ଏହି କାରଖାନାମାନଙ୍କରେ ସମସ୍ତ ଭଳଧରଣର ଶିଳ୍ପୀମାନେ କାର୍ଯ୍ୟ କରୁଥିଲେ । ତେଣୁ

ଶ୍ରମିକମାନଙ୍କର ନିଯୁକ୍ତିରେ କୌଣସି ସ୍ୱତନ୍ତ୍ରତା ନଥିଲା । ମାଲିକମାନେ ଇଚ୍ଛାନୁସାରେ ଯୁଆଡ଼େ ପାରି ସିଆଡ଼େ ଶ୍ରମିକମାନଙ୍କୁ କାମ କରିବାକୁ ପଠାଉଥିଲେ । ସେ ସମୟରେ ଯେଉଁସବୁ ସାମଗ୍ରୀ ଶ୍ରମିକମାନେ ଉତ୍ପାଦନ କରୁଥିଲେ ସେ ସବୁକୁ ସମ୍ରାଟ, ତାଙ୍କର ପରିବାର, ସଭାସଦ୍‌ବର୍ଗ ଉପଭୋଗ କରୁଥିଲେ । ସେତେବେଳେ କାରଖାନା କର୍ତ୍ତା ତଥା ବ୍ୟବସାୟୀମାନଙ୍କ ଦ୍ୱାରା ଶ୍ରମିକମାନେ ଶୋଷିତ ଓ ନିପୀଡ଼ିତ ହେଉଥିଲେ । ଶ୍ରମିକମାନଙ୍କର କୌଣସି ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ରତା ବା ଶକ୍ତି ନଥିଲା । ତେଣୁ ସେ ଅନାହାରରେ ତା'ର ସମୟ କଟାଉବାକୁ ବାଧ୍ୟ ହେଉଥିଲା । ଏହି ସମୟରେ ଶ୍ରମିକମାନଙ୍କର କାର୍ଯ୍ୟ କରିବାରେ ଶକ୍ତି ବିଶେଷ ହ୍ରାସପାଉଥିଲା । ଆକବରଙ୍କ କବର ଉପରେ ଖୋଦିତ ହୋଇଥିବା ଏକ ଲେଖାରୁ ଅନୁମିତ ହୁଏ,—"ଏହି ଭବନ ଚଉଦ ବର୍ଷରେ ନିର୍ମିତ ହୋଇଛି ।"

ପ୍ରଥମେ ଅନୁମାନ କରାଯାଉଥିଲା ଯେ ଏହାର ଆବଶ୍ୟକୀୟ ବସ୍ତୁ ଏବଂ ଫାଟକ ଓ କାଛର ସାଜସଜ୍ଜା ପାଇଁ ଆହୁରି ସାତ ବର୍ଷ ଲାଗିବ । ଏଥିରେ ୩ ହଜାର ବ୍ୟକ୍ତି ପ୍ରତ୍ୟହ କାର୍ଯ୍ୟ କରୁଥିଲେ ।

## ଆଧୁନିକ କାଳ

ପଲାସୀଯୁଦ୍ଧର ଅବସାନ ପରେ ପରେ ଭାରତର ମଧ୍ୟକାଳୀନ ଯୁଗ ଆଧୁନିକ ଯୁଗକୁ ପରିବର୍ତ୍ତନ ହେଲା । ଏହାର କିଛି ବର୍ଷ ପରେ ଇଂଲଣ୍ଡରେ ଶିଳ୍ପ କ୍ରାନ୍ତିର ସୂତ୍ରପାତ ହେଲା । ଭାରତରେ ମଧ୍ୟ ଏହି ସମୟରେ ଶିଳ୍ପମାନ ଆରମ୍ଭ ହେବାକୁ ଲାଗିଲା । ଭାରତରେ ଘ ଓ ନୀଳ ବେପାରର ସୂତ୍ରପାତ ହେଲା ଓ ଏ ସମୟକୁ ବାଷ୍ପ ଶକ୍ତିର ଆବିଷ୍କାର ହୋଇ ନ ଥିଲା । ପଶ୍ଚିମ ବଙ୍ଗଳା, ଦାର୍ଜିଲିଂ ତଥା ଆସାମରେ ଘ ଶିଳ୍ପମାନ ସୂତ୍ରପାତ ଯୋଗୁଁ ଶ୍ରମିକମାନଙ୍କର ଅଧିକ ଆବଶ୍ୟକତା ପଡ଼ିଲା । ସ୍ଥାନୀୟ ଶ୍ରମିକମାନେ ଏସବୁ କାର୍ଯ୍ୟ କରିବାକୁ ଇଚ୍ଛା କରୁ ନ ଥିଲେ ; ତେଣୁ ଶ୍ରମିକମାନଙ୍କୁ ବାହାରୁ ଆଣିବାର ବ୍ୟବସ୍ଥା ହେଲା ଏବଂ ଏଥିପାଇଁ ଘ ବେପାରୀଙ୍କ ହିତପାଇଁ ଦୁଇଟି ଅଧିନିୟମ ପ୍ରସ୍ତୁତ କରାଗଲା । ଏହି ଅଧିନିୟମ ଅନୁଯାୟୀ ମାଜିଷ୍ଟ୍ରେଟମାନଙ୍କୁ ଅଧିକାର ଦିଆଗଲା ଯେ, ଯଦି କୌଣସି ଶ୍ରମିକ ତାର କାର୍ଯ୍ୟ ଠିକଣା ଭାବେ ପୂରା ନ କରିବ, ସେମାନେ ତାହାହେଲେ ଶ୍ରମିକଠାରୁ ସେହି କାମ ପାଇଁ ଯେତିକି ଖର୍ଚ୍ଚ ହୋଇଛି, ତାହା ଆଦାୟ କରିବେ । ଏବଂ ଶ୍ରମିକ ତିନିମାସ ପାଇଁ କାରାଦଣ୍ଡ ଭୋଗ କରିବ । ତେଣୁ ସେତେବେଳକାର ପ୍ରସ୍ତୁତ ହୋଇଥିବା ଅଧିନିୟମରୁ ସ୍ପଷ୍ଟ ଅନୁମେୟ ଯେ ଶ୍ରମିକମାନଙ୍କ ପାଇଁ କାହାରି କୌଣସି ସହାନୁଭୂତି ନ ଥିଲା । ବାଷ୍ପ ଶକ୍ତିର ଆବିଷ୍କାର ହେବା ପରେ ଭାରତରେ କାର୍ପାସ ଓ ଛୋଟ ଶିଳ୍ପମାନ ଦ୍ରୁତଗତିରେ ଆରମ୍ଭ କରାଗଲା । ଇଷ୍ଟଇଣ୍ଡିଆ କମ୍ପାନୀର ଆରମ୍ଭ କାଳରେ ବି ଭାରତବର୍ଷରେ କାର୍ପାସ ଏକ ସଙ୍ଗୋଉ ଶିଳ୍ପ ରୂପେ ଅବସ୍ଥିତ ଥିଲା । ଜାପାନ ଏବଂ ଇଙ୍ଗଲଣ୍ଡ ପରିକଳ୍ପନା କରୁଥିଲେ ଯେ, ସେମାନେ ଭାରତରେ ନିଜ ନିଜର କାର୍ପାସ ଶିଳ୍ପ ପ୍ରତିଷ୍ଠାର ଜାଲ ବିଛାଇ ଭାରତୀୟ କାର୍ପାସ ଶିଳ୍ପକୁ ନଷ୍ଟ କରିବେ କିନ୍ତୁ ସେମାନଙ୍କର ଏ ପ୍ରକାର ପରିକଳ୍ପନା ବିଫଳ ହେଲା । କାରଣ ସେହି ସମୟଠାରୁ ଊନବିଂଶ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ବମ୍ବେ, ଅହମଦାବାଦ, ସୋଲାପୁର ତଥା କଲିକତା ପ୍ରଭୃତି ବଡ଼ ବଡ଼ ସହରମାନଙ୍କରେ ଲୁଗାକଳମାନ ମୁଣ୍ଡଟେକି ଉଠିଲା । ପ୍ରଥମ ମହାଯୁଦ୍ଧ ପରେ ପରେ କାର୍ପାସ ଶିଳ୍ପର ବିଶେଷ ବୃଦ୍ଧି ପରିଲକ୍ଷିତ ହେଲା କିନ୍ତୁ ଶିଳ୍ପ ବୃଦ୍ଧି ତୁଳନାରେ ଶ୍ରମିକ ସମାଜର ଅଭିବୃଦ୍ଧି ହେଲା ନାହିଁ । ଶ୍ରମିକ ସଙ୍ଗଠନର ସଂଖ୍ୟା ସେ ସମୟରେ ଖୁବ୍ କମ୍ ଥିଲା । ଏହି କମ୍ ହେବାର ଦୁଇଟି ମୁଖ୍ୟ କାରଣ ଥିଲା । (୧) ସେହି ସମୟରେ ଇଂରେଜମାନେ ଭାରତୀୟ ରାଷ୍ଟ୍ରୀୟ ଏକତାକୁ ଆଦୌ ପସନ୍ଦ କରୁ ନ ଥିଲେ । (୨) ଯେଉଁ ବଡ଼ ବଡ଼ ସହରମାନଙ୍କରେ ଶ୍ରମିକମାନେ ବହୁ ସଂଖ୍ୟାରେ ବସବାସ କରୁଥିଲେ ସେଠାରେ ସେମାନଙ୍କ ମଧ୍ୟରେ ଏକତାର ଅଭାବ ଥିଲା । କାରଣ ଶ୍ରମିକମାନେ ଗୋଟିଏ ନଗରରେ କେବଳ ବସବାସ କରୁ ନ ଥିଲେ । ପୁଣି ଦୂର ଦୂରାନ୍ତ ନଗରମାନଙ୍କରେ ସେମାନଙ୍କୁ ନୌକରୀ କରିବାକୁ ପଡୁଥିଲା । ତେଣୁ ଭିନ୍ନ ଭିନ୍ନ ପ୍ରାନ୍ତରେ ବାସ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଭାଷାର ପ୍ରଚଳନ ତଥା ବିଭିନ୍ନ ବେଶଭୂଷା ଓ ଜାତିପ୍ରଥା ଯୋଗୁଁ ଶ୍ରମିକ ସମାଜର ଏକତା ଆଣିବାରେ ବିଶେଷ ବାଧା ସୃଷ୍ଟି କରୁଥିଲା । ତେଣୁ ମୋଟାମୋଟି ଭାବରେ କହିଲେ କୁହାଯିବ ଯେ, ଶ୍ରମିକମାନଙ୍କର କାର୍ଯ୍ୟ କରିବାର ପରିସର ଅତ୍ୟନ୍ତ ଅସନ୍ତୋଷଜନକ ଥିଲା । ସେତେବେଳେ କାର୍ଯ୍ୟର କୌଣସି ନିର୍ଦ୍ଦିଷ୍ଟ ସମୟ ନଥିଲା । କାର୍ଯ୍ୟ ଘଣ୍ଟାଠାରୁ ଶ୍ରମିକମାନେ ଅଧିକା ସମୟ କାର୍ଯ୍ୟ କରୁଥିଲେ ।

## ଆଧୁନିକ ଭାରତୀୟ ଶ୍ରମିକବର୍ଗ

ଊନବିଂଶ ଶତାବ୍ଦୀରେ ଆଧୁନିକ ଭାରତୀୟ ଶ୍ରମିକ ବର୍ଗର ଶୁଭାରମ୍ଭ ହେଲା । ଆସ୍ତେ ଆସ୍ତେ ଭାରତବର୍ଷରେ ବୃହତ୍ ଆକାରରେ ଶିଳ୍ପମାନ ଆରମ୍ଭ ହେବାକୁ ଲାଗିଲା । ଇଂରେଜମାନଙ୍କ ରାଜତ୍ୱ ଆସିଲା । ସାମାଜିକ ଜୀବନର ରୂପ ବଦଳିଗଲା ଓ ସମାଜର ରୂପରେଖ ପୁଞ୍ଜିବାଦୀ ଦ୍ୱାରାରେ ଗଢ଼ାଗଲା । ସେତେବେଳେ ଇଂରେଜ ତଥା ଭାରତୀୟ ଶିଳ୍ପପତିମାନଙ୍କର ଉଦ୍ଦେଶ୍ୟ ହେଲା କିପରି ଶୀଘ୍ର ଲାଭବାନ ହେବେ । ତେଣୁ ଏ ପରିସ୍ଥିତିରେ ଶ୍ରମିକମାନଙ୍କର ସୁବିଧା ସୁଯୋଗ ପ୍ରତି କୌଣସି ଧ୍ୟାନ ଦିଆଗଲା ନାହିଁ । ସେହି ସମୟରେ ଶ୍ରମିକମାନଙ୍କର ରହିବାର କୌଣସି ସୁବିଧା ମଧ୍ୟ ନ ଥିଲା ଓ ରୋଜଗାର ମଧ୍ୟ ଖୁବ୍ କମ୍ ଥିଲା । ଗାଁମାନଙ୍କରୁ ବହୁଳ ସଂଖ୍ୟାରେ ଶ୍ରମିକମାନେ ନଗରାଭିମୁଖୀ ହେଉଥିବାରୁ ସେମାନଙ୍କର ନିଜ ନିଜର ଆର୍ଥିକ ଓ ସାମାଜିକ ସମସ୍ୟାମାନ ମଧ୍ୟ ଉତ୍କଟ ଭାବେ

ଦେଖାଦେଲା । ଏହି ସମୟରେ ମଧ୍ୟ ଶ୍ରମିକମାନଙ୍କର ଜୀବନଯାପନର ମାନ ହ୍ରାସ ପାଇବାକୁ ଲାଗିଲା । ତେଣୁ ଶ୍ରମିକମାନଙ୍କର ଜୀବନଯାପନ ସ୍ତରର ଅଭିବୃଦ୍ଧି ନିମନ୍ତେ ଆବଶ୍ୟକତା ଅନୁଭବ କରାଗଲା । ସେହି ସମୟରେ ଜଣେ ଫାକ୍ଟ୍ରୀ କମିଶନ ନିଯୁକ୍ତ ହେଲେ ଓ ଫାକ୍ଟ୍ରୀ କମିଶନଙ୍କ ସପକ୍ଷରେ ୧୯୩୪ ମସିହାରେ ଲେଖଣ୍ଡଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳକୁ ଉପସ୍ଥାପିତ କରାଗଲା । ତା'ପରେ ଦେଶରେ ସର୍ବ ପ୍ରଥମେ ବମ୍ବେ ମିଲ ହ୍ୟାଣ୍ଡ୍ ଆସୋସିଏସନ୍ ନାମରେ ଏକ ସଂଘର ସୂତ୍ରପାତ ହେଲା । ପରେ ପରେ ଦେଶର ସର୍ବତ୍ର ସଂଘମାନ ବିସ୍ତାରିତ ହେବାକୁ ଲାଗିଲା । ତତ୍‌ପରେ ମାଡ୍ରାସ ହାଇକୋର୍ଟ ବର୍କିମ୍‌ହାମ ମିଲର ବିବାଦ ସମ୍ପର୍କରେ ମାଡ୍ରାଜ ୟୁନିୟନର କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଶ୍ରମିକମାନଙ୍କୁ ତାଙ୍କର ବେତନ ବଢ଼ାଇବା ସମ୍ପର୍କରେ ସେମାନେ ଯେପରି କୌଣସି ହରତାଳ ପାଇଁ ବାଧ୍ୟ ନ କରନ୍ତି । ଏହି ନିର୍ଦ୍ଦେଶ ଦ୍ୱାରା ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହୋଇଥିଲା ଏବଂ ସେହି ସମୟରେ ଏହା ଚିନ୍ତା କରାଯାଇଥିଲା କି ଏପରି ଏକ ନିୟମ ହେବା ଆବଶ୍ୟକ, ଯେଉଁଥିରେକି ଶ୍ରମିକମାନେ ଆପଣାର ଉଚିତ୍ ଦାବୀ ଉପରେ ହରତାଳ କରିପାରିବେ । କିଛିଦିନ ପରେ ଏହାର ସୂଚନା ଆନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନ ଦ୍ୱାରା ସ୍ୱୀକାର କରାଗଲା ।

ଏହିପରି ଭାବରେ ଶିଳ୍ପୀକରଣର କିଛିଦିନ ପରେ ଶ୍ରମିକମାନଙ୍କ ମଧ୍ୟରେ ନବ ଜାଗରଣ ଦେଖାଗଲା ।

---

ଲେବର କମିଶନର ଅଫିସ୍
ଭୁବନେଶ୍ୱର ।

# ଘିଅ ବ୍ୟବସାୟ ଆଦେଶନାମା

୬-୧୨-୮୩ ତାରିଖରେ ଭାରତ ସରକାର ଘି (ରେଜିଷ୍ଟ୍ରେସନ୍ ଅଫ୍ ଡିଲରସ ଆଣ୍ଡ ଡିକ୍ଲାରେସନ୍ ଅଫ୍ ଷ୍ଟକ୍‌ସ) ଅର୍ଡର, ୧୯୮୩ ନାମକ ଏକ ଆଦେଶନାମା ଜାରୀ କରିଛନ୍ତି । ଏହି ଆଦେଶନାମା ଅନୁଯାୟୀ ଗତ ଡିସେମ୍ବର ମାସ ୬ ତାରିଖଠାରୁ ୩୦ ଦିନପରେ, ଅର୍ଥାତ୍ ୫-୧-୧୯୮୪ ତାରିଖଠାରୁ ଏକ ହଜାର କିଲୋଗ୍ରାମ୍‌ରୁ ଅଧିକ ଘି କାରବାର କରୁଥିବା ବ୍ୟବସାୟୀମାନେ ସେମାନଙ୍କର ନାମ ଘି ବ୍ୟବସାୟୀ ଭାବରେ ରେଜିଷ୍ଟ୍ରୀକରଣ କରିବାକୁ ବାଧ୍ୟ ହେବେ । ତଦନୁଯାୟୀ ୩-୧-୧୯୮୪ ତାରିଖରୁ ରାଜ୍ୟ ସରକାର ଓଡ଼ିଶା ଘି ରେଜିଷ୍ଟ୍ରେସନ୍ ଅଫ୍ ଡିଲର୍‌ସ ଆଣ୍ଡ୍ ଡିକ୍ଲାରେସନ୍ ଅଫ୍ ଷ୍ଟକ୍‌ସ) ଅର୍ଡର, ୧୯୮୪ ନାମକ ଏକ ଆଦେଶନାମା ମଧ୍ୟ ଜାରୀ କରିଛନ୍ତି । ଉକ୍ତ ଅର୍ଡରର ୩ଧାରା ଅନୁଯାୟୀ ୫-୧-୧୯୮୪ ତାରିଖଠାରୁ ଏକ ହଜାର କିଲୋଗ୍ରାମରୁ ଅଧିକ ଘି କାରବାର କରୁଥିବା ଦଲାଲ (ବ୍ରୋକର), କମିଶନ୍ ଏଜେଣ୍ଟ, ଘି ଉତ୍ପାଦନକାରୀ ଏବଂ ପଣ୍ୟାଗାର ରକ୍ଷକଙ୍କ ସମେତ କୌଣସି ବ୍ୟବସାୟୀ ରେଜିଷ୍ଟ୍ରୀକରଣ ନକରି ଘି ବ୍ୟବସାୟକଲେ, ଅତ୍ୟାବଶ୍ୟକୀୟ ପଦାର୍ଥ ଆଇନ୍, ୧୯୫୫ର ୭ଧାରା ଅନୁଯାୟୀ ଦଣ୍ଡନୀୟ ହେବେ । ଘି ବ୍ୟବସାୟୀମାନଙ୍କର ରେଜିଷ୍ଟ୍ରୀକରଣ କରିବା ଏବଂ ସେମାନଙ୍କୁ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ପ୍ରଦାନ କରିବାପାଇଁ ଜିଲ୍ଲା କଲେକ୍ଟରମାନଙ୍କୁ କ୍ଷମତା ଦିଆଯାଇଛି ।

---

# ବନ୍ଦୀମାନଙ୍କର ସାମାଜିକ ଦୃଷ୍ଟିକୋଣ

ଶ୍ରୀ ଉଦୟନାଥ ରଥ

ବନ୍ଦୀମାନଙ୍କର ନାଁ ଶୁଣିଲାମାତ୍ରେ କେହିକେହି ନାସା-କୁଞ୍ଚନ କରନ୍ତି, କେହି କେହି ବିଦ୍ରୁପ ଭାଷା ପ୍ରୟୋଗ କରି ନିଜ ନିଜର ମନ୍ତବ୍ୟ ଦେଇ ଥାଆନ୍ତି । କେତେକ ଅଛନ୍ତି ଯେଉଁମାନେ ଅଶ୍ଳୀଳ ଭାଷାରେ ତିରସ୍କାର କରି ଗଳ୍ପ କହିବାକୁ ଭଲପାଆନ୍ତି । ଯେଉଁମାନେ ବନ୍ଦୀମାନଙ୍କ ଦ୍ୱାରା ଅଧିକ ନିର୍ଯ୍ୟାତିତ ହୋଇ ଧନ ଜୀବନ ହରେଇ ହତାଶ ହୋଇଥାନ୍ତି ସେମାନେ ମଡ଼ା ଉପରେ ଖୋରଡ଼ା ମାଡ଼ପରି ସେମାନଙ୍କ ଉପରେ ଅଧିକ ଅମାନୁଷିକ ଅତ୍ୟାଚାର ଉଚିତ ମଣନ୍ତି । ତା ପୂର୍ବରୁ ସେମାନେ ଚିନ୍ତାକରିବା ଦରକାର ଯେ ବନ୍ଦିମାନେ ଆମ୍ଭମାନଙ୍କପରି ସାମାଜିକ ପ୍ରାଣୀ । କୌଣସି କାରଣ ବଶତଃ ଦୁଷ୍କର୍ମକରି ଆଜି ବନ୍ଦୀଶାଳାରେ ପଡ଼ିଛନ୍ତି । ଆମ୍ଭେ-ମାନେ ଯେ ଦୁଷ୍କର୍ମ କରିବାରୁ ବଞ୍ଚିତ ତା ନୁହେଁ । Every-body is a criminal in society. ତାହା କେବଳ ଦୋଷର ଗୁରୁତା ଓ ଲଘୁତା ଉପରେ ଜୋର ଦିଆଯାଇ ବିଚାର କରାଯାଇଥାଏ । ଆମ୍ଭେମାନେ ସେଥିରୁ ମୁକ୍ତ ଏବଂ ସେମାନେ ଗୁରୁ ଦୋଷରେ ଦୋଷୀ ସାବ୍ୟସ୍ତ ହୋଇ ନିର୍ଦ୍ଦିଷ୍ଟ କାଳପାଇଁ କାରାରୁଦ୍ଧ । ବନ୍ଦୀଶାଳାକୁ ଗୋଟିଏ ପରିବାର ସହିତ ତୁଳନା କରାଯାଇ ପାରେ । ଗୋଟିଏ ପରିବାର ଭିତରେ ସମସ୍ତ ସନ୍ତାନ ସନ୍ତତି ଭଲ ହୋଇ ନପାରନ୍ତି । ତା ଭିତରେ ସମସ୍ତେ ଯେ ଭଲ କାମକରନ୍ତି ତା ବି ନୁହେଁ । ବେଳେବେଳେ ସେମାନଙ୍କ ମଧ୍ୟରେ ମନ୍ଦକାର୍ଯ୍ୟ ମଧ୍ୟ ଦେଖାଯାଇଥାଏ । ଏପରି ମନ୍ଦକାର୍ଯ୍ୟ ଯେ ତାହା ଅକ୍ଷମଣୀୟ ପରି ସାମୟିକ ଗୃହସ୍ଥଙ୍କ ଦ୍ୱାରା ପରିଲକ୍ଷିତ ହୋଇଥାଏ । ତାହା ପ୍ରକାଶ ନକରି ପିତାମାତା ସନ୍ତାନକୁ ଦଣ୍ଡଦେଇ, ବିଭିନ୍ନ ପ୍ରକାର ଉପଦେଶମୂଳକ କଥାକହି ଓ ସାଇପଡ଼ିଶାର ଉଦାହରଣ ଦେଇ ସତପଥକୁ ଆଣିଥାନ୍ତି । ଏ ପ୍ରକାର ଦୃଷ୍ଟାନ୍ତ କୌଣସି ଗୃହସ୍ଥଙ୍କ ପକ୍ଷେ ବିରଳ ନୁହେଁ । ପାରିବାରିକ ଜୀବନରେ ଅନେକ ବହୁତେ ଏ ସବୁ ଅଙ୍ଗେ ନିଭେଇବାକୁ ହୋଇଥାଏ । ବନ୍ଦୀଶାଳାରେ ଯେଉଁମାନେ ଅଛନ୍ତି ସେମାନେ ଅନ୍ୟ ପରିବାରର, କିନ୍ତୁ ଆମ ସମାଜର । ସେମାନଙ୍କର କୁମନୋବୃତ୍ତିକୁ ସୁପରିବର୍ତ୍ତିତ କରି ସାମାଜିକ ଦୃଷ୍ଟିକୋଣ ସୃଷ୍ଟିକରିବା ବନ୍ଦୀଶାଳାର ପ୍ରାଥମିକ ଲକ୍ଷ୍ୟ । ବନ୍ଦୀଶାଳା କୁମ୍ଭାରର ଚକ । କୁମ୍ଭାର ଚକରେ ସାଧାରଣତଃ ହାଣ୍ଡି, ମାଠିଆ, ସଢ଼ି, ବଢ଼ା, ସରା ଓ ସୁରେଇ ଇତ୍ୟାଦି ଗଢ଼ାଯାଇ ପୋଡ଼ାହୁଏ । ପୋଡ଼ିବା ଅବସ୍ଥାରେ ତାପର ଅଗ୍ନି ର ଦୋଷଯୋଗୁ କେତେକ କଞ୍ଚା ରହିଯାଏ, କେତେକ ଅତ୍ୟଧିକ ପୋଡ଼ି ବଙ୍କାଟଙ୍କା ହୋଇଯାଏ ଓ କେତେକ ସମତାପ ପାଇ ବ୍ୟବହାର ଉପଯୋଗୀ ହୁଏ । ବନ୍ଦୀଶାଳାରେ ବନ୍ଦୀ ଭାଇମାନଙ୍କୁ ସଦୁପଦେଶ, ସୁବ୍ୟବହାର ଓ ଶିକ୍ଷା-ଜନିତ ତାପ ଦ୍ୱାରା କର୍ମାଭିମୁଖୀ କରିବାକୁ ପଡ଼ିଥାଏ ।

ସେମାନଙ୍କ ମଧ୍ୟରୁ ଯେଉଁମାନେ ଦୀର୍ଘଦିନ ଧରି କୁପଥର ପଥିକ ସେମାନେ ଅପରିବର୍ତ୍ତନୀୟ ଭାବେ ରହିଯାଆନ୍ତି ଓ ଦଣ୍ଡବିଧି ଅନୁଯାୟୀ ଦଣ୍ଡିତ ହୋଇ ସେମାନଙ୍କୁ ମୁହୁର୍ମୁହୁ ବନ୍ଦୀ ହେବାକୁ ପଡ଼ିଥାଏ । କେତେକଙ୍କୁ ମଧ୍ୟ ବନ୍ଦୀଶାଳାରେ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ପଡ଼ିଥାଏ ।

ବନ୍ଦୀମାନଙ୍କର ଜୀବନକୁ ସାଧାରଣତଃ ସେମାନଙ୍କ ଭବିଷ୍ୟତ ଜୀବନଯାପନକୁ ଆଖିଆଗରେ ରଖି ଶିକ୍ଷା ଦିଆଯାଏ । ସେମାନେ କୌଣସି ଧନ୍ଦାଦ୍ୱାରା ନିଜେ ଉପକୃତ ହେବା ସଙ୍ଗେ ସଙ୍ଗେ କିପରି ସମାଜର କଲ୍ୟାଣ ସାଧିତ ହେବ ଏହା ତାତ୍ତ୍ୱିକ ପରିକଳ୍ପନା । ସେହି ଦୃଷ୍ଟିରୁ ସେମାନଙ୍କୁ ଧନ୍ଦାମୂଳକ ଶିକ୍ଷା ଦିଆଯାଏ । ବନ୍ଦୀଶାଳାର ହସ୍ତ ଶିଳ୍ପ ଏ ଦିଗରେ ଉଲ୍ଲେଖନୀୟ । ବନ୍ଦୀମାନଙ୍କୁ ବଢ଼େଇକାମ, ସିଲେଇ କାମ, ଲୁଗାପଟା ବୁଣାବୁଣି, ନଡ଼ିଆ କତାର ହସ୍ତଶିଳ୍ପ, ବହି ବନ୍ଧେଇ ଓ ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପର ଶିକ୍ଷା ଦିଆଯାଏ । ବନ୍ଦୀ ଖଲାସ ହେଲାପରେ ଏକ ନିର୍ଦ୍ଦିଷ୍ଟ କାମଦ୍ୱାରା ଜୀବିକା ନିର୍ବାହ କରିବା,ଏହାହିଁ ଏ ଶିକ୍ଷାର ଅଗ୍ରଦୃଷ୍ଟି । ସେଥିପାଇଁ ଲାଭ ବା କ୍ଷତି ପ୍ରତି ନଜର ଦିଆନଯାଇ ଲୋକଙ୍କୁ ତାଲିମ ଦେବାର ତାଲିମପ୍ରାପ୍ତ ଶିକ୍ଷକମାନେ ସଜାଗ ହୋଇ ଥାଆନ୍ତି । ଦ୍ୱିତୀୟ ସୁଯୋଗ ଯେ ଲୋକମାନେ ଅତି ସୁଲଭ ମୂଲ୍ୟରେ ମଜବୁତ ଜିନିଷ ସୁଯୋଗ ପାଇଥାଆନ୍ତି ; ହସ୍ତ ଶିଳ୍ପର ପ୍ରଚାର କେବଳ ଯେ ବିକ୍ରିଦ୍ୱାରା ହୁଏ ତା ନୁହେଁ । ଏହାର ବ୍ୟାପକ ପ୍ରଚାର ପାଇଁ କଟକ ବନ୍ଦୀଶାଳା ନିକଟରେ ଏକ ବିକ୍ରୟକେନ୍ଦ୍ର ଖୋଲା ଯାଇଛି ଯେଉଁଥିରେ କି ବନ୍ଦୀମାନଙ୍କ ଦ୍ୱାରା ହସ୍ତ ନିର୍ମିତ ସମସ୍ତ ଜିନିଷ ବିକ୍ରୟ ହୁଏ ।

ବନ୍ଦୀମାନଙ୍କ ସାମାଜିକ ଜୀବନକୁ ଉନ୍ନତ କରିବା ପାଇଁ ବନ୍ଦୀର ବନ୍ଦୀ ଜୀବନରେ ଶିକ୍ଷାର ଅଭିବୃଦ୍ଧି ଘଟାଯାଏ । ଏପରିକି ପ୍ରତ୍ୟେକ ନିରକ୍ଷର ଅତି ଉଚ୍ଚ ଶିକ୍ଷିତ ନହେଲେ ମଧ୍ୟ ସାକ୍ଷର ହୁଅନ୍ତି । ନିଜର ମନୋଭାବ ପ୍ରକାଶ କରି ବନ୍ଧୁ ବାନ୍ଧବଙ୍କ ନିକଟକୁ ପତ୍ରାଳାପ କରିବାକୁ ସମର୍ଥ ହୋଇ ପାରନ୍ତି । ପ୍ରତ୍ୟେକ ବନ୍ଦୀଶାଳାର ପୁସ୍ତକାଳୟ ଧର୍ମ ପୁସ୍ତକର ସମାବେଶ । କେହି କେହି ଭାଗବତ, ରାମାୟଣ, ମହାଭାରତ ଓ ଗୀତା ପଢ଼ି ଦୁର୍ଜ୍ଜୟ ମନକୁ ଆୟତ୍ତକରି ସରଳ ହୋଇ ଉଠନ୍ତି । ପୂର୍ବରୁ ଏମାନେ ସମାଜର ହେୟ ଚକ୍ଷୁରେ ଥାଆନ୍ତି । ଖଲାସ ପରେ କେତେକ ଗାଁ ଗହଳରେ ପୁରାଣାଦି ପଢ଼ି ଲୋକପ୍ରିୟତା ଅର୍ଜନକରି ମଧୁମୟ ଜୀବନ ଯାପନ କରନ୍ତି ।

ବନ୍ଦୀମାନଙ୍କ ମଧ୍ୟରେ ପ୍ରାୟ ଅଧିକାଂଶ କୃଷିଜୀବି । ତେଣୁ ବାଡ଼ି ବଗିଚ୍ଚା କାର୍ଯ୍ୟ ବୈଜ୍ଞାନିକ ଉପାୟରେ ଶିକ୍ଷା

ଦିଆଯାଏ । ଖୁଷ ପ୍ରଣାଳୀର ଅଭିବୃଦ୍ଧି ପାଇଁ କୃଷି ବିଭାଗର ବିଶେଷଜ୍ଞମାନଙ୍କର ସାହାଯ୍ୟ ନିଆଯାଏ । ବୀଜବପନ, ଜଳସେଚନ, ସାରପ୍ରୟୋଗ ଓ ଗଛର ହେପାଜତ ବିଷୟରେ ସେମାନଙ୍କୁ ଶିକ୍ଷା ଦିଆଯାଏ । ଏପରିକି ଯେଉଁମାନେ ଭୂମି-ହୀନ ସେମାନେ ପରର କାର୍ଯ୍ୟକରି ବୈଜ୍ଞାନିକ କୃଷିପ୍ରଣାଳୀ ଦ୍ୱାରା ଅଧିକ ଧନ ରୋଜଗାର କରନ୍ତି । ବନ୍ଦୀମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ଅଭିନବ ପଦ୍ଧତି । ସେମାନଙ୍କର ନିଷ୍ପେଷିତ ମନକୁ ବିକଶିତ କରିବା ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ନୂତନ କୌଶଳ କହିଲେ ଅତ୍ୟୁକ୍ତି ହେବନାହିଁ । ସେମାନଙ୍କର ମନୋରଞ୍ଜନ ପାଇଁ ଆବଶ୍ୟକୀୟ ବାଦ୍ୟଯନ୍ତ୍ରାଦି ଯୋଗାଇ ଦିଆଯାଇଥାଏ । ବନ୍ଦୀମାନେ ନାଟକ ମଞ୍ଚସ୍ଥ କରିବା ଦିଗରେ ସର୍ବସାଧାରଣ ଭଣା ଅଧିକେ ଜାଣିଥିବେ । ତାହା ଦର୍ଶକ-ମାନଙ୍କର ଏପରିଭାବେ ହୃଦୟସ୍ପର୍ଶୀ ହୁଏଯେ ସ୍ମୃତି ପଟରୁ ସହଜରେ ପୋଛି ହୁଏନାହିଁ । ଫୁଲବାଣୀ ପରି ଅନଗ୍ରସର ଜିଲ୍ଲାରେ ବନ୍ଦୀ ଭାଇମାନେ ମଞ୍ଚସ୍ଥ କରିଥିଲେ ସାମାଜିକ ନାଟକ "ମୂଲିଆ" । ତତ୍କାଳୀନ ଜିଲ୍ଲାପାଳ ଶ୍ରୀମାନ୍ ଦେବାନନ୍ଦ ନାୟକ, ଆଇ.ଏ.ଏସ୍. ତାହା ଉଦ୍‌ଘାଟନ କରିଥିଲେ । ଉଚ୍ଚପଦସ୍ଥ କର୍ମଚାରୀମାନେ ଦର୍ଶକ ହିସାବରେ ଆଜିସୁଦ୍ଧା ଅଭିନୟର ପ୍ରଶଂସା କରିବାର ଶୁଣାଯାଏ । ପ୍ରାୟ ପ୍ରତ୍ୟେକ ବନ୍ଦୀଶାଳାରେ ବନ୍ଦୀଭାଇମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମର ସୁବିଧା ଦିଆଯାଏ । ଫଳତଃ ଗାଁ ଗହଳରେ ଖଲାସପରେ ସେମାନେ ଅଭିଜ୍ଞ ଗାୟକ, ବାଦକ ଓ ଅଭିନେତା ହିସାବରେ ନାଁ ନେଇ ଥାଆନ୍ତି । ଏ ସଂକ୍ରାନ୍ତରେ ଉଲ୍ଲେଖ କରାଯାଇପାରେ ଯେ କଟକ ଜିଲ୍ଲା କେନ୍ଦ୍ର ବନ୍ଦୀଶାଳାର ବନ୍ଦୀ ଭାଇମାନେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଏକାଧିକ ବାର ନାଟକ ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରି ପାରିଛନ୍ତି ।

ବନ୍ଦୀ ଭାଇମାନଙ୍କୁ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରିବାର ସୁଯୋଗ ଦିଆଯାଇ ସେମାନଙ୍କର ଜାତୀୟ ମନୋଭାବ ଓ ତ୍ୟାଗ ମନୋବୃତ୍ତିକୁ ଜାଗ୍ରତ କରାଯାଏ । ଏପରିକି ବନ୍ଦୀ ଭାଇମାନେ ପରର ଜୀବନ ରକ୍ଷା କରିବା ଦିଗରେ ରକ୍ତଦାନ କରିବା ବିରଳ ନୁହେଁ । ପରପାଇଁ ରକ୍ତଦାନ କରି ସେମାନେ ଆତ୍ମ ସନ୍ତୋଷ ଲାଭକରନ୍ତି । ରକ୍ତଦାନର ବାତାବରଣ ବନ୍ଦୀ-ମାନଙ୍କ ଭିତରେ ଏପରିଭାବେ ଆଦୃତ ଯେ ରକ୍ତଦାନର କୌଣସି ପ୍ରଶ୍ନ ଉଠିଲା ମାତ୍ରେ ଅକୁଣ୍ଠିତ ଚିତ୍ତରେ ସେମାନେ ଆଗେଇ ଆସନ୍ତି । ବନ୍ଦୀଶାଳାର ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ସେମାନଙ୍କର ସାମାଜିକ ଦୃଷ୍ଟିକୋଣକୁ ସୁଦୃଢ଼ କରି ଅର୍ଜିତ କଳା ଯେପରି ସମାଜରେ ସଦୁପଯୋଗ ହୋଇପାରିବ ସେଥିପାଇଁ ସରକାରଙ୍କ ଯୋଜନା ବ୍ୟୟସାପେକ୍ଷ ହେଲେସୁଦ୍ଧା ଅଭିନବ ଓ ଅଭିନନ୍ଦନୀୟ ।

କିଶୋର କାରାଗାର, ଅନୁଗୋଳ,
ଢେଙ୍କାନାଳ

## କ୍ଷୁଦ୍ର ଓ ମଧ୍ୟମ ସହର ଉନ୍ନୟନ

କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଓ ମଧ୍ୟମ ଧରଣ ସହରଗୁଡ଼ିକର ସମନ୍ୱିତ ଉନ୍ନୟନ ଯୋଜନା ଅନୁଯାୟୀ ଓଡ଼ିଶାକୁ ୧୯୮୦-୮୧ ମସିହାଠାରୁ ଗତ ଜାନୁଆରୀ ସୁଦ୍ଧା ସମୁଦାୟ ୧ କୋଟି ୩୪ ଲକ୍ଷ ୬୪ ହଜାର ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳି ସାରିଲଣି । ଏହି ଅର୍ଥ ବିନିଯୋଗରେ ପୁରୀ, ବାଲେଶ୍ୱର, ସମ୍ବଲପୁର, ରାଉରକେଲା, (ସି. ଟି.), ଜୟପୁର ଏବଂ ଢେଙ୍କାନାଳ ଜିଲ୍ଲଗୁଡ଼ିକରେ ରାସ୍ତା-ଘାଟର ପ୍ରସାର ତଥା ବିକାଶ କରିବା ସଙ୍ଗେ ସଙ୍ଗେ ଦୋକାନ ବଜାର, ବସ୍‌ଷ୍ଟାଣ୍ଡ ଓ ଟ୍ରକ୍ ରହଣି ସ୍ଥାନ ଏବଂ ପଣ୍ୟାଗାରସବୁର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ।

ଏହା ବ୍ୟତୀତ 'ୟୁନିସେଫ୍'ର ଆର୍ଥିକ ସହାୟତାରେ ସମ୍ବଲପୁର, ବୁର୍ଲା ଏବଂ ହୀରାକୁଦ ସହରାଞ୍ଚଳରେ ନାଗରିକମାନଙ୍କୁ କେତେକ ମୌଳିକ ସୁବିଧା ସୁଯୋଗ ଏବଂ ସେବା ଯୋଗାଇ ଦିଆଯାଉଛି । ଏ ବାବଦରେ 'ୟୁନିସେଫ୍'ଠାରୁ ୩୦ ଲକ୍ଷ ଟଙ୍କା ମିଳିଛି ଏବଂ ଏଥିରେ ପ୍ରାୟ ୩୩,୭୬୧ ଜଣ ସହରବାସୀ ଉପକୃତ ହେବେ ।

---

# ପ୍ରଗତିର ଅନ୍ତରାୟ

ଶ୍ରୀ ନୃସିଂହ ପ୍ରସାଦ ଦେବ

ରାଷ୍ଟ୍ରର ପ୍ରଗତିରେ ଜନ ସଂଖ୍ୟା ବୃଦ୍ଧି ପ୍ରଧାନ ଅନ୍ତରାୟ ସୃଷ୍ଟି କରିଥାଏ । ଯେତେ ପ୍ରକାର ଯୋଜନା ଓ ପରିକଳ୍ପନା କରାଗଲେ ମଧ୍ୟ ଜନସାଧାରଣ ପ୍ରକୃତ ପକ୍ଷେ ତହିଁର ସୁଫଳ ଲାଭ କରିପାରନ୍ତି ନାହିଁ । ରାଷ୍ଟ୍ରର ଦାରିଦ୍ର୍ୟ ଓ ଅଜ୍ଞାନତା ବୃଦ୍ଧି ପାଏ । ପରିବାରର ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ସମସ୍ୟାର ସମାଧାନ ହୋଇପାରେ ନାହିଁ । ଜଞ୍ଜାଳ ଭିତରେ ପଡ଼ିରହି ମନୁଷ୍ୟ ଅସ୍ଥିର, ବିବ୍ରତ, ଅଭାବଗ୍ରସ୍ତ ଓ ଚିନ୍ତାଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ଅତି ଦୁଃଖ କଷ୍ଟରେ ଜୀବନ କଟାଇଥାଏ । ଯାହାକି ଆମେ ଚଳିତ ବିଂଶ ଶତାବ୍ଦୀରେ ଅଙ୍ଗେ ନିଭେଇଛୁ । ତେଣୁ, ଦେଶର ପ୍ରଗତି ତଥା ଜନସାଧାରଣଙ୍କ ସାମୂହିକ କଲ୍ୟାଣ ପାଇଁ ଜନ୍ମହାର ନିୟନ୍ତ୍ରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଆମ ଦେଶ ସ୍ୱାଧୀନତା ଲାଭ କରିବା ପରେ କୃଷି ଓ ଶିଳ୍ପ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିଥିଲେ ସୁଦ୍ଧା କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ସମସ୍ତ ପ୍ରଗତି ନିରର୍ଥକ ହୋଇ ପଡୁଛି । ଅର୍ଥନୈତିକ ବୈଷମ୍ୟ, ସାମାଜିକ ଶୃଙ୍ଖଳା ଓ ନୈତିକ ସଙ୍କଟ ଦୂର ହୋଇ ପାରୁନାହିଁ । ତେଣୁ, ବିଶ୍ୱର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ ସର୍ବପ୍ରଥମେ ୧୯୫୧ ମସିହାଠାରୁ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ଆମ ଦେଶର ଏକ ସରକାରୀ ନୀତି ରୂପେ ଗ୍ରହଣ କରି ଆସିଛି । ଏହାର ଉଦ୍ଦେଶ୍ୟ ହେଲା ଜନ୍ମ ହାର କମାଇବା ସଙ୍ଗେ ସଙ୍ଗେ ଜନ-ସାଧାରଣଙ୍କ ଜୀବନ ଧାରଣ ମାନର ଉନ୍ନତି ଘଟାଇବା ଏବଂ ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରିବା । ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ କେନ୍ଦ୍ର ସରକାରଙ୍କର ଏହି ନୀତି ଘୋଷଣା କରି କହିଥିଲେ, "This question of Family Planing is one of very great importance. It is necessary as a social obligation in the present circumstances of India and for the health and happiness of the family. The growth of population is intimately connected with our strategy for development in India."

ଭାରତର ଲୋକସଂଖ୍ୟା ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଅର୍ଥାତ୍ ୧୯୦୧ ମସିହାରେ ଥିଲା ୨୩ କୋଟି ୮୩ ଲକ୍ଷ ଏବଂ ଓଡ଼ିଶାର ଲୋକସଂଖ୍ୟା ଥିଲା ୧କୋଟି ୩୦ ଲକ୍ଷ । ୧୯୭୧ ମସିହାରେ ଭାରତର ଲୋକ ସଂଖ୍ୟା ଥିଲା ୫୪ କୋଟି ୬୯ ଲକ୍ଷ ଏବଂ ଓଡ଼ିଶାର ଲୋକସଂଖ୍ୟା ୨ କୋଟି ୧୯ ଲକ୍ଷ । ୧୯୮୧ ଜନ-ଗଣନାରୁ ଜଣାଯାଏ, ଭାରତର ଲୋକସଂଖ୍ୟା ଥିଲା ୬୮ କୋଟି ୩୮ ଲକ୍ଷ ଏବଂ ଓଡ଼ିଶାର ୨ କୋଟି ୬୩ ଲକ୍ଷ । ଆମର ଜନସଂଖ୍ୟା ଏଭଳି ଦ୍ରୁତ ଗତିରେ ବଢ଼ି ଚାଲିଲେ ୨୦୦୧ ମସିହା ସୁଦ୍ଧା ଭାରତର ଲୋକସଂଖ୍ୟା ହେବ ପ୍ରାୟ ୧୦୦ କୋଟି ଓ ଓଡ଼ିଶାର ପ୍ରାୟ ୪ କୋଟି । ତେବେ, ଏତେ ଲୋକଙ୍କ ପାଇଁ ଆମେ ଖାଦ୍ୟ, ବାସ ଓ ବସନର ବ୍ୟବସ୍ଥା କରିପାରିବା ତ ? ବେଳ ଥାଉଁ ଥାଉଁ ପ୍ରତ୍ୟେକ ଦଂପତି ଏଦିଗରେ ଗଭୀର ଚିନ୍ତା ନକଲେ ଗୋଷ୍ଠୀ, ସମାଜ, ରାଜ୍ୟ ଓ ଦେଶ ମଧ୍ୟରେ ଜନସଂଖ୍ୟା ବିସ୍ଫୋରଣର ଭୟାବହତା ଅତି ସୁଦୂର ପ୍ରସାରୀ ହେବ । ତେଣୁ, ଆଧୁନିକ ଚଳଣୀ ଧାରାର ଏକ ଅଂଶ ସ୍ୱରୂପ ପ୍ରତ୍ୟେକ ସନ୍ତାନକ୍ଷମ ଦଂପତି ଯେପରି ସ୍ୱେଚ୍ଛାକୃତ ଭାବେ ପରିବାର ନିୟୋଜନ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବେ, ସେ ଦିଗରେ ଉଦ୍ୟମ ଅବ୍ୟାହତ ରହିଛି । ପରିବାର ନିୟୋଜନ ପଦ୍ଧତିଗୁଡ଼ିକ ସଂପର୍କରେ ଜନସାଧାରଣଙ୍କୁ ଅବହିତ କରାଇବା ସଙ୍ଗେ ସଙ୍ଗେ ନିଜର ତଥା ଦେଶର ସ୍ୱାର୍ଥ ଦୃଷ୍ଟିରୁ ପରିବାରକୁ ସୀମିତ ରଖିବା ପାଇଁ ଦଂପତିମାନଙ୍କୁ ପ୍ରବର୍ତ୍ତାଇବା ସକାଶେ ସରକାରୀ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଛି । ପରିସଂଖ୍ୟାନରୁ ଜଣାଯାଏ ଯେ ଆନୁପାତିକ ଭାବେ ବହୁସଂଖ୍ୟକ ଲୋକ ପରିବାର ନିୟୋଜନ କାର୍ଯ୍ୟକ୍ରମର ପରିସରଭୁକ୍ତ ହୋଇଥିବାରୁ ବାର୍ଷିକ ଜନସଂଖ୍ୟା ବୃଦ୍ଧିର ହାର ଶତକଡ଼ା ୨ କମିବା ସମ୍ଭବପର ହୋଇଛି । ଆଗାମୀ ବର୍ଷ-ଗୁଡ଼ିକରେ ଏହା ଆହୁରି ଦ୍ରୁତ ଗତିରେ ପ୍ରସାର ଲାଭ କରିବ ବୋଲି ଆଶା କରାଯାଏ ।

ଆମ ରାଜ୍ୟରେ ପରିବାର ନିୟୋଜନ କାର୍ଯ୍ୟକ୍ରମ ୧୯୫୬ ମସିହାରୁ ଆରମ୍ଭ ହୋଇଛି । ୧୯୭୧ ରୁ ୧୯୮୧ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ହାର ଶତକଡ଼ା ୨୫ରୁ ୧୯.୭୨ କୁ କମିଯାଇଛି । ହିସାବରୁ ଜଣାଯାଇଛି ଯେ ରାଜ୍ୟର ପ୍ରାୟ ୪୯ ଲକ୍ଷ ଦଂପତି ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବେ । ଚଳିତ ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ୩ବର୍ଷ ମଧ୍ୟରେ ୩,୪୭, ୧୪୯ ଜଣ ମହିଳାଙ୍କୁ ବନ୍ଧ୍ୟାକରଣ କରା ଯାଇଛି । ଏହା ବ୍ୟତୀତ, ୧, ୬୮, ୫୨୮ ଜଣ ପୁରୁଷଙ୍କୁ ଅସ୍ତ୍ରୋପଚାର କରାଯାଇଛି, ୬୭, ୯୯୦ ଜଣ ମହିଳାଙ୍କୁ ଲୁପ୍ ଦିଆଯାଇଛି । ୧୦, ୨୦୬ ଜଣ ମହିଳାଙ୍କୁ ଜନ୍ମନିରୋଧକ ବଟିକା ଦିଆଯାଇଛି ଏବଂ ୫୪, ୯୯୭ ଜଣ ମହିଳାଙ୍କର ଗର୍ଭପାତ କରାଯାଇଛି । ୧୯୮୩-୮୪ ସୁଦ୍ଧା ୨, ୩୮, ୦୦୦ ବନ୍ଧ୍ୟାକରଣ ; ୧, ୧୦, ୦୦୦ ଲୁପ୍ ଗ୍ରହଣ ; ୭୬,୦୦୦ ଅନ୍ୟାନ୍ୟ ପଦ୍ଧତି ଗ୍ରହଣ ଓ ୪୨,୦୦୦ ଜଣଙ୍କୁ ଗର୍ଭନିରୋଧକ ବଟିକା ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଛି ।


ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା [illegible] ମତରେ, "ପରିବାର ନିୟୋଜନ ବାସ୍ତବରେ ମହିଳା ଓ ଶିଶୁର

ସ୍ୱାସ୍ଥ୍ୟରେ ଉନ୍ନତି ଘଟାଇବା ସଙ୍ଗେ ସଙ୍ଗେ ଜାତିକୁ ସୁଦୃଢ଼ ଓ ଗତିଶୀଳ କରିଥାଏ । ଛୋଟ ପରିବାରର ଆୟକୁ ଉପଯୁକ୍ତ ଭାବରେ ବିନିଯୋଗ କରାଯାଇ ପରିବାରର ପ୍ରତ୍ୟେକ ସଭ୍ୟଙ୍କର ଯଥାସମ୍ଭବ କଲ୍ୟାଣ ସାଧନ କରାଯାଇଥାଏ । ଲୋକମାନଙ୍କର ସୁଖଜୀବନ ଲାଗି ଯଦି ଆମର ସ୍ୱପ୍ନ ଓ କାର୍ଯ୍ୟକ୍ରମକୁ ହୃଦୟଙ୍ଗମ କରାଯାଏ, ତାହାହେଲେ ଜନ୍ମ ହାର ନିଶ୍ଚିତ ଭାବରେ ହ୍ରାସ ପାଇବ ।"

ବିଗତ ତିରିଶି ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ବହୁ ଉତ୍‌ଥାନ ଓ ପତନ ମଧ୍ୟ ଦେଇ ଗତି କରି ଆସିଛି । ମା' ଓ ଶିଶୁମାନଙ୍କର ଯତ୍ନ ନେବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟସେବାର ଏକ ଅତ୍ୟାବଶ୍ୟକ ଅଂଶ ସ୍ୱରୂପ ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ପରିବାର ନିୟୋଜନକୁ ଅନ୍ତର୍ଭୁକ୍ତ କରାଯାଇଛି । ତେଣୁ, ଷଷ୍ଠ ଯୋଜନାରେ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ଏକ ଗଣ ଆନ୍ଦୋଳନ ରୂପେ ଗ୍ରହଣ କରାଯାଇଛି । ଯାଇଛି । ଏହାର ସଫଳତା ପାଇଁ ଜନଜାଗରଣ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଦୁଇଟି ସନ୍ତାନରେ ପରିବାରକୁ ସୀମିତ ରଖିବାକୁ ହେବ । ସର୍ବୋପରି ଦଂପତିମାନେ ଛୋଟ ପରିବାର ଗଠନର ଭବିଷ୍ୟତ ସୁଖ ସୁବିଧା ଓ ବହୁ ସନ୍ତାନ ଜନ୍ମର ଦାୟାବହତା ହୃଦୟଙ୍ଗମ କରି ଏହି କାର୍ଯ୍ୟକ୍ରମ ପ୍ରତି ସ୍ୱେଚ୍ଛାକୃତ ଭାବେ ଆଗ୍ରହ ତଥା ସହଯୋଗ ମନୋଭାବ ପୋଷଣ କଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହୋଇଉଠିବ ।

---

କ୍ୱାର୍ଟର ନଂ-୨୧,
ଟାଇପ୍-ଉ
ୟୁନିଟ୍-୮, ଭୁବନେଶ୍ୱର





## ସମୁଦ୍ର କଚ୍ଛପ

କଟକ ଜିଲ୍ଲା ଅନ୍ତର୍ଗତ ଭିତର କନିକା ଅଭୟାରଣ୍ୟର ସମୁଦ୍ର ଉପକୂଳ ଗହିରମଥାଠାରେ ଗତ ଜାନୁଆରୀ ୨୫ ତାରିଖ ରାତ୍ରିରୁ ସାମୁଦ୍ରିକ କଇଁଛମାନଙ୍କର ସାମୂହିକ ପ୍ରଜନନ ଆରମ୍ଭ ହୋଇଛି । ମଇପୁରା ନଦୀ ମୁହାଣର ଏକକୁଲା । ନାସୀଠାରୁ ଦକ୍ଷିଣକୁ ୩୦ କି: ମି: ପର୍ଯ୍ୟନ୍ତ ସମୁଦ୍ର ଉପକୂଳରେ 'ଅଲିଭ୍ ରିଡ୍‌ଲେ' (ପ୍ରଶାନ୍ତ ମହାସାଗରୀୟ) ଉପଜାତିର କଇଁଛମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆସି ଅଣ୍ଡା ଦିଅନ୍ତି । ଏହି ଜାତିର କଇଁଛ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ରହନ୍ତି ବୋଲି ଅନୁମାନ କରାଯାଉଛି । ଏହି କଇଁଛମାନଙ୍କର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଏମାନଙ୍କୁ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁସାରେ ସଂପୂର୍ଣ୍ଣଭାବେ ସଂରକ୍ଷିତ କରାଯାଇଛି । ଏହି କଇଁଛମାନଙ୍କର ସୁରକ୍ଷା ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ଡ଼ିଭିଜନ, ଗୁପ୍ତବାଲି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ଏବଂ ପ୍ରଜନନ ପ୍ରକ୍ରିୟା ଓ ପାରିପାର୍ଶ୍ୱିକ ସ୍ଥିତି ଉପରେ ବନ ବିଭାଗ ତରଫରୁ ଗବେଷଣା ଚାଲିଛି । ୩୦ କି: ମି: ଦୀର୍ଘ ଏହି ସାମୁଦ୍ରିକ ଉପକୂଳଠାରେ ୪ କି: ମି: ପ୍ରସ୍ଥ ବିଶିଷ୍ଟ ସମୁଦ୍ରକୁ ଏବଂ ତନ୍ମଧ୍ୟସ୍ଥ ହୁଇଲର, ସଟ୍‌ସ ଓ ହୁକିତୋଳା ଦ୍ୱୀପଗୁଡ଼ିକୁ ଭିତର କନିକା ଅଭୟାରଣ୍ୟର ପରିସରଭୁକ୍ତ କରାଯିବାର ପ୍ରସ୍ତାବ ରହିଛି । ଏହାଦ୍ୱାରା କଇଁଛ ମାନଙ୍କସହିତ ଶିଶୁମାର (ଡଲଫିନ୍) ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବଙ୍କର ସୁରକ୍ଷା ହୋଇପାରିବ ।

---

ବିଜ୍ଞାନ ଓ ବୈଷୟିକ କଳ କାରିଗରୀ ବିଦ୍ୟା ଆମମାନଙ୍କୁ ଭୌତିକ ସୁଖ ଭୋଗ କରାଇ ବାସ୍ତବତାର ମାନଦଣ୍ଡକୁ ଓହରାଇ ଆଣିଛି । ବାସ୍ତବତାର ଅନୁସନ୍ଧାନ ଅଭିଳାଷୀ ହୋଇ ଅତୀବ ବାସ୍ତବତାର ସନ୍ଧାନୀ ମନୁଷ୍ୟ ନିଜକୁ ଗୋଟିଏ ବଡ଼ କଳ କଢ଼ାର କ୍ଷୁଦ୍ର ସଂସ୍ଥାନକ ଛଳୀ ପରି କ୍ଷୁଦ୍ର କରି ପକାଇଛି । ଭଗବାନଙ୍କ ମନ୍ଦିରରେ କିମ୍ବା ମାନବର ମନ ମନ୍ଦିରରେ ଶାନ୍ତି ଲୁପ୍ତ ପ୍ରାୟ । ଶାନ୍ତି ଅନୁସନ୍ଧାନ ବୃଥା ଚେଷ୍ଟାରେ ପରିଣତ ହୋଇଛି । ଶାନ୍ତି କେବଳ ମନୁଷ୍ୟର ମସ୍ତିଷ୍କ ବା ମନ ମଧ୍ୟରେ ସୀମାବଦ୍ଧ ନୁହେଁ, ଏହା ମନୁଷ୍ୟର ସମସ୍ତ ସୁକର୍ମର ସୁଫଳ ସ୍ୱରୂପ । ମାନବର ପ୍ରତ୍ୟେକ କର୍ମ ସମାନ ଓ ବିପରୀତ ଦିଗକୁ ପ୍ରସାରିତ । ଏହା ନିରାଟ ସତ୍ୟ ଯେ, ଅତୀତ କର୍ମ ମନୁଷ୍ୟର ବର୍ତ୍ତମାନ ଓ ଭବିଷ୍ୟତ କର୍ମପନ୍ଥାକୁ ନିର୍ଦ୍ଧାରିତ କରିଥାଏ । ମନୁଷ୍ୟ ଯାହାକରେ ସର୍ବଦା ସମାନ ଓ ସମକକ୍ଷ ପ୍ରତିକ୍ରିୟା ହୋଇଥାଏ । ତେଣୁ ମନୁଷ୍ୟତାର ନିତ୍ୟ ନିୟମିତ କର୍ମଗୁଡ଼ିକୁ ନିୟନ୍ତ୍ରିତ କରିବା ଦରକାର । ଏହି ନିୟନ୍ତ୍ରିତ କର୍ମ ସ୍ୱଭାବ, ସଂସ୍କୃତି, ଶିକ୍ଷା ଓ ବିକାଶକୁ ନିୟନ୍ତ୍ରିତ କରିଥାଏ ।

ଏହି ସମୟଟି ଗୋଟିଏ ଅମୃତ ବେଳା । ଭାରତୀୟ ସାଧୁସନ୍ଥମାନେ ଏହି ସମୟକୁ ଅମୃତ ବେଳା (ନେକ୍‌ଟର) ଆଖ୍ୟା ଦେଇଛନ୍ତି । ଏହି ସମୟକୁ ମନୁଷ୍ୟ ତାର ଶାରୀରିକ, ମାନସିକ ଓ ଆତ୍ମିକ ବିକାଶ ଲାଗି ନିୟୋଜିତ କରାଇବା ଶ୍ରେୟ ।

ବୈଜ୍ଞାନିକମାନେ ନିର୍ଦ୍ଧାରିତ କରିଛନ୍ତି ଯେ, ରାତ୍ରୀର ଶେଷ ବେଳା, ଦୁଇଟାରୁ ପାଞ୍ଚଟା ପର୍ଯ୍ୟନ୍ତ ମନୁଷ୍ୟର ସାମୁହିକ ବିକାଶର ଅତୀବ ସୁମସୟ । ଭାରତୀୟ ସାଧୁ ସନ୍ଥମାନଙ୍କ ମତରେ ମନୁଷ୍ୟ ଏ ବେଳାରେ ତାର ଦୈହିକ ବୃତ୍ତିକୁ ଭୁଲି ବିଶ୍ୱଜୀବନଙ୍କ ମୁଖାପ୍ରେକ୍ଷୀ ହୋଇଥାଏ । ଏହା ଧ୍ୟାନ ଯୋଗର ପ୍ରଥମଚରଣ । ଉପରୋକ୍ତ ଜୀବନ ଧାରା ଏହି ସମୟରେ ନିର୍ବାହ କଲେ ମନୁଷ୍ୟ ଈଶ୍ୱରୋମୁଖୀ ହୁଏ । ଏହି ଅମୃତବେଳାକୁ ଦୁରୁପଯୋଗ କରିବା ଅବିଧେୟ । ସେହି କାରଣରୁ ସକାଳ ୪ଟା କିମ୍ବା ତତ୍‌ପୂର୍ବରୁ ଗାତ୍ରୋତ୍ଥାନ ଏକାନ୍ତ ବିଧେୟ । ଦିନମାନର ସମସ୍ତ ଜରୁରୀ ଓ ଦରକାରୀ କାର୍ଯ୍ୟ ୪ଟାରୁ ସକାଳ ୭ଟା ମଧ୍ୟରେ ପରିସମାପ୍ତି ହୋଇଥାଏ ।

# ଦିନଚର୍ଯ୍ୟା

ଡାକ୍ତର ଅଜିତ କୁମାର ମହାପାତ୍ର

ଆଧୁନିକ ସଭ୍ୟତା ମନୁଷ୍ୟକୁ ଇନ୍ଦ୍ରିୟ ସୁଖାଭିଳାଷିର ଲାଳସା ଜନ୍ମାଇ ଥାଏ । ମସ୍ତିଷ୍କ ଏହି ଚିନ୍ତାରତ ଥାଇ କିଂଚିତ ଶକ୍ତିଶାଳୀ ହେଲେବି, ହୃଦୟ ଓ ହସ୍ତପଦାଦି ଅବୟବମାନେ ଦୁର୍ବଳ ହୋଇ ପଡନ୍ତି । ଶରୀର ଅବୟବମାନଙ୍କର ଏହି ଭାରସାମ୍ୟ ଓ ଅନିୟମିତ କାର୍ଯ୍ୟକାରିତା ଯୋଗୁଁ ସମସ୍ତ ଦୁଃଖ ଓ ରୋଗ ଦୁର୍ବଳତାର ଅୟମାରମ୍ଭ । ଏହା ଅତୀବ ପ୍ରୟୋଜନ ଯେ ଜୀବନ ଉପରେ ଆମକୁ ପୁରା ନିୟନ୍ତ୍ରଣ କରିବାକୁ ହେବ । କର୍ମ ସୁଅଭ୍ୟାସକୁ ନିୟନ୍ତ୍ରିତ କରି ସମସ୍ତ କର୍ମକୁ ନିୟନ୍ତ୍ରିତ କରିବା ଦରକାର । ଶାନ୍ତ ପରିବେଶ ବିଜ୍ଞାନର କୋଳାହଳତାଠାରୁ ବେଶୀ ଉପକାରୀ । ମାନବ ଉପଲବ୍ଧିକରେ କୋଳାହଳମୟ ବିଜ୍ଞାନ ଓ ଶାନ୍ତ ପରିବେଶ ମଧ୍ୟରେ ଭାରସାମ୍ୟ । ଏହା ଅଭ୍ୟାସ ଓ ଅନୁଭବର ବସ୍ତୁ । ଭଲ ଅଭ୍ୟାସରତ ହେଲେ ଜୀବନ ସୁମାର୍ଗରେ ଚାଳିତ ହୋଇପାରେ । ଦୈନନ୍ଦିନ ଅଭ୍ୟାସ ଭଲ ସେହି କାରଣରୁ ଏଠାରେ ଆଲୋଚ୍ୟର ବିଷୟ ବସ୍ତୁ ।

ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ ବିଧେୟ । ଯେ କୌଣସି ଯାଗ ଯୋଗରେ ବି ବ୍ରାହ୍ମ ମୁହୂର୍ତ୍ତ ସକାଳ ୪ଟା ସମୟରେ ନିର୍ଦ୍ଧାରିତ । ଚେତନା ଶକ୍ତି ଓ ମନର ବିକାଶ ଲାଗି

ସୁନିଦ୍ରା ଦ୍ୱାରା ରାତିର ଶେଷ ଅଂଶରେ ମନୁଷ୍ୟର ମନ ଓ ଶରୀର ପ୍ରଫୁଲ୍ଲ ଥାଏ । ମଳମୂତ୍ର ତ୍ୟାଗ ଓ ସ୍ନାନ ଦ୍ୱାରା ଦେହର ଆଭରଣ ଅପରିଷ୍କାର ଚର୍ମ ପରିଷ୍କୃତ ଓ କାର୍ଯ୍ୟକ୍ଷମ ହୁଏ । ସେ କାରଣରୁ ଶଯ୍ୟା ତ୍ୟାଗର ପରେ ପରେ ମନୁଷ୍ୟ ତାର ସମସ୍ତ ଅଦରକାରୀ ମଳ, ମୁତ୍ର ତ୍ୟାଗ କରି ତଦନନ୍ତର ଶରୀରକୁ ନୂତନ ଶକ୍ତି ଓ ସ୍ଫୁର୍ତ୍ତିରେ ବିଭାସିତ କରେ । ମନୁଷ୍ୟ ଶରୀରର ମଳ ନିଷ୍କାସନକାରୀ ଯନ୍ତ୍ରଗୁଡ଼ିକ ଏହି ସମୟରେ କାର୍ଯ୍ୟରତ ହୁଏ । ତେଣୁ ସେ ଯନ୍ତ୍ରଗୁଡ଼ିକ କିଛି ବିଶ୍ରାମ ଚାହାନ୍ତି । ରାତ୍ରୀ ସମୟରେ କଠିନ ଗୁରୁପାକ ଦ୍ରବ୍ୟ ଓ ସଂଘତ ପେୟ ଗ୍ରହଣ କଲେ ଶରୀର ମଳ ନିର୍ଗମନକାରୀ ଯନ୍ତ୍ର ସୁସ୍ଥରୂପେ କାର୍ଯ୍ୟ କରି ପାରେ ନାହିଁ । ରାତ୍ରୀ ଭୋଜନରେ କଠିନ ଫଳ, ଘି ଓ କଫି ଇତ୍ୟାଦି ଉତ୍ତେଜକପେୟ ଅଗ୍ରହଣୀୟ ।

ଆବଶ୍ୟକତାନୁଯାୟୀ ସକାଳ ସମୟରେ ଫଳରସ, କମଳା ଲେମ୍ବୁ ରସ କିଛି ପତଳା ଗୁଡ଼ ମିଶାଇ ଗ୍ରହଣୀୟ । ସକାଳ ସମୟରେ ଦିନର ଅନ୍ୟ ସମୟ ତୁଳନାରେ ଶରୀର ଏହି ତରଳ ଖାଦ୍ୟରୁ ଖଣିଜ ଲବଣ ଓ ପୋଷକତତ୍ତ୍ୱ ପର୍ଯ୍ୟାପ୍ତ ମାତ୍ରାରେ ଆହରଣ କରିପାରେ । ତେଣୁ ତରଳ ଖାଦ୍ୟ ସକାଳ ସମୟରେ କେବଳ ଗ୍ରହଣୀୟ ।

ମନୁଷ୍ୟ ଚାଳିତ ପଦଦ୍ୱୟ ରାତ୍ରିରେ ପର୍ଯ୍ୟାପ୍ତ ବିଶ୍ରାମ ଯୋଗୁଁ ସକାଳ ବେଳା ପୁନଃ ଚାଳନା ରୂପକ ବ୍ୟାୟାମ ଦରକାର କରେ । ଆବାଳ-ବୃଦ୍ଧ-ବନିତାଙ୍କ ଲାଗି ସକାଳ ସମୟରେ ଦ୍ରୁତ ପଦ ସଞ୍ଚାଳନ ଭ୍ରମଣ ୧୫।୨୦ ମିନିଟି ଆବଶ୍ୟକ । ଅନେକ ଶାରୀରିକ ରୋଗ ଦୂରିକରଣ ପାଇଁ ଏ ବ୍ୟାୟାମ ଅବ୍ୟର୍ଥ ଭେଷଜ ଶକ୍ତି ରୂପେ କାର୍ଯ୍ୟ କରେ । ସକାଳ ୭.୩୦ରୁ ୮ ଘଟିକା ମଧ୍ୟରେ ଦୁଧ, ମିଠା ଓ ମଧୁ ସମିଶ୍ରଣ ଫଳ ସହିତ ଗ୍ରହଣୀୟ । କମ୍ ଭୋଜନ ଓ ଅତି ଭୋଜନ ଦୁହେଁ ଅହିତକାରୀ । ବର୍ଦ୍ଧିଯମାନ ବାଳକ ଶରୀର ଅନେକ ବେଳେ ଅଧିକ ଭୋଜନ ଦରକାର କରେ । ସେହିପରି ବୟସ୍କ ଲୋକର ସୀମିତ ମାତ୍ରାରେ ଖାଦ୍ୟ ଗ୍ରହଣୀୟ । ପିଲାମାନେ ସକାଳ ବେଳେ ସିଝା ପରିବା ସଙ୍ଗେ ଅଂକୁରିତ ମୁଗ, ମସୁର ଓ ଗହମ ଇତ୍ୟାଦି ଶସ୍ୟ ଖାଇ ପାରନ୍ତି । ବାଳକ ବାଳିକାଙ୍କର କୌଣସି ମତେ ତେଲ, ମରିଚ, ମସଲା ଦ୍ୱାରା ଭଜାଭଜି, ଆଇସ୍କ୍ରିମ୍ ଇତ୍ୟାଦି ଖାଦ୍ୟର ବ୍ୟବହାରରେ ସେମାନଙ୍କର ଯକୃତ (ଲିଭର) କ୍ରମଂଶ ଖରାପ ହୋଇ ହଜମ କ୍ରିୟାର ବ୍ୟାଘାତ ସୃଷ୍ଟି କରେ । ମଧୁ ମିଶ୍ରିତ ଜଳ, ମିଠା ଓ ଫଳ ରସ ଆବାଳ ବୃଦ୍ଧ ବନିତାଙ୍କର ସକାଳ ସମୟରେ ଗ୍ରହଣୀୟ । ମଧ୍ୟାହ୍ନ ଭୋଜନ ଠିକ୍ ୧୦ଟା ସମୟରେ ହେବା ବିଧେୟ । ମଧ୍ୟାହ୍ନ ଭୋଜନ ନିରାମିଷ, ଫଳ ଓ ସଲଟ୍ ସହିତ ହେବା ଉଚିତ । ପ୍ରତ୍ୟେକ ଲୋକ ୧୦ଟା ପରେ ପ୍ରାୟ ଅଫିସ୍ ବା କାରଖାନାକୁ ଯାଆନ୍ତି । ତେଣୁ ୧୦ଟାରୁ ୨ଟା ପର୍ଯ୍ୟନ୍ତ ମନ ଓ ମସ୍ତିଷ୍କ ପର୍ଯ୍ୟାପ୍ତ ମାତ୍ରାରେ କାର୍ଯ୍ୟରତ ଥାଏ । ଏହି ସମୟରେ କଠିନ ଉତ୍ତେଜନାକାରୀ ଖାଦ୍ୟ ପେୟ ଅଗ୍ରହଣୀୟ । ଏହି ସମୟରେ ପର୍ଯ୍ୟାପ୍ତ ମାତ୍ରାରେ ଜଳ ଗ୍ରହଣୀୟ । ମଧ୍ୟାହ୍ନ ଭୋଜନର ୩ଘଣ୍ଟା ପରେ ପଇଡ଼ ପାଣି ଓ ଫଳରସ ଗ୍ରହଣୀୟ । ଏହି ସମୟ ମଧ୍ୟରେ ଚା ଓ କଫି ପାନ ନିଷେଧ । ଫଳରସ ପାନ ୨ଟା ପରେ ସୁସ୍ୱାସ୍ଥ୍ୟକର । ଶରୀର ଏ ସମୟ ମଧ୍ୟରେ ଏହା ବ୍ୟତୀତ ଅନ୍ୟ ଖାଦ୍ୟ ଦରକାର କରେ ନାହିଁ । ସ୍କୁଲର ବିଦ୍ୟାର୍ଥୀମାନେ ଏ ସମୟରେ ଗୋ- ଦୁଗ୍ଧ କିମ୍ବା ନାରୀକେଳ ଓ ସୋୟାବିନ୍ ଆଦିର ଦୁଧ ଖାଇ ପାରନ୍ତି । ରାତି ସମୟରେ ଅତି ଭୋଜନ ନିଷେଧ । ସୂର୍ଯ୍ୟଙ୍କ ଉଦୟାସ୍ତ ମଧ୍ୟରେ ଖାଦ୍ୟ ଗ୍ରହଣ ପାଇଁ ଉପଯୁକ୍ତ ସମୟ । ବୈଜ୍ଞାନିକମାନେ ପ୍ରୟୋଗ ଦ୍ୱାରା ସିଦ୍ଧ କରିଛନ୍ତି ଯେ, ସୂର୍ଯ୍ୟାସ୍ତ ପରେ ଗ୍ରହିତ ଖାଦ୍ୟ ବସ୍ତୁ ବିଷ ତୁଲ୍ୟ । ସେହି କାରଣରୁ ଯଥା ସମ୍ଭବ ରାତ୍ରିରେ ଖାଦ୍ୟ ଗ୍ରହଣ ବର୍ଜନୀୟ । ସନ୍ଧ୍ୟା ୬ଟା ସୁଦ୍ଧା ରାତ୍ରି ଭୋଜନ ଶେଷ କରିବା ଦରକାର ।

ରାତ୍ରି ସମୟ ମାନସିକ କାର୍ଯ୍ୟ ବ୍ୟତୀତ କଠିନ ଶାରୀରିକ କାର୍ଯ୍ୟ ବର୍ଜନୀୟ । ରାତ୍ରୀ ସମୟରେ ପଠନ, ଲେଖନ, ଚିନ୍ତନ ଓ କର୍ମପନ୍ଥା ନିର୍ଦ୍ଧାରଣ ଇତ୍ୟାଦି ମାନସିକ କାର୍ଯ୍ୟ କରଣୀୟ । ଖାଦ୍ୟ ଗ୍ରହଣର ଠିକ୍ ପରେ ପରେ ନିଦ୍ରା ଯିବା ଅନୁଚିତ । ପାକସ୍ଥଳୀ ଏ ବେଳରେ ବିଶ୍ରାମ ଦରକାର କରେ ନାହିଁ । ଖାଦ୍ୟ ପାଚନ ପ୍ରକ୍ରିୟା ଦ୍ୱାରା ଦଗ୍ଧ ହୁଏ । ଜୀବ ବିଜ୍ଞାନ ଅନୁଯାୟୀ ଖାଦ୍ୟ ଦଗ୍ଧିଭୂତ କ୍ଷୀୟମାଣ ହୋଇଥାଏ । ତେଣୁ ରାତ୍ରୀ ଭୋଜନ ରାତ୍ରିର ପ୍ରଥମ ଚରଣରେ ସମାପ୍ତ କରିବ । ଯଥା ସମ୍ଭବ ୬ଟା ସୁଦ୍ଧା । ଏହା ଦ୍ୱାରା ପାକସ୍ଥଳୀକୁ ରାତ୍ରୀ ସମୟରେ ବିଶ୍ରାମ ମିଳେ । ରାତ୍ରୀ ୯ଟାରେ ବିଶ୍ରାମ କରିବା ଦରକାର । ସୂର୍ଯ୍ୟଙ୍କର ପ୍ରକାଶର ଅନୁପସ୍ଥିତିରେ ୩ଘଣ୍ଟା ସମୟ ଖାଦ୍ୟର ଦଗ୍ଧିକରଣ ଲାଗି ଅର୍ଥାତ୍ ସନ୍ଧ୍ୟା ୬ଟା ଠାରୁ ୯ଟା ପର୍ଯ୍ୟନ୍ତ ସମୟ ପ୍ରୟୋଜନ ହୁଏ ।

ଦିନରେ ଓ ରାତିରେ ଦୁଇଟି ମୁଖ୍ୟ ଭୋଜନ ଗ୍ରହଣୀୟ । ପ୍ରତ୍ୟେକ ଅନ୍ୟୁନ ୮ଗ୍ଲାସ ପାଣି ପିଇବା ଦରକାର । ଖାଦ୍ୟ ଗ୍ରହଣର ୧ ଘଣ୍ଟା ପୂର୍ବରୁ ଓ ଖାଦ୍ୟ ଗ୍ରହଣର ୩ଘଣ୍ଟା ପରେ ଜଳ ପାନ କରାଯିବା ଦରକାର । ଖାଦ୍ୟ ଗ୍ରହଣ କାଳରେ ଜଳ ପାନକଲେ, ପାଚନ ରସ ଜଳ ସଂଯୋଗରେ କମ୍ କାର୍ଯ୍ୟକ୍ଷମ ହୁଏ । ସଂକ୍ଷେପରେ ବର୍ଣ୍ଣିତ ଆଦର୍ଶ ଜୀବନ ଯାପନ ବା ଦିନଚର୍ଯ୍ୟା ଫଳରେ ମନୁଷ୍ୟ ସ୍ୱାସ୍ଥ୍ୟ, ସମୃଦ୍ଧି ଓ ଅପରିମିତ ମାନସିକ ସୁଖଶାନ୍ତି ଲାଭ କରି ଭୌତିକ ଜଗତରେ ଜୀବନ ନିର୍ବାହ କରେ ।

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ଥେରାପିଉଟିକ୍ସ,
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ (ନୂତନ),
ଭୁବନେଶ୍ୱର–୭୫୧୦୧୦

## ଲବଣ ଉତ୍ପାଦନ

ସମୁଦ୍ର ଉପକୂଳବର୍ତ୍ତୀ ଅନାବାଦୀ ଜମିକୁ ଲବଣ ଉତ୍ପାଦନ ନିମନ୍ତେ ପଟ୍ଟା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି । ତଦନୁଯାୟୀ ସରକାରୀ ଅନାବାଦୀ ଜମି ସରକାରୀ ପରିଚାଳିତ ନିଗମ ସମବାୟ ସମିତି, ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ଶିଳ୍ପୋଦ୍ୟୋଗୀ- ମାନଙ୍କୁ ଏକର ପ୍ରତି ବାର୍ଷିକ ଖଜଣା ୨ ଟଙ୍କା ଏବଂ ସର୍ବନିମ୍ନ ରୟାଲଟି ଟ୨.୫୦ ପଇସା ହାରରେ ଅସ୍ଥାୟୀ ପଟ୍ଟା ଦିଆଯାଇ ପାରିବ । ଚୁକ୍ତିର ମିଆଦ ୨୫ ବର୍ଷ ଓ ଅନ୍ୟୁନ ୩୦୦ ଏକର ଜମି ନହେଲେ ପଟ୍ଟା ଦିଆ- ଯିବ ନାହିଁ ।

# ଓଡ଼ିଶାର ସଂସ୍କୃତିରେ ଜୀବପୂଜା

ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି

ଓଡ଼ିଶାର ଅଧିକାଂଶ ସ୍ଥାନ ଦେବାଳୟ, ଧର୍ମପୀଠ, ଇତ୍ୟାଦିରେ ପୂର୍ଣ୍ଣ । ଏହି ଧର୍ମପୀଠଗୁଡ଼ିକରେ ମୂର୍ତ୍ତି ବା ପ୍ରତିମାପୂଜା ବ୍ୟତୀତ ଜୀବପୂଜା ପୁରାକାଳରୁ ପ୍ରଚଳିତ । ଏହି ପୀଠଗୁଡ଼ିକରେ ଦେବଦେବୀ ପୂଜା ବ୍ୟତୀତ ସେମାନଙ୍କର ବାହନ ମଧ୍ୟ ପୂଜା କରାଯାଇଥାଏ ଏବଂ ସେହି ବାହନଟି ଗୋଟିଏ ଜୀବ । ଗଣେଶଙ୍କର ମୂଷା, କାର୍ତ୍ତିକେୟଙ୍କର ମୟୂର, ଲକ୍ଷ୍ମୀଙ୍କର ପେଚା, ସରସ୍ୱତୀଙ୍କର ହଂସ, ମହାଦେବଙ୍କର ବୃଷଭ ଇତ୍ୟାଦି ବାହନଗୁଡ଼ିକ ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ । ଅବଶ୍ୟ ଦେଖିବାକୁଗଲେ ଏମାନେସବୁ ପ୍ରାଣବିହୀନ ମୂର୍ତ୍ତି । ହିନ୍ଦୁ-ଧର୍ମର ବିଶ୍ୱାସ ଯେ ଦେବଦେବୀମାନେ ସ୍ୱର୍ଗରେ ତାଙ୍କର ବାହନରେ ଭ୍ରମଣ କରିଥାନ୍ତି । ଏହି ବାହନପୂଜା ବ୍ୟତୀତ ଅନେକ ଜୀବକୁ ମୃତ ଅବସ୍ଥାରେ ବି ଆଣି ଦେବାଳୟ ଗୃହାଦିରେ ପୂଜା କରାଯାଇଥାଏ । ମାତ୍ର ସବୁଠାରୁ ଆଶ୍ଚର୍ଯ୍ୟର ବିଷୟହେଲା, ଜୀବନ୍ତ ଜୀବପୂଜାର ପ୍ରଚଳନ କେବଳ ଓଡ଼ିଶା କାହିଁକି ସମଗ୍ର ଭାରତରେ ପ୍ରାଚୀନକାଳରୁ ପ୍ରଚଳିତ । ଏଥିମଧ୍ୟରେ ସର୍ପପୂଜା, ଗୋପୂଜା, ମେଣ୍ଢାପୂଜା ଆଦି ପ୍ରଧାନ ।

ସର୍ପପୂଜା ବିଜ୍ଞାନ, ସାହିତ୍ୟ, କଳା, ସ୍ଥାପତ୍ୟ, ଧର୍ମ ଓ ସଂସ୍କୃତିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକରିଛି । ଓଡ଼ିଶାରେ ଦୁଇଦିନ ଅର୍ଥାତ୍ ନାଗପଞ୍ଚମୀ (ଜୁଲାଇମାସ) ଓ ଅନନ୍ତ ଚତୁର୍ଦ୍ଦଶୀ (ସେପ୍ଟେମ୍ବର ମାସ) ପୂଜା ରହିଆସିଛି । ଦିବସ, ବିଧି ଓ ପ୍ରଥା ଅନୁଯାୟୀ ଭାରତର ବିଭିନ୍ନ ସ୍ଥାନରେ ଏହିପୂଜା ବିଭିନ୍ନ ରୂପରେ ପାଳିତ ହୋଇଥାଏ । ଜଣାଯାଇଛି ଯେ ଏହି ଦୁଇଟି ପୂଜା ମଧ୍ୟରୁ ନାଗପଞ୍ଚମୀ ସମଗ୍ର ଭାରତରେ ପ୍ରଚଳିତ । ଏ ସଂପର୍କରେ ଅନେକ କାହାଣୀ ଅଦ୍ୟାବଧି ଶୁଣିବାକୁ ମିଳେ । ଅବଶ୍ୟ ନାଗପଞ୍ଚମୀ ପାଳନ ସପକ୍ଷରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି । ଭାରତର କୌଣସି ଏକ ସ୍ଥାନରେ ଜଣେ ବ୍ରାହ୍ମଣ ବାସ କରୁଥିଲେ । ନାଗପଞ୍ଚମୀ ଦିନ ଜମିରେ ଲଙ୍ଗଳ ବୁଲାଇବା ସମୟରେ ଲଙ୍ଗଳ ମୁନଦ୍ୱାରା ଗୋଟିଏ ଗୋଖର ଛୁଆର ଅସମୟ ମୃତ୍ୟୁ ହୋଇଥିଲା । ଗୋଖର ଛୁଆର ମାଆ ଏଦୃଶ୍ୟ ଦେଖି ଅତିଶୟ ବିଚଳିତ ହୋଇଥିଲା ଓ ମାରିଥିବା ଲୋକକୁ ଦଂଶନକରିବ ବୋଲି ଖୋଜି ବୁଲୁଥିଲା । ଶେଷରେ ମାଈ ଗୋଖରଟି ବ୍ରାହ୍ମଣ ଘରକୁଯାଇ ଜଣଜଣକରି ସମସ୍ତଙ୍କୁ ଦଂଶନ କରିଥିଲା । ମାତ୍ର ସେହି ବ୍ରାହ୍ମଣର ଝିଅ ଅନ୍ୟସ୍ଥାନରେ ବିବାହ କରିଥିବାରୁ ରକ୍ଷା ପାଇଥିଲା । ପୁନର୍ବାର ନାଗୁଣୀ ସେତେବେଳେ ତାକୁ (ଝିଅକୁ) ମାରିବାକୁ ଯାଇଥିଲା, ସେତେବେଳେ ସେହି ବ୍ରାହ୍ମଣଝିଅ ନାଗପୂଜା କରୁଥିବାରୁ ସେଥିରେ ମୁଗ୍ଧହୋଇ ତାର ପିତା ଓ ଅନ୍ୟମାନଙ୍କୁ ବଂଚାଇବାପାଇଁ ଅମୃତ ଦାନ କରିଥିଲା । ଝିଅ ସେହି ଅମୃତନେଇ ମୃତବ୍ୟକ୍ତିମାନଙ୍କ ଉପରେ ସିଞ୍ଚନ କରିବାରୁ ସମସ୍ତେ ଜୀବଦାନ ପାଇଥିଲେ । ସେହିଦିନଠାରୁ ଦେଶର ବିଭିନ୍ନ ସ୍ଥାନରେ ନାରୀମାନେ ଶ୍ରାବଣ ମାସରେ ନାଗପଞ୍ଚମୀ ପାଳନ କରିବାର ବିଧି ରହିଆସିଛି ।

ସ୍ଥାନଭେଦରେ ନାଗପୂଜାର ପଦ୍ଧତି ଭିନ୍ନଭିନ୍ନ । ନେପାଳରେ ଏହି ପର୍ବ ଶ୍ରାବଣମାସ କୃଷ୍ଣପକ୍ଷ ପଞ୍ଚମୀଦିନ 'ଗର୍ଗ ନାରାୟଣ'ଠାରେ ପାଳନ କରାଯାଏ । ସେଠାର ମନ୍ଦିରରେଥିବା ଗରୁଡ଼ମୂର୍ତ୍ତି ଶରୀରରୁ ଏହି ପର୍ବଦିନ ଝାଳ ବାହାରେ । ପୂଜକ ଖଣ୍ଡେ ପରିଷ୍କାର କନାରେ ପୋଛିଦେଇ କନାଟିକୁ ରଜାଙ୍କ ପାଖକୁ ପଠାନ୍ତି । ଏହି କନାର ଖିଏସୂତା ମଧ୍ୟ ସର୍ପ ଦଂଶନର ପ୍ରତିରୋଧକ ରୂପେ କାର୍ଯ୍ୟକରେ ବୋଲି ସେଠାର ଲୋକଙ୍କର ବିଶ୍ୱାସ । ପୂଜକ ସ୍ନାନପରେ ଗୋଟିଏ ପାତ୍ରରେ ଦୁଗ୍ଧ, ଗୁଆ, ଜଳ, ପୁଷ୍ପ, ଘିଅ, ଚନ୍ଦନ ଓ ଧୂପ ଅର୍ପଣ କରନ୍ତି । ନାଗରାଜଙ୍କ ଅଭିଷେକ କରି କୃଷିର ଉନ୍ନତିପାଇଁ ପ୍ରାର୍ଥନା କରନ୍ତି । ପଞ୍ଜାବରେ ଏହିଦିନ ଘର କାନ୍ଥରେ କଳାରଙ୍ଗରେ ଚିତ୍ର ଅଙ୍କାଯାଏ ଓ ଏହା ସର୍ପଦେବଙ୍କର ପ୍ରତିରୂପ । ସେହିଦିନ ପୂଜାପରେ କେହି ସେଘରେ ପଶନ୍ତିନାହିଁ । ଉତ୍ତର ପ୍ରଦେଶରେ ଘରର ମୁଖ୍ୟବ୍ୟକ୍ତି ସ୍ନାନସାରି ଶୟନକକ୍ଷ କାନ୍ଥରେ ଦୁଇଟି ରେଖାଟାଣି ସାପର ଚିତ୍ର ଆଙ୍କନ୍ତି ଓ ତାପରେ ବ୍ରାହ୍ମଣମାନଙ୍କୁ ଦାନ ଦିଅନ୍ତି । ଲୋକମାନେ ଆଠମୁଖୀ ନାଗକୁ ପୂଜା କରନ୍ତି । ସମସ୍ତ ଶ୍ରମିକମାନେ କାର୍ଯ୍ୟ ସ୍ଥଗିତରଖି ତାଙ୍କର ହତିଆରଆଦି ଉପକରଣ ପୂଜା କରନ୍ତି । ଉତ୍ତର ପ୍ରଦେଶରେ ଏହିଦିନ ଝିଅମାନେ ନଦୀ ବା ପୋଖରୀ ପାଣିରେ ସାପର ପିତୁଳା ଭସାନ୍ତି ଓ ପୁଅମାନେ ଲଗାବାଡ଼ିରେ ବାଡ଼ାନ୍ତି ଜଳକୁ । ଏହି ପ୍ରଦେଶର କେତେକ ଅଂଚଳରେ ନାଗପଞ୍ଚମୀ ଅଗଷ୍ଟ-ସେପ୍ଟେମ୍ବର ମାସରେ ଓ ଆଉ କେତେକ ସ୍ଥାନରେ ଶ୍ରାବଣମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରିଥାନ୍ତି । କେତେକ ଅଞ୍ଚଳରେ ଚନ୍ଦନ ବା ହଳଦୀଗୁଣ୍ଡରେ ସାପମାନଙ୍କର ଚିତ୍ରଆଙ୍କନ୍ତି ଓ ଏମାନଙ୍କ ସମ୍ମୁଖରେ ଦୀପ ଦିଆଯାଏ । ପିଠା ପଣା ଇତ୍ୟାଦି ସକାଳ ଓ ସନ୍ଧ୍ୟାରେ ନିବେଦିତ ହୁଏ । ଉଇହୁଙ୍କାରେ ସାପମାନେ ରହୁଥିବାରୁ କର୍ଣ୍ଣାଟକରେ ଏହିଦିନ ଉଇହୁଙ୍କାରେ ପୂଜା ଦିଆଯାଏ ।

ନାଗପଞ୍ଚମୀ ବ୍ୟତୀତ ନାଗଲଚତୁର୍ଥୀ ଅନେକ ସ୍ଥାନରେ ନଭେମ୍ବର ମାସରେ ପାଳନ କରାଯାଏ । କେବଳ ଏତିକିନୁହେଁ ଗର୍ଭଣା ସଂକ୍ରାନ୍ତି ନାମକ ପର୍ବରେ ସର୍ପପୂଜାକୁ ମହା ସମାରୋହରେ ପାଳନ କରାଯାଇଥାଏ । ନିର୍ଦ୍ଦିଷ୍ଟ ଭାବରେ ଏହିଦିନ ସାପକୁ ଆଦୌ କେହି ଧରନ୍ତିନାହିଁ । ମାତ୍ର ଶିବ ମନ୍ଦିରରେ ଉପାସକମାନେ ନିର୍ଜଳ ଉପବାସ କରି ପୂଜା ଆରାଧନାରେ ରତ ଥାଆନ୍ତି । ଓଡ଼ିଶାର ପୁରୀ, କଟକ ଆଦି କେତେକ ସ୍ଥାନରେ ଏହିଦିନ ନୂତନ ମୃତ୍ତିକା ନିର୍ମିତ ହାଣ୍ଡିରେ ସର୍ପଧରି ବାଦ୍ୟବଜାଇ ବିଭିନ୍ନ ସ୍ଥାନ ବୁଲିବୁଲି ଗଦ ବାଣ୍ଟିଥାଆନ୍ତି ଓ ସେହିସାପକୁ କ୍ଷୀର, କଦଳୀ, ଧୂପ ଇତ୍ୟାଦି ଦେଇ ପୂଜାକରି ଶେଷରେ ଅନ୍ୟତ୍ର ଛାଡ଼ିଥାଆନ୍ତି । ଏହିଦିନ ଶିବଉପାସକମାନଙ୍କର ବିଶ୍ୱାସ ଯେ ନିଷ୍ଠାପରସହ ଉପବାସ ନରହିଲେ ସାପ ଧରାପଡ଼ି ନଥାନ୍ତି ; ଯଦିବା ଧରାପଡ଼ିଥାଆନ୍ତି ତେବେ ତାକୁ ସର୍ପ ଦଂଶନ କରିଥାଏ । ଏହି ପୂଜାକୁ ଅକ୍‌ଟୋବର ମାସରେ ପାଳନ କରାଯାଏ ।

ସର୍ପପୂଜାପରେ ଗୋପୂଜାର ସ୍ଥାନ ଓଡ଼ିଶାରେ ଅଦ୍ୱିତୀୟ । ହିନ୍ଦୁଧର୍ମରେ ଗାଈଗୋରୁଙ୍କୁ ‘ଗୋମାତା’ ରୂପରେ ପୂଜାକରିବା ବହୁକାଳରୁ ପ୍ରଚଳିତ । ଏହି ପୂଜାରେ ଗୋଷ୍ଠାଷ୍ଟମୀ ଓ ଗହ୍ମାପୂର୍ଣ୍ଣମୀ ପ୍ରଧାନ । ଗୋଷ୍ଠାଷ୍ଟମୀ ପୂଜାଟି ନଭେମ୍ବର ମାସରେ କଟକ ନୂଆବଜାର ଓ ଯଯାତିକେଶରୀଙ୍କ ଯାଜପୁର ନାମକ ସ୍ଥାନରେ ବହୁଆଡ଼ମ୍ବରରେ ପାଳିତ ହୋଇଥାଏ । ଗହ୍ମାପୂର୍ଣ୍ଣମୀ ପର୍ବଟି ଅକ୍‌ଟୋବର ମାସରେ ପଡ଼ିଥାଏ । ଏହି ଦୁଇଦିନ ଗାଈଗୋରୁ ଇତ୍ୟାଦିଙ୍କୁ କର୍ମରେ ନିଯୁକ୍ତ କରାଯାଇନଥାଏ ଓ ଗାଈମାନଙ୍କର ବାଛୁରୀରୁ କ୍ଷୀର ଦୁହାଁ ଯାଇନଥାଏ । ସେମାନଙ୍କୁ ଭଲଭାବରେ ସ୍ନାନକରାଇ ଉତ୍ତମରୂପେ ଖାଦ୍ୟଖାଇବାକୁ ଦିଆଯାଇଥାଏ ଓ ଗୁହାଳରେ ଧୂପ, ଦୀପ ଦିଆଯାଇ ଅନ୍ନ, ପିଠା ପଣା ଇତ୍ୟାଦି ପ୍ରଥମେ ଗୋରୁମାନଙ୍କୁ ଅର୍ପଣ କରାକରାଯାଇଥାଏ । ଗହ୍ମାପୂର୍ଣ୍ଣମୀ ଦିନ ଗୋରୁଗାଈମାନଙ୍କ ଗଳାରେ ଓ ମୁଣ୍ଡଉପରେ ସୂତାନିର୍ମିତ ଗହ୍ମାପଇତା ବା ରାକ୍ଷୀ ପକାଇ ପୂଜା କରାଯାଏ ।

ବଡ଼ବଡ଼ ପ୍ରାଣୀପୂଜାକୁ ବାଦଦେଲେ ଛୋଟପ୍ରାଣୀ ପୂଜାର ବିଧି ମଧ୍ୟ ଓଡ଼ିଶାରେ ରହିଛି । ଏହି ପୂଜା ଚିତାଲାଗି ଅମାବାସ୍ୟାରେ ଅଗଷ୍ଟମାସରେ ପାଳନ କରାଯାଏ । ଏହିଦିନ ପ୍ରତ୍ୟେକ ଗୃହରେ ଚିତଉ ପିଠାକରି ପ୍ରଥମେ ଠାକୁରଙ୍କପାଖରେ ଭୋଗ ଲଗାଇ ସାରିବାପରେ କୂଅ, ପୋଖରୀ, ଗଡ଼ିଆ ଇତ୍ୟାଦି ଜଳରେ ଅର୍ପଣ କରାଯାଏ । ଅବଶ୍ୟ ଏହା ଗେଣ୍ଡା ଚାମୁଚା ଆଦି ଜଳଜୀବମାନଙ୍କପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ । ଗ୍ରାମାଞ୍ଚଳ ଲୋକମାନଙ୍କର ବିଶ୍ୱାସ ଯେ ଏହିଦିନ ପିଠା ଜଳରେ ଭୋଗକଲେ ଗେଣ୍ଡା ଚାମୁଚାଦି ପ୍ରାଣୀ ଜଳରେ ମନୁଷ୍ୟମାନଙ୍କର କ୍ଷତି କରନ୍ତିନାହିଁ ଅର୍ଥାତ୍ ଜଳରେ ସ୍ନାନକରିବା ସମୟରେ ଶରୀରର କୌଣସି ଅଂଶ କାଟନ୍ତି ନାହିଁ । ଯାହାହେଉ କ୍ଷୁଦ୍ରପ୍ରାଣୀ ହେଲେ ବି ତାଙ୍କପାଇଁ ପୂଜାର ବିଧି ପ୍ରଚଳିତ ଅଛି ।

ଗଜଲକ୍ଷ୍ମୀ ପୂଜାଦିନ ଓଡ଼ିଶାର ରାଜପରିବାରମାନଙ୍କରେ ହସ୍ତୀମାନଙ୍କୁ ପୂଜା କରାଯାଇଥାଏ । ଏହି ପୂଜା ଅକ୍‌ଟୋବର ମାସରେ ସାଧାରଣତଃ ପାଳିତ ହୋଇଥାଏ । ଏହିଦିନ ହସ୍ତୀମାନଙ୍କର ମସ୍ତିଷ୍କଉପରେ ବିଭିନ୍ନ ରଂଗରେ ଚିତ୍ର ଅଙ୍କନକରି ପୃଷ୍ଠଭାଗରେ ନୂତନ ବସ୍ତ୍ରପକାଇ ପୂଜାକରିବା ସହ କର୍ଣ୍ଣଉପରେ ଥିବା ଅଙ୍କୁଶକୁ ଶରୀରରୁ କାଢ଼ିଦେଇଥାନ୍ତି । ଆଜିକାଲି ଅବଶ୍ୟ ଏହିପୂଜାଟିକୁ ମୂର୍ତ୍ତିପୂଜାରୂପେ ପାଳନ କରାଯାଉଛି ।

ଉପରୋକ୍ତ ପୂଜାବିଧିର ବିଶେଷତ୍ୱ କ'ଣ ହୋଇପାରେ ? ସର୍ପପୂଜାର ମୂଳଲକ୍ଷ୍ୟହେଲା ସର୍ପବଂଶକୁ ରକ୍ଷାକରି କୃଷିର ଉତ୍ପାଦନ ଅକ୍ଷୁଣ୍ଣରଖିବା । କୃଷି ଉତ୍ପାଦନର ପ୍ରାୟ ଏକଷଷ୍ଠାଂଶ ମୂଷାଆଦି ଜନ୍ତୁକ ପ୍ରାଣୀମାନଙ୍କଦ୍ୱାରା ନଷ୍ଟ ହୋଇଥାଏ । ଆହୁରି ମଧ୍ୟ ଜଣାଯାଉଛି ଯେ ମୂଷାମାନଙ୍କର ସଂଖ୍ୟା ମନୁଷ୍ୟ ସଂଖ୍ୟାର ପ୍ରାୟ ୬ଗୁଣ । ଏଥିରୁ କଳ୍ପନା କରାଯାଇପାରେ ଯେ ଏମାନେ କେଉଁପରିମାଣରେ ଶସ୍ୟହାନି କରୁଥିବେ । ସାପ ମୂଷାର ପ୍ରଧାନ ଶତ୍ରୁ ହେତୁ ମୂଷାମାନଙ୍କର ସଂଖ୍ୟା କେତେକ ନିୟନ୍ତ୍ରଣ ହୋଇପାରିଛି ସାପମାନଙ୍କ ଯୋଗୁଁ । ନଚେତ୍ ଖାଦ୍ୟ ସମସ୍ୟାର ପରିମାଣ ଆହୁରି କେତେ ଯେ ବୃଦ୍ଧି ପାଆନ୍ତା ତାହା ହିସାବ ବହିର୍ଭୂତ । ବୋଧହୁଏ ଏହିଯୋଗୁଁ ସର୍ପପୂଜାର ପ୍ରଚଳନ ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ରହିଛି । କାରଣ ଭାରତ ଗୋଟିଏ କୃଷିପ୍ରଧାନ ଦେଶ । ଦ୍ୱିତୀୟତଃ ପୁରାତନକାଳରେ ଆଦିମାନବ ଯାହାଠାରୁ ଉପକାର ପାଉଥିଲେ, କେବଳ ସେହିମାନଙ୍କୁ ପୂଜାକରି ଆସୁଥିଲେ । ତେଣୁ ପ୍ରତ୍ୟେକ ଉଦ୍‌ଭିଦ, କେତେକ ଜୀବଜନ୍ତୁ, ସୂର୍ଯ୍ୟ, ଚନ୍ଦ୍ର, ପଥର ଇତ୍ୟାଦିର ପୂଜାକରି ଆସୁଥିଲେ; ଯାହାକି ଅଦ୍ୟାପି କେତେକାଂଶରେ ଅନେକ ସ୍ଥାନରେ ପାଳନ କରାଯାଏ । ସେହି ଦୃଷ୍ଟିକୋଣରୁ ବିଚାରକଲେ ଜୀବଜଗତରେ ଯେତେ ଜୀବ ଅଛନ୍ତି ତନ୍ମଧ୍ୟରୁ ଗାଈଗୋରୁମାନଙ୍କଠାରୁ ଯଥେଷ୍ଟ ଉପକାର ମିଳିଥାଏ । ଅବଶ୍ୟ ଆଜିକାଲି ଅନେକ ଯନ୍ତ୍ରର ବ୍ୟବହାର ଯୋଗୁଁ ଜମି କର୍ଷଣ ହୋଇପାରୁଛି, ପରିବହନର ସୁବିଧା ହୋଇଛି । ତଥାପି ଆଗକାଳରୁ କାହିଁକି ବର୍ତ୍ତମାନ ବି ଗୋରୁମାନଙ୍କୁ ଏହିକାର୍ଯ୍ୟରେ ଉପଯୁକ୍ତଭାବରେ ବିନିଯୋଗ କରାଯାଇ କୃଷି ଉତ୍ପାଦନ ଠିକ୍ ଭାବରେ ସମ୍ଭବ ହୋଇପାରିଛି । ଏତଦ୍‌ବ୍ୟତୀତ ଗାଈକ୍ଷୀରରେ ଭିଟାମିନ୍ ‘କ’ରୁ ଆରମ୍ଭକରି ଖଣିଜ ଲବଣ ପର୍ଯ୍ୟନ୍ତ ସବୁଖାଦ୍ୟସାର ପୁରି ରହିଛି । ଏହିସବୁ ଉପକାର ଯୋଗୁ ଗାଈ ଦେହରେ ୧୦୮ ଦେବତା ଅଛନ୍ତି ବୋଲି କହି ହିନ୍ଦୁମାନେ ପୂଜା କରିଥାଆନ୍ତି । ତେଣୁ ଗୋ-ପୂଜା କହିବାକୁଗଲେ ହିନ୍ଦୁମାନଙ୍କପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏପରିକି ଜୀବପୂଜା ନଥିଲେ ପ୍ରକୃତିର ପ୍ରାକୃତିକ ପରିବେଶରେ ବୋଧହୁଏ ଭାରସାମ୍ୟ ନଥାଆନ୍ତା । ଅର୍ଥାତ୍ କୌଣସି ଏକ ଜୀବର ସଂଖ୍ୟା ବୃଦ୍ଧିପାଇଗଲେ ତାହା ଅନ୍ୟ ଜୀବମାନଙ୍କ ଉପରେ ପ୍ରଭାବ ପକାନ୍ତା ଓ ଜୀବ ସଂତୁଳନ ଠିକ୍ ରହିପାରନ୍ତା ନାହିଁ । ଅନ୍ୟଏକ ଦୃଷ୍ଟିକୋଣରୁ ପୂଜାବିଧିର ମହତ୍ତ୍ୱ ବି ଆଲୋଚନା

କରାଯାଇପାରେ । ମନୁଷ୍ୟ କର୍ମମୟ ଜୀବନ ମଧ୍ୟରେ ସବୁଦିନ ପ୍ରାୟ ଏକପ୍ରକାର ଜୀବନଯାପନ କରିଥାଏ । ଏଥିରୁ କ୍ଷାନ୍ତ ପାଇ ଉପଭୋଗ କରିବା, ପର୍ବପର୍ବାଣୀ ତଥା ଓଷା ପୂଜାର ବିଶେଷତ୍ୱ । ଏହିସବୁ ବିଶେଷ ଦିବସଗୁଡ଼ିକରେ ପୂଜା ଇତ୍ୟାଦିକରି, ରୁଚିପୂର୍ଣ୍ଣ ଖାଦ୍ୟଖାଇ ହାସ୍ୟରସ ମାଧ୍ୟମରେ ଉପଭୋଗ କରିବାର ସୁଯୋଗ ମିଳିଥାଏ । ଅବଶ୍ୟ ଏଠାରେ ଖାଦ୍ୟପଦାର୍ଥ ନେଇ ପୂଜାପର୍ବର ଅନ୍ୟ ଏକ ଉଦାହରଣ ଦିଆଯାଇପାରେ । ମନୁଷ୍ୟ ସବୁଦିନ କାଙ୍କି ବା ଗଜାମୁଗ ଇତ୍ୟାଦି ଖାଇବା ସମ୍ଭବ ହୋଇନଥିବା ଯୋଗୁଁ କାଙ୍କିଅଁଳା ଓ ଦ୍ୱିତୀୟା ଓଷା ଯଥାକ୍ରମେ ବିଧି ରହିଛି; ଯେଉଁଦିନ କି ଉପରୋକ୍ତ ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା ବାଞ୍ଛନୀୟ । ଅର୍ଥାତ୍ ଏହି ଖାଦ୍ୟଗୁଡ଼ିକ ଭିଟାମିନ୍‌ଯୁକ୍ତ ହୋଇଥିବାରୁ ଶରୀର-ପାଇଁ ନିତାନ୍ତ ଆବଶ୍ୟକ ବୋଲି ପୂଜା ପର୍ବ ଇତ୍ୟାଦିର ପ୍ରଚଳନ ରହିଛି । ଅପରପକ୍ଷରେ ଜୀବପୂଜା ଦିନଗୁଡ଼ିକରେ ଜୀବଗୁଡ଼ିକ ବିଶ୍ରାମ ପାଇବା ସଂଗେ ସଂଗେ ମନୁଷ୍ୟ ଉପବାସ ରହିବା ତା ପକ୍ଷରେ ହିତକର । ତେଣୁ ଆଲୋଚିତ ବୈଜ୍ଞାନିକ ଦୃଷ୍ଟିକୋଣରୁ ଓଷା, ବ୍ରତ, ପୂଜା, ପର୍ବପର୍ବାଣୀଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ; ଯାହାବିନା ପ୍ରାଣୀଜଗତର ଭାରସାମ୍ୟ ଅସମ୍ଭବ । ତେଣୁ ଆଜିକାଲି ଏହାକୁ ଅନ୍ଧବିଶ୍ୱାସ ମନେକରି ସଂସ୍କୃତିକୁ ଲୋପକରିବା ପରିବର୍ତ୍ତେ ଗ୍ରହଣ କଲେ ଆମର ଜଂଜାଳମୟ ଜୀବନ ଅଧିକ ସରସ ଓ ସୁନ୍ଦର ହୋଇପାରିବ, ପରିବାରରେ ଶାନ୍ତ ବାତାବରଣ ଆସିପାରିବ ତଥା ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ସୃଷ୍ଟି ହୋଇପାରିବ । ତେଣୁ ମୁନି, ଋଷି ତଥା ଆମର ପୂର୍ବପୁରୁଷମାନେ ଏହିସବୁ ପ୍ରଥାର ପ୍ରଚଳନ କରିଥିବାଯୋଗୁଁ ଅବିସ୍ମରଣୀୟ ହୋଇଛନ୍ତି ।

ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର–୭୫୧୦୦୪ ।



ଓଡ଼ିଶା ଜିମନାଷ୍ଟିକ୍ ପ୍ରତିଯୋଗିତାରେ ଚାମ୍ପିଆନ୍ ପ୍ରତିଯୋଗୀଙ୍କ ଗହଣରେ ସୂଚନା ଓ ଲୋକସଂପର୍କ ଶାସନ ସଚିବ ଶ୍ରୀଯୁକ୍ତ ଏ. ଏନ୍. ତିୱାରୀ ।

# ଚିଠି କଲା ହରବର

ଶ୍ରୀ ବଟଦ୍ୱାନନ୍ଦ ପାଇକରାୟ

ମଧୁପଲ୍ଲୀ ବୋଲି ଛୋଟିଆ ଗାଁ ଖଣ୍ଡେ । ଘର ଗଣତି କଲେ ୩୦।୪୦ ଯାଏଁ ହେବ । ସମସ୍ତେ ଚଷୀ, ଗରିବ, ଅଶିକ୍ଷିତ । କାହାର ମାଣେ ତ କାହାର ଦୁଣେ । କାହାରି କାହାରି ସେତକ ବି ନାହିଁ । ସେମାନେ ଖଟିଖିଆ । ଗାଁ ପାଖରେ କାମ ନମିଳିବା ସମୟରେ ସେମାନେ ଶ୍ରମିକଭାବେ କାଳୀମାଟି ଯାଆନ୍ତି । କ୍ଷୁଦ୍ରଚଷୀମାନେ ମଧ୍ୟ ବର୍ଷକେ ଥରେ ଅଧେ ମାଟିକାମରେ ବାହାରକୁ ଯାଆନ୍ତି ।

ଫଗୁଣମାସ । ଦୋଳପରବ ବେଳ । ମଧୁପଲ୍ଲୀ ଗାଁ କିନ୍ତୁ ଦୋଳ ଯାତରାରେ ଖୁସୀ ହୋଇ ପାରେ ନାହିଁ । ସେତେବେଳକୁ ଗାଁର ଟୋକା ଓ ଦରବୁଢ଼ାଙ୍କ ପଳାଇ ଯାଇଥାନ୍ତି ଦୂର ରାଇଜକୁ ମାଟିକାମରେ । ଧାନକଟା ସରିଛି । କିଏ ଅମଳ କରିଛନ୍ତି ଅବା କେହି କରିନାହାନ୍ତି । ଗାଁରେ ଖାଲି ମାଇପେ ଗୋଛେ, ବୁଢ଼ା ପୁଞ୍ଜେ, ପିଲ ମେଣ୍ଟେ ଯାହା ଆତଯାତ ହେଉଛନ୍ତି ।

ପୋଖରୀ ତୁଠରେ ମାଇପି ମହଲରେ କଥାପଡ଼େ-କାହାପୁଅର ବାପ କେତେ ଟଂକା ପଠାଇଲଣି । କେତେଥର ବାରତା ଦେଲଣି । ନେତ୍ରମଣି କହେ ଚଂପୀକୁ—"ଗଲସନ ଦୋଳଯାତରାକୁ ସେ ଥିଲେ, ଏସନକୁ ବିଦେଶରେ ! ବିଭାଘର ଦି ବର୍ଷ ପୂରି ନାହିଁ ! ଏଥରକୁ ମିଶାଇ କଲିକତା ଯିବା ତାଙ୍କର ତିନି ଥର ହୋଇଗଲା ଚଂପୀ ଖୁଡ଼ୀ ! "ଚଂପୀର ଭେଣ୍ଡା ପୁଅକଥା ମନେ ପଡ଼ିବାରୁ କହେ—"ବାଇଆଟା କଣ କରୁଥିବ, କଣ ଖାଉଥିବ ! ଦୋଳଯାତରା ବାସିତିଆସି ହେଲେ ଯାଇଥାଆନ୍ତା ! ବାପଗଲ ବୋଲି ପୁଅକୁ ସାଙ୍ଗରେ ଛାଡ଼ିଦେଲି ଯେ ମନଟା ଖାଲି ଗୋକେଇପାଣି ହେଉଛି । ପାଆଁଶ ଟଙ୍କା ଦେଇଯାଇଥିଲେ । ଧାନ ତିନି ବସ୍ତା କିଣି ରଖିଦେଇଛି । ସେ ଧାନକୁ ଚାହିଁଦେଲେ ଖାଲି କୋହ ଉଠୁଛିଲେ ଝୁଅ ।"

ପିଲଗୁଡ଼ାକ ବି ଦୋଳସୁଖ କଣ ଜାଣିଲେ ନାହିଁ । କିଏ ଯାଇଛି ଦିଟା ଛେଳିଧରି । କିଏ ଯାଇଛି ବଳଦ ଚରେଇ । କିଏ ବା ଯାଇଛି ତୋଟାମାଳକୁ ପତର ଗୋଟେଇ । ସଂଜବେଳକୁ ଧୂଳିଆ ବାବାହୋଇ ଫେରିବେ ।

ଦୂର ଗାଁରେ ଘଣ୍ଟ ମୃଦଙ୍ଗ ବାଜୁଛି । ଦିଅଁଙ୍କ ମାଲଣା ଚାଲିଛି । ଫଗୁଖେଳ ଚାଲିଛି । କିନ୍ତୁ ମଧୁପଲ୍ଲୀ ଭାଗ୍ୟରେ କଟୁତା ଛଡ଼ା ମଧୁରତା ନାହିଁ ।

ପଧାନ ବୁଢ଼ା ପିଣ୍ଡାରେ ବସି ରାଉତ ବୁଢ଼ା ସଙ୍ଗେ କଥାବାର୍ତ୍ତା ହେଉଛନ୍ତି—" ରାଉତ ଭାଇ, ଅଣ୍ଟାଟାକୁ ବାତ ଧରିଲା ଯେ ଚାଲବୁଲ କରିବାକୁ ଭାରି କଷ୍ଟ ହେଉଛି ! ଦୁଆରି ବଇଦ କେତେ ଜଡ଼ିବୁଟି ଦେଲଣି ! ମଲମ ମାଲିସ କଲିଣି ! ହେଲେ କିଛି କାଟ କରୁନି" ।

ଏତିକିବେଳେ ଡ଼ାକ ପିଅନ ଚିଠି ଦେଇଗଲା ୫ ଖଣ୍ଡ । କହିଲା—"ପଧାନ ମଉସା, ଏ ଚିଠିତକ ଟିକେ ବାଣ୍ଟି ଦେବ । ବେଳ ବୁଡ଼ିଲଣି, ମୁଁ ଆରଗାଁରୁ ଯାଇ ଫେରିଲା ବେଳକୁ ରାତି ହୋଇଯିବ । ପୁଣି ଗାଁକୁ ଯିବି । ଜାଣୁଛତ ତିନି କୋଶ ବାଟ ! ଏ ଚିଠିଟି ଜଗା ସ୍ୱାଇଁଙ୍କର, ଏ ଚିଠିଟା ହଟ ବେହେରାଙ୍କର, ଏ ଚିଠି ଗୋଲପ ଦେଈଙ୍କର, ଏଚିଠି ଗୁରେଇ ବେଉଆଙ୍କର, ଆଉ ଏଚିଠିଟା ହେଲା ଚଂପୀ ଦେଈଙ୍କର" ।

ପଧାନ ବୁଢ଼ା ଚିଠୁଗୁଡ଼ାକ ଧରି ଏପଟ ସେପଟ କଲା । ନେତ୍ରମଣି ଜଳାକବାଟିରେ ଚାହିଁ ରହିଥିଲା ଡ଼ାକ ପିଅନ କେତେବେଳେ ଆସିବେ ! ତାର ଚିଠି ଆସିଥିବ କି ? ଡ଼ାକ ପିଅନ ଚାଲିଯିବାର ଦେଖି ତା' ଶାଶୁକୁ ପଠେଇଲା ପଧାନ କକାଙ୍କ ପାଖକୁ ।

ନେତ୍ରମଣି ଶାଶୁ ଆସି ପଚାରିଲା—"ଆମ ଚିଠି ଆସିଛି କି ପଧାନେ ?"

ପଧାନ ବୁଢ଼ା କହିଲା— "ହଁ ଭାଉଜ, ତୁମ ନାଁ ପରା ଗୁରେଇ ? ତୁମ ଚିଠି ଅଛି । ଦେଖିଲ, ଏଥିରୁ କେଉଁଟା ତୁମ ଚିଠି ?"

ନେତ୍ରମଣି ଶାଶୁ ଚିଠି ପାଞ୍ଚ ଖଣ୍ଡଧରି ଏପଟ ସେପଟ କଲା । ତା ପୁଅ କେଉଁ ଚିଠିଟା ପଠାଇଛି, ଜାଣି ପାରିଲା ନାହିଁ ।

ଏତିକିବେଳେ ପଧାନ ବୁଢ଼ା କହିଲା—"ନେଇଯା ପାଞ୍ଚ ଖଣ୍ଡଯାକ ଚିଠି ବାଣ୍ଟି ଦେବ । ଗୋଟେ ଚିଠି ଜଗା ସ୍ୱାଇଁର, ଗୋଟେ ହଟର, ଗୋଟେ ଗୋଲପର, ଗୋଟେ ଚଂପୀ ଭାଉଜର, ଅନ୍ୟଟି ତ ତୁମର ! ବୁଝିଲ ।

ନେତ୍ରମଣିର ଶାଶୁ କହିଲା—"ପଧାନଭାଇ, ଆମ ଚିଠି ଏଥିରୁ କେଉଁ ଗୋଟାକ, ଟିକିଏ କହିଦେଲ ?"

ପଧାନ ବୁଢ଼ା କହିଲା—"ମୁଁ କଣ ପାଠ ପଢ଼ିଛି, ଭାଉଜ ? ଆମ ବେଳକାଳରେ କଣ ଏତେ ସବୁ କଥା ଥିଲା ନା, ପାଠପଢ଼ାଥିଲା ? ତୁମ ଚିଠି ତୁମେ ନିଜେ ଚିହ୍ନ" ।

ସୁରେଇ ରାଉତନନାକୁ ଅନେଇଲା । ରାଉତ ବୁଢ଼ା କହିଲା—"ମତେ ଅନେଇଲେ କଣହେବ ବୋହୂପିଲା, ମୁଁ ମଧ୍ୟ ଶ୍ରୀ ଅକ୍ଷର ବିବର୍ଜିତ" ।

ଚିଠିଟକଧରି ନେତ୍ରମଣିର ଶାଶୁ ସିଧା ଦାଣ୍ଡେଇଲା ଘରକୁ । ଦୁଆର ଅଗୁଆଳରେ ବୋହୂ ଚାହିଁ ରହିଥିଲା । ସୁରେଇ କହିଲା—"ହଁଲୋ ବୋହୂପିଲା ମୋର ଚିଠି ଦେଇଛି ! ଦେଖିଲୁ ଏଥିରୁ ଆମର କେଉଁଟା" ?

ବୋହୂତ ପାଠର ଧାର ଧାରେନି ! କଣ କରିବ ? କିପରି ଚିହ୍ନିବ ? ଆହା, କେଉଁ ଚିଠିଟିକୁ ସେ ଆମର ପଠାଇଛନ୍ତି" ! ଏପରି ଭାବି ଭାବି ସେଥିରୁ ଗୋଟାକୁ ଖୋଳିନେଲା ! ତାକୁ ଯେଉଁଟା ସୁନ୍ଦର ଦିଶିଲା ସେଇଟି ରଖିଦେଇ ଅନ୍ୟ ସରିକଣ ଶାଶୁଙ୍କ ହାତକୁ ବଢ଼େଇଦେଲା । ଶାଶୁଯାଇ ଅନ୍ୟ ସରିକଣଙ୍କଘରେ ଗୋଟିଏ ଗୋଟିଏ ବାଣ୍ଟି ଆସିଲେ ।

ଶାଶୁ ଫେରିଲାବେଳକୁ ନେତ୍ରମଣି ଚିଠିଟିକୁଧରି କେତେଥର ଗେଲକରି ପକାଇଲାଣି ! କେତେ ଥର ମୁଣ୍ଡରେ ଲଗାଇ ସାରିଲାଣି । ଖୋଲି ପାରୁନି ! କାହିଁକି ବା ଖୋଲିବ ? କିଏ ପଢ଼ିବ ? କାହା ପାଖକୁ ନେଇ ଅବା ପଢ଼େଇ ଆସନ୍ତା ! ହେଲେ ସେ ମୂର୍ଖ ଗାଁରେ କିଏ ବା ପାଠପଢ଼ିଛି ! ଏହି ଚିନ୍ତାରେ ମୁହଁ ଝାଉଁଳି ପଡ଼ିଲାଣି । ଆର. ଆଇ. ବାବୁଙ୍କୁ ଛାଡ଼ିଦେଲେ ସେ ପୋଡ଼ପାଡ଼ଗାଁରେ ପାଠପଢ଼ାଲୋକ କେହି ନାହିଁ ! ବାବୁତ ଏବେ ଚଟିଗାଁ ଅଫିସିରେ ଥିବେ ! ରାତି ପହରକୁ ଫେରିବେ ! ସେତେବେଳଯାଏଁ ଚିଠିଟି ସିମିତି ସିନା ରହିଥିବ ! କଣକଣ ଲେଖା ହୋଇଛି ଜାଣିବାକୁ ମନ ଉଚ୍ଛନ୍ନ ହେଲାଣି ।

ଏତିକିବେଳେ ଚଂପୀଖୁଡ଼ି ଆସି ପହଞ୍ଚିଗଲେ ! ବିଷର ପଡ଼ିଲା—ଏ ଚିଠି ସବୁ କିମିତି ପଢ଼ିବା ! ନେତ୍ରମଣି କହିଲା—"ଚଲ ଖୁଡ଼ୀ, ବାବୁକାଳେ ଆମ ଭାଗ୍ୟକୁ ଆଜି ସଅଳ ଫେରିଥିବେ" ।

ଚଂପୀ କହିଲା— "ମୁଁ କଣ ଆଉ ବାକି ରଖିଛି । ତାଂକ ଘରକୁଯାଇ ପରା ବାହୁଡ଼ି ଆସିଲିଣି । ବାବୁ ଫେରି ନାହାନ୍ତି । ବାପ ପୁଅ ଦିହିଙ୍କର ଦେହପା ଖବର ଜାଣିବାକୁ ମନ ଛଟପଟ ହେଲାଣି । କ'ଣ କରିବା । ଆମ ଭାଗ୍ୟ ତ ଛୋଟ । ପାଠ ପଢ଼ିଥାଆନ୍ତେ କିମିତି" ।

ନେତ୍ରମଣି କହିଲା—"ଆଚ୍ଛା ଖୁଡ଼ୀ, ବାବୁଆଣୀ ମା'ତ ଘରେ ଥିବେ । ଚଲ, ତାଂକ ପାଖରେ ପଢ଼ାଇ ଆସିବା । ବାବୁ ପଢ଼ିଲେ ମୋତେ ଭାରି ଲାଜମାଡ଼େ । ତୁମ ପୁଅକୁ ତ ଜାଣିଛ । ଭାରି ଲଏ । କଅଣ ନା କ'ଣ ଲଥାକୁ ସିଏକୁ ବି ସବିପଦ ଅସଭ୍ୟଙ୍କପରି ଲେଖି-ଦେଇଥିବେ" । କହିସାରି ଲାଜରେ ମୁରୁକି ମୁରୁକି ହସିଲା ।

ଚଂପୀ କହିଲା—"ହଁଲୋ ବୋହୂ ! ବାବୁଆଣୀ ତ ସହରରେ ଅଛନ୍ତି । ଚଲ ତାଂକୁ ପଢ଼ାଇବା । ଭଲ କଥାଟିଏ କହିଲୁ" ।

ଚଂପୀ ଓ ନେତ୍ରମଣି ବାବୁଙ୍କ ଘରକୁ ବାହାରିଲା-ବେଳକୁ ଗୋଲାପନାନୀ ଆସି ହାଜର । କୁଆଡ଼େ ବାହାରିଛ କିଲୋ ହଳକଯାକ ? ମୁଁ ପରା ଚଟିଗାଁରୁ ବାଟେବାଟେ ଫେରୁଛି । ତୋ' ଶାଶୁ ମୋତେ ଯାହା ହରବର କଲାଣି । ତୋ ଶାଶୁଠୁଁ ଏ ଚିଠି ପାଇ ଧାଇଁଗଲି ଚଟି ଗାଁକୁ । ଆର. ଆଇ. ବାବୁଙ୍କୁ ନେହୁରା ହୋଇ କହିଲି—"ବାବୁ' ତୁମ କାମକୁ ରଖି, ମୋ ଚିଠିଟା ଆଗ ପଢ଼ିଦେଲ । ତା' ବାପାର ଦିହପା କିମିତି ଅଛି ଜାଣିବାକୁ ଏତେ ବାଟରୁ ଧାଇଁଛି" । ବାବୁ ଭାରି ଭଲ ଲୋକ । ସାଙ୍ଗେ ସାଙ୍ଗେ ତାଙ୍କ କାମ ବନ୍ଦ୍ କରି ମୋ ଚିଠିଟିକୁ ପଢ଼ି-ବସିଲେ । ପଢୁଥାନ୍ତି ; ଆଉ ମୁରୁକି ମୁରୁକି ହସୁଥାନ୍ତି । ଛି, ଛି, ଇମିତିକା କଥା କଣ ଚିଠିରେ ଲେଖାଯାଏ । ମୁଁ ଭାବିଲି—'ଆମର ସିଏ ତ ସିମିତିକା ଲୋକ ନୁହଁନ୍ତି । କାଳେ କି ବେଳେ ଇମିତି ଲେଖନ୍ତି ନାହିଁ । ଏ ଚିଠି ନିଶ୍ଚେ ଆଉ କାହାର' । ମୁଁ କହିଲି—'ବାବୁ, ଏ ଚିଠିର ଠିକଣାଟା ଟିକିଏ ପଢ଼ିଦେଲ' । ବାବୁ ଠିକଣା ପଢ଼ି କହିଦେଲେ—"ଆରେ, ଏ ଚିଠିଟା ତ ଗୁରେଇ ବେଉଆଙ୍କର । ତାଙ୍କ ପୁଅ ଲେଖିଛି ତାଂକ ବୋହୂ ପାଖକୁ ।'

"ଚିଠିଟି ଆଉ ନପଢ଼ି ମୋ ହାତକୁ ଫେରାଇଦେଲେ । ସେଇ ଖରାରେ ଖରାରେ ପୁଣି ଧାଇଁ ଆସିଲି ତୁମ ଘରକୁ । ନିଅ ତୁମ ଚିଠି । କୁଆଡ଼େ ଯାଇଛି ତୋ ଶାଶୁ ? ମୋ ଚିଠି ଦିଅ" ।

ନେତ୍ରମଣି ଗୋଲାପ ଅପା ହାତରୁ ଚିଠିଟିକି ନେଇ ନିଜ ଚିଠି ବୋଲି ଭାବି ଅସଂଖ୍ୟ ଗେଲ କରିଥିବା ଅନ୍ୟ ଚିଠିଟିକୁ ଫେରାଇ ଦେଲାବେଳେ ଲାଜ ସରମରେ ନାଲି ପଡ଼ି ଯାଇଥିଲା । ଭାବିଲା— 'କାହାଚିଠିଟାକୁ ଏତେ ଶରଧାରେ ଗେଲ କରି ମୁଣ୍ଡରେ ଲଗାଉଥିଲି ମ! ମରଣ ହେଲା ନାହିଁ ମତେ ! ଛି, ଛି, ପାଠ ନପଢ଼ିଲା ଲୋକର ମୁହଁ ପୋଡ଼ୁ" !

ତା'ପରେ ନେତ୍ରମଣିର ପ୍ରସ୍ତାବ ଅନୁସାରେ ସେମାନେ ବାହାରିଲେ ବାବୁଆଣୀ ମା'ଙ୍କ ପାଖକୁ ।

ଚଟିଗାଁରେ ଘରଭଡ଼ା ନମିଳିବାରୁ ଆର. ଆଇ. ବାବୁ ମଧୁପଲ୍ଲୀ ଗାଁରେ ବସା ନେଇଛନ୍ତି । ଚଟିଗାଁଠାରୁ ଦୁଇ କିଲୋମିଟର ଦୂରରେ ମଧୁପଲ୍ଲୀ ।

ମଧୁପଲ୍ଲୀର ବୁଢ଼ାଠାରୁ ପିଲାଯାଏଁ ସମସ୍ତଙ୍କର ସିଏ ବାବୁ ! ତାଙ୍କ ସ୍ତ୍ରୀ ବାବୁଆଣୀ ମା ! କିନ୍ତୁ ବାବୁଆଣୀ ମା ଯେ ସେମାନଙ୍କ ପରି ମୂର୍ଖ, ସେ କଥା ସେମାନେ ଜାଣନ୍ତି ନାହିଁ ।

ବାବୁଆଣୀ ମା କିନ୍ତୁ ସୁନ୍ଦରୀ । ପୁଣି ଥିଲାବାଲା ଘରୁ ଆସିଛନ୍ତି ! ଛାତି ଫୁଲାଇ ପାହୁଣ୍ଡ ପକାନ୍ତି ! ବିଦ୍ୟା ନ ଥିଲେ ଯେ ସବୁ ଅସାର, ଏକଥା ସେ ବୁଝନ୍ତି ନାହିଁ ।

ତାଙ୍କ ରୂପର ଜୋର ବେଶି ଦିନ ରହିଲା ନାହିଁ । ପାଠୁଆମାନଙ୍କୁ ଅପାଠୁଆମାନ ଛୁଇଁ ପାରିଲେ ନାହିଁ । ବାବୁ ବାବୁଆଣୀଙ୍କ ମନ ଅମେଳ ହେଲା । ଘଟିଲା ଝଗଡ଼ା ସବୁବେଳେ ।

ଦିନେ ବାବୁଆଣୀ ମା ରାନ୍ଧି ବସିଥାନ୍ତି । ପରିବା-ଗୁଡ଼ାକରୁ ବହଳା ବହଳା ଚୋପା କାଟି ଫିଙ୍ଗିଦେଲେ । ତାପରେ କଟା ପରିବାଗୁଡ଼ିକୁ ପାଣିରେ ରଗଡ଼ି ରଗଡ଼ି ଧୋଇଲେ । ତାପରେ ସେଗୁଡ଼ିକୁ ଗୁଡ଼ାଏ ପାଣିରେ ସିଝାଇ ବଳକା ପାଣିକୁ ଫିଙ୍ଗିଦେଲେ ! ବହୁତ ତେଲ ମସଲା ଦେଇ ରାନ୍ଧିଲେ । ରାନ୍ଧିଲାବେଳେ ରନ୍ଧାପାତ୍ରରେ ଘୋଡ଼ଣୀ ଦେଲେ ନାହିଁ ।

ବାବୁ ଠିଆ ହୋଇ ଦେଖୁଥିଲେ ପାଖରେ । ଘରଣୀଙ୍କର ଏ ପ୍ରକାର ଅସ୍ୱାସ୍ଥ୍ୟକର ରନ୍ଧା କାରବାରରେ ମନେ ମନେ ବିରକ୍ତ ହୋଇ କହିଲେ—ଏ ପ୍ରକାର ରନ୍ଧା ଆଉ ଚଳିବ ନାହିଁ । ଏପରି ରାନ୍ଧିଲେ ଖାଦ୍ୟରୁ ସବୁ ଖାଦ୍ୟସାର ନଷ୍ଟ ହୋଇ ଯାଏ । ଖାଦ୍ୟସାର ଅଭାବରେ ଆମକୁ ନାନା ରୋଗ ଆକ୍ରମଣ କରେ ।

ବାବୁଆଣୀ ମା ରାଗିଯାଇ କହିଲେ—ଆମ ରନ୍ଧା ଯଦି ତୁମ ମନକୁ ପାଉନି, ତେବେ ଆଉ ଗୋଟାଏ ବାହାହୋଇ ପଡ଼ । ସେ ତୁମକୁ ନୂଆ ନୂଆ ରନ୍ଧା ଖୁଆଉଥିବ ! ଆଜିଯାଏଁ ତ ଏ ରନ୍ଧା ଚଳୁଥିଲା ! ଏବେ ପୁରୁଣା ହୋଇ ଯିବାରୁ ନୂଆ ରୋଗ ବାହାରୁଛି ।

ବାବୁ କହିଲେ—ଦେଖ, ଘଟଣା ଯାହା, ସେଥିରେ ମୁଁ କେବଳ ରାଗିବା କଥା । କିନ୍ତୁ ଓଲଟି ତୁମେ ରାଗୁଛ ! ମୋ କଥା ମନ ଦେଇ ଶୁଣ । ତାପରେ ରାଗିବ ! ପରିବା ଚୋପାକୁ ଲାଗି ଭିଟାମିନ୍ ଥାଏ । ଚୋପାକୁ ବହଳା କରି କାଟି ଫିଙ୍ଗି ଦେବା ଦ୍ୱାରା ସେଗୁଡ଼ିକ ନଷ୍ଟ ହୋଇଯାଏ । ତାପରେ ତୁମେ ଯେଉଁ ପ୍ରକାର କଟା-ପରିବାକୁ ରଗଡ଼ି ରଗଡ଼ି ଧୋଉଛ, ସେଥିରେ କଣ ଭିଟାମିନ୍ ଆଉ ରହିବ ? ତେଣୁ ଆଗ ପରିବାକୁ ଧୋଇ ପଛେ କାଟିବା ଉଚିତ । ପୁରୀ ମହାପ୍ରସାଦ ତ ଖାଇଛ ? କେତେ ସୁଆଦ ଲାଗେ ! ସେଠାରେ ପରା ପରିବାରୁ ଆଦୌ ଚୋପା ବାହାର କରାଯାଏ ନାହିଁ ! ତାପରେ ତୁମେ ପୁଣି ଆଉ କି ଭୁଲ କରୁଛ ଜାଣ ? ପରିବା ସିଝା-ଗଲା ପରେ ବଳକା ପାଣିକୁ ନିଗାଡ଼ି ଦେଉଛ ! ଯାହା ବା ଭିଟାମିନ୍ ଟିକିଏ ଥିଲା, ତାହା ନିଗିଡ଼ା ପାଣିରେ ଚାଲିଗଲା । ଘୋଡ଼ଣୀ ନଦେଇ ରାନ୍ଧିବା ଯୋଗୁଁ ବାମ୍ଫରେ ବାକୀ ଭିଟାମିନ୍‌ତକ ଚାଲିଗଲା । ତାପରେ ଆଉ ରହିଲା କ'ଣ ଯେ ଆମେ ଖାଇବା ? ଖାଲି ଖଦଡ଼ା ଖାଦ୍ୟଗୁଡ଼ାକ ଗିଳି ପେଟ ପୂରାଇବା ସିନା !

ବାବୁଆଣୀଙ୍କ ମନକୁ ଏ କଥା ପାଏ ନାହିଁ । ସେ କହନ୍ତି—ଯାଆମ, ମୋ ବାପଘରେ କେତେ ରନ୍ଧା ଦେଖିଛି ! ଆମର ସେଠି ଚୋପା ସରସର ତରକାରୀ କିଏ ଖାଆନ୍ତି ନାହିଁ । ପରିବାରୁ ଧୂଳିମାଟି ଭଲଭାବରେ ନ କାଢିଲେ କିଏ ଆମର ଖାଏ ? ଚୋପା ଫିଙ୍ଗିଦେଲେ ପରିବା କମି ଯାଉଛି ବୋଲି ଏପରି ଫନ୍ଦି କାଢୁଛ ! ଭାବୁଛ ପାଠ ପଢିନି ବୋଲି କିଛି ଜାଣି ପାରୁନି !

ବାବୁ କହିଲେ—ମୋର କହିବା କଥା ମୁଁ କହିବି! ତୁମେ ମାନ ବା ନମାନ ! ପୁଣି ଶୁଣ, ଅତ୍ୟଧିକ ତେଲ ଆଉ ମସଲା ଦେଇ ରାନ୍ଧିଲେ ତାହା ପାଟିକୁ ସୁଆଦ ଲାଗେ ସତ, କିନ୍ତୁ ସେଥିରୁ ଭିଟାମିମିନ ତକ ନଷ୍ଟ ହୋଇ ଯାଏ । ତାହା ବି ଭଲ ହଜମ ହୁଏ ନାହିଁ । ଆମର ଦେହ ତାକୁ ଗ୍ରହଣ କରେ ନାହିଁ, ତେଣୁ ଦେହ ଦୁର୍ବଳ ହେବା ନିଶ୍ଚିତ ।

ଘରଣୀ କହନ୍ତି—ଯା' ମ ! ତୁମ କଥା ସବୁ ଜାଣିଛି । ତେଲ ମସଲାରେ ବେଶୀ ପଇସା ଖର୍ଚ୍ଚ ହୋଇ ଯାଉଛି ବୋଲି ଏ ଫିସାଦି କାଢୁଛ ! ମୋ ବାପଘରେ ତେଲ ବେଶି ନ ଦେଲେ କେହି ଖାଆନ୍ତି ନାହିଁ । ମସଲା ମୁଁ ବାପଘରେ ପରିବାସିଝା ଖାଇବା ଶିଖିନାହିଁ । ଥୁ, ଥୁ, ପାଣିସିଝା ତରକାରୀଗୁଡ଼ାକ କିଏ କାଙ୍ଗାଳିଆ ହୋଇଛି ଯେ ଖାଇବ ! ମୁଁ ରୋଗୀ ନୁହେଁ ଯେ ପଥିପାଞ୍ଚନ ଖାଇବାକୁ ଏଠାକୁ ଆସିଛି !

ସେତେବେଳକୁ ତରକାରୀ ହୋଇ ସାରିଥିଲା । ବାବୁଆଣୀ ତରକାରୀ ହାଣ୍ଡି ଓହ୍ଲାଇ ଥୋଇଦେଲେ । କିନ୍ତୁ ସେଥିରେ ଘୋଡ଼ଣୀ ଦେଲେ ନାହିଁ । ବାବୁ ପୁଣି କହିଲେ ଦେଖ—ପୁଣି ଗୋଟାଏ ଭୁଲ ! ଖାଦ୍ୟ ପଦାର୍ଥ ଘୋଡ଼ାଇ ନରଖିଲେ ସେଥିରେ ମାଛି ବସିବେ । ମାଛିଙ୍କ ଗୋଡ଼ରେ ଝାଡ଼ାବାନ୍ତି ରୋଗର ଜୀବାଣୁ ଲାଗି ଥାଆନ୍ତି । ଆମ ଖାଦ୍ୟରେ ତାହା ମିଶି ରୋଗ ଜାତ କରନ୍ତି । ତେଣୁ ତରକାରୀ ହାଣ୍ଡି ଘୋଡ଼ାଇ ଦିଅ ।

ବାବୁଆଣୀ ଆଉ କି ସମ୍ଭାଳନ୍ତି ! ରାଗ ଗରଗର ହୋଇ କହି ଉଠିଲେ—"ରଖିଥାଅ ତୁମର ପାଠ ! ଆମେ କେତେ ପାଠ ଇମିତୁ ଦେଖିଛୁ" ! ଚୁଲିମୁଣ୍ଡରୁ ଉଠି ତମ ତମ ହୋଇ ଶୋଇବା ଘରକୁ ଚାଲିଗଲେ ।

ବାବୁ ଭାବିଲେ—ଶହେ ବାୟାକୁ ପଛେ ବୁଝାଇହେବ, କିନ୍ତୁ ଗୋଟାଏ ମୂର୍ଖକୁ ବୁଝାଇ ହେବ ନାହିଁ । ତାପରେ ଦୀର୍ଘ ନିଃଶ୍ୱାସଟିଏ ପକାଇ ଶୋଇବା ଘରକୁ ଚାଲିଗଲେ ।

ବାବୁ ଦେଖିଲେ—ବାବୁଆଣୀ ଦୁଆର ଝରକା କିଳି ମୁହଁ ଘୋଡ଼ାଇ ଶୋଇବାକୁ ଯାଉଛନ୍ତି । କେବଳ ଥରେ ନୁହେଁ, ସବୁବେଳେ ଏପରି ଶୋଇବା ତାଙ୍କର ଅଭ୍ୟାସ । ବାବୁ କହିଲେ—ଶୁଣ, ଦୁଆର ଝରକା ବନ୍ଦ କରି ଏବଂ ମୁହଁ ଘୋଡ଼ାଇ ଶୋଇଲେ ଶ୍ୱାସକ୍ରିୟାରେ ଆମେ ଅମ୍ଳଜାନ ପାଇବା କେଉଁଠୁ ? ଶ୍ୱାସକ୍ରିୟାରେ ଅମ୍ଳଜାନ କମିଗଲେ ମୁଣ୍ଡବ୍ୟଥା, ଅଜୀର୍ଣ୍ଣ ଏବଂ ରକ୍ତ ଦୂଷିତ ହେବ । ରକ୍ତ

ଦୂଷିତ ହେଲେ ନା ନା ରୋଗରେ ଆମେ କଷ୍ଟ ପାଇବା । ଏକଥା କେତେଥର କହିଲିଣି । ତୁମେ ମୋତେ ଶୁଣୁନାହଁ । ମୁଁ ଶୋଇପଡ଼ିଲେ କେତେବେଳେ ଯାଇ ଲୁଚିଲୁଚି ଝରକାଗୁଡ଼ାକ ବନ୍ଦ କରି ଦେଇ ଆସୁଚ ।

ବାବୁଆଣୀ ସେହି ମୁହଁ ପୋଡ଼ା ଅବସ୍ଥାରେ କହିଲେ— କାହିଁକି ମୋ ପିଛା ଲଗିଛ କହିଲ ? ମୋତେ କ'ଣ ଟିକିଏ ଶୁଆଇ ବସାଇ ଦେବ ନାହିଁ ? ମୋତେ କଣ ଚୋରକରି ପାଇଲ ଯେ, ଲୁଚି ଲୁଚି ଯାଇ ତୁମ ସଂପତ୍ତି-ଗୁଡ଼ାକ ବୋହି ନେଇଗଲି ! ସିମିତି ବେଶୀ ଲଗାଇଲେ ବାପଘରକୁ ଚାଲିଯିବି !

ସ୍ତ୍ରୀଙ୍କର ଧମକକୁ ଡରି ଯେ ବାବୁ ଚୁନି ରହନ୍ତି, ତା ନୁହେଁ, କିନ୍ତୁ ଦରଦରପୋଡ଼ା କାଠକୁ ଯେତେ ମାଠିଲେ ମଧ୍ୟ ଆଉ ଚିକ୍କଣିଆ ହେବ ନାହିଁ ଭାବି ଚୁନି ହୋଇ ବହି ପଢ଼ି ବସନ୍ତି ।

ବାବୁଙ୍କର ବହିପଢ଼ା ଦେଖିଲେ ବାବୁଆଣୀଙ୍କ ରାଗ ତାଳୁରେ ପହଞ୍ଚେ ।

ଝିଅ ପ୍ରତିମା ଯେତେବେଳେ ଜନ୍ମ ହେଲା, ସେତେବେଳେ ତାର ଠିକ୍ ଯତ୍ନ ନ ନେବାରୁ ବିପ୍ରରୀତି ସବୁବେଳେ ଝାଡ଼ା ବାନ୍ତି ଭୋଗିଛି ! ପିଲାଟି ଧନୁଷ୍ଟଙ୍କାର ରୋଗରୁ ମରୁ ମରୁ ବଞ୍ଚିଛି । କଣ୍ଠା ନାହିର ଯତ୍ନ ନ ନେବାରୁ ପିଲାଟିକୁ ଏ ରୋଗ ଧରିଥିଲା । ଘୋଡ଼ା ନ ହୋଇଥିବା କ୍ଷୀର ପିଆଇବା, ଖାଇବା ପରେ ଆଦୌ ପାଣି ନ ପିଆଇବା, ଯେତେବେଳେ ଇଚ୍ଛା ସେତେବେଳେ ଥନ ମେଣ୍ଢେଇବା ଇତ୍ୟାଦି ଇତ୍ୟାଦି ଅନେକ ଅନାଚାର କରି ପିଲାଟିକୁ ବଡ଼ ହଇରାଣ କରିଛନ୍ତି । ଗତ କଥାଗୁଡ଼ାକ ମନେ ପଡିଗଲେ ବାବୁଙ୍କର ମୁଣ୍ଡ ଏବେ ମଧ୍ୟ ଦଶବର୍ଷ ପରେ କଅଣ ହୋଇଯାଏ । ଯେତେ ଯାହା ବୁଝାଇଲେ ଖାଲି ସବୁ କଥାରେ – ମୋ ବାପଘରେ ଏମିତି ହୁଏ, ସେମିତି ହୁଏ ।

ଛାଡ଼ ସେ ସବୁ ଅନେକ କଥା । ବାବୁ ସେଥିପାଇଁ ଅଫିସରୁ ଗଲେ ଅନେକ ସମୟ ସେଠି ଲାଖି ରହନ୍ତି । ଘରକୁ ଆସିବା କଥା ମନେ ପଡିଲେ ମୁଣ୍ଡ ବୁଲେଇ ହୁଏ । ସେଟା କ'ଣ ଗୋଟାଏ ଘର ! ଜିନିଷ-ପତ୍ର ଅବ୍ୟବସ୍ଥାରେ ହୋଇ ଏଠି ସେଠି ପଡ଼ିଥିବ । ଘରଟାସାରା ଅଳିଆ ଅସନା ହୋଇଥିବ । ଘର ଖର୍ଚ୍ଚ ଲେଖିଲେ ବାବୁ, ଧୋବା ହିସାବ ଲେଖିବେ ବାବୁ. ସ୍ତ୍ରୀକୁ ହିସାବ କିତାବ ମାଲୁମ ନାହିଁ । କେତେ ଚାଉଳ ରନ୍ଧା ହେବ, କେତେ ପରିବା କଟା ହେବ, ହିସାବ ନାହିଁ । ଖାଲି ବେଶିଗୁଡ଼ାଏ ରାନ୍ଧିବା, ବେଶି-ଗୁଡ଼ାଏ ପୋଖ ପକ୍ଷିଆ କରି ଫିଙ୍ଗିବା ହେଲା ତାଙ୍କ କାମ । ଛି, ଛି, ସାବୁ କ'ଣ କହନ୍ତି ଘର !

ଏ ସବୁର ମୂଳ କାରଣ ହେଲା ପାଠ ନ ପଢ଼ିବା । ବାବୁ କେତେଥର ବାବୁଆଣୀଙ୍କୁ ଘରେ ପାଠ ପଢ଼ାଇବା ପାଇଁ ବସିଲେଣି, ସେ ମୋଟେ କାନ ଦିଅନ୍ତି ନାହିଁ । ପାଠ ନାଁ ପଡିଲେ କିଛି ନା କିଛି କାମ ବାହାନା କରି ଉଠିଯାଆନ୍ତି । ଛାଡ଼ ସେ ସବୁ କଥା ।

ମଧୁପଲ୍ଲୀ ଗାଁକୁ ଯେଉଁଦିନ ଚିଠି ପାଞ୍ଚଟି ଆସି ଗାଁଟା ଯାକୁ ହରବର କଲା ସେହିଦିନର ଘଟଣା —

ନେତ୍ରମଣି, ଚଂପୀ ଆସି ପହଞ୍ଚିଗଲେ ବାବୁଙ୍କ ଘରେ । ବାବୁ ଫେରି ନ ଥାଆନ୍ତି ଅଫିସରୁ । ଚଂପୀ ଡ଼ାକ ଛାଡିଲା – ବାବୁଆଣୀ ମା, ବାବୁଆଣୀ ମା, ଟିକିଏ ଆସିଲ । ଆମେ ମୁରୁଖଗୁଡ଼ାକ ବଡ଼ ଅଖାଡୁଆ ଘଣାରେ ପଡି ଛଟର ପଟର ହେଉଛୁ ।

ବାବୁଆଣୀ ମା ଆସିବାରୁ ଚଂପୀ କହିଲା, ଏ ଚିଠିଗୁଡ଼ାକ ଟିକିଏ ଦେଖିଲ ମା । କାହାର କେଉଁ ଚିଠି ଜାଣି ପାରୁନୁ । ଆମେ ତ ମୂରୁଖ ଲୋକ ।

ନେତ୍ରମଣି କହିଲା — ମା, ମୋ ଚିଠି ଖଣ୍ଡକ ଆଗ ପଢିଦେଲ । ତାଙ୍କର ଦିହ ପା ଭଲ ଅଛି ତ ?

ସେତେବେଳକୁ ବାବୁଆଣୀ ମା'ଙ୍କ ତୁଣ୍ଡ ଅଠା ଧରି ସାରିଲଣି । କ'ଣ କରିବେ ? ଘର ଭିତରେ ସିନା ଆଜିଯାଏଁ ବାବୁଙ୍କୁ ଧପେଇ ଆସିଲେ । କିନ୍ତୁ ଆଜି ଗାଁ ମାଇପିଙ୍କ ପାଖରେ ଧରା ପଡି ଯାଇଛନ୍ତି । ସେ ଯେ ସେମାନଙ୍କ ପରି ମୂର୍ଖ ଏ କଥା କିମିତି ଜଣେଇବେ । କ'ଣ କହି ନିଜର ମହତ ରଖିବେ ?

ଏ ସମୟରେ ରାଉତବୁଢ଼ା ବଡ଼ ବିବ୍ରତ ଅବସ୍ଥାରେ ପହଞ୍ଚିଗଲେ । କହିଲେ — ମା ଏ କାଗଜଟା କ'ଣ ଦେଖିଲ ! ଆମେ ତ ମୂରୁଖ ଲୋକ । ଜଣେ ଏ କାଗଜ ଖଣ୍ଡକ ଦେଇ ମୋ ଟିପଚିହ୍ନ ନେଇଗଲେ । କହିଗଲେ ବି. ଡି. ଓ. ବାବୁ ଡକାଉଛନ୍ତି । କ'ଣ କଥା ? ମୁଁ ତ କିଛି ଦୋଷ କରିନାହିଁ । କାହିଁକି ଡକାଉଛନ୍ତି, ମା ! ଆଗ ଟିକିଏ ମୋ କଥା ବୁଝିଦେଲ ଗୋଡ଼ଠାରୁ ମୁଣ୍ଡଯାଏ ଥରୁଛି ମା !

ବାବୁଆଣୀ ମା'ଙ୍କ ଦେହ ମଧ୍ୟ ଥରିବାକୁ ଆରମ୍ଭ କଲଣି । ବୁଢ଼ାଲୋକଟିକୁ ମିଛକଥା କହି ଠକିଲେ ନରକରେ ମଧ୍ୟ ତାଙ୍କୁ ଠାବ ହେବ ନାହିଁ । ଧିକ୍ ତାଙ୍କର ମାନ ସମ୍ମାନ । ନା, ଏହି ସରଳ ନିରୀହ ଗ୍ରାମବାସୀମାନଙ୍କୁ ମିଛ କହି ପାରିବେ ନାହିଁ ।

ତାଙ୍କ ଆଖିରେ ଲୁହ ଭରିଗଲା । ସେ କହିଲେ – ରାଉତ ଜଜା, ମୋତେ କ୍ଷମା କର । ମୁଁ ବାବୁଙ୍କୁ ବାହା ହୋଇଛି ବୋଲି ଯେ ଭାବିଛ ମୁଁ ବାବୁଆଣୀ

ହୋଇଗଲି, ତା' ନୁହେଁ । ତୁମରିମାନଙ୍କ ପରି ମୁଁ ମଧ୍ୟ ଗୋଟାଏ ମୂର୍ଖ । ମାଡ଼ ଭୟରେ ସ୍କୁଲକୁ ଗଲି ନାହିଁ । ବାପା ମୋତେ ଗେହ୍ଲା କରିଥିବାରୁ ମୋ ଇଚ୍ଛା ବିରୁଦ୍ଧରେ ସ୍କୁଲକୁ ପଠାଇଲେ ନାହିଁ । ତୁମମାନଙ୍କର ବାବୁଆଣୀ ମା ହେବା ପାଇଁ ମୁଁ ଏକାନ୍ତ ଅଯୋଗ୍ୟ । ତୁମେମାନେସବୁ ଏବେ ଘରକୁ ଯାଉଥାଅ । ବାବୁ ଫେରିବାକ୍ଷଣି, ତୁମମାନଙ୍କୁ ଡ଼କାଇ ପଠାଇବି ।

ସେମାନେ ବିଦାୟ ନେଲେ । ବାବୁଆଣୀ ମା ପଣନ୍ତ କାନିରେ ଲୁହ ପୋଛି ପୋଛି ଘର ଭିତରକୁ ଫେରିଲେ ।

ଆର. ଆଇ. ବାବୁ ରାତି ଘଡ଼ିଏକୁ ଫେରିଲେ । ବାବୁଆଣୀ ହସ ହସ ମୁହଁରେ ବାବୁଙ୍କ ପାଖରେ ପହଞ୍ଚିଲେ ।

ବାବୁ କହିଲେ — କଥା କ'ଣ ? ଆଜି ଭାରି ଖୁସି ତ ! ଭାଇଫାଇ କିଏ ଆସିଛନ୍ତି କି ?

ବାବୁଆଣୀ କହିଲେ – ପାଠ ପଢ଼ିନି ବୋଲି ଆଜି ଯାଏଁ ତ ତୁମ ମନକୁ ପାଇଲି ନାହିଁ । ଆଉ କିନ୍ତୁ ନୁହେଁ, ମୁଁ ଏଥର ପାଠ ପଢ଼ିବି !

ଆଶ୍ଚର୍ଯ୍ୟ ! ସୂର୍ଯ୍ୟ ଆଜି କିମିତି ପଶ୍ଚିମରୁ ଉଇଁଲେ ?

ବାବୁଆଣୀ — ମୁଁ ପ୍ରକୃତରେ ଦୁଃଖିତ । କିଛି ନ ଜାଣି ସବୁ ଜାଣିଛି ବୋଲି କହି କହି ଦଶବର୍ଷ ଗଲା । ସେହିଦିନୁ ତୁମକଥା ଶୁଣିଥିଲେ ଏତେବେଳକୁ କେତେ କ'ଣ ପଢ଼ି ସାରନ୍ତିଣି !

ସତରେ ତୁମର ଆଜି କ'ଣ ହୋଇଛି ? ଥଟ୍ଟା କରୁନାହଁ ତ !

ପାଠ ପଢ଼ିନି ବୋଲି ଜଣାଇବାକୁ ଲାଜ ମାଡ଼େ ବୋଲି ଅନ୍ୟମାନଙ୍କୁ ମାଇନର ପାଶ୍ କରିଛି ବୋଲି କହି ଆସିଛି ! କିନ୍ତୁ ଆଜି ପାରିଲି ନାହିଁ । ନେତ୍ରମଣି, ଚମ୍ପାଖୁଡ଼ୀ, ଗୋଲାପ ଅପା, ଚିଠି ଖଣ୍ଡିଏ ଖଣ୍ଡିଏ ଧରି ଆମ ଘରକୁ ଆସିଥିଲେ । ମୋତେ କହିଲେ ପଢ଼ି ଶୁଣାଇ ଦେବାକୁ । ମୁଣ୍ଡ ମୋର ତଳକୁ ହୋଇଗଲା । ନିରୀହ ଲୋକମାନଙ୍କୁ ମିଛ କହି ଭଣ୍ଡିବାକୁ ଇଚ୍ଛା ହେଲାନାହିଁ । ରାଉତ ମଉସା ବି ଆସିଥିଲେ । ବି. ଡି. ଓ.ଙ୍କ ପାଖରୁ ତାଙ୍କର କ'ଣ ଗୋଟାଏ କାଗଜ ଆସିଛି ଯେ, ଭୟରେ ଅସ୍ଥି ଥାଆନ୍ତି । ମୋତେ କହିଲେ ଟିକେ ପଢ଼ିଦେବାକୁ । ମୁଁ କାନ୍ଦି ପକାଇଲି । ଲୋକମାନଙ୍କ ଉପକାରରେ ଟିକିଏ ଲାଗିଲି ନାହିଁ ବୋଲି ନିଜକୁ ଧିକ୍କାରିଲି । ମିଛ କହିବାକୁ ଜିଭ ଲେଉଟିଲା ନାହିଁ । କହିଲି – "ମଉସା, ମୁଁ ମଧ୍ୟ ତୁମରିମାନଙ୍କ ପରି ମୂର୍ଖ ! ମୁଁ ପାଠ ପଢ଼ିନାହିଁ । ବାବୁ ଫେରିଲେ ତୁମମାନଙ୍କୁ ଡ଼କାଇବି ।"

"ଏଥର ତୁମେ ମୋତେ ଯାହା ଭାବୁଛ ଭାବ, ଯାହା କହୁଛ କହ, ମୁଁ କିନ୍ତୁ ଆଉ ଅବାଧ୍ୟ ହେବିନାହିଁ । ଯାହା କହିବ, କରିବି । ଆଜିଠୁଁ ମୋତେ ଘଡ଼ିଏ ଘଡ଼ିଏ ପଢ଼ାଇବ । କ'ଣ କହୁଛ ? ଆଜି ମୁଁ ପରିବା ଆଗ ଧୋଇ ପଛେ କାଟିଛି । ସିଝାପାଣି ନିଗାଡ଼ି ନାହିଁ । ଅଳ୍ପ ମସଲା ତେଲ ଦେଇ ରାନ୍ଧିଛି । ଆସ ଚାଖିବ ।"

ବାବୁ ଖୁବ୍ ଖୁସି ହୋଇଗଲେ । କହିଲେ — ଆଚ୍ଛା, ଆଚ୍ଛା, ପ୍ରଥମେ ଗାଁ ଲୋକମାନଙ୍କ କଥା ବୁଝିଆସେ । ତା'ପରେ ତୁମ "ନୂଆ ରାନ୍ଧଣା" ଚାଖିବି । ତୁମେ ବି ମୋ ସାଙ୍ଗେ ମିଶି ଚାଖିବ । କ'ଣ କହୁଛ ?

ସ୍ତ୍ରୀ ଲାଜ କରିବାରୁ ବାବୁ ହସି ହସି କହିଲେ, ଲାଜ କାହିଁକି ? ତୁମ ମନ ଆଉ ମୋ ମନ ଆଜିଠୁଁ ଏକ ହୋଇ ଯାଇଛି ! ......ଆଚ୍ଛା, ମୁଁ ଗାଁ ଭିତରୁ ଆସୁଛି । ସାମାନ୍ୟ ଡ଼େରି ହୋଇପାରେ । ବ୍ୟସ୍ତ ହେବ ନାହିଁ । ଆଜି ଏ ଗାଁକୁ ବ୍ଲକରୁ ଜଣେ ବାବୁ ଆସୁଛନ୍ତି । ଗାଁରେ ସଭା ହେବାର ଅଛି ।

ବାବୁ ଗାଁ ଭିତରକୁ ଗଲେ । ବାବୁଆଣୀଙ୍କ ମନରେ ଆଜି ନାହିଁ ନ ଥିବା ଆନନ୍ଦ !

ବାବୁ ପ୍ରଥମେ ଗଲେ ରାଉତ ମଉସାଙ୍କ ଘରକୁ ! ରାଉତ ମଉସା ଖୁବ୍ ଗରିବ । ଗ୍ରାମ୍ୟ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅନୁଯାୟୀ (ଇ. ଆର. ଆର. ପି.) ତାଙ୍କୁ ସରକାର ଗ୍ରାମର ୧୦ ଜଣଙ୍କ ମଧ୍ୟରେ ବାଛିଛନ୍ତି ଆର୍ଥିକ ସାହାଯ୍ୟ ଦେବା ପାଇଁ । ଏହାଶୁଣି ରାଉତ ମଉସାଙ୍କ ଦେହରେ ପ୍ରାଣ ପଶିଲା । ତା'ପରେ ସେ ଗଲେ ନେତ୍ରମଣିଙ୍କ ଘରକୁ । ଚିଠି ପଢ଼ି ଦେଲେ । ନେତ୍ରମଣି ମୁହଁରେ ହସ ଫୁଟି ଉଠିଲା !

ବାବୁ ନେତ୍ରମଣି ଘରକୁ ଆସିଛନ୍ତି ଶୁଣି ଚମ୍ପା, ଗୋଲାପ ପ୍ରଭୃତି ଧାଇଁ ଆସିଲେ । ସେମାନଙ୍କ ଚିଠି ପଢ଼ି ଦିଆଗଲା । ସେମାନେ ଖୁସି ହେଲେ ।

ନେତ୍ରମଣି ଯେଉଁ ଚିଠିଟାର ଉପର ସୁନ୍ଦର ଦେଖି ନିଜର ବୋଲି ଆବୋରି ଥିଲା, ସେଟା ଗୋଲାପ ଅପାର ଗିରସ୍ତ ଭୁଣ୍ଡୁଙ୍ଗା ମୁହାଁ । ଚେପଟା ନାକା ମଦନାର ଚିଠି ବୋଲି ଜଣା ପଡ଼ିବାରୁ ନେତ୍ରମଣି ଲାଜରେ ସଢ଼ିଗଲା । ଗୋଲାପ ଅପା ହସି ହସି ନେତ୍ରମଣିକୁ କହିଲା—ହେଲାଲେ ତୁ ଧରିଥିଲୁ ଦେଢ଼ଶୁର ଚିଠି, ଆଉ ମୁଁ ଧରିଥିଲି ଦିଅର ଚିଠି ? କ'ଣ ସେଇଠୁ ହୋଇଗଲା ! ମୂର୍ଖ ଲୋକଙ୍କର ଏମିତି ହୁଏ !

ତା'ପରେ ହଟ ବେହେରା ଓ ଜଗୁ ସ୍ୱାଇଁ ଆସି ନିଜ ନିଜର ଚିଠି ପଢ଼େଇ ନେଲେ ! ସମସ୍ତଙ୍କ ଚିଠିରେ ଭଲ ଖବର ଥିଲା । ସମସ୍ତେ ଖୁସି ।

ବ୍ଲକବାବୁ ଆସି ପହଞ୍ଚିଲେ । ଆର. ଆଇ. ବାବୁ ସାଙ୍ଗେ ସାଙ୍ଗେ ଗାଁ ବାଲଙ୍କୁ ଡକାଇ ସଭା ଆରମ୍ଭ କରିଦେଲେ ।

ବ୍ଲକବାବୁ କହିଲେ — ଦେଖନ୍ତୁ ଭାଇମାନେ, ଆପଣମାନେ ଗରିବ । ଜମିବାଡି ସେମିତି କିଛିନାହିଁ । ପେଟ ପୋଷିବା ପାଇଁ ଦୂର ମୁଲକକୁ ଯାଉଛନ୍ତି । ଗାଁରେ ସ୍କୁଲଟିଏ ନାହିଁ । ସମସ୍ତେ ଅଶିକ୍ଷିତ । ଆପଣମାନଙ୍କ ଉନ୍ନତି ପାଇଁ ସରକାର ବହୁତ ଯୋଜନା କରୁଛନ୍ତି । କିନ୍ତୁ ଆପଣମାନେ ସେ ସବୁ ବିଷୟରେ କିଛି ଜାଣୁ ନାହାନ୍ତି । ଆପଣମାନଙ୍କର ଅବସ୍ଥା ଯେପରି ଥିଲା ସେପରି । ବର୍ତ୍ତମାନର ନୂତନ ଇ. ଆର. ଆର. ପି. ଯୋଜନା ଅନୁଯାୟୀ ପ୍ରତି ଗାଁରୁ ଅତ୍ୟନ୍ତ ଗରିବ ପରିବାରକୁ ଆର୍ଥିକ ସୁବିଧା ଦିଆଯିବ । ଯେଉଁମାନେ ଜମି ଚାଷ କରି ପାରିବେ, ସରକାର ତାଙ୍କୁ ମାଗଣା ଜମି ଦେବେ । ଚାଷ ପାଇଁ ବିହନ, ସାର, ପୋକମରା ଔଷଧ ଏବଂ ଚାଷ ପାଇଁ ଦରକାର ହେଉଥିବା ଟଙ୍କା ଦୁଇବର୍ଷ ପାଇଁ ଯୋଗାଇବେ । ଦୁଇବର୍ଷରେ ସେ କ'ଣ ନିଜ ଗୋଡ଼ରେ ଠିଆ ହୋଇ ପାରିବେ ନାହିଁ ? ସେଥିପାଇଁ ରାଉତ ମଉସାଙ୍କୁ ବି. ଡି. ଓ. ବାବୁ ଡକାଇଛନ୍ତି ।

ଯେଉଁମାନେ ଛେଳି, ମେଣ୍ଢା, ଗାଈ, କୁକୁଡ଼ା ପ୍ରଭୃତି ପାଳିବେ, ସେମାନଙ୍କୁ ଆବଶ୍ୟକ ସମସ୍ତ ଧନର ତିନିଭାଗ ସରକାର ଦେବେ । ବାକି ୧ ଭାଗ ଋଣ ଆକାରରେ ବ୍ୟାଙ୍କରୁ ଦିଆଯିବ । ମାଛ ଚାଷ ପାଇଁ ଟଙ୍କା, ଯାଆଁଳ ମାଛଙ୍କ ଖାଦ୍ୟ, ଜାଲ ଇତ୍ୟାଦି ଦାନ କରିବେ । ଫଳଚାଷ, କାଜୁଚାଷ, ବଢେଇକାମ, କମାରକାମ ପ୍ରଭୃତି ଧନ୍ଦା ପାଇଁ ସରକାର ଏହିପରି ସାହାଯ୍ୟ ଦେବେ । ଆପଣମାନେ ଏହାର ସୁଯୋଗ ନେବେ ବୋଲି ବିଶ୍ୱାସ ।

କିନ୍ତୁ ଏ ସବୁ ଜାଣିବା ପାଇଁ ପ୍ରଥମେ ଦରକାର ଶିକ୍ଷିତ ହେବା । ଆପଣଙ୍କ ଗାଁରେ ସ୍କୁଲ ନାହିଁ । ଆପଣମାନଙ୍କ ପିଲମାନେ ଆପଣମାନଙ୍କୁ କାମରେ ସାହାଯ୍ୟ କରୁଥିବାରୁ ସ୍କୁଲକୁ ଯିବାକୁ ବେଳ ପାଉ ନାହାନ୍ତି । କିନ୍ତୁ ରାତିରେ କିମ୍ବା ଆପଣମାନଙ୍କ ସୁବିଧା ସମୟରେ ସ୍କୁଲ କରିବା ପାଇଁ ସରକାର ଯୋଜନା କରିଛନ୍ତି । ଆପଣମାନଙ୍କ ଗ୍ରାମରେ କାଲିଠାରୁ ୨ଟି ସ୍କୁଲ ଖୋଲିବ । ଗୋଟିକରେ ୬° ବର୍ଷରୁ ୧୪ ବର୍ଷ ଯାଏଁ ପୁଅଝିଅ ପଢ଼ିବେ ଓ ଅନ୍ୟଟିରେ ୧୫ ବର୍ଷରୁ ୩୫ ବର୍ଷ ଯାଏଁ ପୁରୁଷ ଓ ମହିଳା ପଢ଼ିବେ । ବହି, ଖାତା, କାଗଜ, ସ୍ଲେଟ, ପେନ୍‌ସିଲ ପ୍ରଭୃତି ପଢ଼ା ଜିନିଷ ମାଗଣାରେ ଯୋଗାଇ ଦିଆଯିବ । କେବଳ ଅକ୍ଷର ଶିକ୍ଷା ନୁହେଁ, ପୁରୁଷମାନଙ୍କୁ ବିଭିନ୍ନ କାମ ଧନ୍ଦା ବିଷୟରେ ଜ୍ଞାନ ଦିଆଯିବ ଓ ମା, ମାଉସୀମାନଙ୍କୁ ଘର ପରିଷ୍କାର, ସ୍ୱାସ୍ଥ୍ୟରକ୍ଷା, ଶିଶୁର ଯତ୍ନ ଆଦି ବିଭିନ୍ନ ବିଷୟରେ ଶିକ୍ଷା ଦିଆଯିବ । ଆଶାକରେ ଆପଣମାନେ ସମସ୍ତେ ଏହାର ସୁଯୋଗ ନେବେ । କାରଣ ଆପଣମାନଙ୍କର ଉନ୍ନତିରେ ଗ୍ରାମର ଉନ୍ନତି ଓ ଗ୍ରାମର ଉନ୍ନତିରେ ଦେଶର ଉନ୍ନତି । ”

ବ୍ଲକ୍‌ବାବୁ ସମସ୍ତଙ୍କୁ ନମସ୍କାର କରି କହିବା ଶେଷ କଲେ । ଲୋକମାନେ ହରିବୋଲ ପକାଇଲେ । ମା ମାଉସୀଏ ନିଜ ନିଜ ଦାଣ୍ଡ ଦୁଆରେ ବସି ଶୁଣୁଥିଲେ । ସେମାନେ ହୁଳହୁଳି ପକାଇଲେ ।

ସଭା ଶେଷ ହେଲା । ବ୍ଲକ୍‌ବାବୁ ବିଦାୟନେଲେ ।

× × × ×

ବର୍ଷେ ବିତିଗଲାଣି । ଗାଁର ପ୍ରାୟ ସମସ୍ତେ ପଢିଶିଖି ଜାଣିଲେଣି । ଚିଠିପଢାରେ ଆଉ ସେପରି ଗୋଳମାଳ ହୁଏ ନାହିଁ । ବିଦେଶ ଯାଇଥିବା ଲୋକମାନେ ଫେରି ଆସି ରାତି ସ୍କୁଲରେ ପଢ଼ା ଆରମ୍ଭ କରି ଦେଲେଣି । ସରକାରୀ ସାହାଯ୍ୟରେ କିଏ ଉନ୍ନତ ଧାନଚାଷ କରି ବର୍ଷକେ ତିନିଥର ଫସଲ ଫଳାଇଲଣି । କିଏ ନଡ଼ିଆ-ଚାଷ କରୁଛି ତ କିଏ କଦଳୀ ଚାଷ କରୁଛି । କିଏ କାଜୁଚାଷ କରୁଛି ତ, କିଏ କୁକୁଡ଼ା ପାଳୁଛି । କିଏ ଗାଈଛେଳି ପାଳୁଛି ତ କିଏ ମାଛଚାଷ କରୁଛି । ଚଟି-ଗାଁରେ କିଏ ଦୋକାନ ଖଣ୍ଡିଏ ଦେଲଣି ତ , କିଏ ସାଇକେଲ ମରାମତି ପାଇଁ ଦୋକାନ ଖଣ୍ଡିଏ ଖୋଲି-ଲଣି । ସେ ଗାଁର ଜଣେ ସୁଦ୍ଧା ଆଉ କଲିକତା କିମ୍ବା ଆସାମକୁ ଚୁଲି ଗିରି କରିବାକୁ ଯାଉନାହାନ୍ତି । ଗାଁର ବୋହୂ ମାଉସୀଏ କେତେ କଣ ଶିଖିଲେଣି ।

ବାବୁଆଣୀ ମା ମଧ୍ୟ କେତେ ପାଠ ପଢି ଗଲେଣି । ଇଂରେଜୀ ମଧ୍ୟ ଶିଖିଲେଣି । ସ୍ୱାସ୍ଥ୍ୟରକ୍ଷା, ଖାଦ୍ୟ ରନ୍ଧନ ପ୍ରଣାଳୀ, ପରିଷ୍କାର ପରିଚ୍ଛନ୍ନତା, ଖୋଲାବାୟୁ ସେବନର ଉପକାରୀତା ବୁଝିଲେଣି । ନିଜ ଝୁଅ ଦୁଇଟିର ଯତ୍ନନେବାରେ ଯେଉଁ ମୂର୍ଖତା ଦେଖାଇଥିଲେ ତାହା ମନେ ପକେଇ ହସିଲେଣି ବି ! ବେଳେବେଳେ ନେତ୍ରମଣି ସଙ୍ଗରେ ତାଙ୍କର ଦେଖାହୁଏ । ନେତ୍ରମଣି ହସିହସି ଗଡ଼ିଯାଇ କହେ—ବାବୁଆଣୀ ଅପା, ସେଦିନ ଯାହାକଲି! ବେଡ଼ଶୁରର ଚିଠିଟାକୁ ଆମର ସିଏ ଦେଇଛନ୍ତି ଭାବି ଯେତେ ମୁଣ୍ଡିଆ ମାରିଛି !! ଖାଲି ମୁଣ୍ଡିଆ ନୁହେଁ ଗୋ ଅପା, ଛି, ଛି, ସେ ଲାଜ କଥା ମନେ ପଡ଼ିଗଲେ ଯାହା ଲାଗେ ! ଏବେ କିନ୍ତୁ ସେଦିନ ଆଉ ନାହିଁ । କାଳ ବଦଳି ଗଲାଣି ! ଗାଁ ବଦଳି ଗଲାଣି! ଆମେ ବି ବଦଳି ଗଲେଣି ! ସତରେ ଅପା, ମୂର୍ଖ ହେଲେ କି କଲବଲ ଭୋଗିବାକୁ ନ ପଡ଼େ !!!

ଗଭର୍ଣ୍ଣମେଣ୍ଟ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ
ଖଲିକୋଟ ଗଞ୍ଜାମ ।

# ବନ୍ଦ୍ୟ ବନ୍ଦନୀୟା

**ଶ୍ରୀମତୀ ହରପ୍ରିୟା ରାଉତରାୟ**

ସ୍ମରଣାତୀତ କାଳରୁ ନାରୀ ବିଶ୍ୱରେ ଜନନୀ, ଭଗିନୀ ଓ ଜାୟାର ଆସନ ଅଳଙ୍କୃତ କରି ଆସିଛି । ନାରୀ ହେଉଛି ଶାନ୍ତିର ଯମୁନା, ପବିତ୍ରତାର ଗଙ୍ଗା ଓ ସହିଷ୍ଣୁତାର ବସୁନ୍ଧରା । ସେ ସ୍ନେହମୟୀ, ପ୍ରେମମୟୀ ଓ କରୁଣାମୟୀ । ଗୋଟିଏ ରୂପରେ ସେ ଏ ଜଗତର ପାଳନକର୍ତ୍ତ୍ରୀ ଏବଂ ଅନ୍ୟ ରୂପରେ ସୃଷ୍ଟିର ସଂହାରକର୍ତ୍ତ୍ରୀ । ଶିଶୁଟିକୁ ଗର୍ଭରେ ଧାରଣ କରି ତାକୁ ଭୂମିଷ୍ଠ କରାଇ ସମାଜରେ ମହାତ୍ମାରେ ପରିଣତ କରିବା ପର୍ଯ୍ୟନ୍ତ ମାତୃରୂପୀ ନାରୀ ଜାତିର କର୍ତ୍ତବ୍ୟ, ଦାୟିତ୍ୱ ଓ ତ୍ୟାଗର ମୂଲ୍ୟ ଅତୁଳନୀୟ ଏବଂ ତା'ର ଋଣ ଜନ୍ମ ଜନ୍ମାନ୍ତରରେ ପରିଶୋଧ କରି ହେବ ନାହିଁ ।

ଭାରତ ଇତିହାସର ପ୍ରାଚୀନ ଯୁଗ, ମଧ୍ୟଯୁଗ ଓ ଆଧୁନିକ ଯୁଗରେ ଯେତେ ଶାସକବର୍ଗ ଆସିଛନ୍ତି, ସମସ୍ତେ ସମାଜରେ ନାରୀମାନଙ୍କର ସ୍ଥିତି, ଭୂମିକା ଓ ଗୁରୁତ୍ୱ ସଂପର୍କରେ ଆଲୋଚନା କରିଛନ୍ତି । ଅବଶ୍ୟ କୌଣସି ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀରୁ ସେମାନଙ୍କର ବିଭିନ୍ନ ମତ ଥାଇପାରେ; କିନ୍ତୁ ଏକଥା ରକ୍ଷଣଶୀଳ ଦେଶରେ ନାରୀମାନଙ୍କର ଅତ୍ୟନ୍ତ ଲଜ୍ଜ୍ୟା ଓ ଭୀରୁତା ରହିଛି । ସାମ୍ବିଧାନିକ ଆଇନ୍‌କୁ ଭିତ୍ତିକରି ସମାଜର ଯେଉଁସବୁ କ୍ଷେତ୍ରରେ ବିକାଶ ସାଧିତ ହୋଇଛି, ସେଥିରେ ଉଭୟ ପୁରୁଷ ଓ ନାରୀ ସମଭାବରେ ଉପକୃତ ହୋଇ ପାରି ନାହାନ୍ତି । କେବଳ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ମହିଳା, ବିଶେଷକରି ସହରାଞ୍ଚଳର ମଧ୍ୟବିତ୍ତ ଶ୍ରେଣୀର ମହିଳାମାନେ ଏହାଦ୍ୱାରା ବିଶେଷ ସୁବିଧା ସୁଯୋଗ ଲାଭ କରିଛନ୍ତି ।

ଶିକ୍ଷାର ଅଭାବରୁ ନାରୀମାନେ ପରଂପରାକ୍ରମେ ସାମାଜିକ ତାଡ଼ନାର ଆବର୍ତ୍ତ ମଧ୍ୟରେ ପଡ଼ି ରହିଥିଲେ । ଶିକ୍ଷା ପ୍ରତି ନାରୀମାନଙ୍କର ଚେତନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଅତୀତରେ ଚିନ୍ତାଶୀଳ ଜନନାୟକ ଓ ସମାଜ ସେବୀମାନେ ସ୍ୱର ଉତ୍ତୋଳନ କରିଛନ୍ତି । ଏ ଦିଗରେ ଊନବିଂଶ ଓ ବିଂଶ ଶତାବ୍ଦୀର ସମାଜ ସଂସ୍କାରକ ଯଥା : ରାଜା ରାମମୋହନ ରାୟ, ସ୍ୱାମୀ ବିବେକାନନ୍ଦ, ଧୋଣ୍ଡୋ କେଶବ କାର୍ଭେ, ଗୋପାଳକୃଷ୍ଣ ଗୋଖେଲ ଏବଂ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କ ଅଭିଯାନ ଅନସ୍ୱୀକାର୍ଯ୍ୟ । ସେମାନଙ୍କ ମତରେ ମନୋଭାବାପନ୍ନ ମନୁଙ୍କଠାରୁ ଆରମ୍ଭ କରି ସ୍ୱାଧୀନ ଚେତା ମହାତ୍ମା ଗାନ୍ଧୀଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ୱୀକାର କରିଛନ୍ତି ଯେ ଏ ଦେଶର ଭବିଷ୍ୟତ ଗଠନ ଲାଗି ଯୋଜନା ପ୍ରସ୍ତୁତ କଲା ସମୟରେ ନାରୀମାନଙ୍କର ସାମାଜିକ ମୂଲ୍ୟବୋଧକୁ ଏଡ଼ାଇ ଦିଆଯାଇ ନ ପାରେ ।

ସମାଜ ଗଠନ ଦିଗରେ ନାରୀ ଜାତିର ବଳିଷ୍ଠ ଅବଦାନ ସର୍ବଜନ ସ୍ୱୀକୃତ ହୋଇଥିଲେ ସୁଦ୍ଧା, ଆମ ଦେଶର ପରାଧୀନତା କାଳରେ ବସା ବାନ୍ଧି ରହିଥିବା ସାମାଜିକ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଯୋଗୁଁ ସେମାନେ ଅତ୍ୟନ୍ତ ଅମାନୁଷିକତାର ଶୀକାର ହୋଇଯାଇଥିଲେ । ପରବର୍ତ୍ତୀ କାଳରେ ସାମାଜିକ ସଂସ୍କାର ଓ ଆଇନ ବଳରେ ସତୀଦାହ ପ୍ରଥା, ବାଲ୍ୟବିବାହ, ପରଦାପ୍ରଥା ପ୍ରଭୃତିର ବିଲୋପ ସାଧନ, ସମାନ ମଜୁରୀ ହାର ପ୍ରବର୍ତ୍ତନ, ସଂପତ୍ତିରେ ସମାନ ଅଧିକାର, ବିଧବା ବିବାହ ଆଦି ଅନେକ ନୂତନ ବ୍ୟବସ୍ଥା ପ୍ରଣୟନ କରାଯାଇଛି । ନାରୀମାନଙ୍କୁ ସମାନ ଅଧିକାର ଦେବା ଦିଗରେ ଆମ ସମ୍ବିଧାନରେ ବହୁ ନିୟମ ରହିଥିବାରୁ ସେମାନଙ୍କର ଆଶା ଆକାଂକ୍ଷାକୁ ବାସ୍ତବରେ ରୂପାୟିତ କରିବା ସମ୍ଭବପର ହୋଇଛି । ତଥାପି ଆଇନ ସାହାଯ୍ୟରେ ନ୍ୟାୟ ବିଚାର ପାଇବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଆମ ନାରୀ ସ୍ୱାଧୀନତା ହେଉଛି ଜାତୀୟ ପ୍ରଗତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏଥିସହ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ଜଡ଼ିତ ହେଲେ ରାଜନୈତିକ ସ୍ୱାଧୀନତା ସମ୍ଭବପର ବୋଲି ସେମାନେ ହୃଦୟଙ୍ଗମ କରିଥିଲେ । ତେଣୁ, ନାରୀ ଶିକ୍ଷାର ପ୍ରସାର ଦିଗରେ ଦୃଢ଼ ତଥା ଗଠନମୂଳକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯାଇ ସ୍କୁଲ, କଲେଜ, ଭାବବତ ତାଲିମ କେନ୍ଦ୍ର ଖୋଲଯିବା ସଙ୍ଗେ ସଙ୍ଗେ ବିଧବା ଓ ବାଳିକାମାନଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା । ନାରୀ କବି ଶ୍ରୀମତୀ ସରୋଜିନୀ ନାଇଡୁ ୧୯୧୭ ମସିହା ଡିସେମ୍ବର ୧୮ ତାରିଖରେ ଏକ ୧୪ ଜଣିଆ ପ୍ରତିନିଧି ଦଳର ନେତୃତ୍ୱ ନେଇ ତତ୍‌କାଳୀନ ଭାଇସ୍‌ରାୟ ଲର୍ଡ ଚେମ୍‌ସ୍ ଫୋର୍ଡ ଓ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମଣ୍ଟେଗୁଙ୍କୁ ସାକ୍ଷାତ କରି ନାରୀ ଶିକ୍ଷାର ପ୍ରସାର ଲାଗି ସୁବିଧା ସୁଯୋଗ ସୃଷ୍ଟି, ସ୍ୱାସ୍ଥ୍ୟରକ୍ଷା ଓ ମାତୃମଙ୍ଗଳ ବ୍ୟବସ୍ଥାର ଉନ୍ନତି ଏବଂ ମହିଳାମାନଙ୍କର ଭୋଟ ଦାନ ଅଧିକାର ପ୍ରତି ଦାବୀ ଜଣାଇଥିଲେ ।

ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୫୧ ମସିହା ଠାରୁ ନାରୀ ଶିକ୍ଷା କ୍ଷେତ୍ରରେ ଆଶାତୀତ ଅଗ୍ରଗତି ଘଟିଛି । ଆନୁଷ୍ଠାନିକ ଶିକ୍ଷା ଲାଗି ବିଗତ ପଞ୍ଚବାର୍ଷିକ

ଯୋଜନାଗୁଡ଼ିକରେ ବିଶେଷତଃ ବାଳିକାମାନଙ୍କ ପାଇଁ ସାର୍ବଜନୀନ ମୌଳିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ସ୍ୱାଧୀନତା ଲାଭ ପରେ ବିଭିନ୍ନ ସ୍କୁଲ କଲେଜରେ ଛାତ୍ରୀମାନଙ୍କ ସଂଖ୍ୟା କ୍ରମାଗତ ବଢ଼ି ଚାଲିଛି । ତଥାପି ଛାତ୍ରମାନଙ୍କ ତୁଳନାରେ ଛାତ୍ରୀ ସଂଖ୍ୟା କମ୍ ହେଉଛି । ଆହୁରି ମଧ୍ୟ ଛାତ୍ରୀମାନେ ସ୍କୁଲ ଶିକ୍ଷା ଶେଷ ନ ହେବା ପୂର୍ବରୁ ପଢ଼ା ବନ୍ଦ କରି ଦେଉଛନ୍ତି । ଫଳରେ ସେମାନେ ଚିରଦିନ ପାଇଁ ଅଶିକ୍ଷାର ଅନ୍ଧକାର ମଧ୍ୟରେ ପଡ଼ି ରହୁଛନ୍ତି । ଏଥିପ୍ରତି ସମାଜ ସେବୀ, ରାଜନୈତିକ ନେତୃବର୍ଗ ଓ ସର୍ବୋପରି ଅଭିଭାବକମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

ପରିବାର ଓ ସମାଜ ପ୍ରତି ନାରୀମାନଙ୍କର ତ୍ୟାଗ ଯୁଗେ ଯୁଗେ ଅବିସ୍ମରଣୀୟ । ପୌରାଣିକ ଯୁଗରୁ ଆରମ୍ଭ କରି ସମ୍ପ୍ରତି ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ପ୍ରତିପାଦିତ ହୋଇଆସିଛି । ଦେବୀ ପାର୍ବତୀ ଓ ଲକ୍ଷ୍ମୀ, ସତୀ ଅନୁସୂୟା, ସାବିତ୍ରୀ, ସୀତା, ଯଶୋଦା, ଦ୍ରୌପଦୀ, ରାଣୀ ଦୁର୍ଗାବତୀ, ରାଜିଆ ସୁଲତାନା, ଅହଲ୍ୟାବାଈ, ନୂରଜାହାନ, ମୀରା, ଚାନ୍ଦବିବି, ଝାନ୍‌ସୀରାଣୀ, ଫ୍ଲୋରେନସ ନାଇଟେଙ୍ଗେଲ୍, ମଦର ଟେରେସା ପ୍ରଭୃତି ଚରିତ୍ରଗୁଡ଼ିକରେ ଭାରତୀୟ ଇତିହାସର ପୃଷ୍ଠା ବିମଣ୍ଡିତ ହୋଇଛି । ଏହା ବ୍ୟତୀତ, ଗଣିତ, ସଂସ୍କୃତ, କଳା, ସ୍ଥାପତ୍ୟ, ଭେଷଜ ଆଦି ବିଦ୍ୟାରେ ନାରୀମାନେ ବିଶେଷ ପାରଦର୍ଶିତା ଲାଭ କରିଥିବାର ବହୁ ଦୃଷ୍ଟାନ୍ତ ରହିଛି ।

ଜାତିର ଜନକ ବାପୁଜୀଙ୍କ ଆହ୍ୱାନକ୍ରମେ ନାରୀମାନେ ଘରକୋଣରୁ ବାଣ୍ଟକୁ ବାହାରି ଆସି ଐତିହାସିକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସେତେବେଳେ ସେମାନେ ସମାଜସେବାକୁ ଜୀବନର ବ୍ରତରୂପେ ଗ୍ରହଣ କରିଥିଲେ । ଗୁଳିଚୁଳାରେ ଆହତ ସତ୍ୟାଗ୍ରହୀଙ୍କ ସେବାଶୁଶ୍ରୂଷା କରିବା ସଙ୍ଗେ ସଙ୍ଗେ ରୋଷେଇ କରିବା, ପାଣି ସଂଗ୍ରହ କରିବା, ଏପରିକି ସତ୍ୟାଗ୍ରହୀଙ୍କ ପାଇଁ ନିଜର ଅଳଙ୍କାରମାନ ମଧ୍ୟ ଦାନ କରିଥିଲେ । ଐତିହାସିକ ଦାଣ୍ଡିଯାତ୍ରା, ଲବଣ ସତ୍ୟାଗ୍ରହ ଓ ବିଦେଶୀ ଜିନିଷ ବର୍ଜନ ଆନ୍ଦୋଳନରେ ଅଂଶ ଗ୍ରହଣ କରି କାରାବରଣ କରିଥିଲେ । ମହାତ୍ମାଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଓ ଖଦୀ ବସ୍ତ୍ର ବ୍ୟବହାରର ବାର୍ତ୍ତା ଦେଶବାସୀଙ୍କ ମଧ୍ୟରେ ପ୍ରଚାର କରି ଇଂରେଜ ବନ୍ଧୁକ ଆଗରେ ନିଜର ପ୍ରାଣପାତ କରିଥିଲେ । ତେଣୁ, ଗାନ୍ଧିଜୀ ୧୯୨୧ ମସିହାରେ ତାଙ୍କର "ୟଙ୍ଗ ଇଣ୍ଡିଆ" ପତ୍ରିକାରେ ଲେଖିଥିଲେ, "I expect great things from you (women). I expect the Women to do their share in the struggle. Let Government capture every one of our soldiers—I don't mind. Our work is so very easy that even our women can carry it on without difficulty. ଏହି ସମୟରେ ନାରୀମାନଙ୍କର କାର୍ଯ୍ୟକଳାପରେ ସନ୍ତୋଷ ପ୍ରକାଶ କରି ୧୯୨୫ ମସିହାରେ ଗାନ୍ଧିଜୀ ଲେଖିଥିଲେ, "To call women the weeker sex is libel; it is man's injustice to women. If by strength is meant moral power, then women is immeasurably men's superior. Has she not greater intuition; is she more self-sacrificing, has she not greater powers of endurance, has she not greater courage? Without her man could not be. If non-violence is the law of our being, the future is with women.''

ସଂପ୍ରତି ସମାଜରେ ନାରୀମାନଙ୍କର ସ୍ଥିତି ସଂପର୍କରେ ଅଧିକ ଜାଗରଣ ସୃଷ୍ଟି ହୋଇଛି । ବିଭିନ୍ନ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଚାଲୁଛି । କିନ୍ତୁ ଏ ଦିଗରେ ଜଣେ ସାଧାରଣ ନାରୀର ଆବଶ୍ୟକତାକୁ ଚୁହାଇଲା ଭଳି ଏକ ବ୍ୟାପକ ନାରୀ ଆନ୍ଦୋଳନ ହେବା ଆବଶ୍ୟକ । ଯୌତୁକ ପ୍ରଥା ଓ ନାରୀ ଧର୍ଷଣର ବିରୋଧ, ବିଜ୍ଞାପନରେ ନାରୀଚିତ୍ର ପ୍ରଦର୍ଶନ ନିଷେଧ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନ ସଂରକ୍ଷଣ ଲାଗି କ୍ରମାଗତ ଦାବୀ ହୋଇ ଆସୁଛି । ଯୋଜନା ପ୍ରଣୟନକାରୀମାନେ ବିକାଶମୂଳକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିବା ସମୟରେ ଏସବୁ ପ୍ରତି ଦୃଷ୍ଟି ଦେଲେ ସମାଜର ବହୁ ଉପକାର ସାଧିତ ହୁଅନ୍ତା । ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ ଯେ ନାରୀମାନେ ନିଜର ଉଦ୍ୟମ ଅପେକ୍ଷା ଅନ୍ୟର ଶୁଭେଚ୍ଛା ଉପରେ ନିର୍ଭର କରୁଥିବାର ଚିରାଚରିତ ଅଭ୍ୟାସ ପରିତ୍ୟାଗ ନକଲା ଯାଏ, ସେମାନେ ସଂଗଠିତ ଭାବେ ନିଜ ଅବସ୍ଥାର ପରିବର୍ତ୍ତନ ଘଟାଇବା ସମ୍ଭବପର ନୁହେଁ ।


ମା ଫିଟ୍ ଶ୍ରୀ ଲକ୍ଷ୍ମୀନାରାୟଣ ରାଜଗୁରୁ,
ନିର୍ବାହୀ ଯନ୍ତ୍ରୀ (ବିଦ୍ୟୁତ୍),
ପୋ. ଜଗତସିଂହପୁର, ଜି କଟକ ।


## କ୍ଷୁଦ୍ର ଓ କୁଟୀର ଶିଳ୍ପ

ମୟୂରଭଞ୍ଜ ଜିଲ୍ଲାରେ ଗତ ନଭେମ୍ବର ଶେଷ ସୁଦ୍ଧା ୧୩୭ଟି କ୍ଷୁଦ୍ର ଶିଳ୍ପ ଏବଂ ୨,୬୪୦ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିରେ ସର୍ବମୋଟ ୪୮୨୮ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇଛି । କ୍ଷୁଦ୍ର ଶିଳ୍ପ ପାଇଁ ୬୧ଲକ୍ଷ ୨୯ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ପାଇଁ ୩୬ ଲକ୍ଷ ୩୨ ହଜାର ଟଙ୍କା ବିନିଯୋଗ କରାଯାଇଛି ।

# ଭକ୍ତ ଦାସିଆ ବାଉରୀ

ଶ୍ରୀ ଯୁଗଳ କିଶୋର ନାୟକ

ପୃଥିବୀରେ ଏମିତି କେହି ଲୋକ ନାହାନ୍ତି, ଯେଉଁମାନଙ୍କ ଆଖିରୁ ଜୀବନରେ କେବେହେଲେ ଦୁଇଟୋପା ଲୁହ ନ ବହିଛି । ହୁଏତ ମାତୃ ବକ୍ଷରୁ କ୍ଷୀର ପାନ କରିବାକୁ ଆଳ କରି ପିଲା କାନ୍ଦିଛି । ଦ୍ୱାର ଦ୍ୱାର ବୁଲିବୁଲି ଭିକ ମୁଠିଏ ନ ପାଇ ଭିକାରୀ ଲୁହ ଢାଳିଛି । ପାଠ ନ ପଢି ଗୁରୁଙ୍କଠାରୁ ମାଡ଼ ଖାଇ ବିଦ୍ୟାର୍ଥୀ କାନ୍ଦିଛି । ପର ଦୁଃଖରେ କାତର ହୋଇ ସମାଜ ସେବୀ କାନ୍ଦିଛି । ମାତ୍ର ଭକ୍ତ ଭଗବାନଙ୍କ ଅମୃତ ଲୀଳାକୁ ଶ୍ରବଣକଲେ କିଏ ସମ୍ଭାଳି ପାରିବ ନିଜକୁ ? ସେତେବେଳେ ଆଖିର ବୋଲ ନ ମାନି ଲୋତକର ସ୍ରୋତ ଝରି ଆସେ ଗଣ୍ଡଦେଶକୁ ଦୁର୍ବାର ଝରଣା ପରି । ଉତ୍ପ୍ଲାବନୀ ନଦୀରେ ରୂପାନ୍ତରି ହୁଏ । ଶେଷରେ ପ୍ରେମାନନ୍ଦର ମହାସାଗରରେ ନିଜର ସତ୍ତାକୁ ଲୋପ କରି ଦିଏ ।

ବିଲରେ ହଳ କରୁ କରୁ ଯଦି ଚଉଦ ଅକ୍ଷରୀ ଛାନ୍ଦରେ ଚାଷୀ ପାଟିରୁ କେବେ କେବେ କୃଷ୍ଣ ସୁଦାମା, ଶ୍ରୀରାମ ଶବରୀ, ନାରାୟଣ ଧ୍ରୁବ, ପରଂବ୍ରହ୍ମ ପ୍ରହ୍ଲାଦ ଏବଂ ଜଗନ୍ନାଥ ଓ ସାଲବେଗଙ୍କ ଉଚ୍ଛାଟିଆ ସଙ୍ଗୀତର ଧାରା ଛୁଟିଲା, ତେବେ ଗହୀର ବିଲରେ ବଳଦମାନଙ୍କ ଆଖିରେ ପଲକ ପଡ଼େନା । ସେ କାନ ଟେକି ପ୍ରାଣ ଭରି ସବୁ ଶୁଣେ । ଦିଗ୍‌ବଳୟର ଗଛ ପତ୍ରରେ କଂପନ ସୃଷ୍ଟି ହୁଏ । ହିଡ଼ ଉପରେ ଫୁଟି ଥିବା ଘାସ ଫୁଲଗୁଡ଼ି ମଧ୍ୟ କେଶର ଝରି ପଡ଼େ । ଆକାଶରେ ଭାସି ଯାଉଥିବା ମେଘ ମାଳା ବି ତଳକୁ ଓହ୍ଲାଇ ଆସେ । ଆମେ ଯଦି ଏହାକୁ ହୃଦୟଙ୍ଗମ କରି ନ ପାରିବା , ଅଥଚ ଅସ୍ୱୀକାର କରିବା, ଅବିଶ୍ୱାସ କରିବା, ତେବେ ମାନବ ଜନ୍ମ ପାଇବାର ସାର୍ଥକତା ଆଉ ରହିବ ନାହିଁ ।

ଏଇ ବିଶ୍ୱାସ ଯୋଗୁ ମାଟି ଗୋଡ଼ି ପଥର ମଧ୍ୟରେ ଏଇ ମାନବ ଆବିଷ୍କାର କରେ ଦିବ୍ୟ ସତ୍ତାକୁ । ଘନ ଅନ୍ଧକାରରେ ଆବିଷ୍କାର କରେ ପରମ ଜ୍ୟୋତିକୁ । ସେଇଥିପାଇଁ ତେଜସ୍ୱିୟ ଅଗ୍ନିକଣା ତାକୁ ଦହନ କରି ପାରେନି । ମତ୍ତ ହସ୍ତୀର ବିଶାଳ ଗୋଡ଼ରେ ଯେତେ ମଳି ଚକଟି ହେଲେ ମଧ୍ୟ, ସେ ଆଘାତ ତାକୁ ପଦ୍ମଫୁଲର ଉଶ୍ୱାସ ଦିଏ । ହଳାହଳ ବିଷରୁ ଅମୃତର ସ୍ୱାଦ ଆସ୍ୱାଦନ କରେ ସେ ।

ଦିନକର କଥା । ମହାତ୍ମା ଗାନ୍ଧୀ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ଥାଆନ୍ତି । ରାତି ପାହିଲେ ସବର୍ଣ୍ଣ ହରିଜନଙ୍କୁ ନେଇ ଶ୍ରୀ ମନ୍ଦିରରେ ପ୍ରବେଶ କରିବେ । ଦେଶବାସୀଙ୍କ କଲ୍ୟାଣ କାମନା କରି ରତ୍ନ ବେଦୀ ନିକଟରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ । ରାତି ପାହିଲା । ଧର୍ମଶାଳା ଛାତ ଉପରେ ବୁଲୁ ବୁଲୁ ମହାତ୍ମା ଲକ୍ଷ୍ୟ କଲେ ଶହ ଶହ ଲୋକ ଠେଙ୍ଗା ବାଡ଼ି ଧରି ସିଂହ ଦ୍ୱାରରେ ଜମା ହୋଇଛନ୍ତି । "ସେବକମାନେ ଅଛୁଆମାନଙ୍କୁ ଛାଡ଼ିବେ ନାହିଁ । ମାତ୍ର ଗାନ୍ଧିଜୀଙ୍କୁ ଛାଡ଼ି ଦେବେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଏବଂ ମହାତ୍ମା ଗାନ୍ଧୀ ଆଲୋଚନା କଲେ । ସିଦ୍ଧାନ୍ତ ବଦଳି ଗଲା । ଦେଉଳ ପ୍ରବେଶ ବନ୍ଦ ହେଲା । ଗାନ୍ଧିଜୀ ବାଷ୍ପାକୁଳିତ କଣ୍ଠରେ ପଚାରିଲେ "ଏଇଠୁ ଭକ୍ତ ଦାସିଆ ବାଉରୀର ଘର କେତେ ବାଟ ? ସେଠିକି ଦିନେ ଜଗନ୍ନାଥ ଯାଇଥିଲେ ନା ? ତାଙ୍କରି ଝାଟି ମାଟି କୁଡ଼ିଆରେ ବସି, ବାସି ତୋରାଣି ପିଇଥିଲେ ନା ? ସେ ପଠାଇଥିବା ନଡ଼ିଆକୁ ଅତି ଆନନ୍ଦରେ ଗ୍ରହଣ କରିଥିଲେ ନା ? ଏଇ ବଡ଼ ଦେଉଳରେ ଯିଏ ପୂଜା ପାଉଛନ୍ତି ସେ ସମସ୍ତଙ୍କର ଠାକୁର । ସେ ଜାତି ଭେଦର ବହୁତ ଊର୍ଦ୍ଧ୍ୱରେ । ଆମେ ଜୋର ଜବରଦସ୍ତ ମନ୍ଦିରକୁ ଯିବା କାହିଁକି ? ବରଂ ସେହି ପୁରୁଷୋତ୍ତମ ସଂସାରରେ ବାସ କରୁଥିବା ଦରିଦ୍ର, ଅବହେଳିତ ଏବଂ ଅଛୁଆଁମାନଙ୍କୁ ନିଜ ବାହୁ ବେଷ୍ଟନୀକୁ ଟାଣି ଆଣି ସବୁ ଭେଦ ଭାବକୁ ଭୁଲି ତାଙ୍କରି ସେବାରେ ମନ ଦେଇ ଜୀବନ ବିତେଇ ଦେବା ଉଚିତ୍ । ତାହାହିଁ ହେବ ଈଶ୍ୱରଙ୍କ ପ୍ରତି ପ୍ରକୃତ ପୂଜା ।"

ଭକ୍ତ ଦାସିଆ ଏବଂ ପ୍ରଭୁ ଜଗନ୍ନାଥଙ୍କ ଅମୃତ ଲୀଳାକୁ ହୃଦୟ ମଧ୍ୟରେ ସାଇତି ରଖି ସେହି ଈଶ୍ୱରୀୟ ପଥରେ ପଥିକ ହେବାପାଇଁ ଗାନ୍ଧିଜୀ ବାହୁଡ଼ି ଆସିଲେ ।

କିଏ ସେହି ଦାସିଆ ବାଉରୀ ? ଅଖିଳ ବିଶ୍ୱର ସୃଷ୍ଟିକର୍ତ୍ତା ସ୍ୱୟଂ ଜଗନ୍ନାଥ ତା' ଘରକୁ ଯାଇଥିଲେ କାହିଁକି ? ଏହା ମୂଳରେ କି ରହସ୍ୟ ଅଛି ? କେତେକ କହନ୍ତି ଏହା ଏକ ମନଗଢ଼ା କାହାଣୀ ଅଥବା କିମ୍ବଦନ୍ତୀ । ତେବେ ଯୋଗୀ ଭିକାରୀଙ୍କଠାରୁ ଭକ୍ତ ଦାସିଆଙ୍କ କାହାଣୀ ଶୁଣି ଝିଅ ବୋହୂମାନେ ଅଞ୍ଜଳି ଭରି ଭିକ୍ଷା ଦେଇ ବେଳେ କାନ୍ଦି ପକାନ୍ତି କାହିଁକି ?

ଅନନ୍ତ ପୃଷ୍ଠରେ ଶୟନ କରିଛନ୍ତି ଭଗବାନ ବିଷ୍ଣୁ । ଜଗତ୍‌ଜନନୀ ମହାଲକ୍ଷ୍ମୀ ଶ୍ରୀପଦ କମଳ ସେବା କରୁଛନ୍ତି । ଗାନ୍ଧାର ଧ୍ୱନିରେ ବୀଣା ବାଦନ କରୁଛନ୍ତି ମହାଦେବୀ ସରସ୍ୱତୀ । ଭଗବାନଙ୍କ ପଦ୍ମ ନୟନ ଫିଟିଲା ନାହିଁ । ଶ୍ୟାମ ଶ୍ରୀ ମୁଖର ବ୍ୟାକୁଳ ଭାବକୁ ଲକ୍ଷ୍ୟ କଲେ ମହାଲକ୍ଷ୍ମୀ ।

ମାତ୍ର ନୟନରୁ ଝରି ଆସିଲା ଅମୃତ ଅଶ୍ରୁଧାରା । ଅଖିଳ ବିଶ୍ୱର ଯଦି କେଉଁ ଭକ୍ତ ବୁକୁ ଫଟେଇ ଡାକ ଛାଡୁଥାଏ ଜଗନ୍ନାଥଙ୍କୁ, ତେବେ ମହାପ୍ରଭୁ କ'ଣ ବୈକୁଣ୍ଠ ଭବନରେ ସୁଖ ନିଦ୍ରାରେ ଶୋଇ ପାରିବେ ?

ଭକ୍ତ ଦାସିଆ ବାଉରୀ । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରୁ; ବିଶ୍ୱର କେଉଁ ଅନନ୍ତ କାଳରୁ ଅହରହ ଖୋଜି ଚାଲିଛି, 'ପଦ୍ମ ନୟନଙ୍କୁ', 'ପରମ ପିତାଙ୍କୁ', ତାର ପ୍ରିୟ ଚକା ନୟନଙ୍କୁ ।

ଠିକ୍ ସେହି ଦିନ ବଡ଼ ଦାଣ୍ଡରେ ନନ୍ଦିଘୋଷରେ ଦାରୁ ବିଗ୍ରହଙ୍କୁ ଦର୍ଶନ କରିଛି ଭକ୍ତ ଦାସିଆ । ଆଖିରେ ଆଖି ମିଶିଯାଇଛି । ଚକା ନୟନରେ ସେ ଦେଖି ପାରିଛି ସଂପୂର୍ଣ୍ଣ ବିଶ୍ୱକୁ । ଭଗବାନଙ୍କ ସହ ତାର କାଳାତୀତ ସଂପର୍କକୁ । ମୂର୍ଚ୍ଛିତ ହୋଇ ଯାଇଛି ଦାସିଆ । ରଥ ଚାଲି ଯାଇଛି ବହୁ ଦୂରକୁ । ଚେତା ପାଇ କାନ୍ଦି ଉଠିଛି ସେ । ଭକ୍ତଜନଙ୍କ ପାଦରେ ମଡ଼ା ଚକଟା ରଥ ଦାଣ୍ଡର କାଦୁଅକୁ ଆପାଦ ମସ୍ତକ ବୋଳିହୋଇଛି । ବାସି ଅଇଁଠାକୁ ତୁଣ୍ଡରେ ଲଗାଇ ଗାଁକୁ ଫେରିଛି । ବାଟ ଚାଲୁ କାଁଧୁନି ତାକୁ । ନଈ, ନାଳ, ପାହାଡ଼, ପର୍ବତ, ଗୋରୁ-ଗାଈ, ମେଘ ଆକାଶ ସବୁଠି ସେ ଅନୁଭବ କରିଛି ଚକା ଆଖିର ପଦ୍ମ ଜ୍ୟୋତିକୁ ।

ନୂଆ ହାଣ୍ଡିରେ ଅରୁଆ ଖୁଦର ଜାଉ ରାନ୍ଧି କଳା ପଲମରେ ଢାଳି ଦେଇଛନ୍ତି ଧର୍ମପତ୍ନୀ । ଜାଉ ମଧ୍ୟରେ କଲମ ଶାଗ ଭଜା । ତୀର୍ଥ ଫେରନ୍ତା ସ୍ୱାମୀଙ୍କୁ ଆଦରରେ ଖାଇବାକୁ ଦେବାକୁ ଡାକ ପକେଇଛନ୍ତି । ହେଲେ ଭକ୍ତ ଦାସିଆକୁ ଭୋକ ହେଲେ ସିନା ? ତା' ତୁଣ୍ଡରେ ଖାଲି ହରି ନାମ । ତା' ଆଖିରେ ସେହି ପଦ୍ମ ବିନ୍ଦୁର ପ୍ରତିବିମ୍ବ । ଜାଉ ପଲମକୁ ଦେଖି ଚମକି ପଡ଼ିଲା ଦାସିଆ । ଭଲ ଭାବରେ ନିରୀକ୍ଷଣ କରିଛି । ତାକୁ ଶୁଭିଛି ବଡ଼ ଦାଣ୍ଡର ଆକାଶରେ ଘଣ୍ଟ ମର୍ଦ୍ଦଳ ଧ୍ୱନି । ଚିତ୍କାର କରି ଡାକ ଛାଡ଼ିଛି, "ହେ ଚକା ନୟନ ! ହେ ପୁରୁଷୋତ୍ତମ ! ହେ ପ୍ରଭୁ ଜଗନ୍ନାଥ" ।

ମୂର୍ଚ୍ଛିତ ହୋଇ ଯାଇଛି ଦାସିଆ । ଶଂଖୁଡ଼ି ହାତରେ ସ୍ୱାମୀଙ୍କୁ ହଲାଇ ଧରି ହାଉଳି ଖାଇ ଡାକ ଛାଡ଼ିଛନ୍ତି ଧର୍ମ-ପତ୍ନୀ । ସାଇ ପଡ଼ିଶାର ବୁଢ଼ା, ବୁଢ଼ୀ, ଛୁଆପିଲା ଧାଇଁ ଆସିଛନ୍ତି । ଦାସିଆକୁ ସେମାନେ କଣ ଆଗରୁ ଜାଣି ନାହାନ୍ତି ? କଳା ପଲମରେ ଧଳା ଜାଉ । ତା ମଧ୍ୟରେ କଳା କଳା ଶାଗ ଭଜା । ସାକ୍ଷାତ୍ ଚକା ଡୋଳା ପରି ଦିଶୁଛି । ଦାସିଆ ଅବା କେମିତି ଖାଇବ ? ମୂର୍ଚ୍ଛା ମାରି-ଯାଇଛି ତାରି ପାଇଁ ନିଶ୍ଚୟ । ଏଇ ଚକା ଡୋଳା ପାଇଁ ସେ କେତେ ଥର ପାଗଳ ହୋଇଥିଲା । ତାଙ୍କରି ନାମକୁ ଭଜି ଭଜି ଗାଁ ଦାଣ୍ଡରେ କେତେ ଥର ଢୁଲାଇ ପକାଇଛି ପୂଜାରୀ ବ୍ରାହ୍ମଣମାନଙ୍କୁ । ମାତ୍ର ଖାଇ ଖାଇ ନହୁନୁଆଣ ହୋଇଛି ଅନେକ ଥର । ଜାଉ ପଲମରୁ ଶାଗ ମେଣ୍ଡାକ କାଢ଼ି ଦେଇ ଅଚେତ ମୁହଁରେ ପାଣି ଛାଟି ଉଠାଉଛନ୍ତି ସେମାନେ । ଧୀରେ, ଦୁଇଥର ଖୋଇ ଦେଇ ନଡ଼ିଆ ପତ୍ର ତଳେଇରେ ଶୋଇ ଦେଇଛନ୍ତି ।

ସେ ଦିନର ରାତି ପାହି ନ ଥାଏ । ଉଷା କାଳର ଠିକ୍ ପୂର୍ବର କଥା । ମଧୁଗର୍ଭା ରତ୍ନଚୀରା ଆନନ୍ଦରେ ଉଛୁଳି ପଡ଼ିଲା । ବାଲି ଗାଁର ବଣ ଜଙ୍ଗଲରେ ଫୁଲ ଫଳ ଲେଟି ଗଲା । ଶୁଆ, ଶାରୀ, କୋଇଲିମାନେ ଆନନ୍ଦରେ ଗୀତ ଗାଇଲେ । ଅଙ୍କା ବଙ୍କା କାଦୁଅ ରାସ୍ତାରେ ଶ୍ୱେତ ପଦ୍ମ ଫୁଟି ଉଠିଲା । ନୂପୁର ଧ୍ୱନୀର ଛନ୍ଦେ ଛନ୍ଦେ ଆଗେଇ ଆସିଲେ କମଳ କାନ୍ତ । ଜୀର୍ଣ୍ଣ କୁଡ଼ିଆର ବରଡ଼ା ତାଟି ଆପେ ଆପେ ଫିଟି ଗଲା । ନିଘୋଡ଼ ନିଦରେ ଶୋଇଥିବା ପ୍ରିୟ ଭକ୍ତର କପାଳକୁ ଆଉଁସି ଦେଇ କୋମଳ କଣ୍ଠରେ ଠାକୁର ଡାକିଲେ ।

"ଦାସେ ! ଉଠ ! ମୁଁ ଆସିଛି ପରା ? ତୁମର ପ୍ରାୟ କୃଷ୍ଣ ଏକ ଅମର ବ୍ରହ୍ମ ! ଓଁ କାର ପୁରୁଷ ! ପୁରୁଷୋତ୍ତମ ! ଜଗନ୍ନାଥ !

ଦାସଙ୍କର ନିଦ ଭାଙ୍ଗିଗଲା । ନନ୍ଦିଘୋଷରେ ଦେଖିଥିବା ମହାପ୍ରଭୁଙ୍କୁ ଚିହ୍ନି ପାରିଲା ସେ । ହିରଣ୍ୟ-ଗର୍ଭଙ୍କ ପାଦପଙ୍କଜକୁ ଜାବୁଡ଼ି ଧରି ଆନନ୍ଦରେ ତନ୍ମୟ ହୋଇ କହି ଉଠିଲେ—

"ହୃଦୟେଶ୍ୱର ! ତୁମେ ଆସିଛ ? ତୁମେ ମୋର ଚିନ୍ତାମଣି ! ତମରି ପାଇଁ ମୁଁ ଦେହ ଧାରଣ କରିଛି । ସତ୍ୟ ଯୁଗରେ ତୁମକୁ ଦେଖିଥିଲି ସୃଷ୍ଟିକର୍ତ୍ତା ରୂପରେ । ତ୍ରେତୟା ଯୁଗରେ ସତ୍ୟପାଳକ ନୟନାଭି ରାମ ରୂପରେ । ଦ୍ୱାପର ଯୁଗରେ ପ୍ରେମ ସ୍ୱରୂପ ଜ୍ଞାନଦାତା କୃଷ୍ଣ ରୂପରେ । କଳି ଯୁଗରେ ପାବନ ପୁରୁଷ ଚକାନୟନ ରୂପରେ । ମାତ୍ର ଆଜି ? ................ ତୁମେ ଆରତମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ! ତୁମେ କେତେ ଦୟାଳୁ ପୁରୁଷ ? ହେ ଗୋସେଇଁ ! ତୁମେ ମୋର ନାଥ । ମୁଁ ତୁମରି ଦାସ ପ୍ରଭୁ !" ଶ୍ରୀପଦ କମଳରେ ଲେଟି ଯାଇ କହିଁ କହିଁ ହୋଇ କାନ୍ଦି ଉଠିଲେ ଭକ୍ତ ଦାସିଆ ବାଉରୀ ।

ଭକ୍ତ ନୟନର ସ୍ନେହକ ଝରଣାକୁ କରପଲ୍ଲବରେ ପୋଛି ଦେଇ ଭଗବାନ କୃଷ୍ଣ କହିଲେ"—ତୁମରି ଭକ୍ତି ଡୋରିର ଦୁର୍ନିବାର ଆକର୍ଷଣ ମୋତେ ଟାଣି ଆଣିଛି । ତୁମେ ମୋ ନିକଟକୁ ଗୋଟିଏ ପାଦ ଆଗେଇ ଯାଇ-ଥିବାରୁ ମୁଁ ତୁମ ନିକଟକୁ ସହସ୍ର ପାଦ ଆଗେଇ ଆସିଛି । କୁହ ! କଣ ତୁମର ଆକାଂକ୍ଷା ? ତୁମେ ମୋ'ଠାରୁ ଯାହା ଚାହିଁବ, ମୁଁ ସବୁ କିଛି ଦେବି । ମନ ଇଚ୍ଛା ବର ମାଗି ନିଅ ।" କିନ୍ତୁ ମହାଜ୍ଞାନୀ ଦାସିଆଙ୍କର ଆଉ କଣ ପ୍ରୟୋଜନ । ତଥାପି ସେ କହିଥିଲେ "ହେ କୃଷ୍ଣ ! ଏତେ ଯଦି ତୁମର ସୁଦୟା, ତାହେଲେ ଏତିକି ଦିଅ ପ୍ରଭୁ ! ତୁମରି ପାଦ ପଦ୍ମରେ ଚିନ୍ତା, ତୁମରି ମଧୁର ନାମର ଭଜନ, ତୁମରି ଭକ୍ତମାନଙ୍କର ଦର୍ଶନ ଲାଳସା ମୃତ୍ୟୁ ପର୍ଯ୍ୟନ୍ତ ବିସ୍ମରଣ ନ ହେଉ । ତୁମରି ଦର୍ଶନର ଆକାଂକ୍ଷା ମୋର କେବେହେଲେ ନିଷ୍ଫଳ ନ ହେଉ, ପ୍ରଭୁ !"

ଭକ୍ତ ଦାସିଆଙ୍କର ଅନାସକ୍ତ ଭକ୍ତିରେ ମୁଗ୍ଧ ହୋଇ ଆହୁରି ଗୋଟିଏ ବର ଦେଇ ଥିଲେ ଜଗନ୍ନାଥ ! "ତୁମେ

ଯେଉଁ ଦିନ ଯେଉଁ ମୁହୂର୍ତ୍ତରେ ଯେଉଁ ପ୍ରସାଦ ଅର୍ପଣ କରିବ, ମୁଁ ଶ୍ରୀହସ୍ତ ବଢ଼ାଇ ଗ୍ରହଣ କରିବି" ।

ଚମକି ଉଠିଲେ ଦାସେ । ଆଶ୍ଚର୍ଯ୍ୟ ହେଲେ ମଧ୍ୟ । ତାଙ୍କ ଆଖିରେ ଲୁହ ଭରି ଗଲା । ପାଦପଦ୍ମକୁ ଜାବୁଡ଼ି ଧରି ଭକ୍ତ କହିଲେ " ନା ପ୍ରଭୁ ! ମୁଁ ଅଛୁଆଁ ବାଉରୀ । ଏଡ଼େ ବଡ଼ ପାପ କର୍ମ କରିବି ? ନା, ଏ ବର ଦିଅନା ମୋତେ ।"

ଭକ୍ତ ଦାସିଆକୁ ବକ୍ଷ ଦେଶକୁ ଟାଣି ନେଇ ଚକିଆଭୁଜ କହିଲେ "ଛି ! ସେପରି କୁହନ୍ତି । ଅଛୁଆଁ ଜାତି ଭେଦଠାରୁ ମୁଁ ଯେ ଅନେକ ଉର୍ଦ୍ଧ୍ୱରେ ।

ଜୀବନର ପରବର୍ତ୍ତୀ କାଳରେ ସବୁକିଛି ଅଲୌକିକ ଘଟଣା ଘଟି ଯାଇଛି । ଯେଉଁ ଉଗ୍ରପନ୍ଥୀ ବ୍ରାହ୍ମଣମାନଙ୍କ-ଠାରୁ ସେ ନିର୍ଯ୍ୟାତିତ ହୋଇଥିଲେ, ତାଙ୍କରି ହାତରେ ନାରିକେଳ ବଢ଼େଇଛନ୍ତି ପ୍ରଭୁଙ୍କ ପାଇଁ । ପୁରୁଷୋତ୍ତମ ରତ୍ନସିଂହାସନରୁ ହାତ ବଢ଼େଇ ଗ୍ରହଣ କରିଛନ୍ତି । ଏ ବିଚିତ୍ର ଲୀଳା ଉତ୍କଳର ପୁରପଲ୍ଲୀରେ ବ୍ୟାପୀ ଯାଇଛି । ଭାରତର ଯୋଗୀ, ଋଷି, ସାଧୁ, ସନ୍ଥ କିଏ ନ ଶୁଣିଛନ୍ତି ଏ କଥା । ଖାଲି ସେତିକି ନୁହେଁ । ସିଂହଦ୍ୱାରକୁ ଯାଇ ମହାପ୍ରଭୁଙ୍କୁ ପାଚିଲା ସୁମିଷ୍ଟ ରସାଳ ଖୋଇ ଦେଇଛନ୍ତି ନିଜେ ଦାସିଆ ବାଉରୀ । ଏ ଭଳି କୃପାର ଅଧିକାର ପାଇବା କେତେ ଲୋକଙ୍କ ପକ୍ଷେ ସମ୍ଭବ ହୁଏ ? କେତେକ ସାଧୁ ସଜ୍ଜନ ଭାଗବତ୍ ଶାସ୍ତ୍ର ସଂପର୍କରେ ଆସି ନିଜର ଆଧ୍ୟାତ୍ମିକ ସାଧନାର ଫଳ ସ୍ୱରୂପ କୃପା ଲାଭ କରନ୍ତି । ଆଉ କେତେକ ଜନ୍ମାନ୍ତର କର୍ମ ଫଳରେ ପରମ ପୁରୁଷଙ୍କ କରୁଣା ଲାଭ କରନ୍ତି । ମାତ୍ର ଭକ୍ତ ଦାସିଆ ବାଉରୀ ଉଭୟ ପଥର ପଥିକ ଥିଲେ ।

ଭକ୍ତ ଦାସିଆ ବାଉରୀ ପୁରୀ ଜିଲ୍ଲାର ଉତ୍ତଚିରା ନଦୀ କୂଳରେ (ଉତ୍ତଚିରାର ବାଲିଗାଁ ପାଖଧାର ବର୍ତ୍ତମାନ ପ୍ରାୟ ପୋତି ହୋଇ ଗଲଣି) ବାଲିଗାଁରେ ଜନ୍ମ ଗ୍ରହଣ କରିଥିଲେ ବୋଲି ବିଭିନ୍ନ ପୋଥି ପତ୍ରରୁ ପ୍ରମାଣ ମିଳିଛି । ଠିକ୍ ବୃନ୍ଦାବନ ପରି ଏଇ ଗାଁ ଟି । ପୂର୍ବରେ ଜଗନ୍ନାଥ ସଡ଼କ, ପଶ୍ଚିମରେ ପ୍ରହରାଜପୁର ବ୍ରାହ୍ମଣ ଶାସନ, ଉତ୍ତର ଦିଗରେ ଆବଲପୁର ମୌଜା ଏବଂ ଦକ୍ଷିଣ ଦିଗରେ ପୁରୀ ଖୋର୍ଦ୍ଧା ରେଳ ପଥ । କିଛି ଦୂରରେ ବିଶ୍ୱନାଥ ପାହାଡ଼ । ଏହି ପାହାଡ଼ ଭକ୍ତ ଦାସିଆଙ୍କର ଆଧ୍ୟାତ୍ମିକ ସାଧନାର ମୂକ ସାକ୍ଷୀ । ବାଲିଗାଁର ଗୋଠ ଗଡ଼ିଆ, ମହାଖଲା, ମେଲଣ ପଡ଼ିଆ, ଗୋରୁଗାଡ଼, ନଡ଼ିଆ ବଣ, ଲୋକବାକ ଏବେ ମଧ୍ୟ ସେହି ପୁଣ୍ୟ ପୁରୁଷଙ୍କୁ ଝୁରୁଛନ୍ତି ।

ଭକ୍ତ ଦାସିଆ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଜନ୍ମ ଗ୍ରହଣ କରିଥିଲେ । ଯୁବା ବୟସରେ ଏହି କାର୍ତ୍ତିକ ଶୁକ୍ଳ ଦଶମୀରେ ବ୍ରହ୍ମଜ୍ଞାନୀ ମହାତ୍ମା ଧନୀ ଦାସଙ୍କଠାରୁ ଦୀକ୍ଷିତ ହୋଇଥିଲେ । ଖାଲି ସେତିକି ନୁହେଁ, ଅତିବଡ଼ି ଜଗନ୍ନାଥ ଦାସଙ୍କର ଆଦର୍ଶକୁ ମାନିନେଇଥିଲେ ମଧ୍ୟ ତାଙ୍କରି ମାର୍ଗରେ ଅନୁପ୍ରାଣିତ ହୋଇ ଏକ ଅକ୍ଷର ଓଁକାର ମନ୍ତ୍ରକୁ ଜପ କରି ନିଜକୁ ସାଧନାର ଚରମ ସୋପାନକୁ ନେଇ ଯାଇଥିଲେ ଭକ୍ତ ଦାସିଆ । ସେଇଥିପାଇଁ ତାଙ୍କ ନିକଟକୁ ଧାଇଁ ଆସିଥିଲେ ସାଧୁ ସନ୍ଥମାନେ, ଭାଗବତପ୍ରିୟମାନେ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ତାଙ୍କଠାରୁ ନାମ ଦୀକ୍ଷା ଗ୍ରହଣ କରି, କପାଳରେ ଚୂନ୍ଦୀ ତିଳକ ଲଗାଇ ପୁରୁଷୋତ୍ତମ ମହିମା ଗାନ କରିଥିଲେ ଉତ୍କଳର ଅଗଣିତ ଭକ୍ତ । ଅସ୍ପୃଶ୍ୟତା ଭେଦ ଭାବକୁ ଭୁଲି ଯାଇଥିଲେ ସମସ୍ତେ ।

ସଂସାର ବନ୍ଧନରେ ବାନ୍ଧି ହୋଇ ମଧ୍ୟ ପତି ପତ୍ନୀ ଦୁହେଁ ଥିଲେ ସାଧକ ସାଧିକା । ସେମାନେ ଜାତିରେ ଖଦାଳ ଯାହାକୁ ବୁଣା ବାଉରୀ ବୋଲି ସମସ୍ତେ ଜାଣନ୍ତି । କନ୍ଥା ଗାମୁଛା ବୁଣୁବୁଣୁ ଭକ୍ତ ଦାସିଆ ମଧୁର କଣ୍ଠରେ କୃଷ୍ଣ ମାହାତ୍ମ୍ୟ ଗାଉଥିବା ବେଳେ, ଚକଟା ପଖାଳକୁ ଟାଣି ସୂତାରେ ମାଖୁଥିବା ବେଳେ ମହାତ୍ମା ଧନୀଦାସଙ୍କ ଓଡ଼ିଶୀ ଭଜନକୁ କୋକିଳ କଣ୍ଠରେ ଗାଉ-ଥିଲେ ମାଣିକ ଦାସୀ । ପେଟ ପୋଷିବା ପାଇଁ ନିଜର କୁଳ ବ୍ୟବସାୟକୁ ଆୟୁଧ କରି ସ୍ୱାମୀ ସ୍ତ୍ରୀ ଦୁହେଁ କଣ୍ଟା ବଳାଠାରୁ ଲୁଗା ବୁଣା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରତି ମୁହୂର୍ତ୍ତକୁ ଈଶ୍ୱରାଭିମୁଖୀ କରି । ସବୁ କର୍ମକୁ ନିଜର ପ୍ରିୟ ଠାକୁରଙ୍କୁ ଅର୍ପଣ କରି ଦେଉଥିଲେ । ଏହି ପ୍ରଗାଢ ଈଶ୍ୱର ଅନୁରକ୍ତି ପାଇଁ କେବଳ ଥରେ ନୁହେଁ, ଅନେକ ଥର ନିଜର ପ୍ରିୟ ଭକ୍ତକୁ ବାଲିଗାଁ ବାଉରୀ ସାହିରେ ଦର୍ଶନ ଦେଇଥିଲେ ମହାପ୍ରଭୁ ଜଗନ୍ନାଥ । ବହୁ ପରୀକ୍ଷା ମଧ୍ୟ କରିଛନ୍ତି ତାଙ୍କୁ ।

ଯେଉଁ ଦିନ ବୁଣା ମଧୁ ଦାସ ଭକ୍ତ ଦାସିଆଙ୍କଠାରୁ ନାମ ଦୀକ୍ଷା ନେଇଥିଲେ ଠିକ୍ ସେଇ ଦିନର ଘଟଣା । ଦୀକ୍ଷିତମାନଙ୍କସହ ସତ୍‌ସଙ୍ଗରେ ଏକାଠି ହୋଇ ତିନି ଦିନ ବିତି ଗଲଣି ସେତେବେଳକୁ । ମାଘ ଦ୍ୱାଦଶୀ ସେ ଦିନ । ଭକ୍ତମାନେ ବିଦାୟ ନେଇ ଗଲେ । ଘରେ ଚାଉଳ ନାହିଁ, ଚୁଲି ଜଳିବ ବା କେମିତି ? ଗାମୁଛା କେତେ ଖଣ୍ଡ ବୁଣିଥିଲେ ତେଇସିପୁର ହାଟରେ ଅବା ବିକ୍ରି କରି ମାଣେ, ଦୁଇ ମାଣ ଚାଉଳ ଆଣି ଥା'ନ୍ତେ । ଧର୍ମ ପତ୍ନୀଙ୍କୁ ବହୁତ ଦୁଃଖ ଦେଲେଣି ସେ । ତନ୍ତ ଗଡ଼ିଆରେ ପଶି ଗାମୁଛା ବୁଣି ବସିଲେ । ଠିକ୍ ଏତିକି ବେଳେ ବ୍ରାହ୍ମଣ ବେଶରେ ପହଞ୍ଚିଛନ୍ତି ଭଗବାନ । ଖାଇବାକୁ ମାଗିଛନ୍ତି । ଭୋକ ଲାଗୁଛି ତାଙ୍କୁ । ତନ୍ତ ଶାଳରୁ ବାହାରି ଆସିଛନ୍ତି ଦାସେ । ଆପାଦ ମସ୍ତକ ଚାହିଁଛନ୍ତି । ଶ୍ରୀବତ୍ସ ବ୍ରାହ୍ମଣର ପାଦ ଚିହ୍ନକୁ ଆବିଷ୍କାର କରିଛନ୍ତି । ରଙ୍ଗା ଅଧରର ମଧୁ କମ୍ପନ ତାଙ୍କ ହୃଦୟରେ ବ୍ୟାକୁଳତାର ଢେଉ ସୃଷ୍ଟି କରିଛି । ଭକ୍ତ ଦାସିଆ ମହାପ୍ରଭୁଙ୍କୁ ଆଭୂମି ପ୍ରଣାମ କରି ପଚାରିଛି—

"ହେ କୃଷ୍ଣ ! ପାଦରେ ଧୂଳି, ଦେହରେ ଝାଳ । ରତ୍ନ ସିଂହାସନ ଛାଡ଼ି ଏତେ ଖରାରେ ବୁଲି ବୁଲି ବାଲିଗାଁ ଆସିଛନ୍ତି? କାହିଁକି ଆସିଲ ପ୍ରଭୁ ? ମୁଁ କ'ଣ

ଯାଇ ନଥାନ୍ତି ଶ୍ରୀକ୍ଷେତ୍ରକୁ ? ସେଇଠି ମୁଁ ତୁମକୁ ଦେଖା କରି ଅସିଥାନ୍ତି । ଅଧମ ଦାସିଆ ପାଇଁ ଏତେ ଦୁଃଖ ସହିଲ କାହିଁକି ?"

ଭକ୍ତର ଦୁଃଖକୁ ଦୁଃଖିଶ୍ୟାମ ଦୂର କରନ୍ତି । ପ୍ରଭୁଙ୍କର ଦୁଃଖକୁ ଯଦି ଭକ୍ତ ବୁଝି ପାରିଲା ତେବେ ସେ ଭକ୍ତର ସ୍ଥାନ କେଉଁଠି ! କି ସାଧନା ଭକ୍ତ ଦାସିଆ ବାଉରୀଙ୍କର !

ଘରେ ପଶମ ଗାଲିଶ୍ ନାହିଁ କି ସୁବର୍ଣ୍ଣ ପଲଙ୍କ ନାହିଁ । ପ୍ରିୟତମ ପ୍ରଭୁଙ୍କର ପଥଶ୍ରାନ୍ତି ଦୂର କରିବାପାଇଁ ନଡ଼ା ଗଦାରୁ ଟାଣି ଆଣିଛି ଦୁଇ ବିଡ଼ା ନଡ଼ା । ପିଣ୍ଡାରେ ବିଛାଇ ଦେଇଛି । ହାତ ଧରି ଟାଣି ନେଇଛି ସେ । ବସେଇ ଦେଇଛି ନଡ଼ା ଉପରେ ।

ପ୍ରିୟ ଭକ୍ତର ବିହ୍ୱଳିତ ଭାବନାରେ ତରଳି ଗଲେ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି କର୍ତ୍ତା । କେତେ ସମୟ ଅବା ଛଦ୍ମ ବେଶରେ ରହି ପାରିବେ ସେ ? ମୋହନ ବଂଶୀ ବାଜି ଉଠିଲା । ଲଳିତ ତ୍ରିଭଙ୍ଗ ଠାଣିରେ ଦର୍ଶନ ଦେଲେ ଭୁବନ ମନୋହର କୃଷ୍ଣ । ଧର୍ମ ପତ୍ନୀ ମାଣିକମାଳୀ ଚମକି ପଡ଼ିଲେ । ମୁଣ୍ଡର ଓଢ଼ଣାକୁ ଟାଣି ଆଣିଲେ ଆହୁରି ତଳକୁ । ବାତ୍ସଲ୍ୟର ଭାବନା ନେଇ ପୁଣିଥରେ କୃଷ୍ଣ ମାଗିଲେ ଖାଇବାକୁ..........

"ମା ! ଭାରି ଭୋକ ଲାଗୁଛି । ରନ୍ଧାବଢ଼ା ସରିଗଲାଣି ? କି ତିଅଣ କରିଛ ମା! ମୋ ପାଇଁ ରଖିନ?"

ମାଣିକମାଳୀ କହିଁ କହିଁ ହୋଇ କାନ୍ଦି ଉଠିଲେ । ଘରେତ କଣିକାଏ ଖୁଦ ନାହିଁ । କ'ଣ ଦେବେ ଖାଇବାକୁ ! ମାତ୍ର ଭକ୍ତ ଦାସିଆ ରହି ପାରିଲେ ନାହିଁ ମୁହୂର୍ତ୍ତେ ମଧ୍ୟ । ଘରକୁ କଟୁରୀଟା ନେଇ ନଡ଼ିଆ ଗଛକୁ ଉଠିଲେ । ନୂଆ ଗଛର ନୂଆ କାନ୍ଦିରୁ ବାସ ପଇଡ଼ ତୋଳି ଆଣିଲେ । ମାଟି ସରାରେ ମଧୁର ପାଣିକୁ ଢାଳିଦେଇ ରଙ୍ଗା ଅଧରକୁ ଟେକି ଦେଲେ । ଆହା, କି ଅମୂଲ୍ୟ ପ୍ରୀତି । କି ସଂପର୍କ । କି ଶ୍ରଦ୍ଧା । ହାୟ! ମର୍ତ୍ତ୍ୟର ମାନବ ଯଦି ଏ ପ୍ରୀତିକୁ ବୁଝି ନପାରିଲା, ତେବେ ଜନ୍ମର ସାର୍ଥକତା ରହିବ କାହାପାଇଁ ?

ଅଧେ ପଇଡ ପାଣି ପିଇ ଆଉ ଅଧେ ସ୍ୱାମୀ ସ୍ତ୍ରୀଙ୍କୁ ନିଜ ହାତରେ ଟେକି ଦେଲେ ପୀତବାସ । ତାଙ୍କରି ମଧୁର ନାମକୁ ସ୍ମରଣ କରି, ତାଙ୍କରି କମନୀୟ ରୂପ ମାଧୁରୀକୁ ଚିନ୍ତା କରି, ନଖାଇ ନପିଇ ଦିନ ପରେ ଦିନ କଟେଇ ଦେଇଛନ୍ତି କପୋତ କପୋତୀ ପରି ଏହି ଦମ୍ପତି । ଏମାନଙ୍କ ସୁଖ ଦୁଃଖରେ ଭାଗୀ ନ ହୋଇ ରତ୍ନ ସିଂହାସନରେ ବସି କ'ଣ ଅମୃତ ମଣୋହି କରି-ପାରି ଥାନ୍ତେ ମହାପ୍ରଭୁ ଜଗନ୍ନାଥ ?

ଭକ୍ତ ପ୍ରବରଙ୍କୁ ଜଗନ୍ନାଥ କହିଛନ୍ତି କଳି ଯୁଗରେ ସେ ନିଶ୍ଚୟ ମାନବ ଦେହ ଧାରଣ କରି ଅବତାର ହେବେ । ମାନବ ହୃଦୟରୁ ଦାନବ ପ୍ରକୃତିକୁ ବିନାଶ କରିବେ । ସେତେବେଳେ ଯଦି ମହାପ୍ରଭୁଙ୍କ ଆଦର୍ଶର ପଦ୍ମମଧୁକୁ ବିଶ୍ୱମାନବ ସେବନ କରି ପାରିବ, ତେବେ ଗୋଟିଏ "ଦାସିଆ" କାହିଁକି, କୋଟି କୋଟି ଦାସିଆ ବାଉରୀଙ୍କ ହାତରୁ କୋଟି କୋଟି ଶ୍ରୀଫଳ ଗ୍ରହଣ କରିବେ ପ୍ରଭୁ ଜଗନ୍ନାଥ ।

ସହ ସଂପାଦକ, ନିଖିଳ ଉତ୍କଳ
ଭକ୍ତ ଦାସିଆବାଉରୀ ଜୟନ୍ତୀ କମିଟି,
ନବଦଳ ପ୍ରାସାଦ, ଭୁବନେଶ୍ୱର

## ସାର୍ବଜନୀନ ଶିକ୍ଷା

ପ୍ରାଥମିକ ଶିକ୍ଷାକୁ ବ୍ୟାପକ ଓ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ଏବଂ ୬ବର୍ଷରୁ ୧୪ ବର୍ଷ ବୟସ ପିଲମାନଙ୍କୁ, ବିଶେଷତଃ ଝିଅମାନଂକୁ ଅଧିକ ସଂଖ୍ୟାରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମ ଲେଖାଇବା-ପାଇଁ ୧୯୮୨-୮୩ ମସିହାରେ ଶିକ୍ଷା ବିଭାଗ ତରଫରୁ ବିଶେଷ ଉଦ୍ୟମ କରାଯାଇଛି । ଏହି ଅଭିଯାନରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ୩୦ ଲକ୍ଷ ୬ହଜାର ପିଲଙ୍କ ନାମ ଲେଖାଯାଇଛି । ଏଥିମଧ୍ୟରୁ ୧୮ ଲକ୍ଷ ୨୨ ହଜାର ପୁଅ ଓ ୧୧ ଲକ୍ଷ ୮୪ ହଜାର ଝିଅ । ଏହି ଶିକ୍ଷା ବିଶେଷଭାବେ ଝିଅମାନଂକୁ ଦେବାପାଇଁ ଗୁରୁତ୍ୱ ଆରୋପ କରାଯାଉଛି । ଏଦିଗରେ ଶତକଡ଼ା ୮୯.୯ ପିଲଂକନାମ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲେଖାଯାଇ ପାରିଛି । ଏଥିପାଇଁ ବାତ୍ୟା ଓ ବନ୍ୟାରେ ଭଙ୍ଗି ଯାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ମରାମତି ଏବଂ ୧୯୮୩-୮୪ ମସିହାରେ ୫୦୦ ଶିକ୍ଷୟିତ୍ରୀଂକୁ ନିଯୁକ୍ତିଦେବା ବ୍ୟବସ୍ଥା କରାଯାଉଛି । ସାର୍ବଜନୀନ ଶିକ୍ଷା ବିସ୍ତାର ଦିଗରେ ୩ ହଜାର ନୂତନ ଅଣ-ଆନୁଷ୍ଠାନିକ ଶିକ୍ଷାନୁଷ୍ଠାନ ଖୋଲଯାଇ ଶିକ୍ଷା ପାଉନଥିବା ପିଲଂକୁ ଶିକ୍ଷା ଦିଆଯାଉଛି ।

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଲୋକନାଟ୍ୟ

ଡକ୍ଟର ହେମନ୍ତ କୁମାର ଦାସ

ଲୋକନାଟକର ବହୁମୁଖୀ ଧାରା ଦୀର୍ଘକାଳ ଧରି ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ବହିଚାଲିଥିଲେ ହେଁ, ଏମାନଙ୍କ ମଧ୍ୟରେ ଯାତ୍ରା ତଥା ଲୀଳା ଥିଲା ପ୍ରଧାନ । ବିଂଶତି ଶତକର ପ୍ରଥମ ପାଦରୁ ଯାତ୍ରାକାର ବୈଷ୍ଣବ ପାଣି ଏବଂ ବାଳକୃଷ୍ଣ ମହାନ୍ତି, ଯାତ୍ରା ନାଟକରେ ନୂତନ ମୋଡ଼ ସୃଷ୍ଟି କରିଥିଲେ ମଧ୍ୟ ସେଗୁଡ଼ିକ ଏକାନ୍ତ ଭାବରେ ଏଠାକାର ଗ୍ରାମୀଣ କ୍ଷେତ୍ର ମଧ୍ୟରେ ସୀମାବଦ୍ଧ ହୋଇ ରହିଯାଇଥିଲା । ସହରର ଶିକ୍ଷିତ ଜନତା ଏ ସବୁକୁ ବିଷବତ୍ ମନେକରି, ତାହାଠାରୁ ଶତହସ୍ତ ଦୂରରେ ରହୁଥିଲେ । ବିଗତ ଶତକର ଶେଷ ପାଦରେ ଯାତ୍ରା ସଂସ୍କାର ନାମରେ ସମସାମୟିକ ଯାତ୍ରା ବିରୁଦ୍ଧରେ ଯେଉଁ ଅପବାଦ ପ୍ରଚାର କରି ଦିଆଯାଇଥିଲା, ସେ କାଳର ପତ୍ର ପତ୍ରିକା ସମସ୍ୱରରେ ଏହାର ଅଶାଳୀନ ଦିଗଟି ପ୍ରତି ଯେଉଁଭଳି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ, ତହିଁରୁ ସାଧାରଣ ଜନତାର ଯାତ୍ରାଭୀତି ସୃଷ୍ଟି ହେବା ସ୍ୱାଭାବିକ । ଯାତ୍ରା ସଂସ୍କାର ପ୍ରୟାସ ପୁଣି ଓଡ଼ିଶାର ନିଜସ୍ୱ ସ୍ୱତଃସ୍ଫୂର୍ତ୍ତ କୌଣସି ପ୍ରବୃତ୍ତି ନୁହେଁ । ପଡ଼ୋଶୀ ପ୍ରଦେଶରେ ବ୍ରାହ୍ମଧର୍ମର ଶୁଚିବାଦୀ ଉନ୍ନାସିକତା ସେ ଦେଶର ବିଦ୍ୟାସୁନ୍ଦର, କବିଗାନ୍, ଖେଉଡ଼ ପ୍ରଭୃତି ବିରୁଦ୍ଧରେ ଯେଉଁଭଳି ସୋଚ୍ଚାର ହୋଇଥିଲା, ଓଡ଼ିଶାରେ ତାହାର ପ୍ରତିଧ୍ୱନି ମାତ୍ର ଶୁଣା ଯାଇଥିଲା । ପରିଣାମରେ ଯାତ୍ରାରେ ସଂସ୍କାର କେତେ ପରିମାଣରେ ହୋଇଥିଲା, ତାହା ଅନୁମାନ କରିବା ଆଦୌ କଷ୍ଟସାଧ୍ୟ ନୁହେଁ । ତେବେ ନବ୍ୟ ଶିକ୍ଷିତ ଗୋଷ୍ଠୀ ଯେ ଏହିକାରଣରୁ ତାହାକୁ ପରିତ୍ୟାଗ କରି ଥିଲେ, ଏଥିରେ ସନ୍ଦେହ ନାହିଁ ।

ମୁଷ୍ଟିମେୟ ଶିକ୍ଷିତ ଗୋଷ୍ଠୀର ଅସହଯୋଗ କିନ୍ତୁ ଯାତ୍ରା ନାଟକର ବିଶେଷ କୌଣସି କ୍ଷତି ସାଧନ କରି ପାରିଥିଲା ଭଳି ମନେ ହୁଏ ନାହିଁ । ତାହାର ପ୍ରଧାନ କାରଣ ହେଉଛି, ଏହାର ପୃଷ୍ଠପୋଷକମାନଙ୍କର ମଂଚ-ନାଟକ ନିସ୍ପୃହତା । ସେ କାଳରେ ଓଡ଼ିଆରେ ଯେଉଁ କେତେକ ମଂଚ ନାଟକ ଲେଖା ଯାଇଥିଲା, ସେଗୁଡ଼ିକର ଅତିରିକ୍ତ ସଂସ୍କାର ଧର୍ମିତା ଏବଂ କଳ୍ପନା ପ୍ରବଣତା ତାହାକୁ ସାଧାରଣ ଜନତାଠାରୁ ଦୂରବର୍ତ୍ତୀ କରି ରଖିଥିଲା । ମଦ୍ୟପାନଜନିତ କୁଫଳ, ବୃଦ୍ଧ ବିବାହଜନିତ ସମସ୍ୟା ପ୍ରଭୃତି ଓଡ଼ିଶାରେ ସେଭଳି କୌଣସି ଗୁରୁତର ପରିସ୍ଥିତି ସୃଷ୍ଟି କରିନଥିବା ଦୃଷ୍ଟିରୁ ଏ ସମସ୍ତର ମଂଗ୍ରୟନ ବିରୁଦ୍ଧରେ ସେ କାଳରେ ପତ୍ର ପତ୍ରିକାରେ ମନ୍ତବ୍ୟମାନ ପ୍ରକାଶିତ ହୋଇଥିବା ଦେଖିବାକୁ ମିଳୁଛି । ଏହାଛଡ଼ା ମଞ୍ଚ ନାଟକର ଅଭିନୟ ଏକାଳ ଭଳି ସେକାଳରେ ସୁଦ୍ଧା ବେଶ୍ ବ୍ୟୟ ସାଧ୍ୟ ଥିଲା । ତେଣୁ ସାଧାରଣ ଦର୍ଶକ ସେତେବେଳେ ଏହାକୁ ନିଜର କରି ନେଇ ପାରିନଥିଲେ । ଲୋକନାଟକର ସଂଗୀତ ଧର୍ମିତା ତଥା ଉତ୍ତେଜନା ସୃଷ୍ଟି କ୍ଷମତା ହିଁ ସେମାନଙ୍କୁ ମନୋରଞ୍ଜନର ସମସ୍ତ ଉପାଦାନ ଯୋଗାଇ ଦେଇ ପାରିଥିଲା । ତେଣୁ ସେତେବେଳେ ମଂଚ ନାଟକ ଲୋକ ନାଟକର ପ୍ରତିପକ୍ଷ ହୋଇପାରିନଥିଲା ।

ଇତିମଧ୍ୟରେ ବଙ୍ଗଦେଶରେ ନୂତନ ଧରଣର ନାଟକ ଓ ନାଟ୍ୟଶାଳାର ପ୍ରଭାବରେ ପୁରାତନ ଯାତ୍ରା ନୂତନ ରୂପରେ ଆତ୍ମପ୍ରକାଶ କରିବାକୁ ଆରମ୍ଭ କରିଥିଲା । ଏହି ସମୟରେ 'ଗୀତାଭିନୟ' ନାମକ ଯାତ୍ରା ଓ ନାଟକର ମଧ୍ୟବର୍ତ୍ତୀ ଧରଣର ଏକ ପ୍ରକାରର ଅଭିନୟ ସେ ଦେଶରେ ପ୍ରଚଳିତ ହୋଇଥିଲା । ଏ ସମସ୍ତ ଅଭିନୟ ପ୍ରାୟ ସଂପୂର୍ଣ୍ଣ ଭାବରେ ନାଟକ ଭଳି । ପାର୍ଥକ୍ୟ ହେଉଛି ଏତିକି ଯେ, ଏଥିରେ ଦୃଶ୍ୟପଟ୍ଟାଦି ବ୍ୟବହୃତ ହେଉନଥିଲା । ଅଭିନୟର ଲୋକପ୍ରିୟତା ଏକ ପ୍ରମାଣ ସିଦ୍ଧ ବ୍ୟାପାର । ମାତ୍ର ମଂଚ ପ୍ରସ୍ତୁତି ଏକ ବ୍ୟୟ ସାଧ୍ୟ ବ୍ୟାପାର ହୋଇଥିବାରୁ ସମସ୍ତଙ୍କ ପକ୍ଷରେ ରଂଗମଞ୍ଚ ସ୍ଥାପନ ଆଦୌ ସଂଭବପର ନଥିଲା । ଗୀତାଭିନୟର ଉଦ୍ଭବ ସଂପର୍କରେ ସେ ଦେଶୀୟ 'ସଂବାଦ ପ୍ରଭାକର' ଲେଖିଥିଲେ" ପ୍ରଚଳିତ ଯାତ୍ରା ଗୁଲିର ପ୍ରତି ଯଥାର୍ଥ ସଂଗୀତ ପ୍ରିୟ ବ୍ୟକ୍ତିଗନେର୍ ନିଦାରୁନ୍ ବିତୃଷ୍ଣା ଜନ୍ମିୟାଛେ। ରଙ୍ଗଭୂମି କରିୟା ନାଟକରେ ଅଭିନୟ କରା ଅଧିକ ବ୍ୟୟସାଧ୍ୟ ବିବେଚନାୟ କଲିକତାର କୟେକ୍‌ଜନ୍ ଶିକ୍ଷିତ ଯୁବକ ସାମାନ୍ୟତଃ ତତ୍ ପ୍ରଣାଲୀତେ ଗୀତାଭିନୟ ପ୍ରଦର୍ଶନ କରିତେ ଆରମ୍ଭ କରିୟାଛେନ୍ । ଇହା ଏଦେଶେର ପକ୍ଷେ ଶ୍ଲାଘନୀୟ ଅନୁଷ୍ଠାନ ସଂଦେହ ନାଇଁ" (୧୯୬୫, ୧୬ ନଭେମ୍ବର) । ଏହା ପୂର୍ବରୁ ସେ ଦେଶର 'ହିନ୍ଦୁ ପେଟ୍ରିୟଟ୍' ଏ ସଂପର୍କରେ ଲେଖିଥିଲେ, "ଇଂରେଜୀ ଶିକ୍ଷାର ଫଲେ ଏଦେଶେର ଶିକ୍ଷିତ ଭଦ୍ରଲୋକଗନ୍ ଯାତ୍ରା ଓ ଯାତ୍ରାୟ ପ୍ରଦର୍ଶିତ ମାମୁଲି କାଲୁୟା-ଭୁଲୁୟା, କୃଷ୍ଣଗୋପିନୀ, ବିଦ୍ୟାସୁନ୍ଦର ପ୍ରଭୃତିର ପ୍ରତି ବ୍ୟତିରାଗହଇୟା ନାଟ୍ୟାଭିନୟ ସମ୍ବନ୍ଧେ ଉତ୍ସାହୀ ହଇୟା ଉଠିୟା ଛିଲେନ୍, କିନ୍ତୁ ସକଲେରେ ପକ୍ଷେ ପାଇକ୍‌ପାଡ଼ାର ରାଜାଦେରମତ ଅଜସ୍ର ଅର୍ଥବ୍ୟୟ କରିୟା ନାଟ୍ୟଶାଲା ସ୍ଥାପନ ସଂଭବ ନୟ, ସେଜନ୍ୟ ଅନେକେ ଗୀତାଭିନୟ କରାଇତେଛେନ୍" (୧୮୬୫, ୨୨ମେ) । ସେଠାରେ ୧୮୬୫ ମସିହାର ପ୍ରଥମ ପାଦରେ ପ୍ରକାଶିତ ହୋଇଥିବା

ଅନ୍ନଦା ପ୍ରସାଦ ବନ୍ଦୋପାଧ୍ୟାୟ ରଚିତ 'ଶକୁନ୍ତଳା' ଏହି ଶ୍ରେଣୀର ପ୍ରଥମ ପୁସ୍ତକ ବୋଲି ମନେହୁଏ । 'ହିନ୍ଦୁ ପେଟ୍ରିୟଟ୍' (୧୮୬୫, ମେ ୨୨) ଏହାକୁ First Operation Bengalee ବୋଲି ମନ୍ତବ୍ୟ ଦେଇ ଏହାକୁ 'କୁଖ୍ୟାତ ଯାତ୍ରାଭିନୟ' ସହଜରେ ଅତିକ୍ରମ କରିଯିବ ବୋଲି ଆଶା ପ୍ରକାଶ କରିଥିଲେ । 'ଅପେରା' ନାଟକ 'ବିଶୁଦ୍ଧ ଗୀତିକା' ରୂପରେ ସେ ଦେଶରେ କ୍ରମ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା ।

ଗୀତାଭିନୟର ଲୋକପ୍ରିୟତା କ୍ରମଶଃ ସେ ଦେଶରୁ ଏଠାକୁ ମଧ୍ୟ ପ୍ରସାରିତ ହୋଇଥିବାର ଅନୁମାନ କରାଯାଇପାରେ । ବିଶେଷ କରି ସେ ସମୟରେ ମେଦିନୀପୁରର କୃପାସିନ୍ଧୁ ମିଶ୍ର ଓଡ଼ିଆରେ ଯେଉଁସବୁ ଯାତ୍ରା ନାଟକ ଲେଖୁଥିଲେ, ସେଗୁଡ଼ିକ ମୁଖ୍ୟତଃ ଏହି ରୀତିରେ ରଚିତ ହୋଇଥିଲା । କ୍ରମଶଃ ବାଲେଶ୍ୱର ବାଟେ ତାହା ଓଡ଼ିଶାର ରାଜଧାନୀ କଟକ ସହରରେ ସୁଦ୍ଧା ପହଞ୍ଚି ଯାଇଥିଲା । ଚଳିତ ଶତକର ପ୍ରଥମ ପାଦରେ ଯାତ୍ରାକାର ବୈଷ୍ଣବ ପାଣି ଏବଂ ବାଳକୃଷ୍ଣ ମହାନ୍ତି, ଏହି ଧରଣର ବହୁ ନାଟକ ରଚନା କରିଥିଲେ ମଧ୍ୟ ଗୀତାଭିନୟ, ଗୀତିନାଟ୍ୟ, ସୁଆଙ୍ଗ ପ୍ରଭୃତି ଯାତ୍ରାର ଉଦାର ସଂଜ୍ଞା ତଳେ ନିଶ୍ଚିହ୍ନ ହୋଇ ଯାଇଥିଲା । ବିଗ୍ରହ କରି ଦେଖିବାକୁ ଗଲେ, ସେ କାଳରେ ଜଗନ୍ନାଥ ପାଣି, ଗୋପାଳ ଦାସ (ଗୋପାଳ ଉଡ଼େ-ରୂପରେ ବଂଗ ଦେଶରେ ଖ୍ୟାତ) ପ୍ରଭୃତି ଯାତ୍ରାକାର ବୃନ୍ଦ ଯେଉଁ ଯାତ୍ରା ନାଟକମାନ ଲେଖୁଥିଲେ, ଆଂଶିକ ଦୃଷ୍ଟିରୁ ଗୀତାଭିନୟ ସହିତ ତାହାର ବିଶେଷ କୌଣସି ପ୍ରାର୍ଥକ୍ୟ ମଧ୍ୟ ନଥିଲା । କେବଳ ଏଥିରେ ଗଦ୍ୟ-ସଂଳାପର ମାତ୍ରା କିଛି ବଢ଼ାଇ ଦିଆଯାଇଥିଲା ଏବଂ ଆଦିରସର ପରିମାଣ ସୁଦ୍ଧା କିଛି କମାଇ ଦିଆଯାଇ ଏହାକୁ 'ଭଦ୍ରରୂପ' ଦିଆଯିବା ନିମନ୍ତେ କିଛି ଉଦ୍ୟମ ହୋଇଥିଲା ।

ସ୍ୱାଧୀନତା ପରେ ଏଦେଶରେ ଶିକ୍ଷାର ପ୍ରସାର ସହିତ ଲୋକନାଟକ ପ୍ରତି ଏକ ଅନାସ୍ଥା, ଉପେକ୍ଷା ଭାବ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ବଂଗଦେଶରେ ଗୀତାଭିନୟ ସହିତ ଶିକ୍ଷିତ ସଂପ୍ରଦାୟର ଯୋଗାଯୋଗ ସ୍ଥାପିତ ହୋଇଥିବା ସ୍ଥଳେ ଏ ଦେଶରେ ତାହା ଏକାନ୍ତ ଭାବରେ ଅର୍ଦ୍ଧଶିକ୍ଷିତ ଜନତାଙ୍କ ଦ୍ୱାରା, ସେଇମାନଙ୍କ ନିମନ୍ତେ ରଚିତ ଏବଂ ଅଭିନୀତ ହୋଇ ଆସୁଥିଲା । ପାଣିକବିଙ୍କ ଦୟନୀୟ ମୃତ୍ୟୁ, ସେକାଳର ଶାସକଙ୍କୁ ତାଙ୍କର ବିନୟପତ୍ର ପ୍ରଭୃତିରୁ ସମାଜ ଜୀବନରେ ତାଙ୍କର ସ୍ଥାନ ସଂପର୍କରେ ଅନୁମାନ କରିବା କଷ୍ଟସାଧ୍ୟ ହୁଏ ନାହିଁ । ଶତାଧିକ ଗୀତାଭିନୟ, ଗୀତିନାଟ୍ୟ, ଫାର୍ସ, ସୁଆଂଗର ରଚନାକାର ଲକ୍ଷ ଲକ୍ଷ ସାଧାରଣ ଜନତାର ବିନୋଦନକାରୀ, ଲୋକ ନାଟକର ଏକ ନିର୍ଦ୍ଦିଷ୍ଟ ପରଂପରାର ସ୍ରଷ୍ଟା, ଏ ଦେଶର ନବ୍ୟ ଶିକ୍ଷିତ ସଂପ୍ରଦାୟଦ୍ୱାରା ଉପେକ୍ଷିତ ହୋଇ ଯେଉଁଭଳି ବିଦାୟ ନେଇଛନ୍ତି, ତାହା ଖୁବ୍ ବେଶୀଦିନର କଥା ନୁହେଁ ।

ଯାତ୍ରାକୁ ଦୀର୍ଘକାଳ ଧରି ଏ ଦେଶର ଏକ ପାରିବାରିକ ଶିଳ୍ପର ମର୍ଯ୍ୟାଦା ଦିଆଯାଇ ଆସୁଥିଲା । ଯାତ୍ରାଦଳ ସେ କାଳରେ ପରିବାରର ବିଭିନ୍ନ ସଦସ୍ୟ ଏବଂ ନିକଟ ସଂପର୍କୀୟଙ୍କୁ ଧରି ତିଆରି କରାଯାଉଥିଲା । ଦଳର ସଦସ୍ୟମାନଙ୍କ ସଂଖ୍ୟା ମଧ୍ୟ ନିତାନ୍ତ ସୀମିତ ଥିଲା । 'ବାରଭାଇ ଆଖଡ଼ା' ଲୋକୋକ୍ତିରେ ଏହି ସଂଖ୍ୟାର ସୂଚନା ରହିଛି । ଦୁଇ ପକ୍ଷରେ ଦୁଇଜଣ ରାଜା, ଦୁଇଜଣ ମନ୍ତ୍ରୀ, ଦୁଇଜଣ ରାଣୀ, ଜଣେ ସଖୀ, ଜଣେ ଦ୍ୱାରୀ, ଜଣେ ଋଷି, ଜଣେ ପଖୋଉଜୀ ଏବଂ ଦୁଇଜଣ ପାଳିଆ—ଏତିକି ସଦସ୍ୟଙ୍କୁ ନେଇ ଦଳ ଗଢ଼ାଯାଉଥିଲା । ପରବର୍ତ୍ତୀ କାଳରେ ଅବଶ୍ୟ ଏହି ସଂଖ୍ୟା କ୍ରମଶଃ ବୃଦ୍ଧିପାଇ ଆଜି ଶହେ ନିକଟରେ ପହଞ୍ଚିଗଲାଣି । ଯାତ୍ରାଦଳ ସଦସ୍ୟମାନଙ୍କର ଏହି ସଂଖ୍ୟାସ୍ଫୀତିର ଭଲ ଏବଂ ମନ୍ଦ ଉଭୟପକ୍ଷ ରହିଛି । ପରିଣାମରେ ଯାତ୍ରା ନାଟକ ଆଜି ଏକ ବ୍ୟୟସାଧ୍ୟ ଶିଳ୍ପର ରୂପପରିଗ୍ରହ କଲାଣି ।

ସାଂଗୀତିକତା ଯେ କୌଣସି ଲୋକ ନାଟକର ପ୍ରାଣ କେନ୍ଦ୍ର । ଯାତ୍ରାନାଟକ ଅବଶ୍ୟ ଏହାର ବ୍ୟତିକ୍ରମ ନୁହେଁ । ବହୁ ପ୍ରାଚୀନକାଳରୁ ଏଦେଶର ସାମାଜିକ ଜୀବନରେ ସଂଗୀତକୁ ପ୍ରାଧାନ୍ୟ ଦିଆଯାଇ ଆସୁଛି । ଏଠାର ଗଣିତ, ଜ୍ୟୋତିଷ, ଆୟୁର୍ବେଦ, ଭୂଗୋଳ ଏଭଳିକି ବିଜ୍ଞାନଗ୍ରନ୍ଥ ମଧ୍ୟ ସଂଗୀତ ମାଧ୍ୟମରେ ପ୍ରତିଷ୍ଠା ଲୋଡ଼ିଛନ୍ତି । ସେ କାଳର ଯାତ୍ରାରେ ଦେଶାକ୍ଷ, କାନାଡ଼ା, କାମୋଦୀ, ଚିନ୍ତାମାଳଶ୍ରୀ, ଶ୍ୱେଖୀ, ରାମକେରୀ, କଳସାଦିର ପରିବେଶୋପଯୋଗୀ ପ୍ରୟୋଗ ଦର୍ଶକମାନଙ୍କ ନିମନ୍ତେ ଅତ୍ୟନ୍ତ ଉତ୍ସାହପ୍ରଦ ହେଉଥିଲା । ଏଥିରେ ପ୍ରଥମେ ବାଦ୍ୟଯନ୍ତ୍ର ସାହାଯ୍ୟରେ ପରିବେଶ ସୃଷ୍ଟି ନିମନ୍ତେ ଚେଷ୍ଟା କରାଯାଉଥିଲା, ଯାହାର ନାମଥିଲା 'ଲଗାଣ' । ଏସବୁ ନିରୋଳ ଅଙ୍ଗୁଳିସ୍ଖଳନର ପ୍ରାଥମିକ କୌଶଳ । ଏହି ବାଦ୍ୟଧ୍ୱନି କ୍ରମଶଃ ଜଟିଳରୁ ଜଟିଳତର ତାଳମାନଙ୍କର 'ଲହରା' ପ୍ରଦର୍ଶନ କରି ରସଜ୍ଞ ଶ୍ରୋତାମାନଙ୍କ ନିକଟରେ ଦଳର ଏକ ଭାବମୂର୍ତ୍ତି ପ୍ରସ୍ତୁତ କରୁଥିଲା । ଜଗନ୍ନାଥପାଣି ମହାଭାରତର କଥାବସ୍ତୁ ଆଧାରିତ ଯେଉଁ ଯାତ୍ରା ନାଟକମାନ ରଚନାକଲେ, ସେଥିରେ ପ୍ରଥମଥରପାଇଁ ସ୍ୱର ବିନ୍ୟାସରେ ନାନା ଅଭିନବତ୍ୱ ପରିକଳ୍ପନା କରାଗଲା । ପରେପରେ ଗୋପାଳଦାସ, ବୈଷ୍ଣବପାଣି, ବାଳକୃଷ୍ଣ ମହାନ୍ତି ଏବଂ ଦୟାନିଧି ସ୍ୱାଇଁ ପ୍ରମୁଖ ସେଯୁଗର ଯାତ୍ରାକାର ବୃଂଦ, କିଛି କିଛି ପାରମ୍ପରିକ ସ୍ୱରକୁ ବାଦ୍‌ଦେଇ, ଜଟିଳ ଛାନ୍ଦ ସ୍ଥାନରେ ନାନା ଚୁଟ୍‌କିସ୍ୱର ଏବଂ ତହିଁ ସଂଗେସଂଗେ ଅଧିକ ଗଦ୍ୟ ସଂଳାପର ବ୍ୟବହାର କରି ଯାତ୍ରାନାଟକ କ୍ଷେତ୍ରରେ ବିପ୍ଳବ ସୃଷ୍ଟିକଲେ ବୋଲି କହିବାକୁହେବ । ଏଥିରେ ଅବଶ୍ୟ ଗଭୀରଭାବ ଯୁକ୍ତିଇତ୍ୟାଦି ପୂର୍ବଭଳି ଆଉ ଫୁଟାଯାଇ ପାରିଲାନାହିଁ । ତେବେ ମନୋରଂଜନର ମୁଖ୍ୟ ସାଧନ ହିସାବରେ, ଏହା ତାହାର ଦାୟିତ୍ୱ ବେଶ ଭଲଭାବରେ ତୁଲାଇ, ସେକାଳର ମଂଚନାଟକ ସହିତ ଦୃଢ଼ ପ୍ରତିଦ୍ୱନ୍ଦିତାକରି, ସ୍ୱାଧୀନତା ଲାଭସମୟକୁ ଯାତ୍ରାନାଟକର ଏକ ଦୃଢ଼ ପରଂପରା ସୃଷ୍ଟି କରିସାରିଥିଲା ।

ବ୍ରାହ୍ମଣ ପଣ୍ଡିତମାନଙ୍କର ନିୟନ୍ତ୍ରଣର ବାହାରେ ଥାଇ, ଯାତ୍ରାନାଟକ ସର୍ବଧର୍ମ-ସମନ୍ୱୟର ଏକ ମହତ ଆଦର୍ଶ ସୂତ୍ର ସ୍ଥାପନ କରିପାରିଥିଲା । ବିଷୟ ନିମନ୍ତେ ମୁଖ୍ୟତଃ, ରାମାୟଣ, ମହାଭାରତ ଏବଂ କାଳ୍ପନିକତା ଉପରେ ଗୁରୁତ୍ୱ ଦିଆଯାଉଥିଲା । ରାଜା, ରାଣୀ, ଦେବୀ ଦେବତାଙ୍କର ବର୍ଣ୍ଣାଢ୍ୟ ପୋଷକ ପରିଚ୍ଛଦ, ଉଦାରତା, କ୍ଷମା, ତିତିକ୍ଷା, ପ୍ରତିହିଂସା, ବୀରତ୍ୱର, ଉତ୍ତେଜନା ସୃଷ୍ଟିକ୍ଷମ କାହାଣୀ ଦର୍ଶକମାନେ ମନ୍ତ୍ରମୁଗ୍ଧହୋଇ ଦେଖୁଥିଲେ ଏବଂ ଶୁଣୁଥିଲେ । ଦ୍ୱାରି, ମୂଳକପେରୀ କିମ୍ବା ବୟସ୍ୟ ସାହାଯ୍ୟରେ, ସମସାମୟିକତା ସଂପର୍କରେ ଇଂଗିତ ଦିଆଯାଉଥିଲା । ବିଂଶ ଶତକର ପ୍ରଥମପାଦରେ ବଂଗଦେଶରେ ମଥୁରଶାହ ନାମକ ଜଣେ ଯାତ୍ରାକାର 'ବିବେକ' ନାମଧେୟ ଯେଉଁ ଚରିତ୍ରର ଅବତାରଣା କରାଇଲେ, ଭବିଷ୍ୟତ ଘଟଣାର ଇଂଗିତ ଦେବା ସାଂଗେ ସାଂଗେ, ସାମାଜିକତା ସଂପର୍କରେ ସୂଚନାଦେବା ତାହାର ପ୍ରଧାନ ଭୂମିକାହେଲା । ଓଡ଼ିଆ ଯାତ୍ରାନାଟକର 'ନିୟତି' ହେଉଛି ଏହାର ଏକ ସମାନ୍ତରାଳ ରୂପ । କ୍ରମଶଃ ସ୍ୱପ୍ନ ବିଳାସର ମଖମଲୀମୀନାର୍ ଛାଡ଼ି ଯାତ୍ରାକାରମାନଙ୍କୁ ଧୂଳିମାଟିର ଧରଣୀକୁ ଓହ୍ଲାଇବାକୁ ପଡ଼ିଲା । ସମାଜ-ଜୀବନରୁ ଉତ୍ତେଜନା ସୃଷ୍ଟିକ୍ଷମ ବିବରଣୀମାନ ସଂଗ୍ରହକରି, ଯାତ୍ରାନାଟକମାନ ରଚନା କରିବାକୁ ସେମାନେ ବାଧ୍ୟହେଲେ । ଦର୍ଶକମାନେ ମଧ୍ୟ ଏହାକୁ ଅତ୍ୟନ୍ତ ଆଗ୍ରହର ସହିତ ଗ୍ରହଣକରିନେଲେ । ସମସାମୟିକତା ପ୍ରତି, ଏଯେଉଁ ନିର୍ଭରଶୀଳତା, ତାହା ଆତ୍ମପ୍ରକାଶକଲା, ସ୍ୱାଧୀନତାଲାଭର ଅବ୍ୟବହିତ ପରେ । ସେକାଳରେ ପ୍ରତିଷ୍ଠିତ 'ଶାରଦାକଳାକୁଞ୍ଜ' (ନଗଣପୁର), ଯାତ୍ରାକାର ଶ୍ରୀ ଯଦୁମଣି କାନୁନ୍‌ଗୋଙ୍କ ନେତୃତ୍ୱରେ, ଏ ଦିଗରେ ବେଶ୍ ଭଲନାମ କରିଥିଲେ । ଅତ୍ୟାଚାରୀ ଜମିଦାର କିମ୍ବା ମହାଜନ, ନିପୀଡ଼ିତ ପ୍ରଜା, ଲଂପଟ-ପୁରୁଷ, ଅସହାୟାସୁନ୍ଦରୀ ନାରୀ ପ୍ରଭୃତି ଚରିତ୍ର ଏସବୁ ସାମାଜିକ ଯାତ୍ରାନାଟକରେ ସ୍ଥାନପାଇଲା । ତେଣୁ ଯାତ୍ରାନାଟକର ଏହି ସମାଜ ନିର୍ଭରତାକୁ ସ୍ୱାଧୀନତା ପରବର୍ତ୍ତୀକାଳର ଏକ ପ୍ରଧାନ ପ୍ରବୃତ୍ତିବୋଲି ସ୍ୱୀକାର କରିବାକୁ ହେବ । ଏହି କାଳରେ ଯାତ୍ରାକାର, ରାମଚନ୍ଦ୍ର ସ୍ୱାଇଁ, କୃଷ୍ଣଚରଣ ବେହେରା, କୃଷ୍ଣପ୍ରସାଦ ବସୁ, ଉମାକାନ୍ତ ବେହେରା, ବୈଷ୍ଣବ ମହାନ୍ତି, ଯଦୁମଣି କାନୁନ୍‌ଗୋ ପ୍ରମୁଖ ଯାତ୍ରାକାରମାନେ ବହୁ ନାଟକଲେଖି ଏହାର ଏକ ବିଧିବଦ୍ଧ ଭାବମୂର୍ତ୍ତି ଦର୍ଶକମାନଙ୍କ ନିକଟରେ ପ୍ରତିଷ୍ଠା କଲେ ।

ଷାଠିଏ ଦଶକରେ ବେତାର ସାହାଯ୍ୟରେ ଯାତ୍ରାର ନବୀକରଣ, ଏହି ସମୟର ଏକ ଉଲ୍ଲେଖଯୋଗ୍ୟ ଘଟଣା : ମଂଚଶିଳ୍ପର ଦୁରବସ୍ଥା, ସିନେମା ଶିଳ୍ପର ନିଷ୍କ୍ରିୟତା ଏବଂ ଦୂରଦର୍ଶନର ଅଭାବ ଏହି ସମୟରେ ଲୋକନାଟକ ନିମନ୍ତେ ଏକ ବିଶେଷ ସୁଯୋଗ ସୃଷ୍ଟି କରିଥିଲା । ନାଟ୍ୟକାର ଗୋପାଳ ଛୋଟରାୟ, ବୈଷ୍ଣବପାଣିଙ୍କର 'ରଂଗସଭା' ଗୀତିନାଟ୍ୟକୁ ବେତାର ମାଧ୍ୟମରେ ପ୍ରଚାର କରାଇ ଏହାର ଅସମ୍ଭବ ଲୋକପ୍ରିୟତା ଲକ୍ଷ୍ୟକରି, ଏ ଦିଗରେ ଆହୁରି ବିସ୍ତୃତ ଚିନ୍ତା କରିଥିଲେ । ଏହି ଗୋଟିଏ ମାତ୍ରଘଟଣା, ଲୋକ ନାଟକର ମୁମୂର୍ଷୁ ଶରୀରରେ ନୂତନ ଶକ୍ତି ସଂଚାର କରାଇଥିଲା, ଯାହାର ପରିଣାମ ସ୍ୱରୂପ ଗତ କୋଡ଼ିଏବର୍ଷ ମଧ୍ୟରେ ଏହାର ଏକ ବଳିଷ୍ଠ-ଧାରା ପ୍ରସ୍ତୁତ ହୋଇଯାଇଛି । ଲୋକ ନାଟକର ଅନ୍ୟ କେତେକ ବିଭାଗ, ଯଥା :—ଲୀଳା, ଛଉନାଚ, ଦଣ୍ଡନାଚ, ମୋଗଲ ତାମସା ପ୍ରଭୃତି ମଧ୍ୟ ବିଶେଷ ପରିସ୍ଥିତିର ଏହି ସୁଯୋଗକୁ ଗ୍ରହଣକରି ନେଇଛନ୍ତି । ଫଳରେ ଗ୍ରାମ, ନଗର ସର୍ବତ୍ର ଆଜି ଲୋକନାଟକର ଜୟଜୟକାର । ଆମର ନାଟ୍ୟ-ସାହିତ୍ୟ କ୍ଷେତ୍ରରୁ ବିଦେଶୀମାନଙ୍କର ସ୍ୱତନ୍ତ୍ର ପ୍ରତ୍ୟାଶା-ଏଦେଶର ନିଜସ୍ୱ ନାଟ୍ୟକଳା ସହିତ ଯୋଗାଯୋଗ ସ୍ଥାପନକରିବା ନିମନ୍ତେ ସେମାନଙ୍କର ବ୍ୟାକୁଳତାକୁ ଏହାର ଅନ୍ୟ ଏକ କାରଣ ରୂପେ ନିର୍ଦ୍ଦେଶ କରାଯାଇପାରେ ।

କେବଳମାତ୍ର କଳାପକ୍ଷର ସଫଳତା, ଆଜି ଆଉ ନାଟକର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରୁନାହିଁ । ଆଜିର ସାମାଜିକ ବୃନ୍ଦ ନାଟକର ସାମାଜିକ ଅଂଗୀକାର ଦିଗଟି ପ୍ରତି ବିଶେଷ ଭାବରେ ସଚେତନ । ସମାଜପକ୍ଷର କଳାହୀନ ରୂପାୟନ ମଧ୍ୟ ଦର୍ଶକମାନଙ୍କୁ ସନ୍ତୁଷ୍ଟ କରିପାରୁନାହିଁ । ସମସାମୟିକ ସମାଜର କଳାତ୍ମକ ରୂପଟିକୁ ଦେଖିବା ନିମନ୍ତେ ଆଜିର ଦର୍ଶକମାନେ ପ୍ରତ୍ୟାଶୀ ହୋଇଥିବାରୁ ପୂର୍ବର ଦର୍ଶକମାନଙ୍କ ଅପେକ୍ଷା ସେମାନଙ୍କର ଚାହିଦା ଅଧିକବୋଲି ସ୍ୱୀକାର କରିବାକୁ ହେବ । ଏହି କାରଣରୁ ଆଜିର ଲୋକନାଟକ ସମାଜ ନିର୍ଭର ହେବାକୁ ବାଧ୍ୟ ହେଉଛି । ସମାଜ ଜୀବନରେ ଦୋଷତ୍ରୁଟିକୁ ନାଟକାୟିତ କରିବା ନିମନ୍ତେ ଉଦ୍ୟମ କରୁଛି । ଉତ୍ତେଜନା ସୃଷ୍ଟିକ୍ଷମ ଦ୍ୱନ୍ଦ୍ୱାତ୍ମକ ଘଟଣାବଳୀମାନ ଖୋଜିଆଣି ନାଟକରେ ସ୍ଥାନ ଦେଉଛି । ନିକଟ ଅତୀତରେ 'ବିଲରଙ୍ଗା' ଏବଂ 'ଛବିରାଣୀ'କୁ ନେଇ ଆମର ସମାଜ ଜୀବନରେ ଯେଉଁ ଆଲୋଡ଼ନ ସୃଷ୍ଟି ହୋଇଥିଲା, ଯାତ୍ରା ସାହାଯ୍ୟରେ ସେ ସବୁକୁ ଉପସ୍ଥାପିତ କରାଯାଉଛି । ନାଟକରୂପରେ ଏଗୁଡ଼ିକ ସଫଳ କିମ୍ବାନୁହେଁ, ଏସଂପର୍କରେ ବହୁ ବିରୁଦ୍ଧମତ ରହିଛି । 'ଛବିରାଣୀ ହତ୍ୟାକାଣ୍ଡ' ଯାତ୍ରାର ପ୍ରଦର୍ଶନ ଅବସରରେ ଏହାର ରୁଚିହୀନ ଅଶାଳୀନତା ନିମନ୍ତେ ପ୍ରତିବାଦ କରାଯାଇଥିବାର ମଧ୍ୟ ଶୁଣାଯାଉଛି । ତେବେ ବହୁ ଦର୍ଶକ ଏସବୁକୁ ଉପଭୋଗ କରିଛନ୍ତି, ଏହାକୁ ମଧ୍ୟ ଅସ୍ୱୀକାର କରାଯାଉନାହିଁ । ସାଂପ୍ରତିକ ଦର୍ଶକ ସମାଜର ସମାଜ ପକ୍ଷପାତିତା ହିଁ ଏଥିରୁ ପ୍ରମାଣିତ ହେଉଛି ।

ଅକରୁଣ ହେଲେ ମଧ୍ୟ ଏଠାରେ ଗୋଟିଏ ସତ୍ୟ ପ୍ରକାଶ କରାଯାଉଛି । ତାହା ହେଉଛି ଯେ, ଇତିମଧ୍ୟରେ ଯାତ୍ରାନାଟକ ତାହାର ବିଶୁଦ୍ଧତା ହରାଇବସି ଏକାନ୍ତ ଭାବରେ ଚଳଚ୍ଚିତ୍ର ନିର୍ଭରହୋଇ ପଡ଼ିଛି । ସିନେମାର ଚାକଚକ୍ୟକୁ ଅନୁସରଣ କରିବା ନିମନ୍ତେ ପ୍ରଯତ୍ନକରି ଆଜି ମୟୂରପୁଚ୍ଛ ଲାଞ୍ଜରେ ଗୁଞ୍ଜି ମୟୂର ହେବା ନିମନ୍ତେ ଅସଫଳ ପ୍ରଯତ୍ନ କରୁଥିବା କାଉଭଳି ତାହାର ଅବସ୍ଥା ହୋଇଛି । ମାତ୍ର ମନେରଖିବାକୁ ହେବଯେ, ଭିକ୍ଷା ଲବ୍ଧ ଧନରେ ବ୍ୟବସାୟ ଚଳେନାହିଁ । ବ୍ୟବସାୟୀକୁ

ପୁଂଜି ସଂଗ୍ରହ କରିବାକୁ ପଡ଼ିବ ଅଧ୍ୟବସାୟ ଦ୍ୱାରା । ତାହାହେଲେହେଁ କଳାକ୍ଷେତ୍ରରେ ସେ ପ୍ରତିଷ୍ଠା ଲାଭ-କରିପାରିବ । ପୁଣି, ମହାନ୍ତିଙ୍କର ସାଂପ୍ରତିକ ପ୍ରତିଷ୍ଠାନ୍ତୁ ତାକୁ ଏହିଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ।

ଇତିମଧ୍ୟରେ ବହୁ ସଂଖ୍ୟାରେ ଯାତ୍ରା ନାଟକ ରଚିତ ହୋଇଛି ବହୁ ତରୁଣ, ପ୍ରବୀଣ, ଶିକ୍ଷିତ,ଅର୍ଦ୍ଧଶିକ୍ଷିତ ନାଟ୍ୟକାର ଏ କ୍ଷେତ୍ରରେ ଆତ୍ମ ପ୍ରକାଶ କରିଛନ୍ତି । ମାତ୍ର ସ୍ୱୀକାର କରିବାରେ ଅସୁବିଧା ନାହିଁ ଯେ, ପାଣିକବିଙ୍କର ଖଣ୍ଡିଏମାତ୍ର ସୁଆଙ୍ଗ 'ରଙ୍ଗସଭା' ସେ କାଳରେ, ସମଗ୍ର ଓଡ଼ିଶା ଏବଂ ବିହାର, ବଙ୍ଗଳାର କିଛି ଅଂଶରେ ଯେଉଁ ଆଲୋଡ଼ନ ସୃଷ୍ଟି-କରିଥିଲା, ଏ ସବୁ ନାଟକ ଦ୍ୱାରା ତାହା ହୋଇପାରିନାହିଁ । ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାରେ ଯାତ୍ରା ନାଟକର ବିଶେଷ ସ୍ଥିତି ସେ କାଳରେ ନଥିଲା, ଏ କାଳରେ ମଧ୍ୟ ନାହିଁ । ମୁଖ୍ୟତଃ କଟକ, ପୁରୀ, ବାଲେଶ୍ୱରକୁ ଅବଲମ୍ବନ କରି ଯାତ୍ରାର ଜୟଯାତ୍ରା ଚାଲିଛି । ସେ କାଳରେ ଓଡ଼ିଆ ଓସ୍ତାଦ ଯାଉଥିଲେ, ବଙ୍ଗଦେଶରେ ଯାତ୍ରାଭିନୟ ଶିକ୍ଷା ଦେବାକୁ । ଓଡ଼ିଆଦଳ ଯାଉଥିଲେ ବଙ୍ଗଦେଶରେ ଅଭିନୟ ପ୍ରଦର୍ଶନ କରିବାକୁ । ଏବେ ଆମେ ବଙ୍ଗଳାରୁ ଦଳ ନିମନ୍ତ୍ରଣ କରି ଆଣି ବାରବାଟୀ ଷ୍ଟେ, ଯମ୍, କଳାବିକାଶ କେନ୍ଦ୍ରରେ ସେଗୁଡ଼ିକର ପ୍ରଦର୍ଶନର ବ୍ୟବସ୍ଥା କରୁଛୁ । ଶୁଣାଯାଉଛି, ଏକାଳର ଓଡ଼ିଆ ଯାତ୍ରା ଅଧିକାଂଶ କ୍ଷେତ୍ରରେ ବଙ୍ଗଳା ଯାତ୍ରାର ଅନୁବାଦ ମାତ୍ର ହେଉଛି । ସତ୍ୟହେଉ ବା ମିଥ୍ୟାହେଉ, ଏ ଅଭିଯୋଗ ସଂପର୍କରେ ସଚେତନ ରହିବାକୁ ପଡ଼ିବ । ଏଥି ପୂର୍ବରୁ ଆମକୁ କୁହାଯାଉଥିଲା ଯେ 'ଯାତ୍ରା' ଓଡ଼ିଶାର ନିଜସ୍ୱ ନୁହେଁ । ବିଶେଷ କରି ଅଭିନୟ ଅର୍ଥରେ 'ଯାତ୍ରା' ଶବ୍ଦର ବ୍ୟବହାର ଆମେ ବଙ୍ଗଦେଶରୁ, ତାହାପୁଣି ଗତଶତକରେ ହିଁ ଗ୍ରହଣ କରିଛୁ । ଅବଶ୍ୟ ଏଭଳି ମନ୍ତବ୍ୟରେ କୌଣସି ସତ୍ୟତା ନଥିବାର ଆମେ ଜାଣୁ । ତେବେ ଓଡ଼ିଆଯାତ୍ରା ଯଦି ପ୍ରକୃତରେ ଏହାପରେ ସୁଦ୍ଧା ବଙ୍ଗ ଯାତ୍ରା ଉପରେ ନିର୍ଭରଶୀଳ ହୋଇ ପଡ଼େ, ସେ କ୍ଷେତ୍ରରେ ଆମର ଆଉ କହିବାକୁ କିଛି ନଥିବ ।

ଆଧୁନିକ ଯାତ୍ରା ନାଟକ ସମାଜ ନିର୍ଭର ହୋଇଛି ସତ୍ୟ, ମାତ୍ର ଏହାର ସାଙ୍ଗୀତିକ ରୂପଟି କ୍ରମଶଃ ଅସ୍ପଷ୍ଟ ହୋଇ ଯାଉଛି । ମଞ୍ଚ ନାଟକ ଭଳି ଏଥିରେ ସୁଦ୍ଧା ଖୁବ୍ ଅଳ୍ପ ସଂଖ୍ୟାର ସଙ୍ଗୀତ ବ୍ୟବହାର କରାଯାଉଛି । ହୁଏତ ଏଥିରେ ପରିବର୍ତ୍ତିତ ଦର୍ଶକ ରୁଚିର ସ୍ୱରୂପହିଁ ପ୍ରକାଶ ପାଉଛି । ଆମେ ପରିବର୍ତ୍ତନର ବିରୋଧୀ ମଧ୍ୟ ନୋହୁଁ । ତଜ୍ଜ ଦୃଷ୍ଟିରୁ ବର୍ତ୍ତମାନ ଯାତ୍ରା-ନାଟକର ସଂଜ୍ଞା ବଦଳାଇବାକୁ ପଡ଼ିପାରେ, ଏହାର ସୂଚନା ମାତ୍ର ଦିଆଯାଉଛି । ଏହାର ପରିବେଷଣରେ ଅଭିନବତା ସୃଷ୍ଟି କରିବା ନିମନ୍ତେ ବର୍ତ୍ତମାନ ଆଲୋକ ଏବଂ ଶବ୍ଦର କାରିଗରୀ ଉପରେ ଗୁରୁତ୍ୱ ଦିଆଯାଉଛି, ଦୁଇବା ତିନୋଟି ପ୍ରଦର୍ଶନ ମଞ୍ଚର ବ୍ୟବସ୍ଥା କରାଯାଉଛି ତଥା ନାରୀ ଭୂମିକାରେ ନାରୀମାନଙ୍କୁ ମଧ୍ୟ ଗ୍ରହଣ କରାଯାଉଛି । ଏ ଗୁଡ଼ିକ ପ୍ରଥମେ ବଙ୍ଗଦେଶରେ ପ୍ରୟୋଗ କରାଯାଇଥିଲା । ଏ ସବୁ ଭଲପାଇଁ କିମ୍ବା ମନ୍ଦପାଇଁ, ତାହା କହିବାର ସମୟ ଏ ପର୍ଯ୍ୟନ୍ତ ଆସିନାହିଁ ।

ଯାତ୍ରାର କୌଣସି ପ୍ରତିଦ୍ୱନ୍ଦ୍ୱୀ ବର୍ତ୍ତମାନ ନାହାନ୍ତି । ମଞ୍ଚନାଟକର ଅପମୃତ୍ୟୁ ଘଟିଛି । ପୂର୍ବଭଳି ସିନେମାର ଦର୍ଶକ ବର୍ତ୍ତମାନ ଆଉ ଯାତ୍ରା ନାଟକ ପ୍ରତି ଉଦାସୀନ ନୁହନ୍ତି । ଦୂରଦର୍ଶନ ଏଠାରେ ଆହୁରି ଏକ ସ୍ଥାୟୀ ଆସନ ଲାଭ କରି-ପାରିନାହିଁ । ବେତାର କୌଣସି କାଳେ ଏହାର ପ୍ରତିପକ୍ଷ ନଥିଲା । ସବୁଠୁଁ ବଡ଼କଥା, ବର୍ତ୍ତମାନ ମଞ୍ଚନାଟକ, ବେତାର ଏବଂ ଦୂରଦର୍ଶନ—ସେମାନଙ୍କର ସ୍ଥିତି ନିମନ୍ତେ କିଛି ପରି-ମାଣରେ ଯାତ୍ରା ନିର୍ଭର ହୋଇ ପଡ଼ିଛନ୍ତି । ତେଣୁ ବର୍ତ୍ତମାନ ଯାତ୍ରା ସମ୍ମୁଖରେ ଯେଉଁ 'ସୁବର୍ଣ୍ଣସୁଯୋଗ' ଆତ୍ମ ପ୍ରକାଶ କରିଛି, ତାହା ହୁଏତ ସୃଷ୍ଟିଲଗ୍ନରୁ କେବେ ତାହାର ଭାଗ୍ୟରେ ଘଟିନଥିଲା । ସୁଯୋଗର ସଦ୍‌ବ୍ୟବହାର କରିବା ହେଉଛି ପ୍ରକୃତ ପ୍ରତିଭାର କାର୍ଯ୍ୟ । ପଞ୍ଚମ ଦଶକରେ ଓଡ଼ିଆ ମଞ୍ଚ ନାଟକ ପାଇଁ ଏହିଭଳି ଅବସ୍ଥା ଘଟିଥିଲା, ସେ କାଳର 'ପ୍ରତିଭାତ୍ରୟୀ' ଏହାକୁ କାର୍ଯ୍ୟରେ ଲଗାଇଥିଲେ । ଓଡ଼ିଆ ଯାତ୍ରାର ଅଗଣିତ ଦର୍ଶକ ବର୍ତ୍ତମାନ ଅପେକ୍ଷା କରିଛନ୍ତି, ସେଭଳି ଜଣେ ଅଧେ ପ୍ରତିଭାଧର ଯାତ୍ରାକାରଙ୍କୁ ଯିଏ, ପରଂପରା ସହିତ ପ୍ରଗତିର ସମନ୍ୱୟରେ ଓଡ଼ିଆ ଯାତ୍ରା ନିମନ୍ତେ ପ୍ରକୃତରେ ଏକ ଛାୟାଛନ୍ନ ପଥ ପ୍ରସ୍ତୁତ କରିପାରିବେ ।

ଅଭିବ୍ୟକ୍ତି ଦୃଷ୍ଟିରୁ ଏ ଦେଶରେ ଯାତ୍ରାର ଉଦାର ସଂଜ୍ଞା ତଳେ ଲୀଳା, ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ ପ୍ରଭୃତି ଆତ୍ମପ୍ରକାଶ କରୁଥିଲେ ମଧ୍ୟ ପ୍ରୟୋଗ କ୍ଷେତ୍ରରେ ଏସବୁ ମଧ୍ୟରେ ଉଲ୍ଲେଖଯୋଗ୍ୟ ପ୍ରାର୍ଥକ୍ୟ ରହିଛି । ଯାତ୍ରା ଭଳି ଲୀଳା ମଧ୍ୟ ଏଥିମଧ୍ୟରେ ନିଜ ନିମନ୍ତେ ଏକ ସମ୍ଭାବନାମୟ ସ୍ଥାନ କରିନେଲାଣି, ଏହା ସ୍ୱୀକାର କରିବାକୁ ହେବ । ଲୀଳା'ର ଜାଗରଣ ଓଠିଏ ଶତକରେ କଟକ ସହରରେ ହିଁ ହୋଇଛି । ସେ ସମୟରେ କଟକର 'ରାମାୟଣ ପ୍ରଚାରିଣୀ ସଭା' ମ୍ୟୁନିସିପାଲିଟି ପଡ଼ିଆରେ ରାମନବମୀ ଅବସରରେ ରାମାୟଣ ପାରାୟଣ ସହିତ କ୍ରମଶଃ ଲୀଳା ପ୍ରଦର୍ଶନର ବ୍ୟବସ୍ଥା କରିଥିଲେ । ଆଜି ତାହା କଟକର ଅଧିକାଂଶ ସାହିକୁ ପ୍ରସାରିତ ହୋଇଛି ଏବଂ ଦୀର୍ଘ ଏକମାସ ଧରି 'ଲୀଳା'ର ପରିବେଷଣ ଚାଲିଛି । ଧୀରେ ଧୀରେ ଓଡ଼ିଶାର ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ଏହା ପ୍ରସାରିତ ହୋଇଛି । ଉତ୍ତର ପ୍ରଦେଶ, ଦିଲ୍ଲୀ, ବିହାର, ମଧ୍ୟପ୍ରଦେଶ ପ୍ରଭୃତିରେ 'ଦଶହରା' ଅବସରରେ ବିଶେଷ କରି ଦିଲ୍ଲୀର ରାମଲୀଳା ମଇଦାନ୍‌-ରେ ରାମ କାହାଣୀର ଯେଉଁ ବର୍ଣ୍ଣାଢ଼୍ୟ ପ୍ରଦର୍ଶନ ହେଉଛି, ତାହାର ପ୍ରଭାବ ସମଗ୍ର ଦେଶରେ ପଡ଼ିବା ବିଚିତ୍ର ନୁହେଁ ।

ଓଡ଼ିଶାରେ ଲୀଳାର ଏକ ସମୃଦ୍ଧ ପରଂପରା ବହୁକାଳରୁ ରହିଆସିଛି । ଆଲୋଚକମାନେ ଏଥିରେ ସୁଦ୍ଧା ଉତ୍ତର ପ୍ରଦେଶର ଲୀଳାଭିନୟର ପ୍ରଭାବ ଦେଖିବାକୁ ପାଉଛନ୍ତି, ଯାହା ପ୍ରକୃତରେ ଠିକ୍‌ନୁହେଁ । ବର୍ତ୍ତମାନ ଯୁଗରେ 'ପ୍ରଭାବ' ବିଷୟଟି ଯେଉଁଭଳି ସହଜ ହୋଇଛି, ଦୂର ଅତୀତରେ ତାହା ହେବା ସମ୍ଭବପର ନଥିଲା । ଓଡ଼ିଶାର ବିପୁଳ ରାମ ସାହିତ୍ୟ ଏଠାରେ ଲୀଳାଭିନୟର ପ୍ରସାରରେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲା । ରାମ ନବମୀ ଅବସରରେ ସପ୍ତକାଣ୍ଡ ରାମାୟଣ ସୁଲଳିତ ସ୍ୱରତାଳ ସହଯୋଗରେ ଗାନ କରାଯାଇ ତାହାସହିତ ତାଳାନୁସାରୀ ନୃତ୍ୟ ସେ କାଳରେ ପ୍ରଦର୍ଶିତ ହେଉଥିଲା ।

ଏଠାରେ 'ଯାତ୍ରା' ଏବଂ 'ଲୀଳା' ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟ ସଂପର୍କରେ ଦୁଇପଦିକଥା କହିବା ବୋଧହୁଏ,

ଅପ୍ରାସଙ୍ଗିକ ହେବନାହିଁ । 'ଯାତ୍ରାର' ଲଘୁ ବିନୋଦାତ୍ମକ ସ୍ୱରଟି ଲୀଳାରେ ସଂପୂର୍ଣ୍ଣ ଅନୁପସ୍ଥିତ ଥାଏ । ନିଷ୍ଠାପର-ଭାବରେ ବିଧିମତ ପୂଜା ଆରତି ଇତ୍ୟାଦି ଅନୁଷ୍ଠାନପରେ 'ରାମଲୀଳା' ପ୍ରଦର୍ଶନ ଆରମ୍ଭ କରାଯାଉଥିଲା ଏବଂ ଏହାର ପାତ୍ର ପାତ୍ରୀଙ୍କୁ ରୀତିମତ 'ହବିଷ' କରିବାକୁ ମଧ୍ୟ ପଡୁଥିଲା । ଯାତ୍ରାର ହାଡ଼ି-ହାଡ଼ିଆଣୀ, ଦ୍ୱାରୀ, ମୁଦୁସୁଲୀ ପ୍ରଭୃତି ଲୀଳାରେ ଅନୁପସ୍ଥିତ ଥାଆନ୍ତି । ଯାତ୍ରାରେ ରାଜା, ରାଣୀ, ନାରଦ, ଦ୍ୱାରୀ ପ୍ରଭୃତି ପାତ୍ର ଯେପରି ସ୍ୱପରିଚୟ ଘୋଷଣା କରି ରଙ୍ଗ ଭୂମିରେ ପ୍ରବେଶ କରୁଥିଲେ ତାହା 'ଲୀଳା'ରେ ହେଉନଥିଲା । ଯାତ୍ରାର ରଙ୍ଗରସ, ଶହାହାସ୍ୟ ବିନୋଦ, ଲୀଳା ନାଟକରେ ସମ୍ପୂର୍ଣ୍ଣ ଅନୁପସ୍ଥିତ ରହୁଥିଲା । ଏଠାରେ ଦର୍ଶକ ରାମଭକ୍ତି ରସରେ ଅନୁପ୍ରାଣିତ ହୋଇ ବିଷୟାନୁବର୍ତ୍ତୀ ରସାନୁସାରେ ନିଜର ହସ କାନ୍ଦକୁ ପ୍ରକାଶ କରିଥାଆନ୍ତି ।

ରାମଲୀଳାରେ ସପ୍ତକାଣ୍ଡ ରାମାୟଣ ଭାବ ପରି-ପୋଷକ ବୃତ୍ତ ଓ ଛନ୍ଦରେ ରଚିତ ତଥା ଗୀତ ହୋଇଥାଏ । ଗାୟକ ପ୍ରଥମେ ଗୀତ ଗାଇବାକୁ ଆରମ୍ଭ କରନ୍ତି । ପାଳିଆମାନେ ପାଳିଧରନ୍ତି । ମର୍ଦ୍ଦଳ ବା ପଖାଉଜ, ଗିନି ସାହାଯ୍ୟରେ ତାଳଦିଆଯାଏ । ଗୀତର ଭାଷା ଓ ଛନ୍ଦ ଭାବାନୁସାରେ ହୋଇଥିବାରୁ ଏବଂ ଓଡ଼ିଆ ପ୍ରାଣର ଅନୁକୂଳ ନିରୋଳ ଓଡ଼ିଶୀ ଢଙ୍ଗର ପରିବେଷଣ ରୀତିରୁ ଦର୍ଶକମାନେ ମନ୍ତ୍ରମୁଗ୍ଧବତ୍ ଏହାକୁ ଦର୍ଶନ କରୁଥିଲେ। ସେ କାଳର ଲୀଳାରେ ହନୁମାନ, ରାବଣ ପ୍ରଭୃତି କେତେକ ପାତ୍ରଙ୍କୁ ମୁଖାର ବ୍ୟବହାର କରିବାକୁ ପଡୁଥିଲା । ହନୁମାନର ମର୍କଟ ସୁଲଭ ଲମ୍ଫଝମ୍ପ, ରାବଣ କୁମ୍ଭକର୍ଣ୍ଣାଦିଙ୍କର ସାଟୋପ ରଙ୍ଗ ପ୍ରବେଶ, ରାମ ଲକ୍ଷ୍ମଣଙ୍କର ବୀରତ୍ୱବ୍ୟଂଜକ ଆଚରଣ ଇତ୍ୟାଦି ଅତ୍ୟନ୍ତ ଦର୍ଶନୀୟ ହେଉଥିଲା । ଆଡମ୍ବରପୂର୍ଣ୍ଣ ଗତିରୀତିକୁ 'ମୁରାଟ' ବୋଲି କୁହାଯାଉଥିଲା । ତେବେ ସେକାଳରେ 'ଲୀଳାର' ଅଭିନୟାତ୍ମକ ପ୍ରଦର୍ଶନ ଅପେକ୍ଷା ରାମାୟଣର ଗାୟନ ଏବଂ ଭକ୍ତି ସହକାରେ ତାହାର ଶ୍ରବଣ ଉପରେ ହିଁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ପରବର୍ତ୍ତୀ କାଳରେ, ଯେତେବେଳେ ଏହାକୁ 'ଯାତ୍ରା' ନାଟକର ସମକକ୍ଷ ରୂପରେ ଉପସ୍ଥାପନ କରିବା ନିମନ୍ତେ ଉଦ୍ୟମ ହେଲା, ସେତେବେଳେ ଯାତ୍ରାର କିଛି ପାତ୍ରପାତ୍ରୀ ଯଥା—ଦ୍ୱାରୀ, ଜଟାବନ୍ଧ ଋଷି, ସଦା ବିରକ୍ତ ଦାସୀ ପ୍ରଭୃତି ଲୀଳାରେ ସ୍ଥାନ ପାଇଲେ । ରାମସୀତାଙ୍କ ବିବାହ ବେଦୀରେ ମଧ୍ୟ ସଦାହାସ୍ୟ ଚପଳ ଦ୍ୱାରୀର ଦର୍ଶନ ମିଳିଲା । ତେବେ ଏସବୁ ଗତ ଶତକରେ ହିଁ ହୋଇଥିବାର ଅଧିକ ସମ୍ଭାବନା । ପୀତାମ୍ବର ରାଜେନ୍ଦ୍ର, ଅନଙ୍ଗ ନରେନ୍ଦ୍ର, ବିକ୍ରମ ନରେନ୍ଦ୍ର, ଜନାର୍ଦ୍ଦନ ଦାସ (ପୁରୀ), କଳ୍ପତରୁ ଦାସ (ବାଲିପଦର ଗଞ୍ଜାମ), ସଦାଶିବ, ବିଶ୍ୱନାଥ ପ୍ରମୁଖ-ଲୀଳାକାରମାନଙ୍କର ପୋଥି ସେକାଳରେ ଗାନ କରା ଯାଉଥିଲା ।

ପୂର୍ବରୁ କୁହାଯାଇଛି ଯେ ଚଳିତ ଶତକର ଷାଠିଏ ଦଶକ ବେଳକୁ ଲୀଳାଭିନୟର କ୍ରମିକ ପ୍ରସାର ଦେଖା-ଦେଉଥିଲା । ପ୍ରୟୋଜନ ବୋଧହୁଏ ଦେଶର ବିଭିନ୍ନ ପ୍ରାନ୍ତରେ ବହୁଲୀଳାର ମୂଳ ରାମାୟଣର ଅନୁସରଣରେ ଏହି ସମୟରେ 'ଲୀଳାକାବ୍ୟ'ମାନ ରଚନା କରିବାକୁ ଆରମ୍ଭ କଲେ ଏବଂ ଏସବୁ ଅଭିନୀତ ମଧ୍ୟ ହେଲା । ରାମାୟଣର 'ସପ୍ତକାଣ୍ଡ'କୁ ନିରୋଳ ଓଡ଼ିଶୀ ରୀତିରେ ପାରମ୍ପରିକ ଭାବରେ ରଚନା ଏବଂ ପ୍ରକାଶ କରିବାରେ ରାମଭକ୍ତ ଲୀଳାକାର ଶ୍ରୀ ନରହରି ଉପାଧ୍ୟାୟ (ଭୁବନେ-ଶ୍ୱର)ଙ୍କ ନାମ ଉଲ୍ଲେଖଯୋଗ୍ୟ । ତାଙ୍କର ଜନ୍ମସ୍ଥାନ କନିକା ଅଞ୍ଚଳ ଏକଦା ଏଦେଶର ଲୋକ ନାଟକ ପ୍ରସାରର ଏକ ପ୍ରସିଦ୍ଧ ସ୍ଥାନ ଥିଲା । ବହୁ ଯାତ୍ରାକାର, ଲୀଳାକାର ସେ ଅଞ୍ଚଳରେ ଆତ୍ମପ୍ରକାଶ କରିଥିଲେ ମଧ୍ୟ, ସେଇଭଳି ଏକ ପରିବେଶରେ ବଢ଼ିଉଠି, ଲୀଳାକାର ଉପାଧ୍ୟାୟ, ଲୋକନାଟକ ସହିତ ଏକାତ୍ମ ହୋଇ ଯିବାର ପ୍ରଚୁର ସୁଯୋଗ ପାଇଥିଲେ । ଲୀଳା ପୁରୁଷ ରାମଚନ୍ଦ୍ରଙ୍କର ବୀରତ୍ୱ, ଉଦାରତା, ଦୟା, କ୍ଷମା ଏବଂ ସହନଶୀଳତା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିବାର ଜଣାଯାଉଛି । 'ସପ୍ତକାଣ୍ଡ'ର ରାମଲୀଳା ବ୍ୟତୀତ, ସେ ଅଜସ୍ର ରାମ ସଂଗୀତ ମଧ୍ୟ ରଚନା ଓ ପ୍ରକାଶ କରିଛନ୍ତି ।

ପାରମ୍ପରିକତା ପ୍ରତି ଆନୁଗତ୍ୟ ହେଉଛି ଲୀଳାକାର ଶ୍ରୀ ଉପାଧ୍ୟାୟଙ୍କର ରଚନାର ପ୍ରଧାନ ବୈଶିଷ୍ଟ୍ୟ । ସରଳ ସୁନିର୍ବାଚିତ ଭାଷା ତଥା ଲୋକପ୍ରିୟ ପ୍ରାଚୀନ ରାଗରାଗିଣୀ ସାହାଯ୍ୟରେ ଶ୍ରୀ ଉପାଧ୍ୟାୟ ଲୀଳାନାଟକର ଯେଉଁ କଳା-ତ୍ମକ ସୌଧ ପ୍ରସ୍ତୁତ କରିଛନ୍ତି, ତାହାର ଅନ୍ତଃସ୍ୱରରେ ଏ ଦେଶର ପରମ୍ପରା, ଐତିହ୍ୟ ତଥା ସଂସ୍କୃତି ଏବଂ ବହି-ରଙ୍ଗରେ ପ୍ରବହମାନ ଆଧୁନିକ ଲୋକନାଟକର ସ୍ପଷ୍ଟ ସ୍ୱୀକୃତି ଦେଖିବାକୁ ମିଳେ । ସଂଗୀତ, ସାହିତ୍ୟ, ରସ, ଅଭିନୟ ଏବଂ ପରିବେଷଣ ରୀତି ଇତ୍ୟାଦି ଦୃଷ୍ଟିରୁ ଏଗୁଡ଼ିକ ସ୍ୱତନ୍ତ୍ର ପର୍ଯ୍ୟାୟର ବୋଲି ମନେ କରିବାର ଯଥେଷ୍ଟ କାରଣ ରହିଛି । ସମ୍ପ୍ରତି ପ୍ରୟୋଜନ ଦୃଷ୍ଟିରୁ ଅନେକେତ ଏଇଭଳି ଲୀଳାମାନ ରଚନା କରୁଛନ୍ତି, ମାତ୍ର ସେସବୁ ପୁସ୍ତକ ରୂପରେ ପ୍ରକାଶିତ ହୋଇନାହିଁ । ଶ୍ରୀ ଗୋଲକ ବିହାରୀ ମହାନ୍ତି (କଟକ)ଙ୍କ ପ୍ରକାଶିତ ପୁସ୍ତକ ବିଷୟରେ ଏଠାରେ ଉଲ୍ଲେଖ କରାଯାଇପାରେ ମାତ୍ର ତାହା ପୂର୍ଣ୍ଣାଙ୍ଗ ନୁହେଁ ।

ରାମଙ୍କ ଭଳି କୃଷ୍ଣ ମଧ୍ୟ ଏ ଦେଶର ଲୀଳାକାର-ମାନଙ୍କୁ ଏକଦା ବେଶ୍ ପ୍ରଭାବିତ କରିଥିବାର ଜଣାଯାଏ । ଗୋପଲୀଳା, ରାସଲୀଳା ପ୍ରଭୃତି ଭିନ୍ନ ଭିନ୍ନ ଅବସରରେ ଅଭିନୀତ ହୋଇଥାଏ । ଦକ୍ଷିଣ ଓଡ଼ିଶାରେ ବହୁକାଳରୁ "ରାଧା-ପ୍ରେମଲୀଳା" ଅଭିନୀତ ହୋଇ ଆସୁଛି । ଏହାର ବିଷୟବସ୍ତୁ ରାଧାକୃଷ୍ଣ ଚରିତରୁ ସଂଗୃହୀତ । ଜନ୍ମାଦି ଯୌବନ ଲୀଳା ସଂବିଧାନ ଯେତେ ରଙ୍ଗ କଲେ, 'ରାଧା' ପ୍ରଭୃତି ବହୁ ବିଷୟ ଏଥିରେ ସ୍ଥାନପାଇଥିଲେହେଁ, ରାଧାଙ୍କର 'ମାନଲୀଳା' ବର୍ଣ୍ଣନା ହିଁ ଏହାର ପ୍ରତି-ପାଦ୍ୟ । ଶୁକ-ପରୀକ୍ଷିତ ଉକ୍ତି ପ୍ରତ୍ୟୁକ୍ତିରୁ ଲୀଳାର ଆରମ୍ଭ ହୁଏ । କୌଣସି କୌଣସି ସ୍ଥାନରେ ରାଧାଙ୍କର କୁଂଜା-ଭିସାରଠାରୁ ମଧ୍ୟ ଲୀଳା ଆରମ୍ଭ କରାଯାଇଥାଏ । ଏଥିରେ ବଚନିକା ପ୍ରାୟ ନଥାଏ । ସମସ୍ତ ଲୀଳାଟି ସଂଗୀତ ମାଧ୍ୟମରେ ପରିବେଷିତ ହୁଏ । ଚିକିଟୀ ଅଧୀଶ୍ୱର ବିଶ୍ୱମ୍ଭର ରାଜେନ୍ଦ୍ର "ରାଧାପ୍ରେମ ଲୀଳା" ର ରଚୟିତା । ଏଥିରେ ପଣ୍ଡିତ କବିଚନ୍ଦ୍ର ହନୁମାନ ରାୟଗୁରୁଙ୍କ (ଆସିକା)

ରଚିତ କେତେକ ସଂଗୀତ ସ୍ଥାନ ପାଇଛି । ଏହି ଲୀଳା ଊନବିଂଶ ଶତାବ୍ଦୀର ତୃତୀୟ ଦଶକ ବେଳକୁ ରଚିତ ହୋଇଥିଲା । ଏହାକୁ ତେଣୁ ଲୀଳା ସାହିତ୍ୟର ଏକ ଅର୍ବାଚୀନ ରୂପ ବୋଲି ଗ୍ରହଣ କରାଯାଇପାରେ । ଏଥିରେ ବ୍ୟବହୃତ ରାଗ, ବୃତ୍ତ ଏବଂ ତାଳ—ଓଡ଼ିଶୀ ପରମ୍ପରା ଅନୁସରଣରେ କଳ୍ପିତ । ଏହା କର୍ଣ୍ଣାଟକୀ ପ୍ରଭାବହୀନ ମଧ୍ୟ । ଯତି, ଯମକ, ଅନୁପ୍ରାସାଦିର ଉଦାର ପ୍ରୟୋଗ ଏହାକୁ ଶ୍ରୁତି-ସୁଭଗତା ଅର୍ପଣ କରିଛି । କଳସା, ବଙ୍ଗଳାଶ୍ରୀ, ରେଖା, ଚକ୍ରକେଳୀ, ରାମକେରୀ, ଶଙ୍କରା ଭରଣ, ଭାଟିଆରୀ, ସିନ୍ଧୁଡ଼ା, ପୋଇବାଣୀ, ମୁନିବରବାଣୀ, ହରିଚଉତିଶା ବାଣୀ ପ୍ରଭୃତି ଓଡ଼ିଶୀ ଛାନ୍ଦ, ଚଉତିଶା ରାଗିଣୀର ଅନୁସରଣରେ ଏହାର ବହୁଗୀତ ରଚିତ । କବିସୂର୍ଯ୍ୟ ଏବଂ ଗୋପାଳ କୃଷ୍ଣଙ୍କ ସଂଗୀତର କେତେକ ବୃତ୍ତ ମଧ୍ୟ ଏଥିରେ ବ୍ୟବହୃତ ହୋଇଛି ।

ବନ୍ଦନା ଗାନ ପରେ ଗାୟକ ଏଥିରେ ବିଷୟ ପ୍ରବେଶ ଘଟାଇ ଥାଆନ୍ତି । ଏହି କାର୍ଯ୍ୟଟି ଦଳର ଅଧିକାରୀଙ୍କ ଉପରେ ସାଧାରଣତଃ ନ୍ୟସ୍ତ ଥାଏ । ଆସାମର 'ଅଙ୍କିୟାନାଟ'ରେ ଏହି ବ୍ୟକ୍ତି 'ବଡ଼ଗାୟନ' ଏବଂ ଦକ୍ଷିଣ ଭାରତର 'ଯକ୍ଷଗଣ', କୁଚିପୁଡ଼ି, ଦୋଡ୍ଡାଟା ପ୍ରଭୃତିରେ ସେ 'ଭାଗବତ'ର ରୂପରେ ମଞ୍ଚରେ ଆତ୍ମ ପ୍ରକାଶ କରିଥାଆନ୍ତି । ଏହି ଲୀଳା ପ୍ରଦର୍ଶନ ନିମନ୍ତେ ଗୋଟିଏ ନାତିଦୀର୍ଘ ମଞ୍ଚ ଏବଂ କାଠର ଗୋଟିଏ ବିମାନ ପ୍ରସ୍ତୁତ ହୋଇଥାଏ । ବିମାନଟି ତିନି ଭାଗରେ ବିଭକ୍ତ । ପ୍ରତି ଭାଗ ପାଇଁ ଗୋଟିଏ ଲେଖାଁଏ ତୋରଣ ଥାଏ । ଏଗୁଡ଼ିକ ଯଥାକ୍ରମେ ଚନ୍ଦ୍ରାବଳୀ, ରାଧା ଏବଂ କୃଷ୍ଣଙ୍କ ଦ୍ୱାରା ଅଧିକୃତ ହୁଏ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଏହା ବହନ କରି ନିଆଯାଏ । ତେଣୁ ଏହାକୁ ଆମେ ଚଳନ୍ତି ମଞ୍ଚ (ମୁଭିଂ ଷ୍ଟେଜ୍) ବୋଲି ମଧ୍ୟ କହିପାରୁଁ । ଏହି 'କୁଞ୍ଜ' ରାଧା ପ୍ରେମଲୀଳାର ଏକ ଅପରିହାର୍ଯ୍ୟ ଅଂଶ ଏବଂ ଏହି ଅଞ୍ଚଳର ସଂପୂର୍ଣ୍ଣ ନିଜସ୍ୱ । ଏହାର କେବଳ ମାତ୍ର ପଛପଟଟି ଆବୃତ ଏବଂ ଅନ୍ୟ ତିନିଦିଗ ଖୋଲା ରହିଥାଏ ।

ଲୀଳାର ପ୍ରଦର୍ଶନ ଦୀର୍ଘକାଳ ବ୍ୟାପୀ । ଅନ୍ତତଃ ୧୫ । ୨୦ ଘଣ୍ଟା ଏକାଦିକ୍ରମେ ଏହି ଅଭିନୟ କ୍ରିୟା ଚାଲି ଥାଏ । ସାଧାରଣତଃ କିଶୋରମାନେହିଁ ଏଥିରେ ଭୂମିକା ଗ୍ରହଣ କରନ୍ତି । ପ୍ରତିଅଂଶ ଶେଷରେ ଏଥିରେ କିଛି କ୍ଷଣ ପାଇଁ ନୃତ୍ୟ ହୋଇ ଥାଏ । ଗୀତବେଳେ ହସ୍ତ ମୁଦ୍ରା ସାହାଯ୍ୟରେ ଭାବ ପ୍ରଦର୍ଶିତ ହୁଏ । ଖୋଳ, କରତାଳ, ଝାଞ୍ଜ ଓ ଗିନି କୌଣସି କୌଣସିଠାରେ ହାରମୋନିୟମ୍ ପ୍ରଭୃତି ବାଦ୍ୟଯନ୍ତ୍ରର ବ୍ୟବହାର ଏଥିରେ କରାଯାଇ ଥାଏ । ବେଶ ପୋଷାକ ବେଶ୍ ଆଡ଼ମ୍ବରପୂର୍ଣ୍ଣ ହୋଇ- ଚିତ୍ର ସହକରେ ଆଙ୍କି ଦିଆଯାଇଥିବାରୁ ଏଗୁଡ଼ିକ ଦର୍ଶକ- ମାନଙ୍କୁ ଅନାୟାସରେ ପ୍ରଭାବିତ କରେ । ଲୀଳା ପ୍ରଦର୍ଶନ କାଳରେ ପ୍ରୟୋଜନ ବୋଧରେ ଶବରୀ, କୋହିବାଳ ପ୍ରଭୃତି ମଞ୍ଚରୁ ଦର୍ଶକ ମଣ୍ଡଳୀ ମଧ୍ୟରେ ପ୍ରବେଶ କରି ପ୍ରଦର୍ଶନକୁ ସ୍ୱଚ୍ଛନ୍ଦତା ପ୍ରବେଶ କରି ଅର୍ପଣ କରିଥାଆନ୍ତି । ଏହି ପଦ୍ଧତିଟିକୁ ଏବେ Audience's participation ବୋଲି କୁହାଯାଉଛି । ମାଧୁର୍ଯ୍ୟପୂର୍ଣ୍ଣ ସଙ୍ଗୀତ ଏହାର ପ୍ରଧାନ ଆକର୍ଷଣ । ନୟନ ମୁଗ୍‌ଧ ହୁଏ ଦୃଶ୍ୟରେ, କର୍ଣ୍ଣ ଉଲ୍ଲସିତ ହୁଏ ଲଳିତ ସଙ୍ଗୀତର ମଧୁର ମୂର୍ଚ୍ଛନାରେ । ଭାଷାର ଅର୍ଥ ଭାବ ଏହା ପରେ ସ୍ଥାୟୀ ଭାବରେ ଦର୍ଶକର ମନରେ ରହିଯାଏ । ଅନୁମାନ କରିବା କଷ୍ଟ ସାଧ୍ୟ ନୁହେଁ ଯେ, ରାମଲୀଳା ହେଉ ବା କୃଷ୍ଣଲୀଳା ହେଉ, ଏଥିରୁ ହିଁ ଆଧୁନିକ ବ୍ୟାଲେ ନୃତ୍ୟ ପରିକଳ୍ପନା କରାଯାଇଅଛି ।

ସେ କାଳରେ ବାଙ୍କି, ଡମପଡ଼ା ଏବଂ ଆଠଗଡ଼ ପ୍ରଭୃତି ଅଞ୍ଚଳରେ 'ଗୋପଲୀଳା' ପ୍ରଦର୍ଶନ ଅତ୍ୟନ୍ତ ଲୋକପ୍ରିୟ ଥିଲା ବୋଲି ସ୍ୱର୍ଗତଃ କୃଷ୍ଣପ୍ରସାଦ ବସୁ ଏହି ଆଲୋଚକଙ୍କୁ କହୁଥିଲେ । ପ୍ରଧାନତଃ ଗୋପ କନ୍ୟାମାନେ କଣ୍ଢେଇନାଚ ସଙ୍ଗେ ଶୁଣାଉଥିଲେ, ବ୍ରଜବିହାର, ନାବକେଳି, ଭୂତକେଳି, ଅଷ୍ଟମଲ୍ଲ ପରାଜୟ ଏବଂ କଂସର ପତନ ପ୍ରଭୃତିର ଗୀତିମୟ ଗାଥା । ଏସବୁ ଦୀର୍ଘସ୍ଥାୟୀ ହୋଇ ପାରିଲା ନାହିଁ । ଦକ୍ଷିଣ ଓଡ଼ିଶାରେ 'ମହାଭାରତ' କାହାଣୀ ଆଧାରିତ 'ଭଭତ ଲୀଳା' ଏବଂ ନୃସିଂହ ପୁରାଣ ଆଧାରିତ 'ପ୍ରହ୍ଲାଦ ନାଟକ'ର ପୁନର୍ନବୀକରଣ ଇତିମଧ୍ୟରେ କରାଯାଇଛି ।

ଯାତ୍ରା ଏବଂ ଲୀଳା ବ୍ୟତୀତ ସୁଆଙ୍ଗ ମଧ୍ୟ ଲୋକ ନାଟକର ଏକ ପ୍ରଭାବଶାଳୀ ଅଂଶ । ତେବେ ଓଡ଼ିଶାରେ ଏହା ଏକ ସ୍ୱତନ୍ତ୍ର ନାଟ୍ୟରୀତି ଭାବରେ ଆତ୍ମପ୍ରକାଶ କରିନାହିଁ । ଯାତ୍ରା କିମ୍ବା ଲୀଳା ପ୍ରଦର୍ଶନର ଅବସରରେ, ସମୟ ସମୟରେ ଲଘୁରସାତ୍ମକ କ୍ଷୁଦ୍ର କ୍ଷୁଦ୍ର ଅଭିନୟର ଅବତାରଣା କରାଯାଉଥିଲା, ଯାହାର ନାମ ଥିଲା ସୁଆଙ୍ଗ । ପରେ ଅବଶ୍ୟ ଗୀତିନାଟ୍ୟ, ଗୀତାଭିନୟ ଏବଂ ଯାତ୍ରା ପ୍ରଭୃତିକୁ ସୁଆଙ୍ଗର ଅଭିଧାରେ ଚିହ୍ନିତ କରାଗଲା । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗର ସୁଭଦ୍ରା ହରଣ ସୁଆଙ୍ଗ (ଭିକାରୀ ନାୟକ), ସୁଲୋଚନା ହରଣ ସୁଆଙ୍ଗ, ଲକ୍ଷ୍ମୀପୁରାଣ ସୁଆଙ୍ଗ, ଚନ୍ଦ୍ରାବତୀ ହରଣ ସୁଆଙ୍ଗ, ଧ୍ରୁବ ଚରିତ ସୁଆଙ୍ଗ ପ୍ରଭୃତି ବହୁ ନାୟକଙ୍କ ଦ୍ୱାରା ରଚିତ ହୋଇଥିଲା । ଏ ପୁସ୍ତକଗୁଡ଼ିକ ଅରୁଣୋଦୟ ପ୍ରେସରେ ୧୯୦୦ ମସିହାରେ ଛପା ହୋଇଥିବାର ଦେଖିବାକୁ ମିଳୁଛି । ବୈଷ୍ଣବ ପାଣି ଜଳଧର ବଧ ସୁଆଙ୍ଗ (୧୯୧୫) ରଚନା କଲେ ଗଦ୍ୟ ରୀତିକୁ ପ୍ରାଧାନ୍ୟ ଦେଇ । ଏଥିରୁ ଲକ୍ଷ୍ୟ କରାଯାଇ ପାରିବ ଯେ, ଲୋକନାଟ୍ୟକାର- ମାନେ ସୁଆଙ୍ଗ ଏବଂ ଯାତ୍ରା ପ୍ରଭୃତି ମଧ୍ୟରେ କୌଣସି ପାର୍ଥକ୍ୟକୁ ସ୍ୱୀକୃତି ଦେଇ ନାହାନ୍ତି । ବର୍ତ୍ତମାନ ପଞ୍ଜାବ, ହରିୟାନା, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶ ପ୍ରଭୃତିରେ ମୁକ୍ତଚ ଭକ୍ତି ପ୍ରତ୍ୟୟି ମୂଳକ 'ସୁଆଙ୍ଗ' ବା 'ସ୍ୱାଙ୍ଗ୍' ଅଭିନୟର ପ୍ରଚଳନ ଥିବା ସ୍ଥଳେ ଓଡ଼ିଶାରେ

ଏହାର ସରା ନାହିଁ । 'ସୁଆଙ୍ଗ' ଶବ୍ଦର ଉତ୍ପତ୍ତି ସଂପର୍କରେ ପୂର୍ବରୁ ଯେଉଁସବୁ ମତ ପ୍ରଚଳିତ ଥିଲା, ସଂପ୍ରତି ତାହା ସହିତ ଏକ ନୂତନ ଯୁକ୍ତି ଯୋଗ କରାଯାଇଅଛି । ଆଲୋଚିକା କପିଳା ବାତ୍ସାୟନ ଲେଖିଛନ୍ତି: "The ward Sunga is the counter part of Chadma in chau of Oriya, used in the three Chau forms and also known to Assam. It also stands for disguise, cammuflage and the like" (Traditional Indian Theatre P. 159.)

ଓଡ଼ିଶାର 'ଛଉ' ରେ 'ଛଦ୍ମ'ର କୌଣସି ସଂପର୍କ ନଥିବାରୁ (ମୁଖାର ସାର୍ବଜନୀନ ବ୍ୟବହାର କରାଯାଉନଥିବାରୁ) ଛଦ୍ମ ଶବ୍ଦ ସହିତ ଛଉର ସଂପର୍କକୁ ସୁଦୂରପ୍ରସାରୀ ବୋଲି ଭାବିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ସେହି 'ଛଦ୍ମ ଶବ୍ଦ' ପୁଣି କେଉଁ କାରଣରୁ 'ସୁଆଙ୍ଗ'ର '(Counterpart)' ହୋଇ ପଡ଼ିଲା, ତାହା ଆଦୌ ବୁଝା ଯାଉ ନାହିଁ । ମନ୍ତବ୍ୟଟିକୁ ତେଣୁ ଅଭିନବତାର ଅନ୍ୱେଷଣରେ ଆଲୋଚିକାଙ୍କର ଭିତ୍ତିହୀନ କଳ୍ପନା ବ୍ୟତୀତ ଅନ୍ୟ କିଛି କୁହାଯାଇ ପାରୁ ନାହିଁ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ଧରଣର କୌଣସି ରଚନା ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ନଥିବା ଦୃଷ୍ଟିରୁ ଏ ସଂପର୍କରେ ଆଉ ଅଧିକ ଆଲୋଚନାର ପ୍ରୟୋଜନ ନାହିଁ ।

ଫୋକ୍ ପ୍ଲେ ( Folk play )ବା ଲୋକ ନାଟକ ସଂପର୍କରେ ମନ୍ତବ୍ୟ ଦେବାକୁ ଯାଇଁ Oxford Companion of Drama କହନ୍ତି, "ଲୋକ ନାଟକ ମନୋରଂଜନର ସେହି ରୂପ, ଯାହା ଗ୍ରାମୀଣ ଉତ୍ସବ ଅବସରରେ ଗ୍ରାମ୍ୟ ଜନତା ଦ୍ୱାରା ପ୍ରସ୍ତୁତ ହୁଏ । ଗ୍ରାମ୍ୟ ଅଶାଳୀନତା ହେଉଛି ଏହାର ମୁଖ୍ୟ ବିଭାବ । ××ଏଥିରେ ମୃତ୍ୟୁ, ପୁନର୍ଜନ୍ମ ତଥା ସ୍ଥାନୀୟ ମହାପୁରୁଷମାନଙ୍କର ବିବରଣ ଇତ୍ୟାଦି ପ୍ରଦର୍ଶିତ ହୁଏ ।" ଲୋକ ନାଟକର ଏହି ପବିତ୍ରତା ଆଜି ଆଉ ବଜାୟ ରହି ପାରି ନାହିଁ । ଗ୍ରାମ ଅପେକ୍ଷା ଆଜି ଏଥିରେ ସହରର ଅବଦାନ ସମଧିକ ମନେ ହେଉଛି । ସହରୀ ଲେଖକ, କଳାକାର, ସଙ୍ଗୀତଜ୍ଞମାନଙ୍କର ସଂପୃକ୍ତିକୁ ଯାତ୍ରା ଦଳମାନେ ମହାଗୌରବର ବିଷୟ ବୋଲି ମନେ କରୁଛନ୍ତି । ବ୍ୟବସାୟର ସଫଳତା ନିମନ୍ତେ ଏଥିରେ ଅଜସ୍ର ସହରୀ ଚୁଟ୍‌କୀ, ସ୍ଥାନ ପାଇଯାଉଛି । ମାତ୍ର ତାହା ଦ୍ୱାରା ଯାତ୍ରାର ନିରୋଳ ଗ୍ରାମୀଣ ରୂପଟି ଯେ ଇତି ମଧ୍ୟରେ କାହିଁ କୁଆଡ଼େ ଲୁପ୍ତ ହୋଇ ଗଲାଣି, ତାହା ଯେ କେହି ସ୍ୱୀକାର କରିବେ ।

ଇତିମଧ୍ୟରେ ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲ୍ଲାର ଏକ ଶକ୍ତିଶାଳୀ ପାରଂପାରିକ ଲୋକ ନୃତ୍ୟ "ଦେଶୀୟା ନାଟ"ର ପୁନରୁତ୍‌ଥାନ ଓଡ଼ିଶା ନମନ୍ତେ ନିତାନ୍ତ ଉତ୍ସାହ ବ୍ୟଞ୍ଜକ ହୋଇ ଅଛି । ଯାତ୍ରା ନାଟକର ପୁନର୍ଜୀବାୟନରେ କଟକ ବେତାର କେନ୍ଦ୍ର ଏବଂ ନାଟ୍ୟକାର ଗୋପାଳ ଛୋଟରାୟଙ୍କର ଯେଉଁ ଅବଦାନ ରହିଅଛି 'ଦେଶୀୟାନାଟ'ର ପୁନରୁତ୍‌ଥାନରେ ଜୟପୁର ବେତାର କେନ୍ଦ୍ର ଏବଂ ଏହାର ତରୁଣ କାର୍ଯ୍ୟକ୍ରମ ନିର୍ବାହୀ ଶ୍ରୀ କାଳିକିଙ୍କର ମିଶ୍ରଙ୍କର ସେହିଭଳି ଅବଦାନ ରହିଛି । ଆମେ ଶୁଣିବାକୁ ପାଉଛୁ ଯେ, ସେ ଇତିମଧ୍ୟରେ ଅନ୍ୟୁନ ଦଶ ଖଣ୍ଡି 'ଦେଶୀୟାନାଟ'ର ପାଣ୍ଡୁଲିପି ସଂଗ୍ରହ କରି ସାରିଛନ୍ତି । ଜୟପୁର ବେତାର କେନ୍ଦ୍ରରୁ ପ୍ରସାରିତ 'କୁମ୍ଭାସୁର ବଧ' ଦେଶୀୟାନାଟ ଆମେ ଶୁଣିବାକୁ ପାଉଛୁ । ପାରଂପରିକ ନାଟ୍ୟଶୈଳୀର ସମସ୍ତ ବିଭାବ ଜଣା ଅଧିକେ ଏଥିରେ ରହିଛି । ସାମନ୍ତ କିମ୍ବା ସାମନ୍ତଲାଳିତ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ରଚିତ ହୋଇଥିବାରୁ ଏଥିରେ ନାଟ୍ୟ ଶାସ୍ତ୍ରର ନିୟମାଦି ଜଣା ଅଧିକେ ମାନ୍ୟତା ପାଇ ଆସିଛି । ନାନ୍ଦୀ, ସୂତ୍ରଧାର, ମୂଳଗାୟକ ପ୍ରଭୃତି ସମସ୍ତେ ଏଥିରେ ରହିଛନ୍ତି । କାହାଣୀ ନିମନ୍ତେ ରାମାୟଣ, ମହାଭାରତ କିମ୍ବା ପୁରାଣ ଉପରେ ନିର୍ଭର କରାଯାଇଛି । ଏହାର ମଂଗ୍ରୟନ ଦେଖିବାର ସୁଯୋଗ ଅବଶ୍ୟ ଏପର୍ଯ୍ୟନ୍ତ ମିଳିନାହିଁ । ତେବେ ବେତାର ରୂପାୟନରୁ ଯାହା ଜଣାଗଲା, ଅଦ୍ୟାବଧି ବ୍ୟବସାୟ ରୂପରେ ଏହାକୁ ବ୍ୟବହାର କରାଯାଇନଥିବାରୁ ଏବଂ ତଥାକଥିତ ସହରୀ କଳାବନ୍ତମାନଙ୍କର ଓସ୍ତାଦୀ ହାତ ଏଥିରେ ଲାଗିନଥିବାରୁ ମୂଳ ରୂପଟି ଅବିକୃତ ରହିଛି । ଦେଶୀୟାନାଟ ମୂଳତଃ ସଙ୍ଗୀତମୟ ଏବଂ ଏହି ସଙ୍ଗୀତରେ ପୁଣି କର୍ଣ୍ଣାଟକୀ କଂପନ ପଦ୍ଧତିର ପ୍ରଭାବ ଅତ୍ୟନ୍ତ ବେଶୀ । ଚରିତ୍ର ଲିପିରେ ରାକ୍ଷସ, ଦେବାନୁଗ୍ରହ ଲାଳିତ ମନୁଷ୍ୟ ଇତ୍ୟାଦି ରହିଥିବାରୁ ଏହାର ପ୍ରଦର୍ଶନ ଯେ ବର୍ଣ୍ଣାଢ୍ୟ ହେଉଥିବ, ଏଭଳି ଅନୁମାନ ସୁଦୂରପ୍ରସାରୀ ନୁହେଁ । ଅଚିରେ ଏଗୁଡ଼ିକର ବିଶ୍ଳେଷଣ, ପାରଂପରିକ ତଥା ଲୋକନାଟ୍ୟ ଶୈଳୀ ସହିତ ଏହାର ସଂପର୍କ ଏବଂ ଏହା ଉପରେ ଦକ୍ଷିଣ ଭାରତର 'ପରମ୍ପରାଶୀଳ' ନାଟ୍ୟ ଧାରାର ପ୍ରଭାବ ପ୍ରଭୃତି ଆଲୋଚିତ ନହେଲେ ଏଗୁଡ଼ିକ ଲୋପ ପାଇଯିବ ଏବଂ ତାହା ସହିତ ଦକ୍ଷିଣ ଓଡ଼ିଶାର କଳାପୂର୍ଣ୍ଣ ଅଭିବ୍ୟକ୍ତିର ଏକ ସଶକ୍ତ ଧାରା, ଜାତୀୟ ସଂସ୍କୃତିର ଏକ ଅଭିନବ ରୂପ ମଧ୍ୟ ବିସ୍ମୃତିର ଗର୍ଭରେ ମିଳେଇ ଯିବ ।

'ଦେଶୀୟା' ଶବ୍ଦଟିର ଅର୍ଥ ଦେଶରେ ରହୁଥିବା ଅର୍ଥାତ୍ ସ୍ଥାନୀୟ ଅଧିବାସୀ । ଏଥିରୁ ଅନୁମାନ କରାଯାଇପାରେ,ଯେ, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସ୍ଥାନୀୟ ଅଧିବାସୀମାନେ ଏହାକୁ ପରିବେଷଣ କରୁଥିଲେ । ବିଶେଷ ଧରଣର ମୁଖାର ବ୍ୟବହାର ହେଉଛି ଏହି ନାଟ୍ୟ ଶୈଳୀର ବୈଶିଷ୍ଟ୍ୟ । ଦେବୀ, ଦେବତା, ପଶୁ ପକ୍ଷୀ ପ୍ରଭୃତି ସମସ୍ତେ ଏଥିରେ ମୁଖା ବ୍ୟବହାର କରନ୍ତି । ମୁଖା ବ୍ୟବହାର କରୁନଥିବା ଚରିତ୍ର ମଧ୍ୟ ଏଥିରେ କିଛି ଥାଆନ୍ତି । ସମସାମୟିକ ବିଶେଷ କୌଣସି ଘଟଣାର ଅବତାରଣା କରାଯାଇ ଏଥିରେ ହାସ୍ୟରସ ସୃଷ୍ଟି କରାଯାଏ । ସଙ୍ଗୀତରେ କର୍ଣ୍ଣାଟକୀ ଗାୟନରୀତି ସହିତ ସ୍ଥାନୀୟ ଉପଜାତି ସଙ୍ଗୀତର ପ୍ରଭାବ ମଧ୍ୟ ଦେଖିବାକୁ ମିଳିବ ଏବଂ ନୃତ୍ୟରେ ସୁଦ୍ଧା ଏହି ପ୍ରଭାବ ନିତାନ୍ତ ଅସ୍ପଷ୍ଟ ନୁହେଁ । ଅନ୍ୟାନ୍ୟ

ଲୋକନାଟକ ଭଳି ଏଗୁଡ଼ିକ ମଧ୍ୟ ବିଶେଷ ଉତ୍ସବାଦି ଅବସରରେ (ଯଥା :—ରାଇଡ଼ିପର୍ବ, ଦଶହରା) ପ୍ରଦର୍ଶିତ ହୋଇଥାଏ । ଏହାର ନୃତ୍ୟରେ ଆଂଶିକ ଅଭିନୟର ଯେଉଁ ବିଶେଷ କୌଶଳ ପ୍ରଦର୍ଶିତ ହୁଏ, ସେସବୁ, ନୌଟଙ୍କୀ, ତାମ୍ସା, ବିଦେଶୀଆ ପ୍ରଭୃତି ଭାରତର ଅନ୍ୟାନ୍ୟ ପ୍ରାନ୍ତର ଲୋକ ନାଟକରେ ପ୍ରଦର୍ଶିତ ନୃତ୍ୟର ସମକକ୍ଷ କହିଲେ ଚଳେ । ଖୋଲା ମଞ୍ଚରେ ହିଁ ଏହାର ପ୍ରଦର୍ଶନ କରାଯାଇଥାଏ । ବାଦ୍ୟଯନ୍ତ୍ର ହିସାବରେ ଢୋଲ, ମର୍ଦ୍ଦଳ, ଝାଞ୍ଜ, ବଂଶୀ ପ୍ରଭୃତିର ବ୍ୟବହାର ଏଥିରେ କରାଯାଏ । ସଂପ୍ରତି କିଛି ଆଧୁନିକ ବାଦ୍ୟଯନ୍ତ୍ର ମଧ୍ୟ ଏଥିରେ ବ୍ୟବହୃତ ହେଉଛି । ଲୋକ ନାଟକର ଏକ ସାମାଜିକ ଆବେଦନ ଥାଏ । ନୃତାତ୍ତ୍ୱିକ ବିଶ୍ଳେଷଣ ସାହାଯ୍ୟରେ ତହିଁରୁ ସମସାମୟିକ ସମାଜର ଇତିହାସ, ଅର୍ଥନୀତି, ସମାଜତତ୍ତ୍ୱ, କଳାପ୍ରୀତି, ରାଜନୀତି ସଚେତନତା, ଶିକ୍ଷା, ଦୀକ୍ଷା, ଆହାର ବ୍ୟବହାର ପ୍ରଭୃତି ବହୁ ବିଷୟର ସଂଧାନ ମିଳିଥାଏ । ଏ ଦୃଷ୍ଟିରୁ ଏଗୁଡ଼ିକ ବହୁ ମୂଲ୍ୟବାନ । ଦକ୍ଷିଣ ଓଡ଼ିଶାର ସମାଜ ଜୀବନ, ମୂଳ ଓଡ଼ିଆ ସମାଜ ସହିତ ତାହାର ଭାବର ସମ୍ପର୍କ ଇତ୍ୟାଦି ଅନେକ ବିଷୟର ସଂଧାନ ଏଥିରୁ ମିଳିପାରିବ । ଦୀର୍ଘକାଳରୁ ଦକ୍ଷିଣ ଓଡ଼ିଶା ଭୌଗୋଳିକ କାରଣରୁ ଓଡ଼ିଶାର କେନ୍ଦ୍ର ବିନ୍ଦୁରୁ ଦୂରେଇ ରହି ଥିବାରୁ ସେଠାକାର ସାଧାରଣ ଜୀବନରେ ଯେଉଁ ବିଚ୍ଛିନ୍ନଭାବ ଟିକିଏ ରହିଛି, ହୁଏତ ଏହି ବିଶ୍ଳେଷଣରୁ ତାହା ମଧ୍ୟ ଦୂରୀଭୂତ ହୋଇଯାଇ ପାରେ । ବିଭିନ୍ନତା ମଧ୍ୟରେ ଏକତାର ସୃଷ୍ଟି ହେଉଛି ଲୋକନାଟକଗୁଡ଼ିକର ପ୍ରଧାନ ଅବଦାନ । ଭୌଗୋଳିକ ସୀମାର ଦୁର୍ଲଂଘ୍ୟତା, ଭାଷାଗତ ବିଭେଦ, ପୋଷାକ ଓ ଚଳଣିର ପାର୍ଥକ୍ୟ, ରୁଚି ଓ ରୀତିନୀତିର ଦୂରତା ସତ୍ତ୍ୱେ କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡକୁ, ଲୋକ ନାଟକର ସଶକ୍ତ ଧାରା ହିଁ ଏକତାର ସୂତ୍ରରେ ବାନ୍ଧି ରଖିଛି । ଏହି ପରିପ୍ରେକ୍ଷୀରେ ନବାବିଷ୍କୃତ 'ଦେଶୀୟାନାଟ'ର ଆଲୋଚନା, ଜାତୀୟ ଜୀବନ ନିମନ୍ତେ ଆମର କଳା ଏବଂ ସଂସ୍କୃତି ପାଇଁ ଯେ ଏକାନ୍ତ ଅପରିହାର୍ଯ୍ୟ ଏବଂ ଏହାର ଆବିଷ୍କାର ଯେ ଚଳିତ ସମୟର ସବୁଠାରୁ ଅଧିକ ଚମକପ୍ରଦ ବ୍ୟାପାର, ସେତିକି ମାତ୍ର ସୂଚାଇ, ଆମେ ଏ ପ୍ରସଙ୍ଗର ଉପସଂହାର କରୁଛୁ ।

ପାଲା, ଦାସକାଠିଆ, ଦଣ୍ଡନାଚ, ଚଢ଼େୟାନାଚ, ରଣପାନାଚ, ଘୁମୁରାନାଚ, ସଂଗ୍ରର, ବାଂଚ୍ଚି, ଭୂତଲ୍, ରାବଣଛାୟା, ଧନୁଯାତ୍ରା (ବରଗଡ଼), ଶବ୍ଦସ୍ୱର ନାଟ (ବରପାଲୀ), ପ୍ରହ୍ଲାଦ ନାଟକ (ଦକ୍ଷିଣ ଓଡ଼ିଶା), ବଉତିଘୋଡ଼ା ନାଚ (କଟକ), ପାଟୁଆ ଯାତ୍ରା, ମୋଗଲ ତାମସା, ଘୁଡୁକି ନାଚ ପ୍ରଭୃତି ଲୋକନାଟକର ଅଜସ୍ର ଧାରା ରାଜନୈତିକ ଓଡ଼ିଶାର ଗୋଟିଏ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ପ୍ରଚଳିତ । ସ୍ୱାଧୀନତା ପରେ ଏଗୁଡ଼ିକ ମଧ୍ୟରୁ କିଛି ମୁମୂର୍ଷୁ ଅବସ୍ଥାରେ ରହିଛନ୍ତି, କିଛି ଅବା ସାଧାରଣ ଜନତାର ଅନୁକମ୍ପା ନିର୍ଭର ହୋଇ ବଞ୍ଚିଛନ୍ତି । ଏଥିମଧ୍ୟରୁ ଅଧିକାଂଶ ନାଟ୍ୟ ଧାରାରେ ବର୍ଣ୍ଣାଢ଼୍ୟତା ଅଛି, ସଂଗୀତିକତା ରହିଛି । ଅଭିନବତାର ପରିମାଣ ମଧ୍ୟ ନିତାନ୍ତ କମ୍ ନୁହେଁ, ତେବେ ଗୋଟିଏ ବିଷୟର ଘୋର ଅଭାବ ରହିଛି । ଯେଉଁ ବିଷୟଟିକୁ ମୁଖ୍ୟ ଭାବରେ ଏହାର ଦର୍ଶକମାନେ କାମନା କରି ଥାଆନ୍ତି । ତାହା ହେଉଛି, ଏହାର ଉତ୍ତେଜନାସୃଷ୍ଟି କ୍ଷମତା । ପ୍ରହ୍ଲାଦ ନାଟକ (ଯାହା ଗୀତାର ଏକ ମାର୍ଜିତ ରୂପ ବୋଲି ଆମର ମତ), ଧନୁଯାତ୍ରା ଏବଂ କିଛିଟା ଦଣ୍ଡ ନାଚକୁ ଛାଡ଼ି ଦେଲେ, ପୂର୍ବୋକ୍ତ ଅନ୍ୟ ଧାରାରେ ଏହି ଗୁଣଟିର ବିଶେଷ ଅଭାବ ଦେଖିବାକୁ ମିଳେ । ଅଭିନେତାଙ୍କର ପରିବେଷଣ ଗୁଣରେ ସମୟ ସମୟରେ ଏଥିରେ ରସ ବୈଚିତ୍ର୍ୟ ଅବଶ୍ୟ ସୃଷ୍ଟି ହୋଇଥାଏ, ମାତ୍ର 'ଦୂରଦର୍ଶନ' ଯୁଗରେ ଗ୍ରାମୀଣ ଦର୍ଶକଙ୍କୁ ସୁଦ୍ଧା ସନ୍ତୁଷ୍ଟ କରାଉଥିବା କ୍ଷମତା, ଏହାର ନ ଥାଏ । ତେଣୁ ମୋଟାମୋଟି ଭାବରେ ଏହା ତଥାପି ପ୍ରତିକୂଳତା ବିରୁଦ୍ଧରେ ସଂଗ୍ରାମକରି କୌଣସିମତେ ଯେ ବଞ୍ଚି ରହିଛି, ଏହା କିଛି କମ୍ ଆଶ୍ୱାସନାର ବିଷୟ ନୁହେଁ ।

ସ୍ୱାଧୀନତା ପରେ ମୟୂରଭଞ୍ଜର ବିଶ୍ୱ ପ୍ରସିଦ୍ଧ ଲୋକନୃତ୍ୟ 'ଛଉନାଚ'ର ଉଲ୍ଲେଖଯୋଗ୍ୟ ଉନ୍ନତି ସାଧିତ ହୋଇଛି । ପ୍ରଦର୍ଶନର ବର୍ଣ୍ଣାଢ଼୍ୟରୂପ, ସୁକଠିନ ଆଂଗିକ ଅଭିନୟର କୌଶଳପୂର୍ଣ୍ଣ ପରିବେଷଣ—ଏ ଦୁଇଟି କାରଣରୁ ହିଁ ଛଉନୃତ୍ୟ ଭାରତ ଅତିକ୍ରମକରି ବିଦେଶୀମାନଙ୍କୁ ସୁଦ୍ଧା ଏତେ ପ୍ରଭାବିତ କରିପାରିଛି । ସାମ୍ପ୍ରତିକ କାଳରେ "ଛଉନାଚ" ହେଉଛି ଏକମାତ୍ର ନୃତ୍ୟ, ଯେଉଁଥିରେ ପରମ୍ପରାକୁ ମୋଟାମୋଟି ଭାବରେ ଅବିକୃତ ରଖାଯାଇ ପାରିଛି ।

'ଛଉ' ଶବ୍ଦର ଉତ୍ପତ୍ତି ସମ୍ପର୍କରେ ଏ ପର୍ଯ୍ୟନ୍ତ ପଣ୍ଡିତମାନେ ବହୁପ୍ରକାର ମନ୍ତବ୍ୟ ଦେଇ ଆସିଛନ୍ତି । ପ୍ରସ୍ତୁତ ପ୍ରବଂଧର ଅନ୍ୟତ୍ର ଆମେ ଏ ସମ୍ପର୍କର ସର୍ବଶେଷ ମନ୍ତବ୍ୟକୁ ମଧ୍ୟ ଉଦ୍ଧାର କରିଛୁ । ଯୁକ୍ତିତର୍କର ଗଭୀରତା ମଧ୍ୟକୁ ନ ଯାଇ ଏଠାରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଛାଉଣୀ, ଛାୟା, ଛଇ, ଛଦ୍ମ ପ୍ରଭୃତି ଶବ୍ଦରୁ ଛଉ ଶବ୍ଦର ଉତ୍ପତ୍ତି ଅପେକ୍ଷା ଏଥିରେ ମୁଖାର ବ୍ୟବହାର କରାଯାଉଥିବାରୁ ଏବଂ 'ଛଉ'ର ଅର୍ଥ ମୁଖା ହୋଇଥିବାରୁ, ମୁଖା ପିନ୍ଧି କରାଯାଉଥିବା ନୃତ୍ୟକୁ 'ଛଉନୃତ୍ୟ' ବୋଲି କୁହାଯାଏ ।

'ଛଉନୃତ୍ୟ' ତିନୋଟି ଅଞ୍ଚଳରେ ପ୍ରଧାନତଃ ପ୍ରଦର୍ଶନ କରାଯାଏ । ଓଡ଼ିଶାର ମୟୂରଭଞ୍ଜ, ପଶ୍ଚିମବଙ୍ଗର ପୁରୁଲିଆ ଏବଂ ବିହାରର ଷଢ଼େଇକଳାରେ ଏହାର ଅଭିନୟ କରାଯାଏ । ସମ୍ପ୍ରତି ଓଡ଼ିଶାର ବାଲେଶ୍ୱର, କେନ୍ଦୁଝର ଏବଂ ଢେଙ୍କାନାଳ ପ୍ରଭୃତି ଜିଲ୍ଲାରେ ମଧ୍ୟ ଏହାର ପ୍ରଦର୍ଶନ କରାଯାଉଛି । ପୁରୁଲିଆ ଅଞ୍ଚଳର ଆଧୁନିକ ଛଉନୃତ୍ୟ ଆମେ ଦେଖିଛୁ । ଏଥିରେ ପାତ୍ର ପାତ୍ରୀଙ୍କୁ ମୁଖା ବ୍ୟବହାର କରିବାକୁ ପଡ଼ିଥାଏ । ବହୁରଙ୍ଗୀ ବସ୍ତ୍ରାଭରଣ, ଉଜ୍ଜ୍ୱଳ ଶିରୋଭୂଷା, ପାତ୍ର ପାତ୍ରୀଙ୍କୁ ଏକ ଆକର୍ଷଣୀୟ ମର୍ଯ୍ୟାଦା ଦେଉଥାଏ ସତ୍ୟ । ମାତ୍ର ଅଭିନୟର ଏକ ମର୍ଯ୍ୟାଦାପୂର୍ଣ୍ଣ ଅଙ୍ଗ, ଆଙ୍ଗିକାଭିନୟର ଅଭାବ ରହୁଥିବାରୁ, ପରିଣାମରେ ଏଥିରେ

କଳାତ୍ମକତାର ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ନେତ୍ର ବକ୍ଷ ବିକାରର ଭାବାତ୍ମକ ଅଭିବ୍ୟକ୍ତି ଦୃଶ୍ୟ ଏବଂ ଦର୍ଶକ ମଧ୍ୟରେ ଏକାତ୍ମକତା ସ୍ଥାପନରେ ମୁଖ୍ୟ ସାଧନ ସ୍ୱରୂପ ହୋଇଥାଏ । ସରେଇକଳାର ଛଉରେ ସୁନ୍ଦର ମୁଖାର ବ୍ୟବହାର ଅପରିହାର୍ଯ୍ୟ । କେବଳମାତ୍ର ମୟୂରଭଞ୍ଜ 'ଛଉ'ରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେହିଁ ମୁଖାର ବ୍ୟବହାର କରାଯାଇ ଥାଏ । ଫଳରେ ସଫଳତା ନିମନ୍ତେ କଳାକାରମାନଙ୍କୁ ମୁଖ୍ୟତଃ ଆଂଶିକ ଅଭିନୟ, କଳାତ୍ମକ ପଦବିନ୍ୟାସ ଉପରେ ହିଁ ନିର୍ଭର କରିବାକୁ ପଡ଼ିଥାଏ । ଚଇତପର୍ବ ପ୍ରଭୃତି ବିଶେଷ ଅବସରରେ ଏହି ନୃତ୍ୟ ପ୍ରଦର୍ଶନ କରାଯାଇଥାଏ ।

ଏହି ନୃତ୍ୟ ନାଟକ ପାଇଁ ସାଧାରଣତଃ ରାମାୟଣ, ମହାଭାରତ ଏବଂ ପୁରାଣାଦିରୁ ବିଷୟ ସଂଗ୍ରହ କରାଯାଇଥାଏ । ଆରଣ୍ୟ ପ୍ରକୃତି ଏବଂ ଜୀବଜନ୍ତୁ ସମ୍ବନ୍ଧୀୟ କଥାବସ୍ତୁ ମଧ୍ୟ ଏଥିରେ ସ୍ଥାନ ପାଇଥାଏ । ଧୁମ୍ସା, ଢୋଲ, ମହୁରୀ ପ୍ରଭୃତି ବାଦ୍ୟଯନ୍ତ୍ରମାନ ସାଧାରଣଭାବେ ପ୍ରତ୍ୟେକ କ୍ଷେତ୍ରରେ ଛଉପାଇଁ ବ୍ୟବହୃତ ହୋଇଥାଏ । ମୁକ୍ତାକାଶୀ ମଞ୍ଚରେ ଏହାର ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥାଏ । 'ଛଉନୃତ୍ୟ'ର ଅବଶ୍ୟ ଏକ ଦୃଢ଼ ଶାସ୍ତ୍ରୀୟଭିତ୍ତି ରହିଛି । "ମୟୂରଭଞ୍ଜ ଛଉ ନୃତ୍ୟର ଭବାଭିନୟ ଓ ମୁଦ୍ରାଭିନୟ ପ୍ରଦର୍ଶନ କାଳରେ ଶିଳ୍ପୀଗଣ ନାଟ୍ୟଶାସ୍ତ୍ର ତଥା ଅଭିନୟ ଦର୍ପଣରେ ବର୍ଣ୍ଣିତ ନିୟମାବଳୀକୁ ଅନୁସରଣ କରିଥାଆନ୍ତି" । (୧) ତେବେ "ଭାରତର ବିଭିନ୍ନ ପ୍ରାନ୍ତରେ ବିକାଶଲାଭ କରିଥିବା ଉନ୍ନତ ଶାସ୍ତ୍ରୀୟ ନୃତ୍ୟଗୁଡ଼ିକ କ୍ରମେ ଲୋକନୃତ୍ୟ Folk Dance ସ୍ତରରୁ ବିକାଶ ଲାଭ କରି ଉନ୍ନତ ସ୍ତରକୁ ଆସିଥିବା କଥା ନୃତ୍ୟ ବିଶାରଦମାନେ କହନ୍ତି । ଏହି ଲୋକନୃତ୍ୟଗୁଡ଼ିକ ଆଞ୍ଚଳିକ ଲୋକ ସଂସ୍କୃତି ଓ ପରିବେଷ୍ଟନୀରୁ ସିଧାସଳଖ ଉଦ୍‌ଭୂତ ଏବଂ ଏହାର ପ୍ରାଣପ୍ରାଚୁର୍ଯ୍ୟ ଓ ସ୍ୱାତନ୍ତ୍ର୍ୟ ପରବର୍ତ୍ତି କାଳରେ ମାର୍ଜିତ ଶାସ୍ତ୍ରୀୟ ନୃତ୍ୟଭାବେ ବିକାଶଲାଭ କରିଥିବା ନୃତ୍ୟଗୁଡ଼ିକୁ ସେମାନଙ୍କର ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି" । (୨) ପୂର୍ବୋକ୍ତ ଦୁଇଟି ମନ୍ତବ୍ୟରୁ ଗୋଟିଏ ଦିଗରେ ଛଉନାଚର ଶାସ୍ତ୍ରୀୟତା ତଥା ଅନ୍ୟ ଦିଗରେ ଏହାର ପାରମ୍ପରିକତା ଏବଂ ଲୋକ ସଂସ୍କୃତି ନିର୍ଭରତା ପ୍ରମାଣ କରିଥାଏ ।

ଓଡ଼ିଶୀ ନୃତ୍ୟଭଳି 'ଛଉନୃତ୍ୟ' ମଧ୍ୟ ଓଡ଼ିଶାର ଜାତୀୟ ନୃତ୍ୟ । ଏହାର ବର୍ଣ୍ଣାଢ଼୍ୟ ପୋଷାକ, ବୀରତ୍ୱ ବ୍ୟଞ୍ଜକ ହାବଭାବ, କଳାତ୍ମକ ହସ୍ତ ପଦାଦି ସଞ୍ଚାଳନ ଦର୍ଶକ ମନରେ ଏକ ଅନିର୍ବଚନୀୟ ଆନନ୍ଦ ସୃଷ୍ଟିକରେ । ଏହା ସହିତ ଜାତୀୟ ସଂସ୍କୃତି ଏକ ଐତିହ୍ୟର ନିଗୂଢ଼ ସମ୍ପର୍କ ରହିଛି । ମୁଖ୍ୟତଃ, ଏହା ବୀରରସ ପ୍ରଧାନ ଏକ ସାମରିକ ନୃତ୍ୟ ହୋଇଥିବାରୁ ଗୋଟିଏ ବୀର ଜାତିର ଅତୀତ ଏଥି ସହିତ ସମ୍ପୃକ୍ତ । ସୁଦୂର ଅତୀତରୁ ରାଜ ପୃଷ୍ଠପୋଷକତାରେ ହିଁ ଏହା ପରିପାଳିତ ହୋଇ ଆସୁଥିଲା । ବାରିପଦାର ଉତ୍ତରସାହି ଏବଂ ଦକ୍ଷିଣ ସାହିର କଳାକାର ବୃନ୍ଦ ରାଜା ଏବଂ ରାଣୀଙ୍କର ପ୍ରତିନିଧିଭାବେ ଏହାର ଅନୁଶୀଳନ କରି ଆସୁଥିଲେ । ସମ୍ପ୍ରତି ପ୍ରାଚୀନତମ ଏହି କଳାର ରକ୍ଷଣାବେକ୍ଷଣର ଦାୟିତ୍ୱ ପ୍ରଧାନତଃ ଜନସାଧାରଣଙ୍କ ଉପରେ ହିଁ ନ୍ୟସ୍ତ ହୋଇଛି । ଇତିମଧ୍ୟରେ ତହିଁର କେତେକ ସମୟୋପଯୋଗୀ ପରିବର୍ତ୍ତନ କରାଗଲାଣି । ପୂର୍ବେ ଏଥିରେ ସଙ୍ଗୀତର ବ୍ୟବହାର ନ ଥିଲା । କ୍ରମେ ଭାବ ପ୍ରସାରକ ଉପଯୁକ୍ତ ସଙ୍ଗୀତମାନ ଏଥିରେ ବ୍ୟବହାର କରାଗଲା । ଏହି ବ୍ୟାପାର ଚଳିତ ଶତାବ୍ଦୀର ପ୍ରାରମ୍ଭରେହିଁ ହୋଇଥିବାର ସମ୍ଭାବନା । କବିଚନ୍ଦ୍ର କାଳିଚରଣ ୧୯୨୦-୨୧ ମସିହା ବେଳକୁ ବାରିପଦାରେ ଥିବା ବେଳେ ଛଉପାଇଁ ସଙ୍ଗୀତ ରଚନା କରିଥିବାର 'କୁମ୍ଭାର ଚକ'ରେ ଲେଖିଛନ୍ତି । ଝୁମର, ଭାଟିଆରୀ ଏବଂ ଓଡ଼ିଶୀ ରାଗ ରାଗିଣୀ ହିଁ ଏହାର ସଙ୍ଗୀତରେ ବ୍ୟବହୃତ ହେଉଛି । ତେବେ ଉଚ୍ଚସ୍ୱର ଗ୍ରାମର ବାଦ୍ୟ ଏହି ନୃତ୍ୟର ପ୍ରଧାନ ଅଂଶ ହୋଇଥିବାରୁ ସଙ୍ଗୀତ ଏହା ନିମନ୍ତେ ସେତେ ପ୍ରୟୋଜନୀୟ ମନେ ହୁଏ ନାହିଁ । ପରିବର୍ତ୍ତନ ଯେ କୌଣସି କଳା ନିମନ୍ତେ ପରିହାର୍ଯ୍ୟ ନୁହେଁ । ତେବେ ଏଥିରେ ତାହାର ମୂଳ ରୂପଟି ଯେଉଁଭଳି ଭାବରେ ଅବିକୃତ ରହିପାରେ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ।

ସ୍ୱାଧୀନୋତ୍ତର କାଳକୁ ଏ ଦେଶର ଲୋକ ନାଟକ ନିମନ୍ତେ 'ସୁବର୍ଣ୍ଣ ଯୁଗ' ବୋଲି ଗୋଟିଏ ଦୃଷ୍ଟିରୁ କୁହାଯାଇ ପାରେ । ଏହି ସମୟରେ ଲୁପ୍ତ ପ୍ରାୟ ଅନେକ ଲୋକକଳା ନୂତନ ରୂପରେ ଆତ୍ମପ୍ରକାଶ କରିଥିଲା କିମ୍ବା କରିବା ନିମନ୍ତେ ସୁଯୋଗ ପାଇଥିଲା । ଏଥି ମଧ୍ୟରୁ କେତେକ ବିଶେଷ କରି ଯାତ୍ରା ନାଟକ ବ୍ୟବସାୟ ଭିତ୍ତିରେ ପରିଚାଳିତ ହେଉ ଥିବାରୁ, ଏଥିରେ ନାନାଃ ପ୍ରକାର ପରିବର୍ତ୍ତନମାନ କରାଯାଇ, ଏହାର ମୂଳ ରୂପଟିକୁ କ୍ରମଶଃ ଅସ୍ପଷ୍ଟ ଅବଶ୍ୟ କରି ଦିଆଯାଉଛି । ଏହି ପରିବର୍ତ୍ତନ ଯଦି ଏକାନ୍ତ ଭାବରେ ସ୍ଥାନୀୟ ହୋଇ ଥାଆନ୍ତା କିମ୍ବା ସ୍ୱତଃସ୍ଫୂର୍ତ୍ତ ଭାବରେ ଏଠାକାର ଚଳମାନ ଜୀବନ ସ୍ରୋତ ମଧ୍ୟରୁ ଆତ୍ମ ପ୍ରକାଶ କରୁଥାଆନ୍ତା, ତେବେ ଆମର ଆପତ୍ତି କରିବାର କିଛି ନ ଥାନ୍ତା । ମାତ୍ର ଅଧିକାଂଶ କ୍ଷେତ୍ରରେ ଏଗୁଡ଼ିକ କେବଳ ଅନ୍ୟର ଅନ୍ଧ ଅନୁକରଣ ହୋଇ ପଡ଼ିଥିବାରୁ ଏହାଦ୍ୱାରା ଆମର କଳା ଓ ସଂସ୍କୃତିର ବିପୁଳ କ୍ଷତି ସାଧିତ ହେଉଛି । ଦ୍ୱିତୀୟ କଥା ହେଉଛି, ସମାଜ ଜୀବନରେ ନାଟ୍ୟ କଳାର ଅପ୍ରତିହତ ପ୍ରଭାବ ରହିଥିବାରୁ, ଏହାର ଦାୟିତ୍ୱ ମଧ୍ୟ ସେଇ ପରିମାଣରେ ବିପୁଳ । ସେଥିରେ ଯାହା ପ୍ରଦର୍ଶିତ ହେବ, ଦର୍ଶକମାନେ ତାହାଦ୍ୱାରା ପ୍ରଭାବିତ ହେବା ଏକ ସ୍ୱତଃସିଦ୍ଧ ବ୍ୟାପାର । ଏହାର ଭୂରି ଭୂରି ପ୍ରମାଣ ମଧ୍ୟ ରହିଛି । ହୁଏତ ଏହି କାରଣରୁହିଁ ଆମର ପାରମ୍ପରିକ ଲୋକନୃତ୍ୟରେ 'ଧର୍ମରଜୟ ଏବଂ ପାପର ପରାଜୟ' ଦର୍ଶନଟି ଏତେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା । ସୁନ୍ଦର ଏକ ମୈତ୍ରୀମୟ ସମାଜ ଗଠନର ସ୍ୱପ୍ନ ମଧ୍ୟରୁ ହିଁ ଏହି ଚିନ୍ତାର ସୃଷ୍ଟି । ଏହାଦ୍ୱାରା ଯେ ପ୍ରତ୍ୟେକ କ୍ଷେତ୍ରରେ ବାସ୍ତବତାକୁ ଅସ୍ୱୀକାର କରାଯାଉଥିଲା, ଏଭଳି ନୁହେଁ ।

ଆଧ୍ୟାତ୍ମିକତାର ଦୃଢ଼ଭିତ୍ତି ଉପରେ ଦଣ୍ଡାୟମାନ ରହି, ଏଗୁଡ଼ିକ ସେମାନଙ୍କର ସାମାଜିକ ଦାୟିତ୍ୱ ପାଳନ କରୁଥିଲେ । ସମ୍ପ୍ରତି ଏହି ବିଷୟଟିକୁ ଅବହେଳା କରାଯାଉଥିବାର ସ୍ପଷ୍ଟ ପରିଲକ୍ଷିତ ହେଉଛି । ଏହାକୁ କେବେ ମନୋରଞ୍ଜନର ଏକ ଲଘୁ ସାମଗ୍ରୀଭାବରେ ଗ୍ରହଣ କରି ନିଆଯାଉଛି । ଯେ କୌଣସି ଉପାୟରେ ଦର୍ଶକମାନଙ୍କର ମନୋରଞ୍ଜନ କରିପାରିଲେ, ଏହାର ଦାୟିତ୍ୱ ଶେଷ ହୋଇଯାଉଛି । ବ୍ୟବସାୟିକ ମନୋବୃତ୍ତିରୁହିଁ, ଏହି ପ୍ରବୃତ୍ତିର ସୃଷ୍ଟି । କଳାକୁ ବଞ୍ଚିବାକୁ ହେଲେ, ଏହାର ବ୍ୟବସାୟିକ ସାଫଲ୍ୟ ଏକାନ୍ତ ପ୍ରୟୋଜନ, ଏହାକୁ ଅସ୍ୱୀକାର କରିହେବ ନାହିଁ । ମାତ୍ର ଏଥି ନିମନ୍ତେ ଶସ୍ତା ପଥଟିକୁ ଗ୍ରହଣ କରି ନ ନେଇ ଏହାର ସାମାଜିକ ଅଙ୍ଗୀକାର ବିଷୟଟିକୁ ସର୍ବଦା ସ୍ମରଣ-ରଖି ପଦକ୍ଷେପ ନିଆଗଲେ ଭଲ ହେବବୋଲି ଆମେ ମନେ କରୁ । ଯାତ୍ରା ନାଟକର ସାମ୍ପ୍ରତିକ ପ୍ରବୃତ୍ତିକୁ ଲକ୍ଷକରି ହିଁ ଏ ସମସ୍ତ ମନ୍ତବ୍ୟ ଦିଆଗଲା ।

ଲୋକନାଟକ ଗୁଡ଼ିକ ଏକଦା ସ୍ୱତଃସ୍ଫୂର୍ତ୍ତ ଭାବରେ ସାଧାରଣ ଜନତାଙ୍କ ଦ୍ୱାରା ଓ ସାଧାରଣ ଜନତାଙ୍କ ପାଇଁ ଆତ୍ମ ପ୍ରକାଶ କରିଥିଲା । ତେଣୁ ଏହା ପଛରେ ଦୀର୍ଘ କାଳର ପରମ୍ପରା ରହିଛି । କ୍ରମଶଃ ଏଥି ମଧ୍ୟରୁ କେତେକ, ଶାସ୍ତ୍ରୀୟ ପ୍ରଭାବକୁ ମଧ୍ୟ ଗ୍ରହଣ କରି ନେଇଛନ୍ତି । ନାଟ୍ୟଶାସ୍ତ୍ର, ଅଭିନୟ ଦର୍ପଣ ପ୍ରଭୃତି ତତ୍ତ୍ୱ ଗ୍ରନ୍ଥରେ ନୃତ୍ୟ, ନାଟକ ପ୍ରଭୃତି ସମ୍ପର୍କରେ ଯେଉଁ ନିର୍ଦ୍ଦେଶ ରହିଛି, ସେଗୁଡ଼ିକ କ୍ରମଶଃ ଏଥିମଧ୍ୟରୁ କେତେକ ବିଭାଗରେ ପ୍ରବେଶ କରିଛି । ଦକ୍ଷିଣ ଭାରତର ଯକ୍ଷଗଣ, କୁଚିପୁଡ଼ି, ଭାଗବତମେଳା, ଆସାମର ଅଙ୍କିୟାନାଟ ପ୍ରଭୃତି ଲୋକ ନାଟକକୁ ଏହି କାରଣରୁ 'ପରମ୍ପରାଶୀଳ' ନୃତ୍ୟ ବୋଲି କୁହାଯାଉଛି । ମନେ ରଖିବାକୁ ହେବ ଯେ, ସୃଷ୍ଟି ପ୍ରଥମେ ଆସେ ଏବଂ ତତ୍ତ୍ୱ ତାକୁ ଅନୁସରଣ କରେ ମାତ୍ର । ଶାସ୍ତ୍ରୀୟ ପ୍ରଭାବ ଏଗୁଡ଼ିକୁ ଅଧିକ କଳାତ୍ମକ, ସୁସମ୍ବଦ୍ଧ ଏବଂ ସୁବିନ୍ୟସ୍ତ କରିଛି । ତେଣୁ ଏଥିରେ ଆପତ୍ତି କରିବାର କିଛି ନାହିଁ । ମାତ୍ର ଯେଉଁଠି ଏହି ପ୍ରଭାବ ଉଦ୍ଦେଶ୍ୟହୀନ ମନୋରଂଜନ ପରିବେଷଣ ନିମନ୍ତେ ଅଭିପ୍ରେତ, ସେଇଠି ତାହା ଅତ୍ୟନ୍ତ କ୍ଷତିକର ।

ପୂର୍ବରୁ ବର୍ଣ୍ଣିତ ହୋଇଛି ଯେ, ବିଭିନ୍ନତା ମଧ୍ୟରେ ଏକତା ସୃଷ୍ଟି ହେଉଛି ଲୋକ ନାଟକର ମୂଳ ଉଦ୍ଦେଶ୍ୟ । ଏଥିରେ ଭାଷାଗତ ବିଧି ନିଷେଧର ସୀମାରେଖା ବିଶେଷ ଦୃଢ଼ ହୋଇ ନ ଥିବାରୁ ଏହାହିଁ ବିଶାଳ ଏହି ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ଦୃଢ଼ କରିବାରେ ସହାୟକ ହେଉଛି । ସଙ୍ଗୀତ, ନୃତ୍ୟ ଏବଂ ସଂଳାପ ସାହାଯ୍ୟରେ ରାମାୟଣ, ମହାଭାରତ କିମ୍ବା ପୁରାଣ କାହାଣୀର ଅବତାରଣା ପ୍ରତ୍ୟେକ କ୍ଷେତ୍ରରେ ଏକ ସାଧାରଣ ପ୍ରବୃତ୍ତି । ବେଶ ଭୂଷାରେ ଯେଉଁ ସାମଞ୍ଜସ୍ୟ ରହିଛି, ତାହାର ପରିମାଣ ମଧ୍ୟ ନିତାନ୍ତ କମ୍ ନୁହେଁ ।

ସମସାମୟିକ ଘଟଣା ପ୍ରବାହର ବର୍ଣ୍ଣନା ଏଥିରେ ଅପ୍ରାସଙ୍ଗିକ ନୁହେଁ, ମାତ୍ର ଏହା କରାଯାଉ ଥିଲା, ନୀତିଶିକ୍ଷାକୁ ଆଗରେ ରଖି ।

ଯାତ୍ରା, ଲୀଳା ଏବଂ ଛଉନୃତ୍ୟ-ଏ ତିନୋଟି ଲୋକକଳା ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଶେଷ ଭାବରେ ଆତ୍ମପ୍ରକାଶ କରିଛି । ଇତିମଧ୍ୟରେ ଏ ଏଗୁଡ଼ିକ ନିଜ ନିମନ୍ତେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପରମ୍ପରା ସୃଷ୍ଟିକରିନେଇଥିବା ମଧ୍ୟ ଆନନ୍ଦର କଥା । କେବଳ ଏଗୁଡ଼ିକର ସାମାଜିକ ଦାୟିତ୍ୱ ପାଳନର ଉଦାସୀନତା ସମ୍ପର୍କରେ ହିଁ ଆମର ଅନୁଯୋଗ । ମନୋରଞ୍ଜନ ଏହାର ମୂଳଲକ୍ଷ୍ୟ, ଏହା ସତ୍ୟ । ମାତ୍ର ଅଶିକ୍ଷିତ ତଥା ଅର୍ଦ୍ଧଶିକ୍ଷିତ ଜନତା ଏହା ସହିତ ମୁଖ୍ୟ ଭାବରେ ସମ୍ପୃକ୍ତ ଥିବାରୁ ସମାଜ ସଂସ୍କାର ଶୁଚିତା ବଜାୟ ରଖିବା ନିମନ୍ତେ, ଲୋକଶିକ୍ଷାର ବାହକ ରୂପରେ ଏହାର ଭୂମିକାକୁ ଅସ୍ୱୀକାର କଲେ ଆଦୌ ଚଳିବ ନାହିଁ । ବାସ୍ତବତା ମଧ୍ୟରୁ ଏ ଉଭୟ ପ୍ରବୃତ୍ତିର ଅନ୍ୱେଷଣ ଏବଂ ତାହାର କଳାତ୍ମକ ଉପସ୍ଥାପନ ହିଁ ଲୋକନାଟକର ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି ମନେ କରାଯାଏ । ଲୋକନାଟକର ପ୍ରଧାନ ସମ୍ପର୍କ ହୃଦୟ ବୃତ୍ତି ସହିତ । ରସପ୍ରଧାନ କଥାବସ୍ତୁ ହିଁ ଦର୍ଶକର ମନରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିପାରେ । ଏ ଦେଶର ସାମାଜିକ ଜୀବନ ଚହଲିରୁ ମୁକ୍ତ ହୋଇ ନଥିବାରୁ ଲୋକନାଟ୍ୟକାର-ମାନଙ୍କୁ ବିଷୟବସ୍ତୁ ନିମନ୍ତେ ବାହାରକୁ ଯିବାକୁ ପଡ଼ିବ ନାହିଁ । ଏଇଠି ସେମାନଙ୍କପାଇଁ ପଡ଼ିଛି ଏକ ପରିଚ୍ଛନ୍ନ ଲକ୍ଷ୍ମଣ-ଗାର । କାରଣ ଯାହା ହେଉନା କାହିଁକି, ଏହାକୁ ଅତିକ୍ରମ କରିବା ଲୋକ ନାଟକ ପାଇଁ ଶୁଭଙ୍କର ହେବ କି ?

ହାରାମଣି ନିବାସ
ଦେଉଳସାହି
କଟକ-୮

## ପରିବାର କଲ୍ୟାଣ

ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଲୋକପ୍ରିୟ କରିବା ଓ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ରାଜ୍ୟ ପରିବାର କଲ୍ୟାଣ ବିଭାଗ ତରଫରୁ ଗତ ଡିସେମ୍ବର ମାସରେ ୧୧୧ ଟି ଚଳଚ୍ଚିତ୍ର ପ୍ରଦର୍ଶନ, ୯୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୨୫ଟି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏହା ବ୍ୟତୀତ ୨୫,୫୦୬ଟି ଶିକ୍ଷାବର୍ଗ ଗଠନ କରାଯାଇଥିଲା ଓ ୩୨୭ଟି ସଭା ମଧ୍ୟ କରାଯାଇଥିଲା । ୧୪,୦୫୬ଟି ଆଲୋଚନା ସଭା କରାଯାଇଥିଲା । ଏଥିସହିତ ପରିବାର କଲ୍ୟାଣ ବିଭାଗର କର୍ମଚାରୀମାନେ ୩ ଲକ୍ଷ ୯୫ ହଜାର ୧୬୨ ଜଣ ବ୍ୟକ୍ତିଙ୍କୁ ଭେଟି ପରିବାର କଲ୍ୟାଣ କାର୍ଯ୍ୟକ୍ରମର ଉପକାରିତା ସଂପର୍କରେ ବୁଝାଇଥିଲେ ।

# ଅତିବଡ଼ି ଓ ଭାଗବତ ରସ

ଶ୍ରୀ ତାରାକାନ୍ତ ମହାନ୍ତ

ଅଗମ୍ୟଭାବ ଜାଣେ ଯଶୋବନ୍ତ
ଗାରକଟାଯନ୍ତ୍ର ଜାଣେ ଅନନ୍ତ ।।
ଆଗତନାଗତ ଅଚ୍ୟୁତ ଭଣେ
ବଳରାମ ଦାସ ତତ୍ତ୍ୱ ବଖାଣେ ।।
ଭକତିଭାବ ଜାଣେ ଜଗନ୍ନାଥ
ପଞ୍ଚସଖାଏ ଓଡ଼ିଶା ମହନ୍ତ ।।

ଅତିବଡୀ ଜଗନ୍ନାଥ ଦାସଙ୍କୁ ଓଡ଼ିଶା ମାଟିରେ ନଜାଣିଛି କିଏ ? ଯିଏ ତାଙ୍କ ବିଷୟରେ ନପଢ଼ିଛି, ସେ ତାଙ୍କ ରଚିତ ଓଡ଼ିଆ ଭାଗବତର ବାଣୀ ଶୁଣିଛି । ଅତିବଡୀ ଜଗନ୍ନାଥ ଦାସ ଓଡ଼ିଶାର ଆବାଳ ବୃଦ୍ଧ-ବନିତା, ଆଚଣ୍ଡାଳ ବ୍ରାହ୍ମଣ, ଆମୂର୍ଖପଣ୍ଡିତ, ସମସ୍ତଙ୍କ ନିକଟରେ ସୁପରିଚିତ । ଓଡ଼ିଶା ବାହାରେ ମଧ୍ୟ ଭାଗବତର ଅତି ଆଦର ରହିଛି ।

୰ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କହିଥିଲେ, "ଭାଗବତ ଓଡ଼ିଆର ଆରାଧ୍ୟ ଦେବତା, ଧର୍ମଗ୍ରନ୍ଥ, ପାଠ୍ୟପୁସ୍ତକ । ଗୃହେ ଗୃହେ ଏହାର ଆଦର ଓ ପୂଜା × × × × ରାଞ୍ଚି ଜିଲ୍ଲାର ଅରଣ୍ୟ ମଧ୍ୟରେ, ବଙ୍ଗ ପ୍ରଦେଶର ରୂପନାରାୟଣ କୂଳରେ, ମାନ୍ଦ୍ରାଜର ଗୋଦାବରୀ ଅଞ୍ଚଳରେ, ମଧ୍ୟ ପ୍ରଦେଶର ଗିରି-ପ୍ରାନ୍ତରରେ, ଓଡ଼ିଶାର ସାଗର ସୈକତରେ ଜଗନ୍ନାଥଙ୍କର ପବିତ୍ର ପଦାବଳୀ ଅଦ୍ୟାପି ବିକଳାଙ୍ଗ ଓଡ଼ିଆ ଜାତିର ହୃତ୍‌ପିଣ୍ଡକୁ ଅକ୍ଷୁଣ୍ଣ ଓ ଜାଗ୍ରତ କରି ରଖିଛି ।"

ନାରୀକବି ବିଦ୍ୟୁତ୍‌ପ୍ରଭା ମହାନ୍ତି ଏହି ମହାନ୍ ଜାଜ୍ଜ୍ୱଲ୍ୟମାନ ପ୍ରତିଭାଙ୍କର ପ୍ରଶସ୍ତି ଗାନ କରିବାକୁ ଯାଇ ଲେଖିଛନ୍ତି:–

"ଅଦ୍ଭୁତ ସାଧନବଳେ ବେଦସିନ୍ଧୁ ମନ୍ଥି
ବାହି ଏକ ସୁମହତ ଅମୃତ ବିଭୂତି ।।
ଜାତିହାତେ ହେ ଦ୍ୱିତୀୟ ବ୍ୟାସ ତପୋଧନ
ପ୍ରତ୍ୟକ୍ଷରେ ନର ଦେହେ ଜିଣିଛ ଶମନ ।"

୰କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଅତିବଡ଼ୀ ଓ ଅତିବଡ଼ୀଙ୍କ ଭାଗବତ ସଂପର୍କରେ ଲେଖିଛନ୍ତି–

"ଓଡ଼ିଆ ଘରଣୀ ସଞ୍ଜ ଜାଳଇ
ଯାହା ଲେଖାତଳେ ଆଜି
ଏବେ ବି ଗାଆଁରୁ ଯାଇନାହିଁ ସେହି
ଭାଗବତ ଗାଦି ଛଳି ।
ଜାତିକୁ ଭାଷାକୁ ଦେଶକୁ ବଶରେ
ଅତିବଡ଼ କଲ ଯିଏ
ମଥା ନ ନୁଆଁଇ ତାହାରି ଚରଣେ
ଅଛି କି ଓଡ଼ିଆ କିଏ ?" ।।

ଓଡ଼ିଶାର ପଞ୍ଚସଖା ଭାଗବତକାର ଜଗନ୍ନାଥ ଦାସ, ମହାପୁରୁଷ ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ବଳରାମ ଦାସ ଓ ଶିଶୁ ଅନନ୍ତ ଆଜକୁ ପାଞ୍ଚଶତ ବର୍ଷ ପୂର୍ବେ ଯେଉଁ ଜ୍ଞାନ ମିଶ୍ରା ଭକ୍ତି ପ୍ରବାହରେ ଓଡ଼ିଆ ସାହିତ୍ୟରେ ଯୁଗାନ୍ତର ସୃଷ୍ଟି କରିଥିଲେ, ତାହା ସମସାମୟିକ ଭାରତୀୟ ସାହିତ୍ୟରେ ସୁଦ୍ଧା ବିରଳ । ଶ୍ରୀମଦ୍ ଭାଗବତର ସଂସ୍କୃତ ଭାଷ୍ୟକୁ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ଅନୁବାଦ କରିବାରେ ଜଗନ୍ନାଥ ଦାସ ଭାରତରେ ସର୍ବପ୍ରଥମ ଭାଷ୍ୟକାର । ମହାପ୍ରଭୁ ଶ୍ରୀଚୈତନ୍ୟ ଦେବ ତାଙ୍କୁ "ଅତିବଡ଼ୀ" ଉପାଧିରେ ବିଭୂଷିତ କରି ପୂଜ୍ୟପୂଜାର ଦୃଷ୍ଟାନ୍ତ ଦେଖାଇ ଯାଇଛନ୍ତି । କିନ୍ତୁ ଏ ଜାତି ତାଙ୍କୁ ଉଚିତ ପୂଜ୍ୟପୂଜାରେ ବ୍ୟତିକ୍ରମ କରି ଆସିଛି । ଆଜି ପର୍ଯ୍ୟନ୍ତ ଅତିବଡ଼ୀଙ୍କ ଜନ୍ମସ୍ଥାନ କପିଳେଶ୍ୱରପୁର ଶାସନ, ପ୍ରତିଷ୍ଠିତ ସାତଲହଡ଼ି ମଠ ଯଥେଷ୍ଟ ସମାଦର ଲଭ କରି ପାରିନାହିଁ । ଅତିବଡ଼ୀ ଜଗନ୍ନାଥ ଦାସଙ୍କର ସ୍ମୃତି ସ୍ମରଣ ହୁଏ ତାଙ୍କ ଜନ୍ମଦିନ ରାଧାଷ୍ଟମୀ ଓ ତିରୋଧାନ ଦିବସ ମାଘ ସପ୍ତମୀ (ତିଳ ସପ୍ତମୀ) ଦିନରେ । ଅବଶ୍ୟ ଅତିବଡ଼ୀ ସ୍ମୃତିରକ୍ଷା କମିଟି, ପୁରୀ ତାଙ୍କର ଆବିର୍ଭାବ ଓ ତିରୋଧାନ ଦିବସ ପାଳନ କରି ଆସୁଛନ୍ତି ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କର ତପ ତଥା ସାଧନାଭୂମି ସାତଲହଡ଼ି ମଠର ସର୍ବବିଧ ଉନ୍ନତି, ଗ୍ରାମେ ଗ୍ରାମେ ଭାଗବତଟୁଙ୍ଗୀର ପୁନରୁଦ୍ଧାର, ଜପ ଓ ସାଧନା ମନ୍ଦିର ନିର୍ମାଣ, ଗବେଷଣା ମନ୍ଦିର ଓ ଅତିବଡ଼ୀ ସଙ୍ଗ୍ରହାଳୟ ନିର୍ମାଣ କାର୍ଯ୍ୟଗୁଡ଼ିକୁ ଆଗେଇ ନେବାରେ ପ୍ରଶଂସନୀୟ ଉଦ୍ୟମ କରି ଆସୁଛନ୍ତି । ପୁରୀର ଲକ୍ଷ୍ମୀ ନାରାୟଣ ସତ୍‌ସଙ୍ଗ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ଆୟୋଜନ ମଧ୍ୟ ପ୍ରଶଂସନୀୟ ଉଦ୍ୟମ ଓ ପ୍ରଚେଷ୍ଟା । ପ୍ରାଚୀଗୁରୁ ଧର୍ମକ୍ଷେତ୍ରର ପ୍ରତିଷ୍ଠାତା ୰ବାବା ମଧୁସୂଦନଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱରସ୍ଥ ୬ ନମ୍ବର ୟୁନିଟ୍‌ରେ ପଞ୍ଚସଖାଙ୍କ ସ୍ଥାୟୀ ସ୍ମୃତି ପାଇଁ "ପଞ୍ଚସଖା ପୀଠ" ଆଜକୁ ୩ ବର୍ଷ ହେଲା (ତା ୨୮।୧।୮୧ ରେ ଉଦ୍‌ଘାଟନ) ତାଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଛି ।

ଅତିବଡ଼ୀ ଜଗନ୍ନାଥ ଦାସ ଗୋସ୍ୱାମୀ ଏକ ବ୍ୟକ୍ତି-ବିଶେଷ ନୁହନ୍ତି । ସେ ଏକ ଅନୁଷ୍ଠାନ । ସେ ଦିନେ

ପ୍ରତ୍ୟେକ ପ୍ରତିପଲ୍ଲୀରେ ଭାଗବତଟୁଙ୍ଗୀ ଓ ପରିବାର ମଧ୍ୟରେ ପ୍ରତିଷ୍ଠିତ ଭାଗବତ ଗାଦିରେ ଓଡ଼ିଆ ପ୍ରାଣକୁ ସ୍ପନ୍ଦିତ କରିଥିଲେ । ପ୍ରାଚୀ ନଦୀ କୂଳେ କୂଳେ ସନ୍ଥ ଗୋପୀ ଦାସ ବାରଗୋଟି ସ୍ଥାନରେ ବାରଗାଦି ସ୍ଥାପନ କରିଥିଲେ । ଅତିବଡ଼ୀ ସ୍ମୃତି ବିଜଡ଼ିତ ଏହିସବୁ ସ୍ଥାନ ଓ ବଡ଼ ଓଡ଼ିଆ ମଠର ପୁନରୁଦ୍ଧାର ହେବା ଉଚିତ୍ । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସହିତ ଅତିବଡ଼ୀଙ୍କ ସଂପର୍କରେ ଲୋକେ ବହୁତ କଥା ଜାଣନ୍ତି । ମାତ୍ର ଭକ୍ତ ମନେଇ ସାହୁଙ୍କ ସହିତ ତାଙ୍କ ସଂପର୍କରେ ଅନେକ କଥା ଏପର୍ଯ୍ୟନ୍ତ ଲୋକ ଲୋଚନକୁ ଆସି ପାରିନାହିଁ । ଏବେ ବି ଭକ୍ତ ମନେଇ ସାହୁଙ୍କ ସଂପର୍କରେ ଜନଶ୍ରୁତି ରଚନା କରି ଆସୁଛି ।

"ଜାଣ ଘୋଡା ମନେଇ ସାହୁ
ଚଢ଼ିବୁ କଣ୍ଟା ଖସି ଯାଉ ।"

ମନେଇ ସାହୁ ଜଗନ୍ନାଥ ଦାସଙ୍କର ସମସାମୟିକ । ଜଗନ୍ନାଥ ଦାସେ ସାତଲହଡ଼ି ମଠରେ ଭାଗବତ ରଚନା କରୁଥାନ୍ତି । ଘଟଣାକ୍ରମେ ଦୁଇ ଭକ୍ତଙ୍କର ଏକତ୍ର ମିଳନ ହୁଏ । ଭାବ ବିନିମୟରେ ଦୁହେଁ ବିଭୋର ହୋଇ ଉଠନ୍ତି । ଭାଗବତର ନାଆଁ ଶ୍ରୀମଦ୍ ଭାଗବତ ହେଉ— ଏହାହିଁ ଥିଲା ଭକ୍ତ ମନେଇ ସାହୁଙ୍କର ପରାମର୍ଶ । ପରମଭକ୍ତ ଜଗନ୍ନାଥ ଦାସେ ଏହା ଗ୍ରହଣ କରି ତଦନୁଯାୟୀ ଭାଗବତର ନାମ ଶ୍ରୀମଦ୍ ଭାଗବତ ରଖିଥିଲେ ।

ଓଡ଼ିଆ ଭାଗବତ ଓଡ଼ିଶାର ସାରସ୍ୱତଭଣ୍ଡାରକୁ ସମୃଦ୍ଧ କରିଛି । ଏହି ଭାଗବତ ଶୈଳୀରେ ଅନେକ ସାଧୁ ସନ୍ଥ ଭାଗବତ ରଚନା କରିଅଛନ୍ତି—ଯଥା ଶିଶୁ ଅନନ୍ତଙ୍କ 'ହେତୁ ଉଦୟ ଭାଗବତ', ଠାକୁର ଅଭିରାମ ପରମହଂସଙ୍କ ରଚିତ 'କଳକୀ ଭାଗବତ', ପ୍ରେମାସ୍ୱର୍ଣ୍ଣ ବାବା ମଧୁସୂଦନଙ୍କ ଦ୍ୱାରା ରଚିତ 'ମଧୁ ଭାଗବତ', ଶ୍ରୀବତ୍ସ ପାଢ଼ୀଙ୍କ ରଚିତ 'ଜୀବନ୍ମୁକ୍ତି ଭାଗବତ', ପୂଜ୍ୟପାଦ ମୌନୀ ବାବା (ସ୍ୱଦ୍ ଗୁରୁ ସୀତାରାମ ଦାସ ଓଁକାର-ନାଥଙ୍କ ଶିଷ୍ୟ)ଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ମହାପୁରାଣ ଓ ଭାଗବତ ଅନୁକରଣରେ ବୁଦ୍ଧ ଭାଗବତ, 'ତହସିଲ ଭାଗବତ, ଅହିଂସା ଭାଗବତ ଗ୍ରନ୍ଥାଦି ନବାକ୍ଷରୀ ଛନ୍ଦରେ ରଚିତ ହେଇଛି ।

ଓଡ଼ିଆ ସାରସ୍ୱତଭଣ୍ଡାର ଯେଉଁ ଗ୍ରନ୍ଥ ଲାଗି ପରିପୁଷ୍ଟ, ସେହି ଭାଗବତ ଧର୍ମ କଣ ଜଗନ୍ନାଥ ଦାସେ ତାହା ଅତି ସରଳ ଭାଷାରେ ବୁଝାଇ ଦେଇଛନ୍ତି:—

'କୃଷ୍ଣେ ଅର୍ପିତ ଯେତେ କର୍ମ, ସେ ଅଟେ ଭାଗବତ ଧର୍ମ' । ଭଗବତ୍ ପ୍ରାପ୍ତି ନିମନ୍ତେ ଭାଗବତର ରଚନା ଏହାକୁ ଅସ୍ୱୀକାର କରି ହେବ ନାହିଁ । ବ୍ୟାସ ଦେବଙ୍କ ରଚିତ ଅଷ୍ଟାଦଶ ମହାପୁରାଣ ମଧ୍ୟରୁ 'ଭାଗବତ' ଶ୍ରେଷ୍ଠ ପ୍ରତିପାଦିତ । ଏହା ୧୮୦୦୦ ଶ୍ଳୋକ, ୩୩୫ ଅଧ୍ୟାୟ ଓ ୧୨ ସ୍କନ୍ଧ ବିଶିଷ୍ଟ । ବଦ୍ଧଜୀବର ମୋକ୍ଷଗତି ପାଇଁ ହରିଗୁଣ କୀର୍ତ୍ତିତ । ଶୃଙ୍ଗୀମୁନୀଙ୍କ ଦ୍ୱାରା ଅଭିଶପ୍ତ ମହାରାଜା ପରୀକ୍ଷିତ ସାତଦିନ ମଧ୍ୟରେ ତକ୍ଷକ ଦଂଶନରେ ଜୀବନଲୀଳା ସାଙ୍ଗ କରିବା ଜାଣି ଗଙ୍ଗାକୂଳରେ ବହୁ ସାଧୁ ସନ୍ଥଙ୍କ ଗହଣରେ ଶୁକଦେବ ପରୀକ୍ଷିତଙ୍କୁ ସପ୍ତାହ ବ୍ୟାପୀ ଭାଗବତ ଶୁଣାଉଥିଲେ । ପରୀକ୍ଷିତ ମୋକ୍ଷ ପ୍ରାପ୍ତ ହେଲେ । ଏହିପରି ଶୁକଦେବ-ପରୀକ୍ଷିତ ସମ୍ବାଦ ମାଧ୍ୟମରେ ଭାଗବତ ବର୍ଣ୍ଣିତ ।

ପଞ୍ଚସଖା ଯଶୋବନ୍ତ ଭଗବତଙ୍କୁ ନିତ୍ୟଭଜନମାଳା କରିବା ପାଇଁ ଭାଗବତ ଭଜନମାଳା ପଦ୍ୟରେ ଲେଖିଛନ୍ତି— "ଭାଗବତ ଭଜନମାଳା, ।ମନ ସୂତ୍ରେ ଗୁନ୍ଥ ନକରି ହେଳା । (ପଦ) ।। ପ୍ରଥମ ଦ୍ୱିତୀୟେ ଆଗମ ଏ ବାଣୀ ତୃତୀୟେ ବ୍ରହ୍ମାଣ୍ଡ ସୃଜନ ହେଲା । ଚତୁର୍ଥରେ ଧ୍ରୁବ ତପ ଆଚରିଣ ଅଜପା ମନ୍ତ୍ରକୁ ହୃଦେ ବହିଲା । ପଞ୍ଚମରେ ପୃଥ୍ୱୀ ସାତଭାଗ କରି ବାଣ୍ଟିଣ ଭରତ ପୁତ୍ରକୁ ଦେଲା । ଷଷ୍ଠ ସ୍କନ୍ଧେ ପୁଣି ପାପୀ ଅଜାମିଳ ନାରାୟଣ ନାମ ମୁଖେ କହିଲା । ସପ୍ତମ ସ୍କନ୍ଧରେ ପ୍ରହଲ୍ଲାଦ ଜନ୍ମ ହିରଣାକ୍ଷ ବିଦାରଣ ହୋଇଲା । ଅଷ୍ଟମ ସ୍କନ୍ଧରେ ସମୁଦ୍ର ମନ୍ଥନ ଗଜ କୁମ୍ଭୀରଙ୍କ ଯୁଦ୍ଧ ଲାଗିଲା । ନବମ ସ୍କନ୍ଧରେ ବଂଶାନୁଚରିତ ଦଶମେ କହ୍ନାଇ ଜନ୍ମ ଲଭିଲା । ଗୋପ ବୃନ୍ଦାବନ ମଥୁରା ଦ୍ୱାରକା ବାଲଲୀଳାଭାବ ଏଥୁ ସରିଲା । ଏକାଦଶ ସ୍କନ୍ଧେ ତତ୍ତ୍ୱ ନିରୂପଣ ଉଦ୍ଧବେ ଶ୍ରୀହରି କରୁଣା ହେଲା । ଦ୍ୱାଦଶ ସ୍କନ୍ଧରେ ଆଗତ ଭବିଷ୍ୟ ପରୀକ୍ଷିତ ଆଗେ ଶୁକ କହିଲା । ଏକାକ୍ଷର ବ୍ରହ୍ମ ଯହିଁ ବିରାଜିତ ଅଧଃ ଊର୍ଦ୍ଧ୍ୱ ରୂପ ବାରି ନୋହିଲା । କହେ ଯଶୋବନ୍ତ ସେ ପାଦେ ଶରଣ ଅକାରଣେ ମୋର ଜନମ ଗଲା ।"

ଅତିବଡ଼ୀ ଜଗନ୍ନାଥ ଦାସ ଓ ତାଙ୍କର ସମସାମୟିକ ପଞ୍ଚସଖା ସମସ୍ତେ ପିଣ୍ଡ ବ୍ରହ୍ମାଣ୍ଡର ସାଧକ । ଭାଗବତକୁ ଯଥାର୍ଥ ଅନୁଶୀଳନ କଲେ ଏଥିରେ ବହୁ ଉପାଦେୟ ତତ୍ତ୍ୱ ଯଥା ଗୁରୁତତ୍ତ୍ୱ, ମନତତ୍ତ୍ୱ, କୃଷ୍ଣତତ୍ତ୍ୱ, ଆତ୍ମା ତତ୍ତ୍ୱ, ମୋକ୍ଷ ତତ୍ତ୍ୱ ଓ ସର୍ବ ଧର୍ମ ସମାନତ୍ୱ ପାପ ତାପ କ୍ଲିଷ୍ଟ ମାନବ ସମାଜକୁ ଶାନ୍ତି, ଅମୀୟ ଓ ଅଭୟ ବାଣୀ ଶୁଣାଇବାର ବହୁ ତତ୍ତ୍ୱ ଏଥିରେ ପର୍ଯ୍ୟବେସିତ । ସତ୍ୟ ସମ୍ବନ୍ଧରେ ଲେଖିଛନ୍ତି:-

ସତ୍ୟ ପରଂଧୀମହି:—

"ସତ୍ୟ ପରମାନନ୍ଦ ହରି । ଯାହା ଭାବିଲେ ଉଦ୍ଧରି (୧)

× × ×

ଭଗବାନ ଓ ଆତ୍ମାହିଁ ସତ୍ୟ—

ସମତା ଦୃଷ୍ଟି ସତ୍ୟ ଭାଷା । ନିତ୍ୟ କରିବ ଏଣେ ଆଶା
ବ୍ରହ୍ମ କ୍ଷତ୍ରିୟ ବୈଶ୍ୟ ଶୂଦ୍ର । ଚଣ୍ଡାଳ ପତିତ ବା କ୍ଷୁଦ୍ର
ସର୍ବ ସମାନ ଦେଖ ଚିରେ । ଶୁଣ ହୋ କହୁଅଛି ତୋତେ
ବେଦ ବିସ୍ତର ଅନୁମାନୁ । ସତ୍ୟ ନକହେ ଆତ୍ମାବିନୁ ।

× × × ×

ଆତ୍ମାକୁ ଆତ୍ମା ଯେବେ ସ୍ମରେ । ପରମ ଆନନ୍ଦ ବିହରେ
ଆତ୍ମାର ଗୁପ୍ତ ମୁଁ ଆପଣେ । ତେଣୁ ଧରିଛି ତାକୁ ମନେ

× × ×

ଏ ଜୀବ ମିଥ୍ୟାବୋଲି ଜାଣ । ଆତ୍ମାଟି କେବଳ ପ୍ରଧାନ ।
ଆତ୍ମାଟି ଅଟଇ କରତା । ଆତ୍ମାଟି ଅଟଇ ଦେବତା

ଆତ୍ମା ହେଲେ ପିଣ୍ଡ ଅନ୍ତର । କେ କାହା କୁଟୁମ୍ବ ସୋଦର
ଆତ୍ମାଟି ସୂକ୍ଷ୍ମ ଶୂନ୍ୟ ମତ । ଗୁପତେ ଥାଇ ଜଡ଼ବତ ।
ଆତ୍ମାଟି ଅକ୍ଷୟ ପୁରୁଷ । ମୃତ୍ତିକା ପିଣ୍ଡେ ଯାଏ ନାଶ ।
ଆତ୍ମାଟି ଗଲେ ହୁଏ ଏକା । ପିଣ୍ଡ ଚଣ୍ଡାଳ ତୁଲେ ଲେଖା
ଆତ୍ମା ଗଲେ ଅପୂଜା ଦେହୀ । ଛୁଇଁଲେ ପାତକ ଲାଗଇ
ଆତ୍ମାଟି ଭୋଗଖାଇ ହୃଷ୍ଟ । ଜଡ଼ ଆତ୍ମାର ତୁଚ୍ଛ ଘଟ
ଆତ୍ମାଟି ଜଗତେ ସୁଲଭ । ଆତ୍ମାଟି ଜଗତେ ଦୁର୍ଲ୍ଲଭ
ଆତ୍ମା ପୁରୁଷ ପୂଜାପାଏ । ମୂଳ ଅମୂଳ ସର୍ବଠାଏ
ଆତ୍ମା ଦିଶଏ ଦେଖ ଥାଇ । ଆତ୍ମାକୁ ଆତ୍ମା ଉଦ୍ଧରଇ ।

× × ×

ଆତ୍ମାକୁ ଦେଖ ସର୍ବମୟେ । ବିବେକ ସୁଜ୍ଞାନ ଉଦୟେ ।
ସମାଧି ବସି ଯୋଗ ଧ୍ୟାନେ । ଆତ୍ମାକୁ ଦେଖେ ଆତ୍ମାଜ୍ଞାନେ

× × ×

ଆତ୍ମାକୁ ବୁଝାଇ ଆପଣେ । ସୁମତି ଆତ୍ମା ଗୁରୁପଣେ
ଆତ୍ମାରେ କରେ ଆତ୍ମଜ୍ଞାନ । କେବଳ ଚିତ୍ତେ ଅନୁମାନ
ଆତ୍ମା କୁଶଳେ ସର୍ବ ସିଦ୍ଧି । ତରଇ ସଂସାର ଜଳଧି ।
ଜ୍ଞାନ ବୁଝାଇ ଧୀର ପଣେ । ଆତ୍ମ ସମାଧି ଅଭ୍ୟାସେଣେ
ଆତ୍ମାକୁ ଦେଖ ସର୍ବଭୂତେ । ନିର୍ଲେପ ସର୍ବ ଶକ୍ତିଯୁତେ ।

× × ×

ସକଳ ଜୀବେ ନରହରି । ବସଇ ଆତ୍ମା ରୂପଧରି ।
ସମେ ବସଇ ସର୍ବ ଦେହେ । ମୂଢ଼ ନଜାଣେ ମାୟା ମୋହେ

× × ×

ଦେହକୁ ଦେଖୁଥିବ ଭିନ୍ନ । କାଷ୍ଠରେ ଯେହ୍ନେ ହୁତାଶନ
ଏ ରୂପେ ଆତ୍ମା ନିର୍ବିକାର । ଏ ଦେହେ ଗୁଣରୁ ବାହାର ।

× × ×

ଅତିବଡ଼ୀଙ୍କ ଭାଷାରେ ଆତ୍ମବିତ୍ ଆମୈବଭବତି । ସଂସାରରେ ସତ୍ୟ ଧର୍ମ ହେଉଛି ଆତ୍ମା ଧର୍ମ । ବ୍ରହ୍ମବିତ୍ ବ୍ରହ୍ମୈବ ଭବତି । ଆଦିଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା, ଜୀବ ବ୍ରହ୍ମୈବ ନା ପରଂ । ଭାଗବତର ଅସଲ ରସ ହେଉଛି ଆତ୍ମରସ । ସତ୍ୟ ଧର୍ମବାଣୀ ପ୍ରଚାରକ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ଅତୀବଡ଼ିଙ୍କ ପ୍ରେରଣାରେ ଆତ୍ମରସ ଆସ୍ୱାଦନ କରିବାକୁ ଭାଗବତର ଯଥାର୍ଥ ଅନୁଶୀଳନ କରିବାକୁ ଯାଇ ତାଙ୍କର ବାରତତ୍ତ୍ୱ ଭଜନରେ ଲେଖିଛନ୍ତି ।

"ବାଉଳା ଚିତ୍ତ ବାରେ ଚିନ୍ତ ବାଆରତତ୍ତ୍ୱ
ବସି ଧ୍ୟାନେ ଭଜ ଗୁରୁ ଜଗନ୍ନାଥ ।

× × ×

ବାର ସ୍କନ୍ଧ ଭାଗବତ ବାରେ ବାରେ କର ପାଠ
ବାଆର ବାରରେ ନିତ୍ୟ ହୁଅ ଆସକ୍ତ ।
ବାରେ ନିଶ୍ୱାସ ପ୍ରଶ୍ୱାସେ ବାରେ ବାରେ ହଂସାହଂସେ
ବ୍ରହ୍ମ ଜୀବ ଏକ ରସେ ମଜ୍ଜ ସତତ ।
ବାରାଙ୍ଗୁଳ ବାୟୁ ମଧ୍ୟେ ବାରଜ୍ଞାନ ପ୍ରେମାନନ୍ଦେ
ବାରେ ମଧୁଦାସ ବଦେ ଆତ୍ମା ଶାଶ୍ୱତ ।"

## ଅତିବଡ଼ୀଙ୍କ ଦର୍ଶନରେ ମୋକ୍ଷ ତତ୍ତ୍ୱ :

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦର୍ଶନରେ ମୋକ୍ଷ ନିମିତ୍ତ ନିଷ୍କାମ ଭକ୍ତି ଓ ନାମ ପ୍ରେମରେ ନିମଗ୍ନ ହେବା ହେଉଛି ପ୍ରକୃଷ୍ଟ ମାର୍ଗ । ତେଣୁ ସେ ନାମ ସମ୍ପର୍କରେ ସୂଚନା ଦେଇଛନ୍ତି

"ଏ କଳିଯୁଗେ ଏକାସାର । ଭଜନେ ଶ୍ରୀକୃଷ୍ଣ ପୟର
ଏ ବିନା ଅନ୍ୟ ଗତିନାହିଁ । ଭଜ ସୁମନେ ମନଦେଇ ।

× × ×

ଚିତ୍ତେ କରନ୍ତି ଅନୁରାଗ । ଆମ୍ଭେ ଜନ୍ମିବୁ କଳିଯୁଗ
ଯେ ଯୁଗ ନାମ ସଂକୀର୍ତ୍ତନ । କରି ତରିବେ ସର୍ବଜନ ।

× × ×

ଭକତି ଫଳର ପ୍ରତ୍ୟୟେ । ଯେ ଧର୍ମ ଅର୍ଥକାମ ମୋକ୍ଷେ
ଏ ଧର୍ମ ଜୀବ ଯେବେ ଭଜେ । ମୋର ଚରଣେ ସର୍ବତେଜେ
ନିର୍ବାଣ ପଦ ତତକ୍ଷଣେ । ଲଭଇ ମୋହର ଶରଣେ !

× × ×

ମଉନବ୍ରତ ତପ ଆଦି । ନିଖିଳ ଧାରଣା ସମାଧି
ନିର୍ମଳ ଭକ୍ତି ହୁଏଯେବେ । ନିର୍ବାଣ ମୁକ୍ତି ତାରଭାବେ ।

ସନ୍ଥକବି ସେଥିପାଇଁ ଗାଇଛନ୍ତି "ଦେହଧାରୀ ଅଛ ଯେତେ ଜଗତେ ହୋ, କର ନିଷ୍କାମ ଭକ୍ତି ସୁଚିତ୍ତେ ହୋ" ନିଷ୍କାମ ଭକ୍ତର ଲକ୍ଷଣ କଣ ? ଅତିବଡ଼ୀଙ୍କ ଭାଷାରେ :

"ଯେ ଦୁଃଖ ଶରୀରେ ତାହାର । ନ ବୋଲେ କୃଷ୍ଣ ଉଦ୍ଧର ।
ନରକେ ପକାଇଲେ ନେଇ । ରଖ ଗୋବିନ୍ଦ ନ ବୋଲଇ ।
ଯେବେ ଛେଦିବ ତାର ଶିର । ନ ବୋଲେ କୃଷ୍ଣ ରକ୍ଷାକର ।

× × ×

ଜାଣି ନଜାଣି ମୋ ମହିମା । ଭଜନ୍ତି ଭକତ ଉତ୍ତମା
ବିସ୍ମରି ସର୍ବ ଧର୍ମ ତେଜେ । ମୋତେ ଏକାନ୍ତ ଭାବେ ଭଜେ

× × ×

ମୋର ଅମୃତ କଥାସାର । ଶ୍ରବଣେ ଶ୍ରଦ୍ଧା ନିତ୍ୟେଯାର
ମୋ ରୂପ ଧ୍ୟାନେ ଦୃଢ଼ମତି । ସକଳ ମୋତେ ସମର୍ପନ୍ତି ।
ସେବକ ଭାବେ ଆତ୍ମାମନ । ମୋ ପାଦେ କରେ ନିବେଦନ

## ପରମ ସୁଖ ବୈରାଗ୍ୟ :

ଅତିବଡ଼ୀ ଲେଖିଛନ୍ତି :

ପରମ ସୁଖ ବଇରାଗ । ଆଶା ପରମ ଦୁଃଖ ଯୋଗ
ଏଣୁ ସକଳ ଆଶାତେଜି । ହରି ଚରଣ ଦୃଢ଼େ ଭଜି ।
ଯାବତ ଗୋବିନ୍ଦ ଚରଣ । ଏ ଜୀବ ନପଶେ ଶରଣ
ତାବତ ନୁହେଁ କେବେ ସୁଖୀ । ନିରତେ ତାପତ୍ରୟେ ଦୁଃଖୀ

× × ×

"ଏ ଯେ ମନୁଷ୍ୟ କଳେବର । ଦୁର୍ଲଭ କ୍ଷଣିକ ଭଙ୍ଗୁର
ତଥାପି ମନୁଷ୍ୟ ଶରୀରେ । ଭଜଇ ଗୋବିନ୍ଦ ପୟରେ ।"

ଯୁଗ ଧର୍ମ ଓ କଳିର ପ୍ରଭାବ : ଏ ସଂପର୍କରେ ଅତିବଡ଼ୀ ଲେଖିଛନ୍ତି :

"ସତ୍ୟର ସଙ୍ଗେ ତପଗଲା । ଶଉଚ ତ୍ରେତାରେ ରହିଲା
ଦ୍ୱାପର ଗଲା ଦୟା ସଙ୍ଗେ । ମିଥ୍ୟା ରହିଲା କଳିଯୁଗେ

× × ×

ତୁ ଯହିଁ ଥିବୁ ରାଜା ଘରେ । ଅଧର୍ମ ଯୂଥ ତୋ ସଙ୍ଗରେ
ଲୋଭ, ଅନର୍ଥ ଚୌର୍ଯ୍ୟକର୍ମ । ଏ ଆଦି ଶେଷ ଯେ ଅଧର୍ମ
ଦମ୍ଭ ଦୁର୍ଜନ ଆଚରିତେ । ମାୟା କଳହ ମୋହ ଯେତେ
ତୋହର ସଙ୍ଗେ ଥାନ୍ତି ଏତେ । × ×

× × ×

ଏ ଘୋର କଳିଯୁଗ ଗତି । ଲୋକେ ହୋଇବେ ଦୁଷ୍ଟମତି
ହିଂସା ବହିବେ ଏକେ ଏକେ । ସର୍ବେ ମଜ୍ଜିବେ ଦୁଃଖେସୁଖେ
ଅଗମ୍ୟେ କରିବେ ଗମନ । ନିନ୍ଦିବେ ନିଗମ ବଚନ ।
ଏଣୁ ହୋଇବେ ଅଳ୍ପାୟୁଷ । ପାପେ ସକଳେ ଯିବେ ନାଶ ।

ଭଗବତ୍ ପ୍ରାପ୍ତି ଓ କଳିର କୁପ୍ରଭାବରୁ ରକ୍ଷା ପାଇବା ସକାଶେ ଅତିବଡ଼ୀ ସତର୍କ କରି ଦେଇଛନ୍ତି ଓ ତହିଁର ଉପାୟ ବତାଇଛନ୍ତି ତାଙ୍କ ଭାଷାରେ :

"ଅସତ ସଙ୍ଗୁ ମୋହ ହୁଏ । ନାନା ଯୋନିରେ ଦେହ ଦହେ
ସାଧୁ ସଙ୍ଗଗୁଡ଼ି ଏହାର । ପବିତ୍ର ହୁଅଇ ଶରୀର ।

× × ×

ସତ୍‌ସଙ୍ଗ କଲେ :–

ନିଶ୍ଚଳ ମତି ହୋଏ ତହିଁ । ସଂସାର ସାଗରୁ ତରଇ
ସାଧୁ ସଙ୍ଗମ ପ୍ରଭାବରେ । ପ୍ରଭୁର କୃପା ହୋଏତାରେ

× × ×

କାଟନ୍ତୁ ବୃକ୍ଷ ଲୋକଯାଏ । ହିଂସ୍ରକ ହରିଙ୍କି ନପାଏ ।

× × ×

କର୍ମ କଷଣେ ସହି ଦୁଃଖ । କଦାପି ନୋହିବ ବିମୁଖ
କହଇ ବିପ୍ର ଜଗନ୍ନାଥ । କୃଷ୍ଣ ଚରିତ ଭାଗବତ ।

× × ×

ଦେଖ ଏ ସଂସାର ସାଗର । ଅତି ଉତ୍କଟ ଭୟଙ୍କର
କର୍ମ ବାସନା ରଜ୍ଜୁ ବନ୍ଦୀ । ଜୀବ ସଞ୍ଚରେ ନିରବଧି
ପୁଣି ଉଠଇ ପୁଣି ବୁଡ଼େ । ନିୟତ ପଥ ନିତ୍ୟ ହୁଡ଼େ
ଏ ଘୋର ସଂସାର ତରଙ୍ଗ । ନିସ୍ତାର ହେତୁ ସାଧୁସଙ୍ଗ ।

× × ×

ସର୍ବ ଶରୀର ମଧ୍ୟେ ସାର । ଦୁର୍ଲଭ ନର କଳେବର
ସୁଲଭ ନାବରୂପ ଘଟେ । ବନ୍ଧନ ଭବସିନ୍ଧୁ ତଟେ
ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର
ଏମନ୍ତ ନାବ ଥାଇ କୂଳେ । ଯେବେ ନତରେ ଭବଜଳେ
ସେ ନର ହୀନ ମୂଢ଼ମତି । ତାହାକୁ ବୋଲି ଆତ୍ମଘାତୀ

ଭାଗବତ ସ୍ୱାଧ୍ୟାୟ–ଅତବଡ଼ୀଙ୍କ ଭାଷାରେ :

"ପରମ ଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ
ଯେ ଅନ୍ୟ ଶାସ୍ତ୍ରେ ଗୁଣଦୋଷ । ମୁଖେ ନକରିବ ପ୍ରକାଶ
ମନ ବଚନ ପେଶେ ଗମି । ସେ ଶାସ୍ତ୍ରେ ହେଉଥିବ ଶ୍ରମୀ
ସତ୍ୟ କହିବ ନିତ୍ୟ ତୁଣ୍ଡେ । କେବେ ହେ ନଥିବ ପାଷାଣ୍ଡେ ।

ଅତିବଡ଼ୀଙ୍କ ରଚିତ ଭାଗବତ ଓଡ଼ିଆ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ଧନ । ଏହାର ଯଥାର୍ଥ ଅନୁଶୀଳନ ଓ ମନ୍ଥନ କଲେ ଜୀବ ନିଶ୍ଚୟ ସୁଖୀ ହେବ ଓ ଅତିବଡ଼ୀଙ୍କ ବାଣୀର ଯଥାର୍ଥ ପ୍ରଚାର ହେଲେ ଲକ୍ଷ୍ୟଭ୍ରଷ୍ଟ ବିପଥଗାମୀ ସମାଜର କଳୁଷ ଓ ଗ୍ଳାନି ଅଚିରେ ଦୂର ହେବ, ଏହା ନିଃସନ୍ଦେହରେ କୁହାଯାଇ ପାରେ । ଉତ୍କଳମଣିଙ୍କ ଭାଷାରେ :–


"ମହାତ୍ମା ଭାଷଣ ମହାତ୍ମା ଚିନ୍ତନ
ଦେଶେ ଯାଏନାହିଁ କେବେ ଅକାରଣ ।"


'ଜୟ ଅତିବଡ଼ୀ'

ରଚନା ଅଧିକାରୀ
ସୂଚନା ଓ ଲୋକସମ୍ପର୍କ ବିଭାଗ

## ଅର୍ଥନୈତିକ ଉତ୍ଥାନ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ ଯୋଜନା କରିଆରେ ଅଦ୍ୟାବଧି ୨ ଲକ୍ଷ ୬୮୬ [illegible] ଉପକୃତ ହୋଇପାରିଛନ୍ତି । ସେମାନଙ୍କ ମଧ୍ୟରୁ ୬୬,୯୪୯ ଜଣ କେବଳ ଭୂମିଭିତ୍ତିକ କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି । ଏହା ଛଡ଼ା ୧୨,୭୬୫ ଜଣ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ, ୭୫,୦୧୬ ଜଣ ପଶୁପାଳନ କ୍ଷେତ୍ରରେ ଏବଂ ୪୪,୯୫୬ ଜଣ କାରିଗରୀ ଭିତ୍ତିକ କ୍ଷେତ୍ରରେ ଉପକୃତ ହୋଇ ପାରିଛନ୍ତି । ଏହି ଯୋଜନାରେ ଚଳିତ ବର୍ଷ ୧ ଲକ୍ଷ ୧୪ ହଜାର ୭୧୩ ଜଣଙ୍କୁ ଉପକୃତ କରିବାର ପ୍ରସ୍ତାବ ଥିବା ସ୍ଥଳେ ବର୍ଷର ପ୍ରଥମାର୍ଦ୍ଧରେ ୩୨,୭୮୧ ଜଣ ଏହି ସୁଯୋଗ ପାଇସାରିଲେଣି ।






ପୋଲିସ୍ ପଦକ ପ୍ରଦାନ – AWARD OF POLICE MEDAL



ରାଜଧାନୀରେ ଗଣରାଜ୍ୟ ଦିବସ
REPUBLIC DAY CELEBRATIONS
AT BHUBANESWAR



. GOVERNOR TAKING SALUT



ଭୁବନେଶ୍ୱରରେ ଶହୀଦ ଦିବସ ପାଳନ..

MATYR'S DAY OBSERVED AT BHUBANESWAR







ଦିଲ୍ଲୀ ସାଧାରଣତନ୍ତ୍ର ଉତ୍ସବରେ ଓଡ଼ିଶାର କୋୟା ନୃତ୍ୟ...

KOYA TROUPE IN DELHI...






ଖଡ଼ିଆ ସାହିତ୍ୟ ସମାଜ ଉଦ୍‌ଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ . . .

C. M INAUGURATES KHARIA SAHITYA SAMAJ CENTINARY CELEBRATION . .



ଭୁବନେଶ୍ୱର ମହିଳା କଲେଜ ବାର୍ଷିକୋତ୍ସବରେ ରାଜ୍ୟପାଳ . .

GOVERNOR SHRI PANDE ADDRESSING ANNUAL D FUNCTION OF BHUBANES WOMEN'S COLLEGE.




NEWLY CONSTRUCTED KALYAN MANDAP at Bhubaneswar.




ପରିକଳ୍ପନା ସୁରମା ବୈଠକରେ
ଜଳସମ୍ପଦ ମନ୍ତ୍ରୀ ଶ୍ରୀ ଦିବ୍ୟବିଜୟ ସିଂ





'ବିଟିଂ ଦି ରିଟ୍ରିଟ୍' ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଅଭିବାଦନ ଗ୍ରହଣ

C.M SALUTING AT THE 'BEATING THE RETREAT' FUNCTION



ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ

C.M AT THE STATE FILM AWARD FUNCTION...



ଆଦିବାସୀ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ...

C.M GOING ROUND THE EXHIBITION AT ADIVASI GROUND...

# ସ୍ୱର୍ଗାଦପି ଗରୀୟସୀ

ଶ୍ରୀମତୀ ଛବି ମହାନ୍ତ

ସ୍ୱାମୀ ବିବେକାନନ୍ଦ କହିଥିଲେ "ପୁନରାୟ ତୁମ୍ଭ-ମାନଙ୍କୁ ସ୍ମରଣ କରାଇ ଦେଉଛି—ହେ ଭାରତ ! ଭୁଲ ନାହିଁ, ତୁମର ନାରୀ ଜାତିର ଆଦର୍ଶ, ସୀତା, ସାବିତ୍ରୀ, ଦମୟନ୍ତୀ ; ଭୁଲ ନାହିଁ, ତୁମର ଉପାସ୍ୟ ଉମାନାଥ ସର୍ବତ୍ୟାଗୀ ଶଙ୍କର ; ଭୁଲ ନାହିଁ, ତୁମର ବିବାହ, ତୁମର ଧନ, ତୁମର ଜୀବନ ଇନ୍ଦ୍ରିୟ ସୁଖ ପାଇଁ ନୁହେଁ । ତୁମେ ଜନ୍ମ ହେବା ଦିନଠାରୁ ମା'ଙ୍କ (ଭାରତମାତାଙ୍କ) ନିମିତ୍ତ ବଳି ପ୍ରଦତ୍ତ । ଭୁଲ ନାହିଁ, ତୁମର ସମାଜ ମହାମାୟାଙ୍କ ଛାୟା ମାତ୍ର " । ଅନ୍ୟ ଜଣେ ସନ୍ଥ କହିଛନ୍ତି :—

"ମାତା, ମାତୃଭୂମି, ମାତୃଭାଷାଦିନି
ସ୍ୱର୍ଗୁ ଗରୀୟସୀ ଚୌବର୍ଗ ଦାୟିନୀ " ।

ସାଂପ୍ରତିକ ପରିସ୍ଥିତିରେ ଦେଶରେ ମାତୃ ଜାତିର ବିଶେଷ ଆବଶ୍ୟକ ହେଉଛି । ସର୍ବ ଧର୍ମ ସମନ୍ୱୟ ମତବାଦ ପ୍ରଚାରକ ୰ପ୍ରେମାବତାର ବାବା ମଧୁସୂଦନ ନାରୀ ସମାଜକୁ ଯେଉଁ ଆହ୍ୱାନ ଦେଇଥିଲେ, ତାଙ୍କ ଭାଷାରେ ତାହା ନିମ୍ନମତେ ଉଦ୍ଧାର କରାଗଲା ।

"ଏଣୁ ନାରୀ ସମାଜକୁ ଅନୁରୋଧ କରୁଛି କି, ହେ ଶକ୍ତିସ୍ୱରୂପା ନାରୀ ଜାତି ! ତୁମେମାନେ କାମଗନ୍ଧ ଶୂନ୍ୟା ହୋଇ ସତ୍ୟ, ସାମ୍ୟ, ସହିଷ୍ଣୁ, ସାହସ, ଧୈର୍ଯ୍ୟ ଆଦି ସଦ୍‌ଗୁଣ ଧାରଣ କରିପାରିଲେ ତୁମ ହୃଦୟରେ ନିଶ୍ଚୟ ଜଗତ୍ ଜନନୀ ମହାଶକ୍ତିଙ୍କର ଆଦେଶ ହେବ । ଶୀଘ୍ର ରମଣୀତ୍ୱ ଭୁଲି ଜନନୀ ଆସନରେ ପ୍ରତିଷ୍ଠିତ ହୁଅ । ବାତ୍ସଲ୍ୟ ମମତାରେ ଅନ୍ତର ପୂର୍ଣ୍ଣ କରିଦିଅ । ଦୟା ଦୃଷ୍ଟି ନିକ୍ଷେପ କରି ଜଗତ ଜନତାକୁ ସନ୍ତାନ ସମ ଭାବି ଦୁଃଖ ଶୋକାକୁଳ ପ୍ରାଣରେ ସାନ୍ତ୍ୱନା ଦିଅ । "

ନାରୀ ଆଦ୍ୟାଶକ୍ତିର ସ୍ଫୁଲିଙ୍ଗ । ସେ କେତେବେଳେ ବାତ୍ସଲ୍ୟମୟୀ ମମତାମୟୀ ଦୁର୍ଗା ରୂପ ଧାରଣ କରେ ଓ କେତେବେଳେ କାଳ ଭୈରବୀ, ସଂହାରକାରିଣୀ ମହାକାଳୀ ରୂପ ଧାରଣ କରେ । ସେ ପୁଣି ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ସେ ଜନ୍ମ ନେବା ଦିନଠାରୁ ଅନେକ ଗୋଟି କାର୍ଯ୍ୟ ସଂପାଦନ କରେ । ସେ କନ୍ୟା, ସେ ଭଗିନୀ, ସେ ଜାୟା ଓ ସେ ଜନନୀ । ସୀତାଙ୍କୁ ରାବଣ ଅପହରଣ କରି ନେଲାପରେ ରାମଚନ୍ଦ୍ର ଯେତେବେଳେ ହା ସୀତେ ହା ସୀତେ କହି ଉଚ୍ଚ ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ, ଲକ୍ଷ୍ମଣ ସେତେବେଳେ କହିଲେ ସାମାନ୍ୟ ସ୍ତ୍ରୀ ପାଇଁ ଆପଣ ଏପରି ବ୍ୟଥିତ ହେଉଛନ୍ତି, ଆପଣଙ୍କ ପରି ମର୍ଯ୍ୟାଦା ପୁରୁଷ, ପୁରୁଷୋତ୍ତମଙ୍କ ପକ୍ଷରେ ଏହା ଶୋଭା ପାଏ ନାହିଁ । ତା'ର ଉତ୍ତର ଦେବାକୁ ଯାଇ ସତୀ ସୀତାଙ୍କର ସୁଗୁଣାବଳୀ ସଂପର୍କରେ କହିଥିଲେ, "ହେ ଲକ୍ଷ୍ମଣ, ସେ ମନ୍ତ୍ରଣାରେ ମୋର ମନ୍ତ୍ରୀ, ଗୃହ କାର୍ଯ୍ୟରେ ଗୃହରାଣୀ, ସହନଶୀଳତାରେ ଧରଣୀ, ମମତାରେ ଅବିକଳ ଜନନୀଙ୍କ ସଦୃଶ ଓ ସେ ମୋର ପ୍ରେମମୟୀ ସୀତା, ତେଣୁ ତାଙ୍କର ବିଚ୍ଛେଦ ମୁଁ ସହ୍ୟ କରି ପାରୁନାହିଁ ।" ତେଣୁ ଯେତେଦିନଯାଏ ସୂର୍ଯ୍ୟ ଚନ୍ଦ୍ର ଆତଯାତ କରୁଥିବେ, ସେତେଦିନ ପର୍ଯ୍ୟନ୍ତ ସୀତା ନାମର ବିସ୍ମରଣ ହେବ ନାହିଁ ।" ସତୀ ସୀତା ତାଙ୍କ ସତୀତ୍ୱ ଓ ସ୍ୱାମୀଙ୍କ ପ୍ରତି ପ୍ରଗାଢ଼ ଅନୁରକ୍ତି ସଂପର୍କରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ପରିସ୍ଫୁଟନ କରାଇଛନ୍ତି ମର୍ମସ୍ପର୍ଶୀ ଦୁଇଟି ପଦରେ ।

"ମୋ କର୍ମ ପାଇଁ ଦାୟୀ ନୁହନ୍ତି ବିଧି
କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ।"

ଯେତେବେଳେ ସୀତା ନିର୍ବାସୀତା ହୋଇ ବାଲ୍ମୀକିଙ୍କ ଆଶ୍ରମରେ ତପସ୍ୱିନୀ ଜୀବନଯାପନ କରୁଛନ୍ତି ଏବଂ ପ୍ରଭୁ ରାମଚନ୍ଦ୍ର ସୀତାଙ୍କୁ ବାଦଦେଇ ଅଶ୍ୱମେଧ ଯଜ୍ଞ କରୁଛନ୍ତି, ସେତେବେଳେ ଆଶ୍ରମର ବ୍ରହ୍ମର୍ଷିଣୀମାନେ ସୀତାଙ୍କ ଅନ୍ତରକୁ ବାଧିଲାଭଳି କଥା କହୁଛନ୍ତି । "ଯଦି ପ୍ରଭୁ ରାମଚନ୍ଦ୍ର ପ୍ରକୃତରେ ତୁମକୁ ଅନ୍ତରଭରି ଭଲ ପାଉଥାଆନ୍ତେ, ସେ ତୁମକୁ କ'ଣ ଆସି ଏ ତପୋବନରୁ ନେଇ, ତାଙ୍କ ବାମ କଡ଼ରେ ବସାଇ ଅଶ୍ୱମେଧ ଯଜ୍ଞ କରିନଥାନ୍ତେ ।" ତାହାର ଉତ୍ତର ସତୀସୀତା ଉପରୋକ୍ତ ଭାବେ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ସେ ଯେଉଁ କର୍ମଫଳ ଭୋଗ କରୁଛନ୍ତି, ବିଧିକୁ ସେଥିପାଇଁ ସେ ଦାୟୀ କରୁନାହାନ୍ତି ଏବଂ ସର୍ବୋପରି ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରତି ପ୍ରୟୋଗ ହେଇଥିବା କଟୁକ୍ତିକୁ କେବେ ସହ୍ୟ କରି ପାରିବେ ନାହିଁ ।

ସଂପ୍ରତି ଦାଂପତ୍ୟ ଜୀବନରେ ସାମାନ୍ୟ କଳହ ହେଲେ ତାହାର ଶେଷ ପରିଣତି ଅଦାଲତର ଆଶ୍ରୟ ନେଇ ସ୍ୱାମୀଠାରୁ ପୃଥକ୍ ରହିବା ଏବଂ ପୁନର୍ବିବାହ କରିବା । ଏସବୁ କରି ମଧ୍ୟ ଶାନ୍ତି ପାଇପାରୁ ନାହାଁନ୍ତି । ତେଣୁ ଭଗ୍ନ ହୃଦୟ ଓ ହତୋତ୍ସାହ ମନରେ ଆତ୍ମହତ୍ୟା, ମହାପାପ ଜାଣିମଧ୍ୟ ଆତ୍ମହତ୍ୟା କରୁଛନ୍ତି । ପ୍ରତ୍ୟେକ ଦିନ ସମ୍ବାଦ ପତ୍ରର ପୃଷ୍ଠା ଓଲଟାଇଲେ ନିଶ୍ଚୟ ଏ ସଂପର୍କରେ କିଛିନା କିଛି ସମ୍ବାଦ ରହିଥିବ ।

ନାରୀ, ସେ ମମତାମୟୀ, କ୍ଷମାମୟୀ ଓ ପ୍ରେମମୟୀ, କେବେହେଲେ ଭୁଲିଯିବା ଉଚିତ ନୁହେଁ । ପୁରୁଷ ସହିତ କାନ୍ଧ ମିଳାଇ ସେ ଆଗେଇ ଚାଲିବ । ପବିତ୍ର ବାଇବେଲ୍‌ରେ ଉଲ୍ଲେଖ ଅଛି—

"When Adam delved & Eve span,
Who was then the gentleman"

ଯୁଗେ ଯୁଗେ ପୁରୁଷ ନାରୀର ସାହଚର୍ଯ୍ୟ ଓ ସାହାଯ୍ୟ ଲୋଡ଼ିଛି ଏବଂ ନାରୀ ମଧ୍ୟ ପୁରୁଷର ସାହାଯ୍ୟ ଓ ସାହଚର୍ଯ୍ୟ ଲୋଡ଼ିଛି ।

ଭଗିନୀ ନିବେଦିତା ନାରୀଶକ୍ତି ସଂବନ୍ଧରେ କହିଥିଲେ—"ଆମେ ଆଶା କରିବୁ ନାହିଁ ନିରାଶ ମଧ୍ୟ ହେବୁ ନାହିଁ, ଆମେ ଦୃଢ଼ ନିଶ୍ଚୟ ଯେ ଆମେ ଅଗ୍ରଗାମୀ ମୃତ୍ୟୁଞ୍ଜୟୀ ଦଳ । ଆମେ ନିଜର ଶରୀର ଦେଇ ସେତୁ ନିର୍ମାଣ କରିବୁ । ପରବର୍ତ୍ତୀ ସେନାଦଳ ସେହି ସେତୁ ଉପର ଦେଇ ପାର ହୋଇଯିବେ ।" ନାରୀ ଏକାଧାରରେ ମମତାମୟୀ, ସ୍ନେହମୟୀ, କୃପାମୟୀ, କ୍ଷମାମୟୀ, ପ୍ରେମମୟୀ ଓ ସର୍ବଂସହା ଧରିତ୍ରୀ । ତାର ସେହି ଗୋଟିଏ ହାତରେ କୋମଳସ୍ପର୍ଶ ଓ କଠିନ ସ୍ପର୍ଶ ଥାଏ । ସେଥିପାଇଁ ଜଣେ ହିନ୍ଦି କବି କହିଛନ୍ତି :—

'ଯହି ସୀତା ବନି ଯହି ମୀରା ବନି
ଯହି ରାନୀ ବନିଥି ଝାନ୍‌ସୀ କେ
କଭି ଫୁଲ ଚଢ଼ାଏ ଭକ୍ତିକେ ଓୀର
ହାଥମେଁ ଲେ ତଲଓ୍ୱାର କଭି' ।

ମାତା, ସେ ସର୍ବଂସହା ଧରଣୀ ଓ ସୃଷ୍ଟିକାରିଣୀ । ବିଶ୍ୱବିଜୟୀ ବୀର ନେପୋଲିୟନ୍ ବୋନାପାର୍ଟଙ୍କ ମାତା ଲିଟିଜିୟା ବୋନାପାର୍ଟଙ୍କ ଅସୀମ ଧୈର୍ଯ୍ୟ ଓ ସ୍ଥିତପ୍ରଜ୍ଞ ସଂପର୍କରେ ଖୁବ୍ କମ୍ ଲୋକ ଜାଣନ୍ତି । ସେ ବିଧବା ହେବା ପରଠାରୁ ନେପୋଲିୟନ୍‌ଆଦି ପୁତ୍ରଗଣ ଓ କନ୍ୟାଗଣ ଅସୀମ ଦୁଃଖରେ କାଳାତିପାତ କରୁଥିବା ସମୟରେ ସେ ଦୁଃଖରେ ଅଧୈର୍ଯ୍ୟ ହୋଇ ନାହାନ୍ତି ଓ ନେପୋଲିୟନ୍ ଫ୍ରାନ୍‌ସର ସମ୍ରାଟ ଏବଂ ବିଶ୍ୱବିଜୟୀ ହେବାପରେ, ସେ ସୌଭାଗ୍ୟରେ ସୁଖରେ ଆତ୍ମହରା ବା ଗର୍ବିତା ହୋଇ ନାହାନ୍ତି । ମାତା ସେ ଜନନୀ । ସେ ବୀର ପ୍ରସବିନୀ ଓ ସ୍ୱର ପ୍ରସବିନୀ । ଶ୍ରୀରାମ୍, ଶ୍ରୀକୃଷ୍ଣ, ବୁଦ୍ଧ, ମହମ୍ମଦ, ମହାବୀର, ଯୀଶୁ, ଶଙ୍କର, ନାନକ, ଶ୍ରୀଚୈତନ୍ୟ, ତୁଳସୀଦାସ, ରାମକୃଷ୍ଣ ପରମହଂସ ଦେବ, ବିବେକାନନ୍ଦ, ଅରବିନ୍ଦ, ସ୍ୱାମୀ ରାମତୀର୍ଥ, ନିଗମାନନ୍ଦ, ଶିବାନନ୍ଦ, ଠାକୁର ଅନୁକୂଳଚନ୍ଦ୍ର ପ୍ରଭୃତି ସିଦ୍ଧ ସନ୍ଥ ଓ ମର୍ଯ୍ୟାଦାପୁରୁଷଙ୍କୁ ଯେଉଁ ଜନନୀ ଜନ୍ମ ଦେଇଛନ୍ତି ସେ ଧନ୍ୟା । କାରଣ ସେମାନେ ମାତୃଭୂମିର ଗର୍ବ ଓ ଗୌରବ । ସେହିପରି ଛତ୍ରପତି ଶିବାଜୀ, ରଣଜିତ୍ ସିଂହ, ଟିପୁ ସୁଲତାନ୍ ଓ ଶହୀଦ ଭଗତ ସିଂହଙ୍କ ପରି ଯେଉଁ ବୀରମାନଙ୍କୁ ଜନ୍ମ ଦେଇଛନ୍ତି ସେ ଧନ୍ୟା । ବିଶିଷ୍ଟ ଜନନାୟକ ମହାତ୍ମାଗାନ୍ଧୀ, ଅବ୍ରାହମ ଲିଙ୍କନ୍, ନେତାଜୀ ସୁଭାଷ ବୋଷ, ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ସନ୍ଥ ବିନୋବା, ପଣ୍ଡିତ ସର୍ବପଲ୍ଲୀ ରାଧାକୃଷ୍ଣନ୍, ରବୀନ୍ଦ୍ରନାଥ ଠାକୁର, ଲୋକନାୟକ ଜୟପ୍ରକାଶ, ବିଶିଷ୍ଟ ଜନନାୟକ, ଦାର୍ଶନିକ ଓ କବି ପ୍ରଭୃତିଙ୍କୁ ଯେଉଁ ଜନନୀ ଜନ୍ମ ଦେଇଛନ୍ତି ସେମାନେ ମଧ୍ୟ ଧନ୍ୟା । ସେହିପରି ବିଶିଷ୍ଟ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍, ସିଭିରମଣ ଓ ସାର ଜଗଦୀଶଚନ୍ଦ୍ର ବୋଷ ପ୍ରଭୃତିଙ୍କୁ ଯେଉଁ ଜନନୀମାନେ ଜନ୍ମ ଦେଇଛନ୍ତି ସେମାନେ ଧନ୍ୟା ।

ମାତା ସବୁବେଳେ ଓ ସବୁକାଳରେ ସୁମାତା । ମାତୃଭୂମିର ଭବିଷ୍ୟତ ଗଢ଼ିବ ନାରୀମାନଙ୍କୁ ସୁଶିକ୍ଷା ଦେଇ, ସେମାନଙ୍କର ନୈତିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ଘଟାଇବାରେ ସେମାନଙ୍କର ଅବଦାନ କମ୍ ନୁହେଁ । ମାତା ଯଦି ନିଜେ ନୈତିକତା ଆଚରଣ କରୁଥିବ ଓ ଆଧ୍ୟାତ୍ମିକ ମାର୍ଗକୁ ତାର ଜୀବନର ଶ୍ରେଷ୍ଠ ସମ୍ବଳରୂପେ ଗ୍ରହଣ କରିଥିବ, ତେବେ ସେହି ଅନୁସାରେ ଓ ସେହି ଆଦର୍ଶରେ ତା'ର ପୁତ୍ର କନ୍ୟାମାନେ ପ୍ରଭାବିତ ହେବେ ଓ ଅନୁପ୍ରାଣିତ ହେବେ । ତେଣୁ କନ୍‌ଫୁସିୟସଙ୍କ ଭାଷାରେ ଯଦି ପୃଥିବୀକୁ ସଂଶୋଧନ କରିବାକୁ ଚାହଁ ତେବେ ନିଜକୁ ପ୍ରଥମେ ସଂଶୋଧନ କର । ଆମ ସମ୍ବିଧାନରେ ସମାଜରେ ନାରୀମାନଙ୍କୁ ମର୍ଯ୍ୟାଦା ଦେବା ଭାରତୀୟ ନାଗରୀକଙ୍କର ମୌଳିକ କର୍ତ୍ତବ୍ୟ ବୋଲି ଲିପିବଦ୍ଧ ରହିଛି । ମହର୍ଷି ମନୁ ମଧ୍ୟ ବହୁ ପୂର୍ବରୁ ଏ କଥା ଉଲ୍ଲେଖ କରିଛନ୍ତି । ସଂପ୍ରତି ନାରୀ ଜାତି ନିର୍ଯ୍ୟାତିତ । ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ସମାଜରେ ପ୍ରଦର୍ଶନ କରାଯାଉ ନାହିଁ । ଅନେକ ବିବାହିତା ନାରୀ ଘୃଣ୍ୟ ଯୌତୁକର ଶୀକାର ହୋଇ ମୃତ୍ୟୁବରଣ କରୁଛନ୍ତି ।

ନାରୀ ସମାଜରେ ମର୍ଯ୍ୟାଦା ପାଇବ ଯଦି ସେ ନିଜେ ତା'ର ମର୍ଯ୍ୟାଦାକୁ ବଜାୟ ରଖେ । ଆମର ଲୌକିକ କଥା, "ଆଲୋ ସଖୀ, ଆପଣା ମହତ ଆପେ ରଖି" । ବର୍ତ୍ତମାନ ନାରୀ ଜାଗରଣ ପାଇଁ ସାରା ବିଶ୍ୱରେ ସ୍ୱର ଉତ୍ତୋଳନ ହେଉଛି । ନାରୀମାନଙ୍କ ମନରୁ ଅନ୍ଧ ବିଶ୍ୱାସ ଓ କୁସଂସ୍କାର ବିଲୋପ କରାଇବା ପାଇଁ ନାରୀ ଶିକ୍ଷାର ପ୍ରସାର ଉପରେ ବ୍ୟାପକ ଗୁରୁତ୍ୱ ଆରୋପ କରାଯାଉଛି । ଏସବୁ ସତ୍ତ୍ୱେ ନାରୀ କେବେ ଭୁଲିଯିବା ଉଚିତ ନୁହେଁ ଯେ ତାର ଚାରିଗୋଟି ଅବସ୍ଥାରେ ଯଥା—କନ୍ୟା, ଭଗିନୀ, ଜାୟା ଓ ଜନନୀ ରୂପରେ ବହୁତ କାମ କରିବାକୁ ଅଛି । ତେଣୁ ଭାରତୀୟ ନାରୀ ଆଦର୍ଶର ମହାନ୍ ପରଂପରା ସମ୍ବନ୍ଧରେ ନାରୀ-ଜାତିକୁ ସବୁବେଳେ ସ୍ମରଣ କରାଇ ଆଦର୍ଶ ପତ୍ନୀ ହିସାବରେ କସ୍ତୁରବା ଓ ଲଳିତାଶାସ୍ତ୍ରୀଙ୍କର ଆଦର୍ଶ ଗ୍ରହଣ କରିବାକୁ ପଡ଼ିବ । ସତୀ ସୀତା, ସାବିତ୍ରୀ, ଦମୟନ୍ତୀ ଓ ଅରୁନ୍ଧତୀଙ୍କର ସତୀତ୍ୱର ଆଦର୍ଶ, ଭଗବତ୍ ପ୍ରେମରେ ନିମଜ୍ଜିତ ସିଦ୍ଧ ସାଧିକା ମୀରାବାଈ, ମା ଶାରଦା ଦେବୀ, ଶ୍ରୀମା, ଦୟାମାତା, ଆନନ୍ଦମୟୀ ଦେବୀଙ୍କର ଆଦର୍ଶ ସେବିକା ଭାବେ ଭଗିନୀ ନିବେଦିତା ଓ ମଦର୍ ଟେରେସାଙ୍କର ଆଦର୍ଶ ଓ ବୀରାଙ୍ଗନା ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ସଂପର୍କରେ ଏବଂ ଆମମାନଙ୍କର ଶାସ୍ତ୍ର ଓ ପୁରାଣରେ ନାରୀର ଧର୍ମ ଓ ଭୂଷଣ ସଂପର୍କରେ ମଧ୍ୟ

ସେମାନଙ୍କୁ ସଚେତନ କରାଇବାକୁ ହେବ । ବର୍ତ୍ତମାନର ସଭ୍ୟତା ଜଡ଼ାଶ୍ରୟୀ । ଯଦି ଏହାର ସୌଧ ଆଧ୍ୟାତ୍ମିକ ଭିତ୍ତିରେ ନିର୍ମାଣ କରାନଯାଏ, ତେବେ ଏହି ସଭ୍ୟତା ଅଚିରେ ଧ୍ୱଂସ ପାଇବ ।

ନାରୀର ଶ୍ରେଷ୍ଠ ଭୂଷଣ କ'ଣ ଓ କେଉଁ ନାରୀ ଆଦର୍ଶ ସ୍ଥାନୀୟା, ସେ ସଂପର୍କରେ ପ୍ରେମାବ୍ଧି ବାବା ମଧୁସୂଦନ କହିଛନ୍ତି, "ନାରୀର ଶ୍ରେଷ୍ଠ ଭୂଷଣ ହିଁ ସତ୍ ଚରିତ୍ର । ଯେଉଁ ନାରୀ ସୁନା ରୂପାଦି ପାର୍ଥିବ ଭୂଷଣ, ବିଳାସ ବ୍ୟସନ ଓ ସୁଖ ଭୋଗାଶା ତ୍ୟାଗ କରି ସ୍ୱାମୀ ଭକ୍ତି, ଗୁରୁ, ଗୁରୁଜନ ସେବା, ଦୁଃଖୀରଙ୍କଙ୍କ ସେବା ଶୁଶ୍ରୁଷା କରେ, ସେହି ନାରୀ ହିଁ ଦୁନିଆଁରେ ଆଦର୍ଶ ସ୍ଥାନୀୟା । ଭାରତୀୟ ନାରୀର ଆଦର୍ଶ ସେ ପବିତ୍ରତା ଓ ସେ ସୁଗୃହିଣୀ । ଅତିବଡ଼ୀ ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି —

"ସ୍ୱାମୀର ଚରଣ କମଳେ, ସେବିବ ହୃଦୟ ନିଶ୍ଚଳେ
ସ୍ୱାମୀର ବନ୍ଧୁଥିବେ ଯେତେ, ତାଙ୍କ ପୋଷଣେ ଥିବ ନିତ୍ୟେ

❋ ❋ ❋ ❋

ଗୃହ ମାର୍ଜନ ଉପଲେପ, ମଣ୍ଡନ ସାୟଂକାଳେ ଦୀପ
ଆପେ ମଣ୍ଡିପ ନିରନ୍ତରେ, ଭୂଷଣ ଅଞ୍ଜନ ସିନ୍ଦୁରେ ।
ସନ୍ତୋଷ ଅଲୋଭ ସୁଦକ୍ଷ, ଧର୍ମଜ୍ଞ ପ୍ରିୟ ସତ୍ୟବାକ୍ୟ ।
ଶୁଚି ସୁସ୍ନିଗ୍ଧଯେ ରନ୍ଧନେ, ନିରତେ ସ୍ୱାମୀପାଦମନେ ।
ଯେ ନାରୀ ହରି ପ୍ରାୟନିତି, ସେବାକରନ୍ତି ନିଜପତି ।

ପୁରୁଷଠାରୁ ନାରୀ କୌଣସି ଗୁଣରେ ନ୍ୟୂନନୁହେଁ । ଅସୀମ୍ବଳନା ଓ ମସୀମ୍ବଳନା କ୍ଷେତ୍ରରେ ମଧ୍ୟ ସେ ପୁରୁଷସହ ପ୍ରତିଦ୍ୱନ୍ଦ୍ୱିତା ଓ ସହଯୋଗିତାକରି ଆସିଛି । ଶିକ୍ଷା, ସଂସ୍କୃତି ଓ ରାଜନୀତିରେ ସେମାନେ ଆଜି ସୁପ୍ରତିଷ୍ଠିତା । ପୁରୁଷ ସହିତ କାନ୍ଧକୁ କାନ୍ଧ ମିଳାଇ ଚାଲିଛନ୍ତି । ପ୍ରାଚୀନକାଳରୁ ଗାର୍ଗୀ ମୈତ୍ରେୟୀ ଓ ବିଶ୍ୱବାରା ପ୍ରଭୃତି ନାରୀମାନଙ୍କର ପାଣ୍ଡିତ୍ୟ ଓ ସଂପ୍ରତି ରାଜନୀତି କ୍ଷେତ୍ରରେ ସାଫଲ୍ୟ ହାସଲ କରିଥିବା ଗୋଲଡାମେର୍, ମାର୍ଗାରେଟ୍‌ଥାଚର, ଶିରିମାଭୋ ବନ୍ଦରନାୟକ, ଶ୍ରୀମତୀ ସରୋଜିନୀ ନାଇଡ, ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଓ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ସଂପର୍କରେ ସମସ୍ତେ ଭଲ ଭାବେ ଜାଣିଛନ୍ତି ।

ମାତୃଭୂମିର ସୁରକ୍ଷା ଓ ସଂହତିପାଇଁ କେତେକ ସାମାଜିକ ସଂସ୍କାରର ଆବଶ୍ୟକତା ଉପଲବ୍ଧି ହେଉଛି । ନାରୀଶିକ୍ଷାର ବିସ୍ତାର କରାଇବା ସଂଗେ ସଂଗେ ମାତୃଭୂମିର ଉନ୍ନତି ପାଇଁ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର, ପିଲମାନଙ୍କୁ ଉତ୍କୃଷ୍ଟ ନାଗରିକକରି ଗଢ଼ିତୋଳିବା, ପରିବାରର ଭରଣ ପୋଷଣପାଇଁ ବିଭିନ୍ନ ଅର୍ଥ ଉପାର୍ଜନକାରୀ ପନ୍ଥାର ଆଶ୍ରୟନେବା, ପୁତ୍ର କନ୍ୟାମାନଙ୍କୁ ବିଳମ୍ବରେ ଏବଂ ଉତ୍କୃଷ୍ଟ ସମୟରେ ବିବାହ ଦେବା, ସବର୍ଣ୍ଣ ଓ ଅସବର୍ଣ୍ଣ ବିବାହକୁ ଉତ୍ସାହିତ କରିବା, ଆନ୍ତଃସାଂପ୍ରଦାୟିକ ବିବାହପାଇଁ ପ୍ରୋତ୍ସାହନ ସୃଷ୍ଟିକରିବା, ନିଜକୁ ଶିକ୍ଷିତ କରାଇ ପିଲମାନଙ୍କୁ ଭାରତର ବିଭିନ୍ନ ଭାଷା ଓ ଲିପି ସଂପର୍କରେ ଶିକ୍ଷାଦାନ କରାଇବା ସୁମାତା ହିସାବରେ ମାତୃଭୂମିର ସଂହତିକୁ ସଙ୍ଗେ ସଙ୍ଗେ ବଜାୟ ରଖିବା ଆମ ସମସ୍ତ ନାରୀ ଜାତିଙ୍କର ଧ୍ୟେୟ ଏପରିକି, ଦେଶଗଠନରେ ଆମ୍ଭମାନଙ୍କର ଭୂମିକା ମଧ୍ୟ ରଚନାତ୍ମକ ଓ ପ୍ରେରଣା ଦାୟକ ହେବା ଉଚିତ ।

ଶ୍ରୀରାମଚନ୍ଦ୍ରଙ୍କ ଭାଷାରେ—"ଅପି ସ୍ୱର୍ଣ୍ଣମୟୀ ଲଙ୍କା ନମେ
ଲକ୍ଷ୍ମଣ ରୋଚତେ
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି
ଗରୀୟସୀ"

ପ୍ଲଟ ନଂ—୫୦୨
ନୂଆପଲ୍ଲୀ, ଭୁବନେଶ୍ୱର

## ପେନ୍‌ସନ ଓ ଗ୍ରାଚ୍ୟୁଇଟି

ଡାଇରେକ୍ଟର ଅଫ୍ ଟ୍ରେଜେରୀ, ଓଡ଼ିଶା, ଭୁବନେଶ୍ୱର ଜଣାଇଛନ୍ତି ଯେ ସରକାରୀ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରୁ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କ ପେନ୍‌ସନ୍ ଏବଂ ଗ୍ରାଚ୍ୟୁଇଟି ନିୟମର ପରିବର୍ତ୍ତନ କରାଯାଇଛି । ତଦନୁଯାୟୀ ତା ୧-୪-୮୨ ରିଖ ଏବଂ ତା'ପରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ବର୍ତ୍ତମାନର ବର୍ଦ୍ଧିତ ହାରରେ, ଅର୍ଥାତ୍ ସଂପୃକ୍ତ ଶିକ୍ଷାନୁଷ୍ଠାନ ସ୍ୱୀକୃତ ପାଇବା ଦିନଠାରୁ ଲାଗୁ ହେଉଥିବା ଅବସରକାଳୀନ ପ୍ରାପ୍ୟ ପାଇବାପାଇଁ ସେମାନଙ୍କର ନିଯୁକ୍ତିକାରୀ କର୍ତ୍ତୃପକ୍ଷଙ୍କ ଜରିଆରେ କୋଷାଗାର ନିର୍ଦ୍ଦେଶକ, ଓଡ଼ିଶା, ଭୁବନେଶ୍ୱର (ଡାଇରେକ୍ଟର ଅଫ୍ ଟ୍ରେଜେରୀଜ୍ ଆଣ୍ଡ ଇନ୍‌ସପେକ୍ସନ୍, ଓଡ଼ିଶା, ଭୁବନେଶ୍ୱର)ଙ୍କୁ ଶୀଘ୍ର ଆବେଦନ କରିବାକୁ ହେବ ।


କୋଡିଏ ଦଫାର
ଶୁଣ କାହାଣୀ
ଗାଆଁ ରେ ଗାଆଁ ରେ
ବିଜୁଳି ପାଣି

# ପ୍ରଗତି ପ୍ରସଙ୍ଗ

## ପରିବେଶ କଲ୍ୟାଣ

ରାଜ୍ୟର ୭ଟି ସହର ତଳି ବସ୍ତି ଅଞ୍ଚଳର ଉନ୍ନୟନ ସକାଶେ କେନ୍ଦ୍ରରୁ ୧୧ ଲକ୍ଷ ଟଙ୍କା ମିଳିଛି । ତଦନୁଯାୟୀ ଏହି ଉନ୍ନୟନ କାର୍ଯ୍ୟ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ରାଉରକେଲା (ସି. ଟି.), ରାଉରକେଲା (ଜି. ଟି), ସମ୍ବଲପୁର ଓ ଜଗତସିଂହପୁର ସହର ତଳି ବସ୍ତି ଅଞ୍ଚଳଗୁଡିକର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଆରମ୍ଭ କରାଗଲଣି । ଏହା ଫଳରେ ସେସବୁ ଅଞ୍ଚଳର ୧୫ ହଜାର ଲୋକ ଉପକୃତ ହେବେ ।

ରାଜ୍ୟର ବିଭିନ୍ନ ସହରର ଏଭଳି ବସ୍ତି ଅଞ୍ଚଳରେ ସର୍ବମୋଟ ୧୫ ଲକ୍ଷ ଲୋକ ବସବାସ କରୁଛନ୍ତି । ରାଜ୍ୟ ସରକାର କେବଳ କଟକ ସହର ତଳି ବସ୍ତି ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଅର୍ଥ ବିନିଯୋଗ କରୁଥିଲେ । ଏଭଳି ଉନ୍ନୟନ କାର୍ଯ୍ୟ ଅନ୍ୟସବୁ ସହର ତଳି ବସ୍ତି ଅଞ୍ଚଳକୁ ସଂପ୍ରସାରଣ କରାଯିବାର ଆବଶ୍ୟକତା ଅନୁଭବ କରି ରାଜ୍ୟସରକାର କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଥିଲେ । କେନ୍ଦ୍ରରୁ ମିଳିଥିବା ଏହି ୧୧ ଲକ୍ଷ ଟଙ୍କା ମଧ୍ୟରୁ ଭୁବନେଶ୍ୱର ପାଇଁ ୩ ଲକ୍ଷ ୧୫ ହଜାର ଟଙ୍କା, ପୁରୀ ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା, ବ୍ରହ୍ମପୁର ପାଇଁ ୧ ଲକ୍ଷ ୮୫ ହଜାର ଟଙ୍କା, ରାଉରକେଲା (ସି. ଟି.) ପାଇଁ ୭୫ ହଜାର ଟଙ୍କା, ରାଉରକେଲା (ଜି. ଟି.) ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା, ସମ୍ବଲପୁର ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ଜଗତସିଂହପୁର ପାଇଁ ୭୫ ହଜାର ଟଙ୍କା ବିନିଯୋଗ କରାଯାଉଛି ।

---

## ଟେଲିଭିଜନ୍‌ରେ ଶିକ୍ଷା

ଦେଶର ୬ ଟି ରାଜ୍ୟରେ ଟେଲିଭିଜନ ସାହାଯ୍ୟରେ ପ୍ରାଥମିକ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ଓଡିଶା ଉକ୍ତ ୬ଟି ରାଜ୍ୟ ମଧ୍ୟରୁ ଅନ୍ୟତମ । ଏଠାରେ ଇନ୍‌ସାଟ୍ (କୃତ୍ରିମ ଗ୍ରହ) ଜରିଆରେ ଶିକ୍ଷାଗତ ଟେଲିଭିଜନ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି । ଭାରତ ସରକାର ଏଥି-ପାଇଁ ସମ୍ବଲପୁର ଜିଲ୍ଲା ପ୍ରାଥମିକ ସ୍କୁଲଗୁଡ଼ିକୁ ୨୫୦ଟି, ଢେଙ୍କାନାଳ ଜିଲ୍ଲାକୁ ୨୦୦ଟି ଓ ବଲାଙ୍ଗୀର ଜିଲ୍ଲାକୁ ୨୦୦ଟି ଟେଲିଭିଜନ ସେଟ୍ ଯୋଗାଇଛନ୍ତି । ଏହିସବୁ ସେଟ୍ ପାଇଁ ଆବଶ୍ୟକ ହେଉଥିବା ବିଜୁଳି ଖର୍ଚ୍ଚ ଏବଂ ଏହାର ପରିଚାଳକମାନଙ୍କୁ ପାରିତୋଷିକ ରାଜ୍ୟ ସରକାର ବହନ କରୁଛନ୍ତି । ଯେଉଁସବୁ ପ୍ରାଥମିକ ଶିକ୍ଷାନୁଷ୍ଠାନକୁ ଟେଲିଭିଜନ ସେଟ୍ ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଛି, ସେସବୁ ଶିକ୍ଷାନୁଷ୍ଠାନକୁ ବିଜୁଳି ଆଲୋକ ଯୋଗାଇ ଦିଆଯାଇଛି । ଟେଲିଭିଜନ ମାଧ୍ୟମରେ ଶିକ୍ଷାଗତ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ଓ ନିରକ୍ଷର ବ୍ୟକ୍ତିମାନେ ବିଶେଷ ଉପକୃତ ହେଉଛନ୍ତି ।

## କୋର୍ଟଘର ଉଦ୍‌ଘାଟନ

ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀ ହରଲାଲଧର ପାଠକ କଟକ ଜିଲ୍ଲା ବାଙ୍କୀଠାରେ ୬ ଲକ୍ଷ ୧୧ ହଜାର ଟଙ୍କା ବ୍ୟୟରେ ନିର୍ମିତ ଦ୍ୱିତଳବିଶିଷ୍ଟ ସିଭିଲ୍ କୋର୍ଟ ଭବନ ଗତ ଫେବୃଆରୀ ୩ ତାରିଖ ଦିନ ଉଦ୍‌ଘାଟନ କରିଛନ୍ତି । ମାତ୍ର ୨ ବର୍ଷ ମଧ୍ୟରେ କଟକର ୧ ନମ୍ବର ପୂର୍ତ୍ତ ଡିଭିଜନ ଦ୍ୱାରା ଏହି ଭବନର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ସେଠାରେ ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ସୁସମ୍ପନ୍ନ ହୋଇ ପାରିଛି । ଭବନ ଉଦ୍‌ଘାଟନ କରି ଶ୍ରୀ ପାଠକ, ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଜିଲ୍ଲା ବୋର୍ଡ ଜଜ୍ ଏବଂ ସ୍ଥାନୀୟ ଆଇନଜୀବୀମାନଙ୍କ ଗହଣରେ ବିଭିନ୍ନ ପ୍ରକୋଷ୍ଠ ବୁଲି ଦେଖିଥିଲେ । ୧୯୮୧ ଡିସେମ୍ବର ମାସରେ ପୂର୍ବତନ ମାନ୍ୟବର ମୁଖ୍ୟ ବିଚାରପତି ତଥା ସୁପ୍ରିମ୍ କୋର୍ଟର ଜଷ୍ଟିସ୍ ଶ୍ରୀ ରଙ୍ଗନାଥ ମିଶ୍ର ଭବନର ଶିଳାନ୍ୟାସ କରିଥିଲେ ।

ଏ ଉପଲକ୍ଷେ ସେଠାରେ ଅନୁଷ୍ଠିତ ଏକ ଜନ ସମାବେଶରେ ମୁଖ୍ୟ ଅତିଥିରୂପେ ଉଦ୍‌ବୋଧନ ଦେଇ ଶ୍ରୀ ପାଠକ କହିଲେ ଯେ ଓଡ଼ିଶାର ପ୍ରାୟ ୬୮ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି । ରାଜ୍ୟର ଏତେ ସଂଖ୍ୟକ ଲୋକଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ବିଧାନ ଲାଗି ସରକାର ବିଭିନ୍ନ ଉନ୍ନୟନମୂଳକ ପରିକଳ୍ପନା କାର୍ଯ୍ୟକାରୀ କରୁଛନ୍ତି । ଆମର ପବିତ୍ର ସଂବିଧାନରେ ସମସ୍ତଙ୍କ ପ୍ରତି ସମାନ ନ୍ୟାୟ ପ୍ରଦାନ, ନାଗରିକଙ୍କ ମୌଳିକ ଅଧିକାର ଏବଂ ଭ୍ରାତୃଭାବ ପ୍ରତିଷ୍ଠା ଇତ୍ୟାଦି ମହତ୍ ଆଦର୍ଶ ବିଷୟରେ ଉଲ୍ଲେଖ ରହିଛି ବୋଲି ସୂଚନା ଦେଇ ଶ୍ରୀ ପାଠକ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକମାନେ ଯେପରି ସେଗୁଡ଼ିକ ପାଇବାକୁ

ବଞ୍ଚିତ ନ ହୁଅନ୍ତି, ସେ ଦିଗରେ ଦୃଷ୍ଟି ଦେବାକୁ ବିଚାରକ ଏବଂ ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ । ସେ ପୁଣି କହିଲେ ଯେ ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ବହୁ ସଂଖ୍ୟକ ଦରିଦ୍ର ଓ ଅଶିକ୍ଷିତ ଲୋକମାନଙ୍କୁ ସଂବିଧାନରେ ଲିପିବଦ୍ଧ ଆଦର୍ଶ ଓ ବିଭିନ୍ନ ଆଇନ କାନୁନ୍ ସଂପର୍କରେ ଅବହିତ କରିବା ଏକାନ୍ତ ଆବଶ୍ୟକ । ତା'ହେଲେ ସେମାନେ ନିଜ ନିଜର ନାଗରିକ ଅଧିକାର ଓ କର୍ତ୍ତବ୍ୟ ସଂପର୍କରେ ସଚେତନ ହୋଇପାରିବେ । ଦରିଦ୍ର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଉଦ୍ଦେଶ୍ୟରେ ସରକାର ଯେଉଁ ଆଇନଗତ ସହାୟତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି, ତାହା ପ୍ରଶଂସନୀୟ ବୋଲି ମତ ବ୍ୟକ୍ତ କରି ଶ୍ରୀ ପାଠକ ଏହାକୁ ଅଧିକ ଫଳପ୍ରଦ କରିବା ଲାଗି ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ନିଃସ୍ୱାର୍ଥପର ବିଚାରକ ତଥା ଆଇନଜୀବୀ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ତରବରରେ ବିଚାର କରି ନ୍ୟାୟ ପ୍ରଦାନ କରିବା ଯେପରି ବାଂଛନୀୟ ନୁହେଁ, ସେହିପରି ବିଚାର ଧାରାକୁ ବିଳମ୍ବିତ କରିବା ଉଚିତ ନୁହେଁ ବୋଲି ସେ ମତ ବ୍ୟକ୍ତ କରିଥିଲେ ।

ମାନ୍ୟବର ବିଚାରପତି ଶ୍ରୀ ନିରାକାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ ସମ୍ମାନୀୟ ଅତିଥିରୂପେ ଉଦ୍‌ବୋଧନ ଦେଇଥିଲେ । ଭାଷଣ ପ୍ରସଙ୍ଗରେ ଶ୍ରୀ ବିଶ୍ୱାଳ କହିଲେ ଯେ ଦେଶର ନ୍ୟାୟାଳୟଗୁଡ଼ିକ ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଅତୁଟ ରହିଥିବାରୁ ଆମର ଗଣତନ୍ତ୍ର ବଜାୟ ରହି ପାରିଛି । କିନ୍ତୁ ଲୋକଙ୍କର ଅର୍ଥନୈତିକ ଉନ୍ନତି ନହେଲେ, ସାମାଜିକ ନ୍ୟାୟ ମିଳିବା କଷ୍ଟସାଧ୍ୟ ହେବ ବୋଲି ମତ ବ୍ୟକ୍ତ କରି ଶ୍ରୀ ବିଶ୍ୱାଳ କହିଲେ ଯେ ସେଥିପାଇଁ ଦଳିତ ଲୋକଙ୍କ ଉନ୍ନତି କଳ୍ପେ ସରକାର ବହୁବିଧ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ସ୍ଥାନୀୟ କେତେକ ସମସ୍ୟା ସଂପର୍କରେ ଉଲ୍ଲେଖକରି ଶ୍ରୀ ବିଶ୍ୱାଳ କହିଲେ ଯେ ବିଗତ ବନ୍ୟାରେ ବିପୁଳ କ୍ଷତିଗ୍ରସ୍ତ ହୋଇଥିବା ବାଙ୍କୀରେ ସରକାରଙ୍କ ଦ୍ୱାରା ପୁନର୍ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ବାଙ୍କୀରେ ପାନୀୟ ଜଳ ଯୋଗାଣର ମଧ୍ୟ ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ ସେଠାରେ ଏକ ଟାଉନ୍ ହଲ୍ ଓ ଓକିଲ ସଂଘ ପାଇଁ ଏକ ଗୃହ ନିର୍ମାଣ ଦିଗରେ ସରକାର ଅଧିକ ସହାୟତା କରିବେ ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ । ଏହି ସଭାରେ ବିଧାୟକ ଶ୍ରୀ ଅଶୋକ କୁମାର ପଟ୍ଟନାୟକ ମଧ୍ୟ ଭାଷଣ ଦେଇଥିଲେ ।

ଭବନ ଉଦ୍‌ଘାଟନ ପାଇଁ ମୁଖ୍ୟ ବିଚାରପତି ଯେଉଁ କଇଁଚି ବ୍ୟବହାର କରିଥିଲେ, ତାହାକୁ ସଭାସ୍ଥଳରେ ନିଲାମ କରାଯାଇଥିଲା । ସର୍ବୋଚ୍ଚ ୨୦୧ ଟଙ୍କା ନିଲାମ ଡାକି ଶ୍ରୀ ନୃସିଂହ ଚରଣ ରାଉତ ମାନ୍ୟବର ମୁଖ୍ୟ ବିଚାରପତିଙ୍କଠାରୁ କଇଁଚି ଗ୍ରହଣ କରିଥିଲେ ।

---

# ଅଧିକ ପାନୀୟଜଳ

୨ ଲକ୍ଷ ୧୯ ହଜାର ଜନସଂଖ୍ୟା ବିଶିଷ୍ଟ ରାଜଧାନୀ ଭୁବନେଶ୍ୱର ଅଂଚଳରେ ଜନସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ଏବଂ ଏଠାରେ ନୂତନ ଶିଳ୍ପ କାରଖାନା, ଗୃହନିର୍ମାଣ ପ୍ରକଳ୍ପ ବ୍ୟବସାୟିକ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନସବୁ ଗଢ଼ିଉଠୁଥିବାରୁ ଅଧିକ ପରିମାଣର ପାନୀୟଜଳ ଏବଂ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଅଶୋଧିତ ଜଳ ଯୋଗାଇ ଦେବାର ଆବଶ୍ୟକତା ରହିଛି । ବର୍ତ୍ତମାନ ଦୈନିକ ୧ କୋଟି ୨୦ ଲକ୍ଷ ଗ୍ୟାଲନ୍ କ୍ଷମତା-ସଂପନ୍ନ ଜଳ ବିଶୋଧନାଗାରର ବିଭିନ୍ନ ଉପାୟ ଅବଲମ୍ବନକରି ଦୈନିକ ୧ କୋଟି ୬୦ ଲକ୍ଷ ଗ୍ୟାଲନ୍ ଜଳ ଯୋଗାଇ ଦିଆଯାଉଛି । ଏହା ସତ୍ତ୍ୱେ କ୍ରମବର୍ଦ୍ଧମାନ ଚାହିଦା ଦୃଷ୍ଟିରୁ ଜଳ ଯୋଗାଣ ପର୍ଯ୍ୟାପ୍ତ ହେଉନଥିବାରୁ କେତେକ ନୂତନ ପ୍ରକଳ୍ପ ହାତକୁ ନିଆଯାଉଛି ।

୨ କୋଟି ୨୮ ଲକ୍ଷ ଟଂକା ବ୍ୟୟ ଅଟକଳରେ ପଲାଶୁଣୀଠାରେ ଗତବର୍ଷଠାରୁ ଆରମ୍ଭ ହୋଇଥିବା ବିଶୋଧନାଗାରର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ଏହି ପ୍ରକଳପ ଅନ୍ତର୍ଗତ କୁଆଖାଇ ପମ୍ପ ହାଉସ୍ ଓ ପମ୍ପ ବସାଇବା କାର୍ଯ୍ୟ ପ୍ରାୟ ଶେଷ ହୋଇଗଲଣି ଏବଂ ପାଇପ୍ ଲାଇନ୍ କାମ ନିର୍ମାଣାଧୀନ ଅଛି । ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଏହି ପ୍ରକଳ୍ପଟି ସଂପୂର୍ଣ୍ଣହେଲେ ଭୁବନେଶ୍ୱର ସହରକୁ ଦୈନିକ ଅଧିକ ୯୦ ଲକ୍ଷ ଗ୍ୟାଲନ୍ ବିଶୋଧିତ ଜଳ ଯୋଗାଇ ଦିଆଯାଇ ପାରିବ ।

ସେହିପରି ଭୁଆସୁଣୀଠାରେ ଥିବା ଜଳ ବିଶୋଧନାଗାରରୁ ଦୈନିକ ଯେଉଁ ୧୯ ଲକ୍ଷ ଗ୍ୟାଲନ୍ ଜଳ ଉତ୍ପାଦିତ ହେଉଛି, ତାହା ଚାହିଦା ଦୃଷ୍ଟିରୁ ପର୍ଯ୍ୟାପ୍ତ ହେଉନଥିବାରୁ ଅଧିକ ଜଳ ଯୋଗାଣ ପାଇଁ ଅନ୍ୟ ଏକ ପ୍ରକଳ୍ପ ହାତକୁ ନିଆଯାଇଛି । ତଦନୁଯାୟୀ ଦୟା ନଦୀଠାରେ ପମ୍ପ ହାଉସ୍ ନିର୍ମାଣ ଏବଂ ଦୟାଠାରୁ ଭୁଆସୁଣୀ ପର୍ଯ୍ୟନ୍ତ ପାଇପ୍ ଲାଇନ୍ ବସାଇବା କାର୍ଯ୍ୟ ଇତ୍ୟାଦି ସଂପୂର୍ଣ୍ଣ ହେଲଣି । ଏହା ବ୍ୟତୀତ ଏହି ବିଶୋଧନାଗାରରେ ଥିବା ୪ଟି ଫିଲ୍‌ଟରରେ ଏକ ନୂତନ ପଦ୍ଧତି ପ୍ରୟୋଗ କରାଯାଉଛି ଏବଂ ଏଥିପାଇଁ ୧୫ ଲକ୍ଷ ଗ୍ୟାଲନ୍ ଜଳ ବିଶୋଧନ ଟାଙ୍କିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ସଂପୂର୍ଣ୍ଣହେଲେ ସେଠାରୁ ଦୈନିକ ୩୦ ଲକ୍ଷ ଗ୍ୟାଲନ୍ ବିଶୋଧିତ ଜଳ ଯୋଗାଇ ଦିଆଯାଇ ପାରିବ । ଏ ବାବଦରେ ସରକାର ୨୦ ଲକ୍ଷ ଟଂକା ମଂଜୁର କରିଛନ୍ତି ।

ସେହିପରି ୫ ନମ୍ବର ଜାତୀୟ ରାଜପଥର ଉତ୍ତର ପାର୍ଶ୍ୱରେ ଗଢ଼ିଉଠୁଥିବା ଚଂଦ୍ରଶେଖରପୁର ଗୃହ ନିର୍ମାଣ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥାଗୁଡ଼ିକର ନିର୍ମାଣପାଇଁ ଦୈନିକ ୧୫ ଲକ୍ଷ ଗ୍ୟାଲନ୍ ଅଶୋଧିତ ଜଳ ଯୋଗାଇ ଦିଆଯାଉଛି । ଏଥିପାଇଁ କାର୍ଯ୍ୟକାରୀ ହେଉଥିବା

ପରିକଳ୍ପନା ବାବଦରେ ୪୦ ଲକ୍ଷ ଟଂକା ବ୍ୟୟ ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ଅନ୍ତର୍ଭୁକ୍ତ ବୁଆଖାଇଠାରେ ପମ୍ପ ହାଉସ୍ ନିର୍ମାଣ, ୭ କି: ମି ଦୈର୍ଘ୍ୟର ପାଇପ୍ ଲାଇନ୍ ସ୍ଥାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସଂପୂର୍ଣ୍ଣ ହେଲଣି । ଚଂଦ୍ରଶେଖରପୁର ଅଂଚଳରେ କାର୍ଯ୍ୟକାରୀ ହେଉଥିବା ଗୃହ ନିର୍ମାଣ ପ୍ରକଳ୍ପ ଆସନ୍ତା ଡ଼ିସେମ୍ବର ସୁଦ୍ଧା ସଂପୂର୍ଣ୍ଣ ହୋଇଯିବା ପରେ ସେଠାର ଅଧିବାସୀମାନଙ୍କୁ ବିଶୋଧିତ ଜଳ ଯୋଗାଇଦେବା ଆବଶ୍ୟକ ହେବ । ସେହି ଦୃଷ୍ଟିରୁ ବର୍ତ୍ତମାନ ଦିଆଯାଉଥିବା ୧୫ ଲକ୍ଷ ଗ୍ୟାଲନ୍ ଅଶୋଧିତ ଜଳକୁ ବିଶୋଧନ କରାଯିବ । ରାଜ୍ୟ ସରକାରଂକ ଦ୍ୱାରା ଅନୁମୋଦିତ ଏହି ବିଶୋଧନ ଯୋଜନା ବାବଦରେ ୪୪ ଲକ୍ଷ ଟଂକା ବ୍ୟୟ ଅଟକଳ କରାଯାଇଛି ଏବଂ ଏହାକୁ ଆସନ୍ତା ଡ଼ିସେମ୍ବର ସୁଦ୍ଧା ସଂପୂର୍ଣ୍ଣ କରାଯିବବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

---

## କେନ୍ଦୁପତ୍ର ମୂଲ୍ୟ

କେଂଦୁପତ୍ର (ବ୍ୟବସାୟ ନିୟନ୍ତ୍ରଣ) ଅଧିନିୟମ ଅନୁଯାୟୀ ଉପଦେଷ୍ଟା କମିଟିଙ୍କ ପରାମର୍ଶକ୍ରମେ ଓଡ଼ିଶା ସରକାର ୧୯୮୪ ମସିହା ପାଇଁ ନିମ୍ନମତେ କେଂଦୁପତ୍ରର କ୍ରୟ ପାଇଁ ସର୍ବନିମ୍ନମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ସରକାର ବା ତାଂକର କୌଣସି ଭାରପ୍ରାପ୍ତ ଅଫିସର ରାଜ୍ୟ ମଧ୍ୟସ୍ଥ ସବୁ ୟୁନିଟ୍‌ରେ ଏହି ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ କେଂଦୁପତ୍ର କ୍ରୟ କରିବେ ।

(୧) ତୋଳାଳୀଂକଠାରୁ ବିଡ଼ି ତିଆରି ଉପଯୋଗୀ ୧୮ଟି କଂଚାପତ୍ର ବିଶିଷ୍ଟ ୧ କେରୀକୁ ୨ ପଇସା ଓ (୨) ଉତ୍ପାଦନକାରୀଂକଠାରୁ ପ୍ରସେସ୍ ହୋଇସାରିଥିବା ଏକ କୁଇଂଟାଲ ଶୁଖିଲା ପତ୍ର ବସ୍ତାକୁ ୧୨୫ ଟଂକା ମାତ୍ର । ଉତ୍ପାଦନକାରୀମାନେ ସେହି ପତ୍ରଗୁଡ଼ିକ ଜଂଗଲ ବିଭାଗ ଦ୍ୱାରା ସ୍ୱୀକୃତ କେଂଦ୍ରରେ ପ୍ରସେସିଂ କରାଇଥିବା ଆବଶ୍ୟକ ।

---

## E.R.R.P ସାଫଲ୍ୟ

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଡ଼ିସେମ୍ବର ଶେଷ ସୁଦ୍ଧା ରାଜ୍ୟର ମୋଟ୍ ୧ ଲକ୍ଷ ୧୯ ହଜାର ୨୧୬ଟି ପରିବାର ଉପକୃତ ହୋଇଛନ୍ତି । ଏ ମଧ୍ୟରେ ୨୪,୪୬୨ଟି ଅନୁସୂଚିତ ଜାତି ଓ ୨୮,୨୧୮ଟି ଅନୁସୂଚିତ ସଂପ୍ରଦାୟ ପରିବାର ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ଜାତୀୟକର୍ମ ଯୋଗାଣ ଯୋଜନା ଦ୍ୱାରା ଉନ୍ନୟନ କାର୍ଯ୍ୟରେ ୮୭ ଲକ୍ଷ ୬୦ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଆର୍ଥିକ ଦୁର୍ବଳ ଲୋକଂକୁ ଉପାର୍ଜନ ସୁବିଧା ଯୋଗାଇ ଦଆଯାଇ ଥିଲା ।

ଡ଼ିସେମ୍ବର ମାସ ଶେଷ ସୁଦ୍ଧା ୩,୬୪୦ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରିବା ସଂଗେ ସଂଗେ ୫୮,୭୧୧ଟି ଅନୁସୂଚିତ ଜାତି ଓ ୫୧,୫୭୨ଟି ଅନୁସୂଚିତ ସଂପ୍ରଦାୟ ପରିବାରଂକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

---

## ସିଂହ ସଫାରି

'ନଂଦନକାନନ' ଅଭୟାରଣ୍ୟ ନିର୍ମାଣ ହେବାର ଦୀର୍ଘ ୨୩ ବର୍ଷ ପରେ ୨୭ ଲକ୍ଷ ଟଂକା ବ୍ୟୟରେ ୨୦ ହେକ୍ଟର ପରିମିତ ଏକ ପ୍ରାକୃତିକ ଜଂଗଲ 'ସିଂହ ସଫାରୀ' ଗତ ଜାନୁଆରୀ ୨୦ ତାରିଖରେ ଏମ୍. ପି. ଶ୍ରୀ ରାଜୀବ ଗାଂଧୀ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ ।

ଏହି 'ସିଂହ ସଫାରୀ' ଉଦ୍‌ଘାଟିତ ହେବା ଫଳରେ ଜନସାଧାରଣ ଏକ ପ୍ରାକୃତିକ ଜଂଗଲ ବେଢ଼ା ମଧ୍ୟରେ ମୁକ୍ତ ସିଂହମାନଂକୁ ମାତ୍ର ୧ ଟଂକା ଟିକେଟ କରି ଦେଖିବାର ସୁଯୋଗ ପାଇବେ । ୧୦ ଟି ଆଫ୍ରିକୀୟ ସିଂହ ଏହି ସଫାରୀ ମଧ୍ୟରେ ଛଡ଼ାଯାଇଛି । ଏହି ସଫାରୀ ନିର୍ମାଣ ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ଦପ୍ତର ପକ୍ଷରୁ ୨୧ ଲକ୍ଷ ଟଂକା ଓ ରାଜ୍ୟ ସରକାରଂକ ପକ୍ଷରୁ ୬ ଲକ୍ଷ ଟଂକା ବରାଦ ହୋଇଥିଲା ।

ଶ୍ରୀ ଗାଂଧୀ ଏହି ସଫାରୀ ଉଦ୍‌ଘାଟନକରି ଜଂଗଲରେ ବନ୍ୟପ୍ରାଣୀମାନଂକୁ ଶିକାରକରି ଯେପରି ନଷ୍ଟଭ୍ରଷ୍ଟ କରିଦିଆଯାଉଛି, ସେଥିରୁ ଜନସାଧାରଣ ନିବୃତ୍ତ ହେବାପାଇଁ ଆହ୍ୱାନ ଦେବା ସଂଗେ ସଂଗେ ବନ୍ୟପ୍ରାଣୀମାନେ ସ୍ୱଚ୍ଛଂଦରେ ଅଭୟାରଣ୍ୟ ମଧ୍ୟରେ ପ୍ରାକୃତିକ ଓ ସ୍ୱାଭାବିକ ଜୀବନ ଯାପନ କରିବା ଉଦ୍ଦେଶ୍ୟରେ ଦେଶରେ ବହୁ ସଂଖ୍ୟକ ଅଭୟାରଣ୍ୟ ସୃଷ୍ଟି ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ ।

---

## ନୂତନ ଖଜଣା ପାଉତି ଫର୍ମ

ବର୍ତ୍ତମାନ ପ୍ରଚଳିତ ଥିବା 'ସି' ଚିହ୍ନିତ ଖଜଣା ପାଉତି ଫର୍ମ ୩୧-୩-୧୯୮୪ ତାରିଖ ପର୍ଯ୍ୟନ୍ତ ଲାଗୁ ରହିବ । ୧-୪-୮୪ ତାରିଖଠାରୁ ଧଳା (କ୍ରିମ୍) କାଗଜରେ ନୀଳ ଛପା ହୋଇ 'ଏନ୍' ସଙ୍କେତ ଥିବା ଖଜଣା ପାଉତି ଫର୍ମ ସମସ୍ତ ଜିଲ୍ଲାରେ ପ୍ରଚଳିତ ହେବ । ଏହି 'ଏନ୍' ସଙ୍କେତର ନିକଟରେ ସରକାରୀ ଛାପାଖାନାର ମୁଦ୍ରଣ ସୂଚକ ସଂଖ୍ୟା ୧, ୨, ୩ କିମ୍ବା ଅନ୍ୟ କୌଣସି କ୍ରମାନ୍ୱୟ ସଂଖ୍ୟା ରହିବ ବୋଲି ରାଜସ୍ୱ ବିଭାଗର ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି । ୧-୪-୮୪ ତାରିଖଠାରୁ ଭାରପ୍ରାପ୍ତ

ରାଜସ୍ୱ ଆଦାୟକାରୀ କର୍ମଚାରୀଙ୍କୁ ଖଜଣା, ସେସ୍, ଜଳକର ପ୍ରଭୃତି ଦେୟ ପଇଠ କଲାବେଳେ ଉପରୋକ୍ତମତେ 'ଏନ୍' ଚିହ୍ନିତ ଫର୍ମରେ ପାଉତି ଗ୍ରହଣ କରିବେ । ଅନ୍ୟ କୌଣସି ଫର୍ମରେ ପାଉତି ଗ୍ରହଣ କଲେ, ତାହା ଅସିଦ୍ଧ ଓ ଅଗ୍ରାହ୍ୟ ହେବ ବୋଲି ଉକ୍ତ ଇସ୍ତାହାରରେ ଜନସାଧାରଣଙ୍କୁ ସତର୍କ କରାଇ ଦିଆଯାଇଛି ।

## ଦେଶର

## ସର୍ବପ୍ରଥମ: ସୁପରକ୍ରୋମ କାରଖାନା

ଏଠାରୁ ୧୩୦ କି: ମି: ଏବଂ ଦୈତାରୀ ଏକ୍ସପ୍ରେସ ୱେ୍‌ରେ ପାରାଦୀପ ବନ୍ଦରଠାରୁ ୧୪୫ କି: ମି: ଦୂରବର୍ତ୍ତୀ କେନ୍ଦୁଝର ଜିଲ୍ଲାର ବାମନୀପାଲ୍ ଗ୍ରାମରେ ସରକାରୀ ଉଦ୍ୟମରେ ନିର୍ମିତ ହେଉଥିବା ସୁପରକ୍ରୋମ୍ କାରଖାନା ସମଗ୍ର ଦେଶରେ ସର୍ବପ୍ରଥମ । ପ୍ରସ୍ତାବିତ ଦୈତାରୀ ଇସ୍ପାତ କାରଖାନା ଅଞ୍ଚଳ ନିକଟବର୍ତ୍ତୀ ଏହି କାରଖାନାର ନିର୍ମାଣ ବାବଦରେ ୪୮ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଆସନ୍ତା ବର୍ଷ ଫେବୃଆରୀ ମାସରେ ଏହି କାରଖାନା ଚାଲୁ ହେବା ପରେ ବାର୍ଷିକ ୫୦ ହଜାର ଟନ୍ ସୁପରକ୍ରୋମ୍ ଏଥିରୁ ଉତ୍ପାଦିତ ହେବ ଏବଂ ସୁପରକ୍ରୋମ୍ ରପ୍ତାନି କରାଯାଇ ବାର୍ଷିକ ୨୦ କୋଟିରୁ ୨୫ କୋଟି ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ଉପାର୍ଜନ କରାଯାଇ ପାରିବ ।

ଓଡ଼ିଶାରେ ମିଳୁଥିବା ବିପୁଳ ପରିମାଣର ବିକ୍ରୟ ଅନୁପଯୋଗୀ କ୍ରୋମ୍ ପଥର ଗୁଣ୍ଡକୁ ଉପଯୋଗ କରି ଗଢ଼ିଉଠୁଥିବା ଏହି ଖଣିଜଭିତ୍ତିକ ବିରାଟ କାରଖାନା ରାଜ୍ୟର ଶିଳ୍ପ ପ୍ରଗତି କ୍ଷେତ୍ରରେ ଏକ ବିଶିଷ୍ଟ ମାଇଲ ଖୁଣ୍ଟ । ସରକାରଙ୍କ ଆନୁକୂଲ୍ୟରେ ଓଡ଼ିଶା ଖଣି ନିଗମ ଓ ଖଣି ନିଗମ ଆଇଏଲ୍ ସଂସ୍ଥାର ନିଷ୍ଠାପର ଉଦ୍ୟମରେ ଏବଂ ଦୁଇଟି ବିଦେଶୀ କମ୍ପାନୀର ବୈଷୟିକ ସହାୟତାରେ କାରଖାନା ନିର୍ମାଣ ପାଇଁ ଯେପରି ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି, ତାହା ବିଶେଷ ଅଭିନନ୍ଦନୀୟ । ଅଷ୍ଟ୍ରିଆର ଭୋଏଷ୍ଟ-ଆଲ୍‌ପାଇନ୍ ଆଗ୍ ଏବଂ ଫିନ୍‌ଲ୍ୟାଣ୍ଡର ଓ୍ୱଟୋକୁଂପୁ ଓ୍ୱାଇ ନାମକ ଦୁଇଟି ପ୍ରଖ୍ୟାତ ବିଦେଶୀ ତଥା ସରକାରୀ ସଂସ୍ଥା ଏହାର ନିର୍ମାଣ ଦିଗରେ ବିଶେଷ ସହାୟତା କରୁଛନ୍ତି । ଏହି କମ୍ପାନୀ ଦୁଇଟି ବିଦେଶରେ କେତେକ ସୁପରକ୍ରୋମ୍ କାରଖାନା ନିର୍ମାଣ କରି ବିଶେଷଜ୍ଞ ସଂସ୍ଥା ରୂପେ ଖ୍ୟାତି ଲାଭ କରିଛି । ସେମାନଙ୍କର ଅତ୍ୟାଧୁନିକ ବୈଷୟିକ ଜ୍ଞାନ ତଥା ଉତ୍କୃଷ୍ଟ ନିର୍ମାଣ କୌଶଳ ପ୍ରୟୋଗ କରାଯାଉଥିବାରୁ ବାମନୀପାଲ କାରଖାନାରେ ଅଳ୍ପ ବିଦ୍ୟୁତ୍‌ଶକ୍ତି ବ୍ୟବହାର କରି ଉନ୍ନତଧରଣର ସୁପରକ୍ରୋମ୍ ଉତ୍ପାଦିତ ହୋଇପାରିବ । ସେମାନେ ମଧ୍ୟ ଏହି କାରଖାନା ପାଇଁ ଆବଶ୍ୟକ ଡ୍ରଇଂ, ଡିଜାଇନ୍ ଓ ବିଶେଷ ଧରଣର ଯନ୍ତ୍ରପାତି ଯୋଗାଇ ଦେବା ସଙ୍ଗେ ସଙ୍ଗେ ଯନ୍ତ୍ରପାତି ବସାଇବା ଏବଂ ସେଗୁଡ଼ିକୁ ଚାଲୁ କରିବା ଇତ୍ୟାଦି କାର୍ଯ୍ୟରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିବେ ।

ବାମନୀପାଲ ସୁପରକ୍ରୋମ୍ କାରଖାନାର ବିଭିନ୍ନ ଯନ୍ତ୍ରପାତିରେ ବ୍ୟବହାର ପାଇଁ ଯେଉଁସବୁ ଯନ୍ତ୍ରାଂଶ କାଳକ୍ରମେ ଆବଶ୍ୟକ ପଡ଼ିବ, ସେଗୁଡ଼ିକୁ ସୁବିଧାରେ ତଥା ଯଥା ସମୟରେ ଯୋଗାଇ ଦେବା ଲାଗି ସେଠାରେ କେତେକ ଆନୁଷଙ୍ଗିକ କଳ-କାରଖାନା ଗଢ଼ିଉଠିବ । ଏହା ବ୍ୟତୀତ ଏହି କାରଖାନାରୁ ବର୍ଷକୁ ୬୦ ହଜାର ଟନ୍ ପର୍ଯ୍ୟନ୍ତ ଯେଉଁ ବିପୁଳ ପରିମାଣର ସ୍ଲାଗ୍ ବାହାରିବ, ତାହାର ମଧ୍ୟ ସଦୁପଯୋଗ କରାଯିବ । ସେଥିରୁ ସ୍ୱତନ୍ତ୍ର ଧରଣର ରିଫ୍ରାକ୍‌ଟୋରୀ ଏବଂ ଇଟା ପ୍ରସ୍ତୁତ କରାଯାଇ ପାରିବ । ଏହିସବୁ ଆନୁଷଙ୍ଗିକ ଶିଳ୍ପ କାରଖାନା ଯଥାଶୀଘ୍ର ବାମନୀପାଲର ନିକଟବର୍ତ୍ତୀ ଅଞ୍ଚଳରେ ଗଢ଼ିଉଠିବ ।

ମୁଖ୍ୟ କାରଖାନା ସଂପୂର୍ଣ୍ଣ ହେଲେ ସେଥିରେ ପ୍ରାୟ ୫୦୦ ଜଣ, ଆନୁଷଙ୍ଗିକ ଶିଳ୍ପଗୁଡ଼ିକରେ ୫୦୦ ଜଣ, ଏହିପରି ପ୍ରତ୍ୟକ୍ଷ ଭାବରେ ୧,୦୦୦ ଜଣ ଲୋକ ନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପରୋକ୍ଷ ଭାବରେ ବିଭିନ୍ନ କର୍ମନିଯୁକ୍ତି ପାଇପାରିବେ । ସର୍ବୋପରି ଖଣିଜ ସଂପଦପୂର୍ଣ୍ଣ ତଥା ଆଦିବାସୀବହୁଳ କେନ୍ଦୁଝର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ଏହି କାରଖାନା ମୁଖ୍ୟ ଭୂମିକା ଗ୍ରହଣ କରିବ ।

---

## ଜମିହୀନଙ୍କୁ ଜମି

ଭୂମିହୀନଙ୍କୁ ସରକାରୀ ଜମି ବଣ୍ଟନ କାର୍ଯ୍ୟକ୍ରମ ଅନୁଯାୟୀ ଗତ ସେପ୍‌ଟେମ୍ବର ମାସ ଶେଷ ସୁଦ୍ଧା ୬ ଲକ୍ଷ ୧୭ ହଜାର ୨୫୬ ଏକର ଜମି ବଣ୍ଟନ କରାଯାଇଛି । ଏହାଦ୍ୱାରା ସର୍ବମୋଟ ୬ ଲକ୍ଷ ୩ ହଜାର ୨୬ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩ ଲକ୍ଷ ୭୨ ହଜାର ୨୪୯ ଜଣଙ୍କୁ ୬ ଲକ୍ଷ ୨ ହଜାର ୮୧୮ ଏକର ଚାଷଜମି ଏବଂ ୨ ଲକ୍ଷ ୩୦ ହଜାର ୭୭୭ ଜଣଙ୍କୁ ୧୪,୪୩୭ ଏକର ଘରଡ଼ିହ ଯୋଗାଇ ଦିଆଯାଇଛି । କେବଳ ଚାଷଜମି ଦ୍ୱାରା ୧ ଲକ୍ଷ ୮୫ ହଜାର ୭୮୧ ଜଣ ଆଦିବାସୀ ଓ ୭୮,୨୩୦ ଜଣ ହରିଜନ ଏବଂ ଘରଡ଼ିହ ଦ୍ୱାରା ୮୦,୧୨୪ ଜଣ ଆଦିବାସୀ ଓ ୬୩,୫୭୪ ଜଣ ହରିଜନ ଉପକୃତ ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ଅପ୍ରେଲଠାରୁ ସେପ୍‌ଟେମ୍ବର ଶେଷ ସୁଦ୍ଧା ୧୧,୬୦୭ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨,୯୨୭ ଜଣଙ୍କୁ ୩,୬୫୬ ଏକର ଚାଷଜମି ଏବଂ ୮,୬୮୦ ଜଣଙ୍କୁ ୩୫୩ ଏକର ଘରଡ଼ିହ ବଣ୍ଟନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବଣ୍ଟନ କରାଯାଇଥିବା ୬ ଲକ୍ଷ ୧୭ ହଜାର ୨୫୬ ଏକର ଚାଷଜମି ଓ ଘରଡ଼ିହ ମଧ୍ୟରୁ ୫ ଲକ୍ଷ ୪୦ ହଜାର ୧୮୪ ଏକର ଜମି ଚିହ୍ନଟ କରାଯାଇ ସଂପୃକ୍ତ ବ୍ୟକ୍ତିଙ୍କୁ ଦଖଲ ଦିଆଯାଇଛି ।

---

OGP—MP-VI (I. & P. R.) 80—10,000— 11-4-1984

କରଦାତାମାନେ :
ଆପଣଙ୍କ ଧ୍ୟାନ ଆକର୍ଷଣ କରୁଛୁ
ବର୍ତ୍ତମାନ

# 6-ବର୍ଷୀୟ

## ଜାତୀୟ ସଞ୍ଚୟ ସାର୍ଟିଫିକେଟରେ

ଦୁଇଗୁଣା ଲାଭ ମିଳୁଛି ।

[illegible] : ଜୀବନ ବୀମା ପ୍ରିମିୟମ୍, [illegible] ଡିପୋଜିଟ [illegible] ଜାତୀୟ ସଞ୍ଚୟ ସାର୍ଟିଫିକେଟ ଉପରେ ଆୟକର ଆଇନର ଧାରା 80-ସି ଅନୁଯାୟୀ [illegible] ରିହାତି ମିଳୁଛି । [illegible] ପ୍ରକାର ଓ ସପ୍ତମ ପ୍ରକାରରେ ।

### ଷଷ୍ଠ ପ୍ରକାର

- 1000 ଟଙ୍କା ଛଅ ବର୍ଷରେ ହୋଇଯାଏ 2015 ଟଙ୍କା.
- [illegible] 12 ଭାଗରେ [illegible] ସୁଧ ମିଳେ ।
- [illegible] ସୁଧ ମିଳୁଥିବାରୁ ଆୟକରରେ [illegible] ମିଳେ ।

### ସପ୍ତମ ପ୍ରକାର

- 1000 ଟଙ୍କା ବିନିଯୋଗରେ ପ୍ରତି ଛଅ ମାସ ପରେ ମିଳେ 60 ଟଙ୍କା ସୁଧ ଏବଂ ମୂଳ ଧନ ଅକ୍ଷୁର୍ଣ୍ଣ ଥାଏ ।
- [illegible] 12 ଭାଗରେ ସୁଧ ମିଳେ ।
- ନିୟମିତ ଆୟର ଏକ ଆଦର୍ଶ ଯୋଜନା ।

[illegible] ସାର୍ଟିଫିକେଟ [illegible] ।

### ସାଧାରଣ ବୈଶିଷ୍ଟ୍ୟ


- [illegible] ସୀମା ନାହିଁ ।
- [illegible] ତିନି ବର୍ଷ ପରେ [illegible] ।
- [illegible] ।
- 7,000 ଟଙ୍କା [illegible] ସୁଧ [illegible] 80-ସି ଧାରା ଅନୁଯାୟୀ [illegible] ରିହାତି ମିଳେ ।
- [illegible] 13 [illegible] ସୁଧ [illegible] ନାହିଁ [illegible] ନାହିଁ ।

ସମସ୍ତ ପୋଷ୍ଟ ଅଫିସ ଓ [illegible] ମିଳେ ।

## ଜାତୀୟ ସଞ୍ଚୟ ସଙ୍ଗଠନ

[illegible], ନାଗପୁର-[illegible]

Vol. XL No. 7/8 UTKAL PRASANGA Regd. No. O-05/84
Licence No. C. R. N. P. 5—Licensed to post without Pre-Payment




PRINTED AT ORISSA GOVERNMENT PRESS, CUTTACK-753010